# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୭/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, September 7 / 2019 (Career & Appointment) | ★★

୧୫ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ଆଣ୍ଡ୍ରେସ୍କୁ ଫାଇନାଲରେ**

କାନାଡାର ସ୍ୱଳ୍ପ ବୟସ୍କା ବାଏଙ୍କା ଆଣ୍ଡ୍ରେସ୍କୁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। **୧୫**

**୧୩** **ଅନ୍‌ଲାଇନ ମୋଟର ବୀମା କାରବାର ବୃଦ୍ଧି**

ନୂଆ ମୋଟର ଆଇନ ଲାଗୁ ହେବା ପରେ ଅନ୍‌ଲାଇନ ମୋଟର ବୀମା କାରବାର ବଢ଼ୁଥିବା ପଲିସି ବଜାର ଡଟ୍ କମ୍‌ର ମୁଖ୍ୟ ବାଣିଜ୍ୟ ଅଧିକାରୀ ତରୁନ ମାଥୁର କହିଛନ୍ତି।




2nd Year Science, Arts & Commerce Students

Just Out!

AS PER LATEST PATTERN of CHSE, Odisha

+2 MODERN'S abc OF SAMPLE PAPERS 2020

ARTS, SCIENCE & COMMERCE English, M.I.L. (O), M.I.L. (Sans.), Alt. Eng.

ARTS STREAM (Both in Odia & English Medium) Pol. Science, History, Economics, Logic, Sociology, Sanskrit, Home Science, Education, Odia (OPT.)

SCIENCE STREAM Physics, Chemistry, Mathematics, Biology, Electronics, Information Technology, Computer Science

COMMERCE STREAM Business Math. & Statistics, Accountancy, Business Studies & Management, Cost Accounting, Management Accounting

Special Features
- AHS Exam. Question Papers with Answers (Last 5 Years).
- Unitwise Memory Capsules
- Unitwise Expected (Group - A, B & C) Questions with Ans.
- Most Expected Very Similar Tests (VSTs) with Answers.
- Very Similar Tests (VSTs) for Practice with Checklist.

SALES START : DT. 6.9.2019 (FRIDAY)


# ଚନ୍ଦ୍ରରେ ପାଦ ଥାପିବ ବିକ୍ରମ

**ନୂଆଦିଲ୍ଲୀ,୬।୯(ପି.ଟି./ଆଇଏଏନ୍‌ଏସ୍)**

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର 'ବିକ୍ରମ' ଶୁକ୍ରବାର ରାତି ୧ଟା ୪୩ ମିନିଟରେ ଚନ୍ଦ୍ରପୃଷ୍ଠରେ ପାଦ ଥାପିବାକୁ ଯାଉଛି। ଜୁଲାଇ ୨୨ରେ ଲଞ୍ଚ ହୋଇଥିବା ଚନ୍ଦ୍ରୟାନ-୨ ଜହ୍ନର ଦକ୍ଷିଣ ମେରୁକୁ ସ୍ପର୍ଶ କରିବ। ସେଠାରେ ବିକ୍ରମଠାରୁ ରୋଭର 'ପ୍ରଜ୍ଞାନ' ଅଲଗା ହୋଇ ଜଳର ସନ୍ଧାନ କରିବା ସହ ଅନ୍ୟାନ୍ୟ ବିଷୟ ଉପରେ ଅନୁଧ୍ୟାନ କରିବ। ଭବିଷ୍ୟତରେ ଚନ୍ଦ୍ରକୁ

**ଇତିହାସ ରଚିବ ଚନ୍ଦ୍ରୟାନ-୨**

ମଣିଷର ଯାତ୍ରାରେ ଏହା ସହାୟକ ହେବ। ଏଥିପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚନ୍ଦ୍ରରେ ସୂକ୍ଷ୍ମ ଅବତରଣର ଶେଷ ୧୫ ମିନିଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୋଜନା ଅନୁସାରେ ସବୁ କିଛି ଠିକ୍ ଚାଲିଛି ବୋଲି ଶୁକ୍ରବାର ଇସ୍ରୋ ଅଧ୍ୟକ୍ଷ କେ.ଶିବନ୍ ସୂଚନା ଦେଇଛନ୍ତି। ଚନ୍ଦ୍ରର ଦକ୍ଷିଣ ମେରୁକୁ ପୂର୍ବରୁ କୌଣସି ଦେଶର ଯାନ ସ୍ପର୍ଶ କରି ନ ଥିବାରୁ ସଦ୍ୟ ମିଶନ ସଫଳ ହେଲେ ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଆଉ ଏକ



ମାଇଲଖୁଣ୍ଟ ଅତିକ୍ରମ କରିବ। ଏହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତକୁ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱ ଉତ୍କଣ୍ଠାର ସହିତ ଅପେକ୍ଷା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିଭି ଚ୍ୟାନେଲଗୁଡ଼ିକରେ ଏହାର ସିଧାପ୍ରସାରଣକୁ ଦେଖିବାକୁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। କର୍ଣାଟକର ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ସହ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ୭୦ ଛାତ୍ରୀଛାତ୍ର ମଧ୍ୟ ଏହି ଐତିହାସିକ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖି ବିରଳ ଅନୁଭୂତି ସାଉଣ୍ଟିବେ।

୨୦୦୮ ଅକ୍ଟୋବର ୨୨ରେ ଭାରତର ପ୍ରଥମ ଚନ୍ଦ୍ର ମିଶନ ଚନ୍ଦ୍ରଯାନ-୧ର ଉତ୍କ୍ଷେପଣ କରାଯାଇଥିଲା। ପ୍ରଥମ ଚନ୍ଦ୍ର ମିଶନର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଏହାର ପ୍ରାୟ ୧୧ ବର୍ଷ ପରେ ଗତ ଜୁଲାଇ ୨୨ ଅପରାହ୍ନ ୨ଟା ୪୩ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଜିଏସ୍ଏଲ୍‌ଭି ଏମ୍‌କେ ତୃତୀୟରୁ ଚନ୍ଦ୍ରୟାନ-୨ ଲଞ୍ଚ୍ କରାଯାଇଥିଲା। ଚନ୍ଦ୍ରୟାନ-୨ରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକ ଲୁନାର୍ ଅର୍ବିଟର, ଲ୍ୟାଣ୍ଡର ଓ ଲୁନାର ରୋଭର ରହିଛି। ଚନ୍ଦ୍ରରେ ଅବସ୍ଥିତି ଚିହ୍ନଟ କରି ଜଳର ସନ୍ଧାନ କରିବା ହେଉଛି ଏହି ମିଶନର ଉଦ୍ଦେଶ୍ୟ। ଶୁକ୍ରବାର ରାତିରେ ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ତା'ଠାରୁ ରୋଭର 'ପ୍ରଜ୍ଞାନ' ଅଲଗା ହେବ। ଚନ୍ଦ୍ରପୃଷ୍ଠରେ ୧୪ ଦିନ (ଚନ୍ଦ୍ରର ଦିନେ) ପାଇଁ ଏହା ରାସାୟନିକ ବିଶ୍ଳେଷଣ କରିବ। ସେଠାରୁ ଚନ୍ଦ୍ରୟାନ-୨ର ଅର୍ବିଟର ଓ ଲ୍ୟାଣ୍ଡର ଜରିଆରେ ପୃଥିବୀକୁ ତଥ୍ୟ ପ୍ରେରଣ କରିବ। ଅର୍ବିଟର ସେଠାରେ ବର୍ଷକ ପାଇଁ କାର୍ଯ୍ୟ କରିବ। ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରୁଷିଆ, ଆମେରିକା ଓ ଚାଇନାର ମହାକାଶ ସଂସ୍ଥାଗୁଡ଼ିକର ଯାନ ସୂକ୍ଷ୍ମ ଅବତରଣ କରିଥିବାବେଳେ ଏହି କ୍ଷେତ୍ରରେ ଭାରତ ଚତୁର୍ଥ ରାଷ୍ଟ୍ର ହେବାକୁ ଯାଉଛି। ସେହିପରି ଚନ୍ଦ୍ରରେ ରୋବୋଟିକ୍ ରୋଭର କାର୍ଯ୍ୟ ☞ପୃଷ୍ଠା-୪

# ଦୋଷ ଲୁଚାଇବାକୁ କୋହଳ

**ଭୁବନେଶ୍ୱର,୬।୯(ବ୍ୟୁରୋ)**

ନୂଆ ମୋଟର ଯାନ ନିୟମକୁ ଓଡ଼ିଶାରେ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଟ୍ରାଫିକ ନିୟମ ପାଳନ କରାଯାଉ ନ ଥିବାରୁ ପୋଲିସ ଜୋରଦାର ଯାଞ୍ଚ ଚଳାଇବା ସହ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ ଚଳାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପୋଲିସର ଏଭଳି ଯାଞ୍ଚ ଦେଖି ଅନେକେ ଭୟଭୀତ ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଥିବା ଯୋଗୁ ଏଭଳି ନିୟମକୁ ଅଧିକ ମାତ୍ରାରେ ପ୍ରାଧାନ୍ୟ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ମାତ୍ର ନିୟମ ପାଳନ କରାଯିବାର ୫ଦିନ ପରେ ଏଥିରୁ ଗୋଟିଏ ନିୟମକୁ କୋହଳ କରିଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଗାଡ଼ି ଚାଳକମାନେ ଯଦି ପ୍ରଦୂଷଣ ସାର୍ଟିଫିକେଟ ରଖି ନ ଥିବେ ତେବେ ସେମାନଙ୍କୁ ୧୦ ହଜାର ଟଙ୍କାର ଜରିମାନା ରଖାଯାଇଥିଲା। କିନ୍ତୁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚକୁ ଆସନ୍ତା ମାସେ ପର୍ଯ୍ୟନ୍ତ କୋହଳ କରାଯିବା ଲାଗି ବିଭାଗୀୟ ନିଷ୍ପତ୍ତି ହୋଇଛି। ଏସବୁ ମଧ୍ୟରେ ସବୁଠାରୁ ଅଧିକ ପ୍ରଦୂଷଣ କରୁଥିବା ବଡ଼ ଗାଡ଼ି ତଥା ଟ୍ରକ, ବସ୍‌ଗୁଡିକୁ କଡ଼ାକଡ଼ି ଭାବେ ଚେକିଂ କରା ନ ଯିବାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ ମାସେ ପର୍ଯ୍ୟନ୍ତ କୋହଳ କରାଯିବ। ଯଦି କୌଣସି କର୍ମଚାରୀ ଭୁଲ୍‌ରେ ଏଥିପାଇଁ ଜରିମାନା ଆଦାୟ କରିବ ତେବେ ସେମାନଙ୍କୁ ଦଣ୍ଡ ଗଣିବାକୁ ପଡ଼ିବ। ଏହାସହିତ ଲୋକଙ୍କୁ ହଇରାଣ ନ କରିବା ପାଇଁ ଶ୍ରୀନିବାସ କହିଛନ୍ତି। ମାତ୍ର ସରକାରଙ୍କ ତରଫରୁ ପ୍ରଦୂଷଣ ସାର୍ଟିଫିକେଟ କରିବା ସକାଶେ ବ୍ୟବସ୍ଥା ଠିକ୍

**ପ୍ରଦୂଷଣ ସାର୍ଟିଫିକେଟ**



ନ ଥିବାରୁ ଏପରି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପରିବହନ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ମୋଟ ୨୭୫ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଅଧିକୃତ ହୋଇଥିଲେ। ସେଥିରୁ ୧୭୭ଟି ସେଣ୍ଟର ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ବୈଧ ଥିଲେ। ସେଥିମଧ୍ୟରୁ ଭୁବନେଶ୍ୱରରେ ୪୬ଟି ସେଣ୍ଟର ବୈଧ ଥିଲେ। ନୂଆ ନିୟମ ଅନୁଯାୟୀ ଏହି ସମସ୍ତ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଅନ୍‌ଲାଇନ୍‌ରେ ଲାଇସେନ୍ସ ନେବାର ବ୍ୟବସ୍ଥା ହୋଇଛି। କିନ୍ତୁ ଏଥିରୁ ମାତ୍ର ରାଜ୍ୟର ୩୫ଟି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଲାଇସେନ୍ସ ନେଇଛନ୍ତି। ସେଥିମଧ୍ୟରେ ରାଜଧାନୀର ୬ଟି ସେଣ୍ଟର ରହିଛି। ରାଜ୍ୟ ପରିବହନ ସଂସ୍ଥା ଏହି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରକୁ ଲାଇସେନ୍ସ ଦେବାର ପ୍ରାବଧାନ ରହିଛି। ହେଲେ ପରିବହନ ବିଭାଗ କିନ୍ତୁ ଏବେ ନୂଆ ବ୍ୟବସ୍ଥା କରି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରିଛି। ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**ଏମ୍‌ଇଏ ସମ୍ମିଳନୀ ବାତିଲ**

**ଆଜିର ମନ୍ତବ୍ୟ**

"ଭାରତ ଉପରେ ଆକ୍ରମଣ ହେଲେ କଡ଼ା ଜବାବ ଦିଆଯିବ।

**-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ଚାଇନା ମଧ୍ୟରେ ୮୭ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି।

**- ବାଣିଜ୍ୟ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 06.09.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 53 | 97 | 107 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


■ ଅଟୋ ସେକ୍ଟର ପାଇଁ ଜିଏସ୍‌ଟି ହ୍ରାସ

# ଦାୟିତ୍ୱ ରାଜ୍ୟ ଆଡକୁ ଠେଲି ଦେଲା କେନ୍ଦ୍ର

**ନୂଆଦିଲ୍ଲୀ,୬।୯**

ଅଟୋ ସେକ୍ଟରକୁ ମାନ୍ଦାବସ୍ଥାରୁ ବାହାର କରି ଆଣିବା ଲାଗି କେନ୍ଦ୍ର ସରକାର ନିଜର ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ଆଡକୁ ଠେଲି ଦେଇଛନ୍ତି। ଶୁକ୍ରବାର ଅଟୋ ଯନ୍ତ୍ରାଂଶ ନିର୍ମାତାଙ୍କ ବାର୍ଷିକ ବୈଠକରେ ଯୋଗଦେଇଥିବା କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ଗୋଟିଏ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି ଯେ, ଅଟୋ ନିର୍ମାତାମାନେ ଜିଏସ୍‌ଟି ହ୍ରାସ ପାଇଁ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କୁ ପ୍ରଥମେ ରାଜି କରାନ୍ତୁ। ସେମାନେ ରାଜି ହୋଇଗଲେ ଜିଏସ୍‌ଟି କାଉନସିଲ୍‌ରେ ଏହାକୁ ନେଇ ନିଷ୍ପତ୍ତି ନେବା ସହଜ ହୋଇଯିବ।

ସୂଚନାଥାଉ କି, ମାନ୍ଦାବସ୍ଥା କାରଣରୁ ଅଟୋ ସେକ୍ଟର ଏବେ ଘୋର ସଙ୍କଟରେ ରହିଛି। ଏଥିପାଇଁ ଏକାଧିକ କାରଣକୁ ଦାୟୀ କରାଯାଇପାରେ। ତେବେ ଉଚ୍ଚ ହାରରେ ଜିଏସ୍‌ଟି ଆଦାୟ ଅଟୋ ସେକ୍ଟର ପାଇଁ ସଙ୍କଟ ଆଣିଛି ବୋଲି ନିର୍ମାତା ମାନେ ଅଭିଯୋଗ କରିଆସୁଛନ୍ତି। ସେମାନେ ଜିଏସ୍‌ଟି ହାରକୁ

**ନିର୍ମାତାମାନେ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କୁ ବୁଝାନ୍ତୁ: ଠାକୁର**



ଅନୁରାଗ ଠାକୁର

୨୮ରୁ ୧୮%କୁ ହ୍ରାସ କରିବା ଲାଗି ଦାବି କରୁଛନ୍ତି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଆଲୋଚନା କାଳରେ ମଧ୍ୟ ସେମାନେ ସମାନ ଦାବି ଜଣାଇଥିଲେ। ତେବେ ସୀତାରାମନ୍ ଏ ଦିଗରେ ଜିଏସ୍‌ଟି କାଉନସିଲ୍‌ର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ସାରିଛନ୍ତି। ଶୁକ୍ରବାର ଅଟୋ ଯନ୍ତ୍ରାଂଶ ନିର୍ମାତା ସଂଗଠନର ବାର୍ଷିକ ବୈଠକରେ ଯୋଗ ଦେଇ ଠାକୁର କହିଛନ୍ତି ଯେ, ଯେକୌଣସି ସାମଗ୍ରୀର ଜିଏସ୍‌ଟି ହାର ହ୍ରାସ କରିବାକୁ ହେଲେ ପ୍ରଥମେ ଫିଟ୍‌ମେଣ୍ଟ କମିଟିରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥାଏ। ଏହାପରେ କମିଟିର ପରାମର୍ଶ ବା ସୁପାରିସ୍ କ୍ରମେ ଜିଏସ୍‌ଟି କାଉନସିଲ୍ ଜିଏସ୍‌ଟି ହାର ହ୍ରାସ ସମ୍ପର୍କରେ ନିଷ୍ପତ୍ତି ନେଇଥାଏ। ଏଣୁ ଅଟୋ ନିର୍ମାତା, ଡିଲର ଓ ସମ୍ବନ୍ଧିତ ପକ୍ଷମାନେ ଏକତ୍ରିତ ହୋଇ ପ୍ରଥମେ ଜିଏସ୍‌ଟି କାଉନସିଲ୍‌ରେ ସାମିଲ ଅର୍ଥମନ୍ତ୍ରୀମାନଙ୍କୁ ଭେଟନ୍ତୁ। ସେମାନଙ୍କୁ ଅଟୋ ସେକ୍ଟରରେ ଦେଖାଦେଇଥିବା ବର୍ତ୍ତମାନର ପରିସ୍ଥିତି, ମାନ୍ଦାବସ୍ଥାର ପ୍ରଭାବ, ଆଗାମୀ ଭବିଷ୍ୟତ ଆଦି ସମ୍ପର୍କରେ ବୁଝାଇବାକୁ ହେବ। ସେ କହିଛନ୍ତି ଯେ, ଜିଏସ୍‌ଟି ହାର ହ୍ରାସ ନେଇ ଅଟୋ ନିର୍ମାତା, ଡିଲର ଓ ସମ୍ପୃକ୍ତ ପକ୍ଷଙ୍କ ପକ୍ଷରୁ ଏକାଧିକ ଦାବିପତ୍ର କେନ୍ଦ୍ର ସରକାର ପାଇଛନ୍ତି। ଏହାକୁ ସରକାର ବିଚାର କରୁଛନ୍ତି। ଅନେକ ମୂଳ ଯନ୍ତ୍ରାଂଶ ବିନିର୍ମାତା ଦେଶର ☞ପୃଷ୍ଠା-୪

# ପ୍ରଦୀପ ଦାଶ ପାଇବେ ଶାରଳା ପୁରସ୍କାର

**ଭୁବନେଶ୍ୱର ୬।୯(ବ୍ୟୁରୋ)**

ବିଶିଷ୍ଟ ଲେଖକ ତଥା ପ୍ରଶାସକ ଡ. ପ୍ରଦୀପ ଦାଶ ପାଇବେ ଶାରଳା ପୁରସ୍କାର। ତାଙ୍କ ରଚିତ ପୁସ୍ତକ 'ଚରୁ ଚିବର ଓ ଚର୍ଯ୍ୟା' ନିମନ୍ତେ ଡ. ଦାଶ ୪୦ତମ ଶାରଳା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଶାରଳା ପୁରସ୍କାର ଉପଦେଷ୍ଟା ପରିଷଦ ବୈଠକରେ ଏନେଇ ଘୋଷଣା କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ସଙ୍ଗୀତ ଏବଂ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟର ଅନ୍ୟ ଦୁଇଜଣ କୃତୀ ବ୍ୟକ୍ତିତ୍ୱଙ୍କୁ ଇଲା ପଣ୍ଡା ସଙ୍ଗୀତ ସମ୍ମାନ ଏବଂ ଇଲା ପଣ୍ଡା ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ। ଚଳିତ ବର୍ଷ ଲାଗି ସଙ୍ଗୀତ କ୍ଷେତ୍ରରେ ପଣ୍ଡିତ ହରମୋହନ ଖୁଣ୍ଟିଆ ଇଲା ପଣ୍ଡା ସଙ୍ଗୀତ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି।



ପ୍ରଦୀପ ଦାଶ

ସେହିଭଳି ଚିତ୍ରକଳା କ୍ଷେତ୍ରରେ ଲଲାଟ ମୋହନ ପଟ୍ଟନାୟକଙ୍କୁ ଇଲା ପଣ୍ଡା ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆସନ୍ତା ଅକ୍ଟୋବର ୨୬ ତାରିଖରେ ସ୍ଥାନୀୟ ଏକ ହୋଟେଲ୍‌ଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିବେ। ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତ ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶାରଳା ପୁରସ୍କାର' ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍‌ସ୍ ଆଣ୍ଡ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ(ଇମ୍ପାକ୍ଟ) ଆନୁକୂଲ୍ୟରେ ୧୯୭୯ ମସିହାଠାରୁ ପ୍ରତିବର୍ଷ ପ୍ରଦାନ କରାଯାଉଛି।






ପଶ୍ଚିମବଙ୍ଗରେ ଏନ୍‌ଆର୍‌ସି ଲାଗୁକରିବା ପାଇଁ ଟିଏମ୍‌ସି କେବେହେଲେ ଅନୁମତି ପ୍ରଦାନ କରିବ ନାହିଁ।
-ମମତା ନାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ଜୁଲାଇ ୨୨ରେ ଶ୍ରୀ ହରିକୋଟାସ୍ଥିତ ସତୀଶ ଧୱନସ୍ଥିତ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ ବେଳର ଦୃଶ୍ୟ।




ଇସ୍ରୋ ପକ୍ଷରୁ ଜାରି ଚନ୍ଦ୍ରୟାନ-୨ର ମଡେଲ।

## ଚନ୍ଦ୍ରୟାନ-୨ର ସଫଳ ଯାତ୍ରା

**ଜୁନ୍ ୨୯:** ସମସ୍ତ ପରୀକ୍ଷା ନିରୀକ୍ଷା ପରେ ପ୍ରଜ୍ଞାନ ରୋଭରକୁ ଲ୍ୟାଣ୍ଡର ବିକ୍ରମ ସହ ସଂଲଗ୍ନ କରାଗଲା।

**ଜୁନ୍ ୩୦:** ଯାନର ବିଦ୍ୟୁତ୍ ପରୀକ୍ଷା ସହ ତାପଶକ୍ତି ପରୀକ୍ଷା ଶେଷ ହେଲା। ପ୍ରକ୍ଷେପଣ ଯାନର ବ୍ୟାଟେରି ଚାର୍ଜ ଶେଷ କରାଗଲା।

**ଜୁଲାଇ ୧:** ଚନ୍ଦ୍ରୟାନ-୨କୁ ଜିଏସ୍‌ଏଲ୍‌ଭି ଲଞ୍ଚର ସହ ସଂଲଗ୍ନ ଲାଗି ପ୍ରସ୍ତୁତ କରାଗଲା।

**ଜୁଲାଇ ୨:** କ୍ୟାମେରା ଯନ୍ତ୍ର ଓ ରେଡିଓ ତରଙ୍ଗ ପରୀକ୍ଷା କରାଯାଇ ଚନ୍ଦ୍ରୟାନରେ ଲଗାଯିବା ଲାଗି ପ୍ରସ୍ତୁତ କରାଗଲା।

**ଜୁଲାଇ ୫:** ଗ୍ରାଉଣ୍ଡ ଷ୍ଟେଶନରୁ ଲ୍ୟାଣ୍ଡର ଓ ଅର୍ବିଟରର ଲିଙ୍କ୍ ଚେକ୍ କରାଯିବା ସହ ଭେହିକିଲ-୩ ଲେଭଲ ୨ ଏ ପରୀକ୍ଷା ସମ୍ପୂର୍ଣ୍ଣ ହେଲା।

**ଜୁଲାଇ ୬:** ଲଞ୍ଚ୍‌ପ୍ୟାଡ୍ ଲାଗି ପ୍ରକ୍ଷେପଣ ଯାନର ପ୍ରସ୍ତୁତି ଶେଷ।

**ଜୁଲାଇ ୭:** ଲଞ୍ଚ୍‌ପ୍ୟାଡ୍‌କୁ ଗଲା ଜିଏସ୍‌ଏଲ୍‌ଭି ମ୍ୟାକ୍-୩-ଏମ୍‌୧।

**ଜୁଲାଇ ୯:** ପ୍ରେସର୍ ସେନ୍‌ସର୍, ୟୁସିସି ସେପାରେଟର କନେକ୍ଟର କେବୁଲ ପରୀକ୍ଷା ଶେଷହେଲା।

**ଜୁଲାଇ ୧୦:** କ୍ରାୟୋଜେନିକ୍ ସ୍ଥିତି, ଲିକ୍ୱିଡ୍ ସ୍ଥିତି ପରୀକ୍ଷା ଓ ପ୍ରସ୍ତୁତି ଶେଷ।

**ଜୁଲାଇ ୧୧:** ପ୍ରକ୍ଷେପଣ ଯାନର ବ୍ୟାଟେରି ଚାର୍ଜ କରାଗଲା।

**ଜୁଲାଇ ୧୪:** ଜିଏସ୍‌ଏଲ୍‌ଭି ମ୍ୟାକ୍-୩-ଏମ୍‌୧/ ଚନ୍ଦ୍ରୟାନ-୨ର କାଉଣ୍ଟଡାଉନ୍ ଆରମ୍ଭ ହେଲା।

**ଜୁଲାଇ ୧୫:** ପ୍ରେରଣ ପୂର୍ବରୁ ପ୍ରକ୍ଷେପଣ ଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହାକୁ ସ୍ଥଗିତ କରାଗଲା।

**ଜୁଲାଇ ୧୮:** ଚନ୍ଦ୍ରୟାନ-୨ର ଲଞ୍ଚ୍ ଜୁଲାଇ ୨୨କୁ ଘୁଞ୍ଚିଲା।

**ଜୁଲାଇ ୨୨ :** ଜିଏସ୍‌ଏଲ୍‌ଭି ମ୍ୟାକ୍-୩-ଏମ୍‌୧ ସଫଳତାର ସହ ଚନ୍ଦ୍ରୟାନ-୨କୁ ପ୍ରେରଣ କଲା।

**ଜୁଲାଇ ୨୪ :** ଚନ୍ଦ୍ରୟାନ-୨ ସଫଳତାର ସହ କାର୍ଯ୍ୟାରମ୍ଭ କଲା।

**ଅଗଷ୍ଟ ୪ :** ଚନ୍ଦ୍ରୟାନ-୨ ବିକ୍ରମ ଲ୍ୟାଣ୍ଡର ପୃଥିବୀର ପ୍ରଥମ ଫଟୋ ଉତ୍ତୋଳନ କଲା।

**ଅଗଷ୍ଟ ୧୪ :** ଚନ୍ଦ୍ରୟାନ-୨ ଚନ୍ଦ୍ରର ସ୍ଥାନାନ୍ତରଣ ପ୍ରକ୍ଷେପବକ୍ରରେ ସଫଳତାର ସହ ପ୍ରବେଶ କଲା।

**ଅଗଷ୍ଟ ୨୦ :** ଚନ୍ଦ୍ରୟାନ-୨ ସଫଳତାର ସହ ଚନ୍ଦ୍ରକକ୍ଷରେ ପ୍ରବେଶ କଲା।

**ସେପ୍ଟେମ୍ବର ୧ :** ଚନ୍ଦ୍ରକକ୍ଷରେ ଯୁଦ୍ଧାଭ୍ୟାସ କ୍ରିୟା ସଫଳ ହେଲା।

**ସେପ୍ଟେମ୍ବର ୨ :** ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରୟାନ-୨ କକ୍ଷପଥରୁ ଅଲଗା ହେଲା। ଅର୍ବିଟର ଓ ଲ୍ୟାଣ୍ଡର ସଫଳତାର ସହ କାର୍ଯ୍ୟ କରୁଥିବା ଇସ୍ରୋ କହିଲା।

**ସେପ୍ଟେମ୍ବର ୭:** ଚନ୍ଦ୍ରୟାନ-୨ ମହାକାଶ ଯାନ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହେଲା।

୧୧୦ତମ
ଚନ୍ଦ୍ର ମିଶନ
ଚନ୍ଦ୍ରୟାନ-୨

# ଜଳ ସନ୍ଧାନରେ ବିକ୍ରମ

ନୂଆଦିଲ୍ଲୀ,୬।୯

ଚନ୍ଦ୍ରୟାନ-୨ ହେଉଛି ପୃଥିବୀରୁ ଚନ୍ଦ୍ରକୁ ବିଶ୍ୱର ୧୧୦ତମ ଓ ଚଳିତ ଦଶନ୍ଧିର ଏକାଦଶ ମିଶନ। ୧୯୯୦ ଦଶକରେ ଚନ୍ଦ୍ରକୁ ମିଶନଗୁଡ଼ିକୁ ପ୍ରେରଣ କରିବାରେ ମନ୍ଥରତା ଦେଖାଦେଇଥିଲା। ହେଲେ ବିଗତ ଦଶନ୍ଧିରେ ଅନେକ ଚନ୍ଦ୍ର ମିଶନ ସଫଳ ହୋଇଛି। ୨୦୦୮ରେ ଚନ୍ଦ୍ରୟାନ-୧ ଚନ୍ଦ୍ରପୃଷ୍ଠରେ ଅବତରଣ କରି ବିସ୍ତୃତ ଅଞ୍ଚଳରେ ଜଳ ଅଣୁ ଠାବ କରିବା ପରେ ଅନ୍ୟ ଦେଶଗୁଡ଼ିକ ଚନ୍ଦ୍ର ମିଶନକୁ ତ୍ୱରାନ୍ୱିତ କରିବାରେ ଲାଗିଲେ। ଏହି କ୍ରମରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଗତ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨ର ସଫଳ ଉତ୍‌କ୍ଷେପଣ କରିଥିଲା। ୧୧ ବର୍ଷ ତଳେ ଚନ୍ଦ୍ରୟାନ ଯେଉଁଠି କାମ ଅଧୁରା ଛାଡ଼ିଥିଲା ସେଇଠୁ କାମ ଆରମ୍ଭ କରିବା ହେଉଛି ଚନ୍ଦ୍ରୟାନ-୨ର ଲକ୍ଷ୍ୟ। ସେହିପରି ସଫ୍ଟ ଲ୍ୟାଣ୍ଡିଂ ବା ସୂକ୍ଷ୍ମ ଅବତରଣକୁ



ଚନ୍ଦ୍ରକୁ ମଣିଷ ପଠାଇବାର ପ୍ରାକ୍ ପ୍ରସ୍ତୁତି ବୋଲି ବିବେଚନା କରାଯାଉଛି।
ଅଦ୍ୟାବଧି ଚନ୍ଦ୍ରକୁ ୧୦୯ଟି ଯାନ ପଠାଯାଇସାରିଛି। ସେଥି ମଧ୍ୟରୁ ୯୦ଟି ମିଶନ ୧୯୫୮ରୁ ୧୯୭୬ ମଧ୍ୟରେ ପଠାଯାଇଥିଲା। ଏହା ପରେ ଚନ୍ଦ୍ର ଆବିଷ୍କାର କ୍ଷେତ୍ରରେ ଗବେଷଣା ସମ୍ପୂର୍ଣ୍ଣ ଭାବେ ଧିମେଇଯାଇଥିଲା। ପୂର୍ବରୁ ଆମେରିକା, ରୁଷିଆ ଓ ଚାଇନା ଚନ୍ଦ୍ରପୃଷ୍ଠରେ ସେମାନଙ୍କ ଯାନଗୁଡ଼ିକର ସୂକ୍ଷ୍ମ ଅବତରଣ କରାଇସାରିଛନ୍ତି। କିନ୍ତୁ ଦକ୍ଷିଣ ମେରୁକୁ ସ୍ପର୍ଶ କରିବାରେ କୌଣସି ରାଷ୍ଟ୍ରକୁ ଅଦ୍ୟାବଧି ସଫଳତା ମିଳିନାହିଁ। ତେଣୁ ଚନ୍ଦ୍ରାୟନ-୨ର ସଫଳତା ଉପରେ ସାରା ବିଶ୍ୱର ନଜର ରହିବା ସ୍ୱାଭାବିକ। ଏହି ପରିପ୍ରେକ୍ଷୀରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ପୂର୍ବତନ ବୈଜ୍ଞାନିକ ଜେରି ଲିନେଙ୍ଗର ଚନ୍ଦ୍ରୟାନ-୨ର ସଫଳତା କାମନା କରିଛନ୍ତି। ଚନ୍ଦ୍ରୟାନ-୨ର ସଫଳତା ପାଇଁ ସାରା ଦେଶରେ ଉତ୍କଣ୍ଠା ଲାଗିରହିଥିବାବେଳେ ଲ୍ୟାଣ୍ଡର ବିକ୍ରମ କିପରି ସୁରୁଖୁରୁରେ ଅବତରଣ କରିବ ସେଥିପାଇଁ ବିଭିନ୍ନ ସ୍ଥାନରେ ଲୋକେ ପୂଜାର୍ଚ୍ଚନା କରିଛନ୍ତି। ତାମିଲନାଡୁର ଥାଞ୍ଜାଭୁର ଜିଲାସ୍ଥିତ ଚନ୍ଦ୍ରନାର ମନ୍ଦିରରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି। ସେହିପରି ଦିଲ୍ଲୀ, ମୁମ୍ବାଇ, କୋଲକାତା ସମେତ ମହାନଗରଗୁଡ଼ିକରେ ମଧ୍ୟ ଚନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରିବା ଲାଗି ପୂଜାର୍ଚ୍ଚନା ହୋଇଥିବା ଜଣାପଡ଼ିଛି।

### ସଫ୍ଟ ଲ୍ୟାଣ୍ଡିଂ କ'ଣ

ନୂଆଦିଲ୍ଲୀ,୬।୯

ଚନ୍ଦ୍ରୟାନ-୨ ଏହାର ବେଗ ଘଣ୍ଟାପ୍ରତି ୨୧,୬୦୦ କି.ମି.ରୁ ୭ କି.ମି.କୁ ହ୍ରାସ କରି ୧୫ ମିନିଟ ମଧ୍ୟରେ ବିକ୍ରମର ସଫ୍ଟ ଲ୍ୟାଣ୍ଡିଂ କରାଇବ। ଏହି ୧୫ ମିନିଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଇସ୍ରୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ସେକେଣ୍ଡ ପ୍ରତି ୬ କି.ମି. ବେଗରେ ଗତି କରୁଥିବା ଲ୍ୟାଣ୍ଡର ବିକ୍ରମ ରାତି ୧ଟା ୩୦ରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ। ସେତେବେଳେ ସେକେଣ୍ଡ ପ୍ରତି ଏହାର ବେଗ ମାତ୍ର ୨ ମିଟର ରହିବ। ଏଥିପାଇଁ ଅତିରିକ୍ତ ସତର୍କତା ଜରୁରୀ ହୋଇଥାଏ। ଗତ ଏପ୍ରିଲରେ ଇସ୍ରାଏଲ୍‌ର ବେରେଶିଟ୍ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇଥିଲା। ବ୍ୟବସାୟିକ ବିମାନଗୁଡ଼ିକ ଘଣ୍ଟାପ୍ରତି ୫୦୦ କି.ମି.ରୁ ୯୦୦ କି.ମି. ଗତି କରିବା ପରେ ନିଜ ବେଗ ହ୍ରାସ କରି ଅବତରଣ କରିଥାଏ।

## ଗଗନୟାନ ଲାଗି ପ୍ରସ୍ତୁତି ଜୋର୍‌ଦାର

ବେଙ୍ଗାଲୁରୁ, ୬।୯(ପି.ଟି.)

■ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ଶେଷ
■୨୦୨୧ରେ ଅଭିଯାନ ଆରମ୍ଭ

ଚନ୍ଦ୍ରୟାନ-୨ ପରେ ଗଗନୟାନ ଲାଗି ଭାରତର ପ୍ରସ୍ତୁତି ଜୋର୍ ଧରିବାରେ ଲାଗିଛି। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଭାରତୀୟ ମହାକାଶଚାରୀଙ୍କ ଚୟନ ଶେଷ ହୋଇଥିବା ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ମହାକାଶକୁ ପ୍ରଥମ ମଣିଷ ପଠାଯିବା ଲାଗି ଗଗନୟାନର ସଫଳତା କାମନା କରାଯାଇଛି। ବଛାଯାଇଥିବା ପାଇଲଟ୍‌ଙ୍କ ବିଭିନ୍ନ ପରୀକ୍ଷା କରାଯାଇଥିବା ଭାରତୀୟ ବାୟୁସେନା ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଚଳିତ ବର୍ଷ ମେ'ରେ ଭାରତୀୟ ବାୟୁସେନା ଇସ୍ରୋ ସହ ଏକ ଚୁକ୍ତି କରି ଗଗନୟାନ ମିଶନ ଲାଗି ମାନବ ଚୟନ ଓ ପ୍ରଶିକ୍ଷଣ ଦେବ ବୋଲି କହିଥିଲା। ୨୦୨୧ ଡିସେମ୍ବରରେ ଏହାକୁ ଲଞ୍ଚ କରାଯିବାକୁ ଥିବାବେଳେ ୩ ସଦସ୍ୟ ମହାକାଶରେ ଅତି କମ୍‌ରେ ୭ ଦିନ କଟାଇବେ ବୋଲି ଜଣାପଡ଼ିଛି। ଏଥିଲାଗି ଜିଏସ୍‌ଏଲ୍‌ଭି ମ୍ୟାକ୍-୩କୁ ବ୍ୟବହାର କରାଯିବ। ପ୍ରକାଶଥାଉ କି, ଗତବର୍ଷ ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଗନୟାନ ସମ୍ପର୍କରେ ଘୋଷଣା କରିଥିଲେ। ଏହି ମିଶନରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ଏହା କ୍ୟାବିନେଟର ଅନୁମୋଦନ ଲାଭ କରିଥିଲା।



## ଆଇଏଏସ୍ ଅଧିକାରୀଙ୍କ ଇସ୍ତଫା

ମାଙ୍ଗାଲୁରୁ, ୬।୯(ପି.ଟି.)



କର୍ନାଟକର ଆଇଏଏସ୍ ଅଫିସର ତଥା ଦକ୍ଷିଣ କନ୍ନଡ଼ ଜିଲାର ଡେପୁଟି କମିଶନର ଶଶିକାନ୍ତ ସେନ୍ଥିଲ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ନିଷ୍ପତ୍ତି ବ୍ୟକ୍ତିଗତ ବୋଲି ସେ ଦର୍ଶାଇଥିଲେ ହେଁ ସରକାରଙ୍କ ଗଣତାନ୍ତ୍ରିକ କାର୍ଯ୍ୟଧାରା ନେଇ ପ୍ରଶ୍ନ ଉଠାଇଛନ୍ତି। ଅଭୂତପୂର୍ବ ଭାବେ ଗଣତନ୍ତ୍ର ସହ ସାଲିସ୍ କରିବାକୁ ପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ବାଧ୍ୟ ହେଉଛି ବୋଲି ସେ କହିଛନ୍ତି। ଆଗାମୀ ଦିନଗୁଡ଼ିକ ଅଧିକ କଷ୍ଟସାଧ୍ୟ ହେବ ବୋଲି ସେ ଅନୁଭବ କରିଥିବା ଚିଠିରେ ଦର୍ଶାଇଛନ୍ତି।
ବରିଷ୍ଠ ଆଇଏଏସ୍ ଅଧିକାରୀ ଶଶିକାନ୍ତଙ୍କ ଇସ୍ତଫାକୁ ନେଇ କଂଗ୍ରେସ ପକ୍ଷରୁ ମାଙ୍ଗାଲୁରୁରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଏମ୍. ମଲ୍ଲିକାର୍ଜୁନ ଖାର୍ଗେ ଏନେଇ ସରକାରଙ୍କୁ ସମାଲୋଚନା କରିବା ସହ ଦେଶରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଭୁଶୁଡ଼ିବାରେ ଲାଗିଛି ବୋଲି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ଆୟକର ବିଭାଗ, ସିବିଆଇ, ସିଭିସି, ଏମିତିକି ନ୍ୟାୟପାଳିକା ଭଳି ଅନୁଷ୍ଠାନ ସେମାନଙ୍କର ସ୍ୱାଧୀନତା ହରାଇବାକୁ ବସିଲେଣି ବୋଲି ସେ ଅଭିଯୋଗ କରିଛନ୍ତି। ୨୦୦୯ ବ୍ୟାଚ୍ ତାମିଲନାଡୁ କ୍ୟାଡର୍‌ର ଆଇଏଏସ୍ ଅଫିସର ଶଶିକାନ୍ତ ୨୦୧୭ରେ ଦକ୍ଷିଣ କନ୍ନଡ଼ର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇଥିଲେ।

ଅଯୋଧ୍ୟା ଶୁଣାଣିର ସିଧାପ୍ରସାରଣ ନେଇ ପିଟିଶନ

## ନିଷ୍ପତ୍ତି ନେବେ ସିଜେଆଇଙ୍କ ଖଣ୍ଡପୀଠ

ନୂଆଦିଲ୍ଲୀ,୬।୯
(ପି.ଟି./ଆଇଏଏନ୍‌ଏସ୍)

ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦ ମାମଲା ଦୈନନ୍ଦିନ ଶୁଣାଣିର ସିଧାପ୍ରସାରଣ ଓ ରେକର୍ଡିଂ ହେବ କି ନାହିଁ ତାହା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିଷ୍ପତ୍ତି ନେବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ପୂର୍ବତନ ବିଚାରକ କେ.ଏନ୍. ଗୋବିନ୍ଦାଚାର୍ଯ୍ୟଙ୍କ ପକ୍ଷରୁ ଦାଏର ପିଟିଶନକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି।
ଅଦାଲତରେ ମାମଲା ଶୁଣାଣିର ଟିଭିରେ ସିଧାପ୍ରସାରଣ ନେଇ ସେଣ୍ଟର ଫର୍ ଆକାଉଣ୍ଟେବିଲିଟି ଆଣ୍ଡ ସିଷ୍ଟମିକ୍ ଚେଞ୍ଜ (ସିଏଏସ୍‌ସି) ପକ୍ଷରୁ ଏକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ସିଧାପ୍ରସାରଣ କରାଯାଇ ପାରିବ ବୋଲି ୨୦୧୮ ସେପ୍ଟେମ୍ବର ୨୬ରେ ରାୟ ଦେଇଥିଲେ। ଗୋବିନ୍ଦାଚାର୍ଯ୍ୟ ଉକ୍ତ ରାୟର ଅବତାରଣା କରି ଅଯୋଧ୍ୟା ମାମଲାର ଶୁଣାଣି ବେଳର ସିଧାପ୍ରସାରଣ ଓ ଅଡିଓ ରେକର୍ଡିଂ ପାଇଁ ସର୍ବୋଚ୍ଚ ଅଦାଲତରେ ଏକ ଆବେଦନ କରିଥିଲେ। ଏହା ଜାତୀୟ ସ୍ତରରେ ଗୁରୁତ୍ୱ ବହନ କରୁଥିବା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଆବେଦନକାରୀଙ୍କ ସମେତ କୋଟି କୋଟି ଲୋକ ଏହାର ସିଧାପ୍ରସାରଣ ଦେଖିବା ପାଇଁ ଆଗ୍ରହୀ। ଏକ ଡିଜିଟାଲ ସୁପର ପାୱାର ଭାବେ ଭାରତ ଏହି ବ୍ୟବସ୍ଥା କରିବା ଉଚିତ। ଯଦି ସିଧାପ୍ରସାରଣ କିମ୍ବା ଅଡିଓ ରେକର୍ଡିଂ କରାଯାଇ ପାରିବ ନାହିଁ ତେବେ ସୁପ୍ରିମକୋର୍ଟ ଅନ୍ତତଃ ରେକର୍ଡ ପାଇଁ ଶୁଣାଣି ପ୍ରକ୍ରିୟାର ପ୍ରତିଲିପି ପ୍ରସ୍ତୁତ କରିବେ। ଉକ୍ତ ପ୍ରତିଲିପି ପରବର୍ତ୍ତୀ ସମୟରେ ଅନ୍‌ଲାଇନ୍‌ରେ ପ୍ରକାଶ କରାଯାଇ ପାରିବ ବୋଲି ଗୋବିନ୍ଦାଚାର୍ଯ୍ୟଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଓ ସୂର୍ଯ୍ୟକାନ୍ତ ଉକ୍ତ ପିଟିଶନକୁ ଅଯୋଧ୍ୟା ମାମଲାର ବିଚାର କରୁଥିବା ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି।

## ଅଲ୍‌କା ଲାମ୍ବା ଏଏପି ଛାଡ଼ିଲେ

**ନୂଆଦିଲ୍ଲୀ, ୬।୯(ପି.ଟି.) :** ଚାନ୍ଦିନୀଚୌକ ବିଧାୟିକା ଅଲ୍‌କା ଲାମ୍ବା ଏଏପିରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏଏପିର ପ୍ରାଥମିକ ସଦସ୍ୟ ପଦ ଛାଡ଼ିବା ଲାଗି ଏହା ଉପଯୁକ୍ତ ସମୟ ବୋଲି ଟୁଇଟ୍ କରି ସେ ଇସ୍ତଫା ଦେଇଥିବା କଥା ଉଲ୍ଲେଖ କରିଛନ୍ତି। ସେ କଂଗ୍ରେସରେ ସାମିଲ ହେବାର ସମ୍ଭାବନା ରହିଛି। କିଛିଦିନ ତଳେ ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିଥିଲେ। ଦଳ ତାଙ୍କର ଇସ୍ତଫା ଗ୍ରହଣ କରିବ ବୋଲି ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ ପ୍ରକାଶ କରିଛନ୍ତି।

ଇତିହାସର ଆଇନାରେ

### ସେପ୍ଟେମ୍ବର ୭ର ପ୍ରମୁଖ ଘଟଣା

୨୦୧୧ ସେପ୍ଟେମ୍ବର ୭ରେ ରୁଷିଆର ୟାରୋସ୍‌ଲାଭି ସହରରେ ୟାକ୍ ୪୨ ଚାର୍ଟାର ବିମାନ ଦୁର୍ଘଟଣା ହେବା ଫଳରେ ଏଥିରେ ଥିବା ୪୩ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ଆଇସ ହକି ଟିମ୍‌ର ଖେଳାଳି ଓ କୋଚ୍ ପ୍ରମୁଖ ଏହି ବିମାନରେ ଯାଉଥିଲେ। ବେଲାରୁସ୍‌ରେ ହେବାକୁ ଥିବା ହକି ଟୁର୍ନାମେଣ୍ଟ ଏମାନେ ଯାଉଥିଲେ। କେବଳ ଜଣେ ଫ୍ଲାଇଟ୍ ଇଞ୍ଜିନିୟର ଦୁର୍ଘଟଣାରେ ବର୍ତ୍ତି ଯାଇଥିଲେ।

୨୦୧୭, ସେପ୍ଟେମ୍ବର ୭ରେ ମେକ୍ସିକୋରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୮.୨ ଥିଲା। ଏଥିରେ ୬୧ ବ୍ୟକ୍ତିପ୍ରାଣ ହରାଇଥିଲେ। ହଜାରରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇଥିବାବେଳେ ଅନେକ ଆହତ ହୋଇଥିଲେ।

## ଜିମ୍ବାୱେର ପୂର୍ବତନ ରାଷ୍ଟ୍ରପତି ମୁଗାବେଙ୍କ ପରଲୋକ

ହାରାରେ, ୬।୯(ପି.ଟି.)

ଜିମ୍ବାୱେର ପୂର୍ବତନ ରାଷ୍ଟ୍ରପତି ରବର୍ଟ ମୁଗାବେ(୯୫)ଙ୍କ ପରଲୋକ ହୋଇଯାଇଛି। ଏନେଇ ଦେଶର ରାଷ୍ଟ୍ରପତି ଇମର୍‌ସନ୍ ନାଙ୍ଗୱା ଶୁକ୍ରବାର ଘୋଷଣା କରିଛନ୍ତି। ୧୯୮୦ରୁ ୨୦୧୭ ମଧ୍ୟରେ ମୁଗାବେ ଜିମ୍ବାୱେକୁ ଦୃଢ ନେତୃତ୍ୱ ଦେବାରେ ସକ୍ଷମ ହୋଇଥିଲେ। ଦେଶବାସୀଙ୍କୁ ମୁକ୍ତ ଓ ସେମାନଙ୍କୁ ସଶକ୍ତ କରିବାରେ ମୁଗାବେଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମୁକ୍ତି ଆନ୍ଦୋଳନର ଜଣେ ଯୋଦ୍ଧା ଭାବେ ସେ ସୁପରିଚିତ। ତାଙ୍କ ସଂଘର୍ଷମୟ ଜୀବନ ଓ ଦେଶ ପ୍ରତି ଭଲ ପାଇବାକୁ କେବେହେଲେ ଭୁଲି ହେବନାହିଁ ବୋଲି ରାଷ୍ଟ୍ରପତି ଇମର୍‌ସନ୍ ପ୍ରକାଶ କରିଛନ୍ତି। ୨୦୧୭ ନଭେମ୍ବର ପରଠାରୁ ସେ ମାନସିକ ଭାବେ ଦୁର୍ବଳ ହୋଇପଡ଼ିବା ସହ ସ୍ୱାସ୍ଥ୍ୟଗତ ଅବନତି ପରିଲକ୍ଷିତ ହୋଇଥିଲା। ତାଙ୍କୁ ସିଙ୍ଗାପୁରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ହଠାତ୍ ତାଙ୍କ ପରଲୋକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁଗାବେ ଜଣେ ପୂର୍ବତନ ରାଜନୈତିକ ବନ୍ଦୀ ଥିବାବେଳେ ଜଣେ ଦକ୍ଷ ନେତାର ପରିଚୟ ଦେଇ ୧୯୮୦ ନିର୍ବାଚନରେ କ୍ଷମତାକୁ ଆସିଥିଲେ। ବର୍ଣ୍ଣ ବୈଷମ୍ୟବାଦ ଦୂର ସହ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ବିକାଶ କ୍ଷେତ୍ରକୁ ପ୍ରଶସ୍ତ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଭୂସଂସ୍କାର ଆଇନ ପ୍ରଣୟନ, କୃଷି ବିକାଶ, ବିଦେଶୀ ପୁଞ୍ଜିଲଗାଣକୁ ସେ ଗୁରୁତ୍ୱ ଦେଇଆସିଥିଲେ। ତେବେ ନିର୍ବାଚନରେ ରିଗିଂ ଓ ମାନବାଧିକାର ଉଲ୍ଲଂଘନ ଭଳି ଅନେକ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଜଣେ ଦୃଢମନା, ଦକ୍ଷ ଶାସନ ପ୍ରଣାଳୀ ତାଙ୍କୁ ଆଫ୍ରିକାର ଜଣେ ମହାନ୍ ନେତାର ମାନ୍ୟତା ଦେଇଛି।

ନୂଆଖାଇ ଜୁହାର

ଗଣପର୍ବ ନୂଆଖାଇ ଅବସରରେ ସମସ୍ତ ଶ୍ରମିକ, କର୍ମଚାରୀ, ଖଟିଖିଆ, ଗରିବ ଜନସାଧାରଣଙ୍କୁ ମୋର ନୂଆଖାଇ ଜୁହାର।
ଶ୍ରୀ ଲଳିତ କୁମାର ନାୟକ
ଶ୍ରମିକ ନେତା, ବଲାଙ୍ଗୀର




ନୂଆଖାଇ ଜୁହାର

ନୂଆଖାଇ ତିହାର ଅବସରରେ ସମସ୍ତଙ୍କୁ ନୂଆଖାଇ ଜୁହାର।
ମାଁ ପାଟଣେଶ୍ୱରୀ, ମା' ସମଲେଶ୍ୱରୀ ସମ୍‌କୁ ଭଲକରି ରଖି ଥାଉନ୍- ଏତକି ପ୍ରାର୍ଥନା।
ଲାଲ୍‌ମୋହନ ପଣ୍ଡା
ବଲାଙ୍ଗୀର

ନୂଆଖାଇ ଜୁହାର

ପବିତ୍ର ନୂଆଖାଇ ଅବସରରେ ବଲାଙ୍ଗୀର ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର।

ଗୋଲାପ ବାଗ
ଅଧ୍ୟକ୍ଷ
ରାମଦତ୍ତ ଭୋଇ
ବିଡିଓ
ବଲାଙ୍ଗୀର ବ୍ଲକ୍, ବଲାଙ୍ଗୀର






■ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ବିଶ୍ୱବାସୀଙ୍କୁ ଜଣାଯିବ ରଥଯାତ୍ରାର ବିଧି

ପୁରୀ ଅଫିସ, ୬।୯

ବିଶ୍ୱର ବିଭିନ୍ନ ରାଷ୍ଟ୍ର ସମେତ ଭାରତର ଅନେକ ରାଜ୍ୟରେ ରଥଯାତ୍ରା ଅନୁଷ୍ଠିତ ହେଉଛି। କିନ୍ତୁ ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ଏହା ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା। ତେଣୁ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଜଣାଯିବ। ମହାପ୍ରଭୁଙ୍କର ଏହି ମହାନ୍ ପର୍ବ ରଥଯାତ୍ରାର ପରିଚାଳନା ଲାଗି ବିଧି କ'ଣ ରହିଛି ତାହା ସମସ୍ତଙ୍କୁ ଜଣାଇବୁ। ପରିଚାଳନା କମିଟିରୁ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ପାରିତ ହୋଇ ରାଜ୍ୟ ସରକାରଙ୍କୁ ମଧ୍ୟ ଏ ଦିଗରେ ସହଯୋଗ କରିବା ଲାଗି ଅନୁରୋଧ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୩ ଘଣ୍ଟା ଧରି ଅନୁଷ୍ଠିତ ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଥିଲେ, ଶ୍ରୀମନ୍ଦିର ସେବାପୂଜା ଏବଂ ପରମ୍ପରାରେ ଅନେକ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମନ୍ଦିର ଏବଂ ମଠ ଭିତରେ ଥିବା ଏହି ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବେ ବଜାୟ ରଖାଯିବ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ ଏଥିପାଇଁ ଯାହା ଆଇନ ରହିଛି ସେହି ପ୍ରକାରେ ମଠଗୁଡ଼ିକର ବିକାଶ ଓ ପୁନରୁଦ୍ଧାର କରାଯିବ। ଏଥିଲାଗି ୩ ଜଣିଆ ମଠ ଉନ୍ନୟନ ସବ୍ କମିଟି ଗଠନ କରାଯାଇଛି। ମଠ ଉନ୍ନୟନ ସବ୍ କମିଟି ସମସ୍ତ ପକ୍ଷଙ୍କ ସହିତ ଆଲୋଚନା କରି ମଠ ସଂସ୍କୃତି କିପରି ବଜାୟ ରହିବ ତାହା ଉପରେ କାର୍ଯ୍ୟ କରିବେ। ୭୫ ମିଟର ମଧ୍ୟରେ ରହିଥିବା ମଠ ସମେତ ପୁରୀର ବିଭିନ୍ନ ମଠର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ମଠ ଠାକୁରଙ୍କ ସେବାପୂଜା, ମହନ୍ତ, ପୂଜାରୀ ଏବଂ ବିଦ୍ୟାର୍ଥୀଙ୍କ ରହିବା ଲାଗି ବ୍ୟବସ୍ଥା କରାଯିବ। ପୁରୀରେ ଅନେକ ମଠ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ସେଗୁଡ଼ିକର ପୁନରୁଦ୍ଧାର କିପରି କରାଯିବ ତାହା ଉପରେ ଫୋକସ୍ ରହିବ। ଏହି ସବ୍ କମିଟିରେ ଦେବୋତ୍ତର କମିଶନର, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଓ ରାମଚନ୍ଦ୍ର ଦାସମହାପାତ୍ର ସଦସ୍ୟ ରହିଛନ୍ତି।

■ ମଠ ସଂସ୍କୃତିର ବିକାଶ ପାଇଁ ସବ୍ କମିଟି ଗଠିତ

■ କଳିଙ୍ଗ ସ୍ଥାପତ୍ୟ ଆଧାରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ ହେବ


ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ।

ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ୫ଟି ପ୍ରକଳ୍ପ ସରକାରଙ୍କୁ ଦିଆଯାଇଥିଲା। ପୁରୀକୁ ଐତିହ୍ୟ ନଗରୀ ଭାବେ ଏବେ ରାଜ୍ୟ ସରକାର କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଏହା ମଧ୍ୟରେ ଏହି ୫ ପ୍ରକଳ୍ପକୁ ସାମିଲ କରି ତ୍ୱରାନ୍ୱିତ କରିବା ଲାଗି ସରକାରଙ୍କୁ ଅନୁରୋଧ କରାଯିବ। ଏହି ୫ ପ୍ରକଳ୍ପ ମଧ୍ୟରେ ବଡ଼ଦାଣ୍ଡକୁ ହେରିଟେଜ କରିଡର ଭାବେ ବିକାଶ, ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ, ଜଗନ୍ନାଥ ବଲ୍ଲଭ ମଠରେ ପ୍ରମୋଦ ଉଦ୍ୟାନ କାମକୁ ତ୍ୱରାନ୍ୱିତ ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ ଆଦି ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାକୁ ଦୃଷ୍ଟିରେ ରଖି କଳିଙ୍ଗ ସ୍ଥାପତ୍ୟ ଆଧାରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ କରାଯିବ। କମିଟି ପୂର୍ବରୁ ଦେଇଥିବା ଏହିସବୁ ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କୁ ଅନୁରୋଧ କରାଯିବ। ସେହିପରି ମହାପ୍ରଭୁଙ୍କର ବିଭିନ୍ନ ସ୍ଥାନରେ ଜମି ରହିଛି। କେଉଁ କେଉଁ ଜାଗାରେ ମହାପ୍ରଭୁଙ୍କ ଜମି ଅଛି ତାହା ଚିହ୍ନଟ କରାଯାଇ ଜିଆଇ ମ୍ୟାପିଂ କାମ ଚାଲିଛି। ଜମି ବିକ୍ରି ପାଇଁ ଥିବା ୟୁନିଫର୍ମ ପଲିସିକୁ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିସାରିଛି। ତେଣୁ ବିକ୍ରି ପାଇଁ ଇ-ଅକ୍ସନ ପ୍ରକ୍ରିୟା ଆରମ୍ଭ କରାଯିବ। ଅନ୍ୟପକ୍ଷରେ ୭୫ ମିଟର ମଧ୍ୟରେ ଯେଉଁ ଜମି ଅଧିଗ୍ରହଣ ହେବ ସେଥିଲାଗି ଜିଲାପାଳଙ୍କୁ ସ୍ୱତନ୍ତ୍ର ଭାବେ କ୍ଷମତା ଦିଆଯାଇଛି, ଯାହା ସମସ୍ତଙ୍କ ପାଇଁ ଭଲ ହେବ ତାହାକୁ ଆଧାର କରି ଜିଲାପାଳ ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଅନ୍ୟପକ୍ଷରେ ୭୫ ମିଟର ଉଚ୍ଛେଦ ସମ୍ପର୍କରେ ପରିଚାଳନା କମିଟିକୁ ଅବଗତ କରା ନ ଯିବା ନେଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଏହି ପରିଧି ମଧ୍ୟରେ ଯେଉଁ ଜମି ଅଧିଗ୍ରହଣ ହେବ ତାହା ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ନାଁରେ ରଖିବାକୁ କମିଟି ସଦସ୍ୟମାନେ ବୈଠକରେ ପ୍ରସ୍ତାବ ରଖିଥିଲେ। ପରିଚାଳନା କମିଟି ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ସଦସ୍ୟ ତଲୁଛ୍ଛ ନୀଳକଣ୍ଠ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ତର ଉପକୂଳ ଆଡ଼କୁ ମୁହାଁଇଲା ଲଘୁଚାପ

# ୨୪ଘଣ୍ଟା ପ୍ରବଳ ବର୍ଷିବ

■ ଆଜି ୬ ଜିଲାକୁ ଅରେଞ୍ଜ, ୪ଜିଲାକୁ ୟେଲୋ ୱାର୍ନିଂ

■ ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

■ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଉତ୍ତର ଉପକୂଳ ଆଡ଼କୁ ମୁହାଁଇଛି। ପଶ୍ଚିମବଙ୍ଗର ଗାଙ୍ଗେୟ ଉପକୂଳରେ ମଧ୍ୟ ଲଘୁଚାପର ଏକ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଏକ ଟ୍ରଫ୍ ଲାଇନ ପୂର୍ବକେନ୍ଦ୍ର ବଙ୍ଗୀୟ ଉପକୂଳରେ ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ଶନିବାର ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଓ ନୂଆପଡ଼ା ଆଦି ୬ଟି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୪ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ରବିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବରଗଡ଼ ଆଦି ୪ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ, ଏଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସେପଟେ କିଛି ଜିଲାରେ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ଜିଲାପାଳମାନଙ୍କୁ ସତର୍କ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ମୁକାବିଲା ପାଇଁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାର ପୂର୍ବ ପ୍ରସ୍ତୁତି, ରନ୍ଧା ଖାଦ୍ୟ, ପାନୀୟ, ଆଲୋକ ଓ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ଥିବା ରାସ୍ତାରେ ବିକଳ୍ପ ଗମନାଗମନ ସୁବିଧା ପାଇଁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ପାରାଦୀପରେ ସର୍ବାଧିକ ୮୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର, ଭବାନୀପାଟଣା, ବାରିପଦା, ଗୋପାଳପୁର, ସୁନ୍ଦରଗଡ଼, କଟକ, କେନ୍ଦୁଝର, ଝାରସୁଗୁଡ଼ା, ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି।

ଲଗାଣ ବର୍ଷାରେ ଗଞ୍ଜାମ ଓ କନ୍ଧମାଳ ଜିଲା ଅଧିକ ପ୍ରଭାବିତ ହୋଇଛି। କେଉଁଠି ପୋଲ ଭାଙ୍ଗି ଯାଇଛି ତ ଆଉ କେଉଁଠି ରାସ୍ତା ଉପରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଶୁକ୍ରବାର ଦିନ ଗଞ୍ଜାମ ଜିଲାର ସବୁ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଜିଲାପାଳ ବନ୍ଦ ଘୋଷଣା କରିଥିଲେ। ଆସିକା, ଧରାକୋଟ, କବିସୂର୍ଯ୍ୟନଗର, ଶେରଗଡ଼ ଆଦି ଅଞ୍ଚଳର ଚାଷ ଜମି ଜଳମଗ୍ନ ହେବା ସହ ପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ଆସ୍କା ସହରର ଉଭୟ ପଟେ ଥିବା ଋଷିକୁଲ୍ୟା ଓ ବଡ଼ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କବିସୂର୍ଯ୍ୟନଗର ଧନେଇ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ଧରାକୋଟ ଶ୍ରଦ୍ଧାପୁର ଜାତୀୟ ରାଜପଥରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ହିଞ୍ଜିଳି, ଚିପିଲିମା, ଶିଆଳିଆ ଆଦି ସ୍ଥାନରେ ନଦୀ ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି।

ଅନ୍ୟପଟେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଲମତାପୁଟ ଅଞ୍ଚଳରେ ଥିବା ମାଛକୁଣ୍ଡ ନଦୀର ଜଳସ୍ତର ବିପଦ ସଙ୍କେତ ଟପିଛି। ମାଛକୁଣ୍ଡର ଜଲାପୁଟ ଡ୍ୟାମ୍‌ରେ ୮ଟିରୁ ୩ଟି ଗେଟ୍ ଖୋଲା ଯାଇଛି। ଶୁକ୍ରବାର ୨୨ରୁ ୨୩ ହଜାର କ୍ୟୁସେକ୍ ଜଳ ଡ୍ୟାମ୍ ଭିତରକୁ ପ୍ରବେଶ କରୁଥିବାବେଳେ ୧୨ ହଜାର କ୍ୟୁସେକ୍ ନିଷ୍କାସିତ ହେଉଛି। ଇନ୍ଦ୍ରାବତୀ ଡ୍ୟାମ୍‌ରେ ୨ଟି ଓ ମୁରାନ୍ ଡ୍ୟାମ୍‌ରେ ୨ଟି ଗେଟ୍ ଖୋଲା ଯାଇଛି। ସେହିପରି ହୀରାକୁଦ ଡ୍ୟାମ୍‌ରେ ବର୍ତ୍ତମାନ ୧୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି।




# ଆଜି ପହଞ୍ଚିବେ ଜଗା-କାଳିଆ

ଭୁବନେଶ୍ୱର/ କଟକ ଅଫିସ୍, ୬।୯(ବ୍ୟୁରୋ)

କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଶନିବାର ଓଡ଼ିଶା ପହଞ୍ଚିବେ। ଶୁକ୍ରବାର ଜଗା-କାଳିଆଙ୍କୁ ଦିଲ୍ଲୀ ଏମ୍ସରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ରେଳ ଷ୍ଟେଶନକୁ ନିଆଯାଇଥିଲା। ସେଠାରୁ ସେମାନେ ସନ୍ଧ୍ୟାରେ ରାଜଧାନୀ ଏକ୍ସପ୍ରେସରେ ଓଡ଼ିଶା ଆସୁଛନ୍ତି। ଜରୁରିକାଳୀନ ସେବା ଲାଗି ଟ୍ରେନ୍‌ରେ ଅକ୍ସିଜେନ ସହ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସହିତ ଦିଲ୍ଲୀ ଏମ୍ସ ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ଡା. ଦୀପକ ଗୁପ୍ତା, ନ୍ୟୁରୋ ଆନାସ୍ଥେସିଆ ମୁଖ୍ୟ ଡା. ଗିରିଜା ରଥଙ୍କ ସମେତ ଏମ୍ସର ୪ଜଣିଆ ଟିମ୍ ଏବଂ ଓଡ଼ିଶାରୁ ଯାଇଥିବା ଦୁଇ ଡାକ୍ତର ମଧ୍ୟ ରହିଛନ୍ତି। ଜଗା-କାଳିଆଙ୍କ ଅସ୍ତ୍ରୋପଚାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅଭୁତପୂର୍ବ ସଫଳତା ବୋଲି ଶୁକ୍ରବାର ଏମ୍ସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି। ଏହି ଅସ୍ତ୍ରୋପଚାର 'ଦିଲ୍ଲୀ ଏମ୍ସ ଜଗା କାଳିଆ ସର୍ଜରୀ' ଭାବେ ଜଣାଯିବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେପଟେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା ଶୁକ୍ରବାର କଟକ ଏସ୍‌ସିବିରେ ଦୁଇ ଭାଇଙ୍କ ଚିକିତ୍ସା ପାଇଁ ହୋଇଥିବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଜଗା-କାଳିଆଙ୍କ ଚିକିତ୍ସା ପାଇଁ କଟକ ଏସସିବିର ଟ୍ରମା ଆଇସିୟୁ ଓ ସର୍ଜରୀ ବିଭାଗର କ୍ୟାବିନ୍ ନମ୍ବର ୨ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ ନ୍ୟୁରୋସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଧାଂଶୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ନ୍ୟୁରୋସର୍ଜରୀ ପ୍ରଫେସର ଡା. ସଞ୍ଜୀବ ମିଶ୍ର, ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନର ପ୍ରଫେସର ଡା, ସରୋଜ କୁମାର ଶତପଥୀ, ଶିଶୁରୋଗ ସର୍ଜରୀ ବିଭାଗୀୟ ମୁଖ୍ୟ, ଏସସିବି ଶିଶୁରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଜୟନ୍ତ ବେହେରା, ନ୍ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ ମଲ୍ଲିକ, ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର କୈଳାଶଚନ୍ଦ୍ର ମହାପାତ୍ର, ସର୍ଜରୀ ଜିଏଲ ବିଭାଗୀୟ ମୁଖ୍ୟ ଡା. ଶରତ ଜୟସିଂହ, ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଦୈତାରି ରାଉତରାୟ, ଏସସିବି ଷ୍ଟୋର ମେଡିକାଲ ଅଫିସର, ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ, ନ୍ୟୁରୋଲୋଜି ଫିଜିଓଥେରାପିଷ୍ଟ ଅମିତ ନନ୍ଦ, ସୂର୍ଯ୍ୟଭାନୁ ମହାରଥୀ ପ୍ରମୁଖ ରହିଛନ୍ତି। ଏହାସହ ଦିଲ୍ଲୀ ଏମ୍ସରେ ଜଗା-କାଳିଆଙ୍କ ଚିକିତ୍ସା କିପରି କରାଯାଇଥିଲା, ସେ ସମ୍ପର୍କରେ ବିସ୍ତୃତ ଡାକ୍ତରୀ ରିପୋର୍ଟ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଦିଆଯାଇଛି। ସୂଚନାଯୋଗ୍ୟ, କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଦିଲ୍ଲୀ ଏମ୍ସରେ ୨୦୧୭ରେ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ସେତେବେଳର ଏମ୍ସ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଡା. ଅଶୋକ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟଙ୍କୁ ସଫଳତାର ସହ ପୃଥକ୍ କରାଯାଇଥିଲା। ତେବେ ଦିଲ୍ଲୀ ଏମ୍ସରୁ ଆସିବା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେବା ପରେ ଏସସିବିରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା।

# ବିଭିନ୍ନ ଉପଦେଷ୍ଟାଙ୍କୁ ସରକାରୀ ପାହ୍ୟା ପ୍ରଦାନ

ଭୁବନେଶ୍ୱର,୬।୯(ବ୍ୟୁରୋ)

**ନବନିଯୁକ୍ତମାନେ ପାଇବେ ରାଷ୍ଟ୍ରମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ସମତୁଲ ପଦବୀ**

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗ ଏବଂ ସଂସ୍ଥାର ଉପଦେଷ୍ଟାମାନଙ୍କୁ ସରକାରୀ ପାହ୍ୟା ପ୍ରଦାନ କରାଯାଇଛି। ୬ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ, ୪ ଜଣଙ୍କୁ ପ୍ରମୁଖ ଶାସନ ସଚିବ ଏବଂ ଜଣଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା ପ୍ରଦାନ କରାଯାଇଛି। ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଉପଦେଷ୍ଟା ସୁଧୀର ଦାସ, ଏସ୍‌ସି, ଏସ୍‌ଟି ଉନ୍ନୟନ ଏବଂ ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ବିଭାଗ ଉପଦେଷ୍ଟା ମୁଜିବୁଲ୍ଲା ଖାଁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇଛନ୍ତି। ଅନୁରୂପ ଭାବେ ଇଟି ଏବଂ ଆଇଟି ବିଭାଗ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଉପଦେଷ୍ଟା କୃତ୍ତିବାସ ପାତ୍ର ଏବଂ ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡର ଉପଦେଷ୍ଟା ରାମକୃଷ୍ଣ ପଣ୍ଡାଙ୍କୁ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦଗୁଡ଼ିକର ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଥିବା ସୁଜିତ୍ କୁମାରଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା ପ୍ରଦାନ କରାଯାଇଛି। ଅପରପକ୍ଷରେ ଚିଲିକା ଉନ୍ନୟନ ସଂସ୍ଥା(ସିଡିଏ) ଉପଦେଷ୍ଟା ଉତ୍କଳ କେଶରୀ ପରିଡା, ଓଡ଼ିଶା ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବାଶିଷ ମଲ୍ଲିକ, ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ ଏବଂ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଉପଦେଷ୍ଟା ଜନ୍ମେଞ୍ଜୟ ଲେଙ୍କାଙ୍କୁ ପ୍ରମୁଖ ଶାସନ ସଚିବ ପାହ୍ୟା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦିଆଯାଇଥିବା ୫-ଟି ମନ୍ତ୍ରକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରାଇବା ଦିଗ ପ୍ରତି ଉପଦେଷ୍ଟାମାନେ ଗୁରୁତ୍ୱ ଦେବେ ବୋଲି ଚର୍ଚ୍ଚା ହେଉଛି।

# ଶିକ୍ଷା ଦ୍ୱାରା ଦାରିଦ୍ର୍ୟ ଦୂର କରିହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟର ୨୫ ଜିଲାରେ ନବଜାତ ଶିଶୁଙ୍କଠାରେ କୁପୋଷଣ ଦେଖାଯାଇଛି । ପିଲାଙ୍କ ବୟସାନୁସାରେ ଉଚ୍ଚତା ଏବଂ ଓଜନ କମ୍ ହେବା ଏକ ଚିନ୍ତାଜନକ ବିଷୟ ହୋଇଛି । ଦାରିଦ୍ର୍ୟ କାରଣରୁ ପିଲାମାନେ ଠିକ୍ ପରିମାଣର ପୁଷ୍ଟିକର ଖାଦ୍ୟ ନ ଖାଇବା ଯୋଗୁ ଶିଶୁଙ୍କ ଓଜନ ହ୍ରାସ ପାଉଛି । ସମ୍ପ୍ରତି ଓଡ଼ିଶା ଏହି ସମସ୍ୟା ଦେଇ ଗତି କରୁଥିବାବେଳେ ଶିକ୍ଷା ମାଧ୍ୟମରେ ଦାରିଦ୍ର୍ୟକୁ ଦୂର କରି ଏହି ସମସ୍ୟାର ସମାଧାନ କରିହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର ସ୍ଥାନୀୟ ଶିବାନନ୍ଦ ସେଣ୍ଟେନାରି ବାଳକ ହାଇସ୍କୁଲର ପ୍ରାୟ ସାଢ଼େ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଶିକ୍ଷାଦାନ ସୌଧ ଓ ଛାତ୍ରାବାସ ଲୋକାର୍ପଣ ଅବସରରେ ଧର୍ମେନ୍ଦ୍ର ଏହା କହିଛନ୍ତି। ସେ କହିଛନ୍ତି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନ୍‌ଜିସିର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧରେ ଏହା ନିର୍ମିତ ହୋଇଛି। ସାଧାରଣ ଘରର ମେଧାବୀ ପିଲାଙ୍କ ବୌଦ୍ଧିକ ଶକ୍ତି ହେଉଛି ଓଡ଼ିଶାର ପୁଞ୍ଜି । ଜଣେ ଗରିବ ଓ ସାଧାରଣ ଘର ପିଲାକୁ ପାଠ ପଢାଇବାର ସୁଯୋଗ ତିଆରି କରିବା ସମସ୍ତଙ୍କର ଦାୟିତ୍ୱ ଅଛି। ସରକାରୀ ଉଦ୍ୟମ ବିନା ସାମାଜିକ ଉଦ୍ୟମରେ ସେମାନଙ୍କୁ ପାଠ ପଢାଇବାର ଆବଶ୍ୟକତା ଅଛି । ଏହି ପରିପ୍ରେକ୍ଷୀରେ ଲୋକାର୍ପିତ ଶିବାନନ୍ଦ ସେଣ୍ଟେନାରି ବାଳକ ହାଇସ୍କୁଲ ଆଗାମୀ ଦିନରେ ରାଜ୍ୟର ପ୍ରୟୋଗଶାଳା ହେବ। ଓଡିଆ ପିଲାକୁ ଦାରିଦ୍ର୍ୟରୁ ସମ୍ପନ୍ନତା ଆଡ଼କୁ ନେଇଯିବ। ଆଜି ମଧ୍ୟ ଓଡ଼ିଶାର ପ୍ରାୟ ସବୁ ଜିଲାରେ ହାରାହାରି ହଜାର ପିଲାଙ୍କଠାରେ ସୁପୋଷଣର ଅଭାବ ରହିଛି । ନବଜାତ ଯେତେ ପରିମାଣର ପୁଷ୍ଟିକର ଖାଦ୍ୟ ଖାଇବା ଦରକାର ତାହାର ଅଭାବ ଯୋଗୁ ସେମାନଙ୍କ ଓଜନ ହ୍ରାସ ପାଉଛି । ଏସବୁର ଉତ୍ତର ସମସ୍ତଙ୍କୁ ଖୋଜି ବାହାର କରିବା ଆବଶ୍ୟକ । ଶିକ୍ଷା ଦାରିଦ୍ର୍ୟ ଦୂର କରିବାର ଚାବିକାଠି। ଯେତେବେଳେ ଶିକ୍ଷା ଆଧାତ୍ମିକ ଓ ନୈତିକତା ଆଧାରରେ ହେବ, ତାହା ସମାଜ ପାଇଁ କାମ ଦେବ। ଓଡ଼ିଶାରେ ଏହି ଶିକ୍ଷାର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।


ନୂତନ ଶିକ୍ଷାଦାନ ସୌଧ ଲୋକାର୍ପଣ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ୍ ପରିଚାଳନା କମିଟି ଓ ଶାନ୍ତି ପୀଠର ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟିର ସମ୍ପାଦକ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଗ୍ମ ସମ୍ପାଦକ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ନୈତିକ ଶିକ୍ଷାର ପ୍ରାସଙ୍ଗିକତା ସମ୍ବନ୍ଧରେ କହିଥିଲେ। ସ୍କୁଲ୍ ପରିଚାଳନା କମିଟିର ସଭ୍ୟ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ, ରାଜୀବ ଶେଖର ସାହୁ ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ରଖିଥିଲେ।

# ଅଧ୍ୟାପକଙ୍କୁ ହତ୍ୟା


ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଗ୍ରାମରେ ଅଧ୍ୟାପକଙ୍କୁ ହତ୍ୟା ଘଟଣା ସ୍ଥଳରେ ପୋଲିସ ତଦନ୍ତ କରୁଛି ।

ସମ୍ବଲପୁର/ପଡିଆବାହାଲ, ୬।୯ (ବ୍ୟୁରୋ/ ଡି.ଏନ.ଏ)

■ ହାଇସ୍କୁଲ କ୍ୟାମ୍ପସରେ ରହୁଥିବା କୋଠରିରୁ ମୃତଦେହ ଉଦ୍ଧାର

■ ଦୁଇହାତ ପଛପଟୁ ବାନ୍ଧିଲା ପରେ ହତ୍ୟା କରାଯାଇଛି

■ ଘଟଣାସ୍ଥଳରୁ ରକ୍ତଲଗା ଠେଙ୍ଗା ଜବତ

■ ହତ୍ୟାକାଣ୍ଡର କାରଣ ଖୋଜୁଛି ପୋଲିସ

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ହୃଦାନନ୍ଦ ପ୍ରଧାନ(୪୭)ଙ୍କୁ ହତ୍ୟା କରାଯାଇଛି। ମୁରା ହାଇସ୍କୁଲ ପରିସରରେ ସେ ରହୁଥିବା କୋଠରିରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ତାଙ୍କ ଦୁଇହାତକୁ ପଛପଟୁ ବନ୍ଧା ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଶାସନ ପୋଲିସ ସାଇଣ୍ଟିଫିକ୍ ଟିମ ସହ ଘଟଣାର ତନାଘନା ଚଳାଇଛି। ଘଟଣାସ୍ଥଳରୁ ରକ୍ତଲଗା ଏକ ଠେଙ୍ଗା ଜବତ କରାଯାଇଛି। ଅଧ୍ୟାପକ ପ୍ରଧାନ ରହୁଥିବା କୋଠରି ଓ ରୋଷେଇ ଘରର ସାମଗ୍ରୀ ଇତସ୍ତତଃ ହୋଇ ପଡି ରହିଥିଲା । ଏ ନେଇ ତାଙ୍କ ସମ୍ପର୍କୀୟ ଭାଇ ଗଗନ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୧୮୪/୧୯)ରୁଜୁ କରିଛି ।

ମିଳିଥିବା ଖବର ଅନୁସାରେ, ହୃଦାନନ୍ଦ ନୂଆଁଖାଇ ଛୁଟିରେ ତାଙ୍କ ଦେବଗଡ ଜିଲା ବାଡିଆନାଳାସ୍ଥିତ ପୈତୃକ ଗାଁକୁ ଯାଇ ଗୁରୁବାର ଏଠାକୁ ଆସିଥିଲେ। କଲେଜରେ କ୍ଲାସ ସାରି ଘରକୁ ଫେରିଥିଲେ। ହେଲେ ଶୁକ୍ରବାର ସେ କଲେଜକୁ ଆସି ନ ଥିଲେ। ଅନୁପସ୍ଥିତକୁ ନେଇ କଲେଜ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଫୋନ କରିଥିଲେ। ସେ ଫୋନ ରିସିଭ୍ ନ କରିବାରୁ ଦୁଇଜଣ କର୍ମଚାରୀ କଲେଜକୁ ଲାଗିଥିବା ସ୍କୁଲ କ୍ୟାମ୍ପସରେ ଥିବା ଘରକୁ ଦେଖିବାକୁ ଯାଇଥିଲେ । ଘରର ବାହାରପଟୁ ତାଲା ପଡିଥିବା ବେଳେ ତାଙ୍କ ଚପଲ ଘର ବାହାରେ ରହିଥିଲା। ସେମାନେ ସନ୍ଦେହ କରି ଘରର ପଛପଟ କବାଟ ଦେଇ ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ମଧ୍ୟ ଭିତର ପଟୁ ବନ୍ଦ ରହିଥିଲା। ଶେଷରେ ଝରକା ଖୋଲି ଦେଖିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହୃଦାନନ୍ଦଙ୍କ ମୃତଦେହ କୋଠରି ଭିତରେ ପଡିରହିଥିଲା। ଏହାକୁ ନେଇ ଶାସନ ଥାନା ପୋଲିସକୁ କଲେଜ କର୍ତ୍ତୃପକ୍ଷ ଖବର ଦେଇଥିଲେ। ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କବାଟ ଭାଙ୍ଗି ପୋଲିସ ଘରକୁ ପଶିଥିଲା। ଅପରାହ୍ନ ପ୍ରାୟ ୪ଟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଗତ ୧୭ ବର୍ଷ ହେଲା ମୁରାରେ ରହି ଆସୁଥିବା ହୃଦାନନ୍ଦ ଜଣେ ମେଳାପି ଓ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ସମସ୍ତଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା । ତାଙ୍କ ହତ୍ୟା ଖବର ଆମକୁ ସ୍ତବ୍ଧ କରିଛି ବୋଲି କଲେଜ ଅଧ୍ୟକ୍ଷ ନାରାୟଣ ପ୍ରଧାନ କହିଛନ୍ତି। ଏସ୍‌ଡିପିଓ ଉଦ୍‌ଗାତା କହିଛନ୍ତି ଯେ, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ। ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରାଯାଉଛି। ଖୁବଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଜି.ଫକିର ପ୍ରସାଦ
ପରିବାରବର୍ଗ


ଜି.ସାଇସ୍ମିତା
ପରିବାରବର୍ଗ


ଜିଉସ୍
ପରିବାରବର୍ଗ


ଧାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ମୋ ସ୍କୁଲ’ ଯୋଜନାରେ ୧୦୦ କୋଟି ଅନୁଦାନ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

‘ମୋ ସ୍କୁଲ’ ଯୋଜନା ଜରିଆରେ ଅଗଷ୍ଟ ଶେଷ ସୁଦ୍ଧା ଶହେ କୋଟି ଟଙ୍କା ଅନୁଦାନ ସଂଗ୍ରହ କରାଯାଇଛି। ୨୦୦୮ ଜୁନ୍ ମାସରୁ ୨୦୧୯ ଅଗଷ୍ଟ ମାସ ମଧ୍ୟରେ ୧୪୯୫୩୬ଜଣ ପ୍ରାକ୍ତନ ଛାତ୍ରୀଛାତ୍ର ୩୩,୬୦,୦୧,୪୨୮ ଟଙ୍କା ଅନୁଦାନ କରିଛନ୍ତି। ଫଳରେ ସମୁଦାୟ ୧୦୦,୬୯,୨୪,୨୮୪ ଟଙ୍କା ସଂଗୃହୀତ ହୋଇଛି। ଏଥିରେ ମ୍ୟାଚିଂ ଗ୍ରାଣ୍ଟ ୬୭,୦୯,୨୨,୮୫୬ ଟଙ୍କା ଦିଆଯାଇଛି। ଏଥିରୁ ସମୁଦାୟ ରାଜ୍ୟର ୩୦୮ଟି ବ୍ଲକ୍‌ର ୯୯୫୦ ବିଦ୍ୟାଳୟ ପାଇଁ ୧୨,୧୦୫ ପ୍ରକଳ୍ପ ମଞ୍ଜୁର ହୋଇଛି। ନିକଟରେ ଆୟୋଜିତ ଏହି ଯୋଜନାର ୧୧ତମ ପରିଚାଳନା ବୈଠକରୁ ଏହି ସୂଚନା ମିଳିଛି। ଉକ୍ତ ବୈଠକରେ ରାଜ୍ୟର ୭୦୮ଟି ବିଦ୍ୟାଳୟରେ ୧୨୫୭ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇଛି। ଏଥିସହିତ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ସମସ୍ତ ପ୍ରକଳ୍ପ ପାଇଁ ମୋଟ ୬,୪୫,୩୦,୩୮୭ ଟଙ୍କା ବ୍ୟୟ କରାଯିବ। ଏହି ବୈଠକରେ ୧୦୦ ଏବଂ ୫୦ ବର୍ଷ ପୂରଣ କରିଥିବା ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ଦିବସ ଉତ୍ସବ ପାଳନ କରାଯିବା ଲାଗି ସ୍ଥିର କରାଯାଇଛି। ସହଯୋଗ ଭିତ୍ତିରେ ପୂର୍ବତନ ଛାତ୍ରୀଛାତ୍ରମାନେ ଆଗ୍ରହ ପ୍ରକାଶ କଲେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିୟମିତ ଶିକ୍ଷାଦାନ ପରେ ଆବଶ୍ୟକମତେ ବିଦ୍ୟାର୍ଥୀଙ୍କୁ ପଢ଼ାଇପାରିବେ। ଫଳରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ତ୍ୱରାନ୍ୱିତ ହୋଇପାରିବ। ଚଳିତବର୍ଷ ରାଜ୍ୟର ୫ହଜାର ଗ୍ରାମରେ ପରୀକ୍ଷାମୂଳକ ଭାବେ ଏହି ସ୍ୱେଚ୍ଛାକୃତ ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପରବର୍ତ୍ତୀ ଖରାଛୁଟି ସମୟରେ ଏହାକୁ ରାଜ୍ୟର ସମସ୍ତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି ‘ମୋ ସ୍କୁଲ’ ଯୋଜନାର ସଦସ୍ୟ ସଚିବ ତଥା ଓପେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ଏହି ଯୋଜନାରେ ପୁରାତନ ବିଦ୍ୟାର୍ଥୀଙ୍କ ସହ ସ୍ଥାନୀୟ ଗୋଷ୍ଠୀ ସମୂହକୁ ସକ୍ରିୟ ଭାବେ ସମ୍ପୃକ୍ତ କରିବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ‘ମୋ ସ୍କୁଲ’ ଯୋଜନାର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚି ମତବ୍ୟକ୍ତ କରିଛନ୍ତି।

## ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ

# ଯୁବକଙ୍କ ମାଡ଼ରେ ଅଙ୍ଗନୱାଡ଼ି କର୍ମୀ ଗୁରୁତର

**ରାଇରଙ୍ଗପୁର,୬।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଣ୍ଡପୋଷି ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ ଘଟିଛି। ଅଣ୍ଡା ନେବାକୁ ଆସିଥିବା ପିଲାଙ୍କ ଅଭିଭାବକଙ୍କ ସହ ଧାଡିରେ ନ ରହି ଆଗକୁ ଆସିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ବାରଣ କରାଯିବାରୁ ସେ ଅଙ୍ଗନୱାଡ଼ି କର୍ମୀଙ୍କୁ କଚାଡ଼ି ଦେବା ସହ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୬୭/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅଙ୍ଗନୱାଡ଼ି କର୍ମୀ ଜଣକ ଅଣ୍ଡା ବଣ୍ଟନ କରୁଥିଲେ। ଏହି ସମୟରେ ସେହି ଗ୍ରାମର ସେକ୍ ଅହମ୍ମଦ ନିୟମ ଉଲ୍ଲଙ୍ଘନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ତାଙ୍କୁ ଏଥିରେ ବାରଣ କରିବାରୁ କ୍ରୋଧାନ୍ୱିତ ହୋଇ ସେ ତାଙ୍କୁ ସେଠାରେ କଚାଡି ଦେବା ସହ ମାଡ଼ ମାରି ଆହତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପାଇକ ସ୍ମାରକୀ ପାଇଁ ମିଳିଲା ୧୦ ଏକର ଜମି

**ଭୁବନେଶ୍ୱର,୬।୯(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର**

ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ୧୦ ଏକର ପରିମିତ ଜମି ପ୍ରଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହି ସମ୍ମତି ଫଳରେ ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣର ପ୍ରସ୍ତୁତି ଆଉ ଗୋଟିଏ ପାଦ ଆଗକୁ ଯାଇଛି। ଏଥିପାଇଁ ଜଣେ ଓଡ଼ିଆଭାବେ ସେ ଗର୍ବିତ। ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ବଜେଟରେ ବିଶେଷ ବ୍ୟବସ୍ଥା କରାଯାଇଛି। ବ୍ରିଟିଶ ଶାସନ ବିରୋଧରେ ଦେଶର ପ୍ରଥମ ସଂଗଠିତ ସଶସ୍ତ୍ର ସଂଗ୍ରାମ ପାଇକ ବିଦ୍ରୋହ ଓଡ଼ିଶା ମାଟିରୁ ହିଁ ହୋଇଥିଲା। ଏହି ଅନନ୍ୟ ଇତିହାସକୁ ଆଗାମୀ ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶା ଓ ସାରା ଦେଶର ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ କରିବାକୁ ଏହି ସ୍ମାରକୀ ନିର୍ମାଣର ପରିକଳ୍ପନା କରାଯାଇଛି। ଓଡ଼ିଆ ଜାତିର ବୀରତ୍ୱ ଓ ସ୍ୱାଭିମାନର ଚିହ୍ନ ରୂପରେ ଏହି ସ୍ମାରକୀ ବରୁଣେଇ ପାହାଡର ପାଦଦେଶରେ ଖୁବ୍‌ଶୀଘ୍ର ସମସ୍ତଙ୍କ ସହଯୋଗରେ ନିର୍ମିତ ହେବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ପାଇକ ସ୍ମାରକୀ ପ୍ରତିଷ୍ଠା କରିବା ଲାଗି ବରୁଣେଇ ପାଦଦେଶରେ ୫୦ଏକର ଜମି ମାଗିଥିଲେ। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କିଛି ପଦକ୍ଷେପ ନିଆ ନ ଯିବା କାରଣରୁ ଭାଜପା ଓ ବିଜେଡି ସେତେବେଳେ ମୁହାଁମୁହିଁ ହୋଇଥିଲେ। ଧର୍ମେନ୍ଦ୍ର ସେତେବେଳେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଦୋଷ ଲୁଚାଇବାକୁ ...

କାରଣ ଖୁବ୍ କମ୍ ସଂଖ୍ୟକ ଲାଇସେନ୍ସ ପାଇଥିବା ଟେଷ୍ଟିଂ ସେଣ୍ଟର ଥିବାରୁ ଲୋକମାନେ ପ୍ରଦୂଷଣ ସାର୍ଟିଫିକେଟ ନେବାରେ ଅକ୍ଷମ ହେଉଛନ୍ତି। ଏପରି କି ନିର୍ଦ୍ଧାରିତ ଫି’ଠାରୁ ଅଧିକ ଆଦାୟ କରାଯିବାର ଅଭିଯୋଗ ଉଠିଲା। ସେଥିଲାଗି ଯେଉଁ ଟେଷ୍ଟିଂ ସେଣ୍ଟର ଲାଇସେନ୍ସ ନେଇ ନ ଥିଲେ ସେମାନେ ଆସନ୍ତା ମାସେ ପର୍ଯ୍ୟନ୍ତ ଲୋକଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ଦେଇପାରିବାର ବ୍ୟବସ୍ଥା କରାଯାଉଛି। ଏନେଇ ପରିବହନ କମିଶନର ଆରଟିଓମାନଙ୍କ ଜରିଆରେ ସେଣ୍ଟରଗୁଡ଼ିକୁ ଏହି ସୂଚନା ପ୍ରଦାନ କରିଥିବା ଉକ୍ତ ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଏସବୁ କଥାକୁ ନଜର ଆଢୁଆଳରେ ରଖିବା ସକାଶେ ସରକାର ପ୍ରଦୂଷଣ ସାର୍ଟିଫିକେଟ ଦେଖାଇବା ଲାଗି ଗାଡ଼ି ଚାଳକମାନଙ୍କୁ ଅଧିକ ମାସେ ସମୟ ଦେଇଛନ୍ତି ବୋଲି ସେ କହିଛନ୍ତି।

ଉକ୍ତ ଅଧିକାରୀଙ୍କ କହିବାନୁଯାୟୀ, ଦୁଇ ଓ ତିନି ଚକିଆ ଯାନ ଯେତିକି ନୁହେଁ ଟ୍ରକ, ବସ୍ ଭଳି ବଡ଼ ଗାଡ଼ି ଅଧିକ ପ୍ରଦୂଷଣ କରୁଛନ୍ତି। ମାତ୍ର ବଡ଼ ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରିବା ପରିବର୍ତ୍ତେ କେବଳ ଦୁଇ ଓ ତିନିଚକିଆ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଗୁଡିକୁ ଯାଞ୍ଚ କରିବା ମୁଖ୍ୟତଃ ଏମ୍‌ଭିଆଇର କାର୍ଯ୍ୟ ଅଟେ। ହେଲେ ବଡ଼ ଗାଡ଼ି ଉପରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସେମାନେ ନିଜ ପକେଟ ଗରମ କରିବାର ଅଭ୍ୟାସ ଛାଡ଼ିପାରୁନାହାନ୍ତି।

## ଚନ୍ଦ୍ରରେ ପାଦ ...

କରିବାରେ ଭାରତ ତୃତୀୟ ଦେଶର ମାନ୍ୟତା ଲାଭ କରିବ। କିନ୍ତୁ ପୂର୍ବରୁ ଯାଇଥିବା ସମସ୍ତ ଦେଶର ଚନ୍ଦ୍ରଯାନଗୁଡ଼ିକ ଉତ୍ତର ମେରୁରେ ଅବତରଣ କରିଥିଲେ। ଏବେ ଦକ୍ଷିଣ ମେରୁ ସ୍ପର୍ଶ କରିବାରେ ଭାରତ ପ୍ରଥମ ରାଷ୍ଟ୍ର ହେବାକୁ ଯାଉଛି। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚନ୍ଦ୍ରୟାନ-୨ର ସଫଳତା ଉପରେ କେବଳ ଭାରତ ନୁହେଁ, ସାରା ବିଶ୍ୱର ବୈଜ୍ଞାନିକମାନଙ୍କ ନଜର ରହିଛି। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ମଧ୍ୟ ସଫଳତା କାମନା କରିଛି। ବିକ୍ରମ ଚନ୍ଦ୍ରପୃଷ୍ଠକୁ ଛୁଇଁବାର କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ମିଶନର ସଫଳତା କୋଟି କୋଟି ଭାରତୀୟଙ୍କୁ ଲାଭାନ୍ୱିତ କରିବ। ଭାରତର ମହାକାଶ କାର୍ଯ୍ୟକ୍ରମର ଏହି ବିଶେଷ ମୁହୂର୍ତ୍ତକୁ ୧୩୦ କୋଟି ଭାରତୀୟ ଅପେକ୍ଷା କରିଥିବାବେଳେ ପ୍ରଧାନମନ୍ତ୍ରୀ ଇସ୍ରୋ ସେଣ୍ଟରରେ ଏହାକୁ ଦେଖିବେ। ମାଇଁ ଗଭ୍ ୱେବ୍ ପୋର୍ଟାଲ ଜରିଆରେ ଇସ୍ରୋ ସ୍ପେସ୍ କୁଇଜ୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଦେଶର ବିଭିନ୍ନ ଭାଗର ୭୦ ଛାତ୍ରୀଛାତ୍ର ମଧ୍ୟ ବେଙ୍ଗାଲୁରୁରେ ମୋଦିଙ୍କ ସହ ଏହାକୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି।

ଯୋଜନାନୁସାରେ ବିକ୍ରମ ଲ୍ୟାଣ୍ଡର ରାତି ୧ଟା ୩୦ରୁ ୨ଟା ୩୦ ମଧ୍ୟରେ ଚନ୍ଦ୍ରକୁ ଛୁଇଁବ। ଶନିବାର ସକାଳ ୫ଟା ୩୦ରୁ ୬ଟା ୩୦ ମଧ୍ୟରେ ରୋଭର ‘ପ୍ରଜ୍ଞାନ’ ତା’ଠାରୁ ଅଲଗା ହେବ। ସଫ୍ଟ ଲ୍ୟାଣ୍ଡିଂ କାର୍ଯ୍ୟକ୍ରମର ସିଧାପ୍ରସାରଣ ରାତି ୧ଟା ୧୦ ମିନିଟରୁ ଦୂରଦର୍ଶନରେ କରାଯିବ। ଇସ୍ରୋ ୱେବ୍‌ସାଇଟ୍, ୟୁଟ୍ୟୁବ୍, ଫେସ୍‌ବୁକ୍ ଓ ଟୁଇଟରରେ ମଧ୍ୟ ଏହାର ଷ୍ଟ୍ରିମିଙ୍ଗ୍ କରାଯିବ। ଆମେ ଏହି ମୁହୂର୍ତ୍ତକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଛୁ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି।

## ଦାୟିତ୍ୱ ରାଜ୍ୟ ଆଡକୁ...

ବିଭିନ୍ନ ଅଞ୍ଚଳରେ କାମ କରୁଛନ୍ତି। ସେମାନେ ଜିଏସ୍‌ଟି ହାର ହ୍ରାସ ପ୍ରସଙ୍ଗ ରାଜ୍ୟ ସରକାରଙ୍କ ନିକଟରେ ଉତ୍ଥାପନ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଠାକୁର କହିଛନ୍ତି ଯେ, ରାଜ୍ୟ ଅର୍ଥମନ୍ତ୍ରୀମାନେ ଅଟୋ ସେକ୍ଟର ସାମ୍ନା କରୁଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଅବଗତ ହେବା ଦରକାର। ସେମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ଉଚିତ୍ ବୋଲି ସେ ଚାହୁଁଛନ୍ତି। ଜିଏସ୍‌ଟି କାଉନସିଲ୍‌ରେ ଏହାକୁ ନେଇ ଆଲୋଚନା ହେଉ। ପ୍ରତ୍ୟେକ ସ୍ତରରେ ସମସ୍ତେ ନିଜର ମତପୋଷଣ କରନ୍ତୁ। ଆସନ୍ତା ୨୦ରେ ଗୋଆରେ ଜିଏସ୍‌ଟି କାଉନସିଲ୍ ବୈଠକ ବସିବାକୁ ଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଅଟୋ ସେକ୍ଟରକୁ ସହାୟତା ପ୍ରଦାନ କରିବା ଲାଗି କେତେକ ପଦକ୍ଷେପ ଇତିମଧ୍ୟରେ ଘୋଷଣା କରିସାରିଛନ୍ତି। ଅଟୋ ସେକ୍ଟରକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଠାକୁର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶନି ଓ କେତୁଙ୍କ ସହ ଆପଣଙ୍କୁ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା ଆଶଙ୍କା ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବ। ବନ୍ଧୁଙ୍କ ସହ ସହାନୁଭୂତିମୂଳକ ଆଲୋଚନା ମାଧ୍ୟମରେ ପରିବାରରେ ଶାନ୍ତି ଫେରି ଆସିବା ଆଶା କାରଯାଇପାରେ। ଈର୍ଷାପରାୟଣ ପୂର୍ବକ ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି।

**ବୃଷ**
କର୍ମାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ କଥାବାର୍ତ୍ତା ସାଙ୍ଗକୁ ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିଛି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ**
ତୃତୀୟଭାବରେ ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ପ୍ରଭାବିତ କରୁଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ଅଚିରେ ପୂରଣ ହୋଇପାରିବ। ରାହୁଙ୍କ କୁପ୍ରଭାବଜନିତ ଟଙ୍କା ପଇସା ସମ୍ପର୍କିତ ସମସ୍ତ କାମ ସାବଧାନତା ସହକାରେ କରିବା ବିଧେୟ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ଉନ୍ନତ ମାନର ଫଳ ପାଇବେ।

**କର୍କଟ**
ଚତୁର୍ଥାଧିପତି ଲାଭ ସ୍ଥାନରେ ରହିଥିବାରୁ ସାମାଜିକ ସ୍ତରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବା ସୂଚନା ରହିଛି।

**ସିଂହ**
ରାଶିରେ ରାଜଯୋଗ ସୃଷ୍ଟି ହୋଇଥିବାରୁ ପରିବାରରେ, କର୍ମକ୍ଷେତ୍ରରେ ଅଥବା ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତି ଲାଭ କରିପାରନ୍ତି। ମଘା ନକ୍ଷତ୍ର ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ତାହା ସହଜରେ କରାଇ ଦେଇ ନ ପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ।

**କନ୍ୟା**
ଗ୍ରହ ସ୍ଥିତିରେ ପ୍ରତିକୂଳତା କାରଣରୁ ଆଜି ଯାହା କହିବେ କିମ୍ବା କରିବେ ସବୁ ଭାବିଚିନ୍ତି କରିବା ଭଲ ହେବ। ବାରମ୍ବାର ଚେଷ୍ଟା ପରେ ଦୀର୍ଘଦିନ ଉପରାନ୍ତେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବୁଝାମଣା, ବିଭିନ୍ନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**
ଧନ ସ୍ଥାନରେ ବୃହସ୍ପତି ଆପଣଙ୍କୁ ଅର୍ଥ, ସାମାଜିକ ସମ୍ମାନ ଓ ଶୁଭେଚ୍ଛୁଙ୍କ ଶୁଭକାମନାରୁ ଖୁସି ରହିବେ। ପ୍ରତିବନ୍ଧକ ଆସିଲେ ମଧ୍ୟ ହାତକୁ ନେଇଥିବା କାମଟିକୁ ପୂରା କରିବାକୁ ଚେଷ୍ଟାକରିବେ। ନିଜର ଲୋକ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ବିଛା**
ମୁଖ ଭାବରେ ପାପଗ୍ରହ ଥିବାରୁ କଥାବାର୍ତ୍ତାରେ ସଂଯମ ରକ୍ଷା ନ କଲେ ଭୁଲ୍ ବୁଝାମଣାଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମନସ୍କତା ଓ ଅସାବଧାନତା କାରଣରୁ ଟଙ୍କାପଇସା କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ଶୁଭକାର୍ଯ୍ୟ କିମ୍ବା ବିବାହ ସମ୍ପର୍କିତ ନୂତନ ବନ୍ଧୁ ପ୍ରସ୍ତାବ ପାଇଁ ଯୋଗାଯୋଗ କଲେ କୃତକାର୍ଯ୍ୟ ହେବେ। କିନ୍ତୁ ସାମୟିକ ସମସ୍ୟାଜନିତ ହାତକୁ ନେଇଥିବା କେତେକ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବା କାରଣରୁ ଏକ ପ୍ରକାର ମାନସିକ ଶାନ୍ତି ମିଳିବ।

**ମକର**
ଅଷ୍ଟମସ୍ଥ ଏକାଧିକ ଗ୍ରହ ଆପଣଙ୍କ ସୁଖ,ସମ୍ମାନ, ପାରିବାରିକ ଶାନ୍ତି ଓ ଆର୍ଥିକ ଅଭିବୃଦ୍ଧିକୁ ରୋକି ଦେଇପାରେ। ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ସୃଷ୍ଟି ହେବା ଆଶଙ୍କା ମଧ୍ୟ ରହିଛି। ନୂତନ ପ୍ରକଳ୍ପାରମ୍ଭ କିମ୍ବା ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ**
ରାହୁଙ୍କ ସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବଦଳାଇ ଦେଇପାରେ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧିପାଇବ। କଳା, ସଂସ୍କୃତି ପ୍ରତି ଅନୁରାଗ ବଢ଼ିବା ସହ ବନ୍ଧୁମିଳନରୁ ଖୁସି ରହିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ମୀନ**
ଦେବଗୁରୁଙ୍କ ଶୁଭଦୃଷ୍ଟିରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସମ୍ପନ୍ନ ହେବାରୁ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବା ସହ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ଶନିବାର, ସେପ୍ଟେମ୍ବର ୭ ତାରିଖ,ରାଶି ନକ୍ଷତ୍ର-ମୂଳା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୮ମି. ଗତେ ଘ୧।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪।୩୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୩ମି. ଗତେ ଘ୮।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୪୦ମି. ଗତେ ଘ୧୦।୧୨ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**




**SALE**

4000 sft plot sale at Patia (Kalarahanga), Bhubaneswar. Directly buyer contact Deepak: 9937329999 (Broker Excuse). D-66294

Gharabari boundary plot Infocity-2 near 100ft. road side. Direct owner-8144391451. D-66768

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617. D-13932

2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617. D-13934

Flats for sale at DHPL Crystal Raghunathpur Contact 9937059891, 8908292617. D-13933

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

Gita College Road ରେ 3000 sqft. ଘରବାରି plot ବିକ୍ରିହେବ। Contact: 9778928492. D-65686

ଭୁବନେଶ୍ୱର Patia College ରୁ 2k.m., 50’x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312. D-66766

Bhubaneswar- Khurda NH Pitapali Chhakରେ 30’, 60’ road, electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 9777449397, 8917697736. D-14237

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

25000 sft, 4000 sft gharabari land with boundary just 6km from Phulnakhara, Bhubaneswar-8658182243. D-66295

21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse). D-67376

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999. D-66292

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-14240

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ’ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Mostly experienced highly trends male therapist for full body massage. 9938579108, 8480233423. D-67373

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381




Contact for LED bulb/ Inverter bulb and raw material at reasonable price. LEQOND INDIA PVT. LTD. Phone: 7978628533, 7381599164. D-14238

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**ASTROLOGY**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ଧାନୀ ସାହୁ**
**ବଲାଙ୍ଗୀର, ସୁଦ୍‌ପଡା**

ଆଜି ତୋର ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା ଜଣାଉଛୁ। ତୋର ଭବିଷ୍ୟତ କୁସୁମିତ ଓ ଦୀର୍ଘାୟୁ ହେଉ, ଏହା ମା’ ସମଲେଶ୍ୱରୀଙ୍କ ଠାରେ ପ୍ରାର୍ଥନା।

**ଶୁଭେଚ୍ଛା ସହ**
ବାପା: ଜିନୁ ସାହୁ, ମା’: ସଙ୍ଗୀତା, ପ୍ରିୟ, ସସ୍ମିତା ଓ ଦାଦା: ମେଘନାଦ ସାହୁ (ସାମ୍ବାଦିକ)

ଧ-୧୪୨୩୫

**20th Birthday Wish**

**Barsharani Behera (Micky)**
**Kakatpur, Puri**



May Goddess Maa Mangala bless you with much happiness, a long life, good health and fulfil all your dreams. We would like to wish you a very Happy Birthday.

**Wishes By:**
**Liku, Family and Relatives**

D-14236



## ଜିଲ୍ଲା ଚିଠି ଜଗତ୍‌ସିଂହପୁର

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିରେ ଗାର

ଗତବର୍ଷ ଜୁନ ମାସରେ ରାଜ୍ୟ ସରକାର ୨୦ଟି ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କରିବେ ବୋଲି ଘୋଷଣା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଏହି ତାଲିକାରୁ ଜଗତ୍‌ସିଂହପୁର ଜିଲାକୁ ବାଦ୍ ଦିଆଯାଇଥିଲା। ତେଣୁ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜଗତ୍‌ସିଂହପୁର ପୌର ପରିଷଦ ସଭାଗୃହରେ ଏକ ବୈଠକ ହୋଇଥିଲା। ଏଥିରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବହୁ ନେତା ଓ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଥିଲେ। ରାଜ୍ୟର ୨୦ ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ହେବାକୁ ଥିବାବେଳେ ଜଗତ୍‌ସିଂହପୁରକୁ କାହିଁକି ବାଦ୍ ଦିଆଗଲା ବୋଲି ସମସ୍ତେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବୈଠକରେ ବର୍ତ୍ତମାନର ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇଥିଲେ। ଦାସ ସେତେବେଳେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ନେତା ଥିଲେ। ସେହିପରି ବର୍ତ୍ତମାନର ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ପୂର୍ବତନ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ସମେତ ବିଭିନ୍ନ ଦଳର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ବ୍ୟବସାୟୀ ଓ ସାଧାରଣ ଜନତା ଯୋଗ ଦେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ନାଉଗାଁର ଏକ ପାଠାଗାର ପକ୍ଷରୁ ପଦଯାତ୍ରା କରାଯିବ ବୋଲି କୁହାଗଲା। ନିଷ୍ପତ୍ତି ମୁତାବକ ପଦଯାତ୍ରା ନାଉଗାଁରୁ ଜଗତ୍‌ସିଂହପୁର, କଟକ ଦେଇ ରାଜଧାନୀରେ ପହଞ୍ଚିଥିଲା। ଉଦ୍ଦେଶ୍ୟ ଥିଲା ନବୀନ ନିବାସ ଆଗରେ ଜିଲାବାସୀଙ୍କ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ତତ୍କାଳୀନ ଜଗତ୍‌ସିଂହପୁର ବିଧାୟକ ତଥା କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଏହାକୁ ସମର୍ଥନ କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ସ୍ଥାନୀୟ ବିଜେଡି ନେତାମାନେ ଏହାର ସମାଧାନ କରିବାକୁ ବାହାରିଥିଲେ। ସେତେବେଳେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ନେତା ଥିଲେ ତତ୍କାଳୀନ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବର୍ତ୍ତମାନର ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ। ବାଲିକୁଦା-ଏରସମା ବିଧାୟକ ଥିଲେ ପ୍ରଶାନ୍ତ କୁମାର ମୁଦୁଲି। ଦୁଇ ନେତା ସେମାନଙ୍କ ସମର୍ଥକଙ୍କ ସହ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦେଖା କରି ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କରିବାକୁ ଦାବି ଜଣାଇବାକୁ ଚାହିଁଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇ ନ ପାରିବାରୁ ସେମାନେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାବିପତ୍ର ଦେଇଥିଲେ। ଜେନା ମଧ୍ୟ ଏହି ଦାବି ଠିକ ବୋଲି ଗଣମାଧ୍ୟମ ଆଗରେ ସ୍ୱୀକାର କରିବା ସହ ଆଗାମୀ ଦିନରେ ଜଗତ୍‌ସିଂହପୁର ଜିଲାରେ ୨୧ତମ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୧ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିରେ ଗାର ହୋଇଛି। ଏବେ ପୁଣି ଏହି ପ୍ରସଙ୍ଗ ମୁଣ୍ଡ ଟେକିବାକୁ ଆରମ୍ଭ କଲାଣି। ଜିଲାରେ ମୋଟ ୧୫୭ ଡାକ୍ତର ପଦବୀ ମଧ୍ୟରୁ ୬୬ଟି ଖାଲିପଡିଛି। ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୮ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୩୫ଟି ପୂରଣ ହୋଇଥିବା ରେକର୍ଡରେ ଦର୍ଶାଯାଉଛି। ବାସ୍ତବରେ ସେମାନଙ୍କ ମଧ୍ୟରୁ ୭ ଜଣ ଏସ୍‌ସିବି ମେଡିକାଲ କଲେଜକୁ ଡେପୁଟେଶନ୍‌ରେ ଯାଇଛନ୍ତି। ଜଣେ ଡାକ୍ତର ଲମ୍ବା ଛୁଟିରେ ଅଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଡିଏମ୍‌ଓ ଓ ପ୍ରଶାସନିକ ଅଧିକାରୀ ମିଶି ୪, ପାରାଦୀପ ସ୍ୱାସ୍ଥ୍ୟକେନ୍ଦ୍ରରେ ୧, କୁଜଙ୍ଗ ୪, ଏରସମା ୫, ରଘୁନାଥପୁର ୩, ବାଲିକୁଦା ୫, ମଣିଜଙ୍ଗା ୯, ନାଉଗାଁ ୨, ବିରିଡ଼ି ୨ ଓ ମଣ୍ଡାସାହିରେ ୫ ଡାକ୍ତର ପଦବୀ ଖାଲିପଡିଛି। ଏ ପରିସ୍ଥିତିରେ ଜିଲା ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ନ ରହିଲେ ସ୍ୱାସ୍ଥ୍ୟସେବା ଅଧିକ ବିଗିଡ଼ି ଯିବାର ଆଶଙ୍କା ରହିଛି।

- ପ୍ରମୋଦ କୁମାର ନାୟକ

# ମଦ୍ୟପ ଗାଡ଼ି ଚାଳକଙ୍କୁ କଡ଼ା ଛାଟ

- ରାଜ୍ୟର ୧୪ ଟୋଲ୍‌ଗେଟ୍‌ରେ ଯାଞ୍ଚ ନିର୍ଦ୍ଦେଶ
- ବ୍ରେଥ ଆନାଲାଇଜର ଟେଷ୍ଟ ସହ ହେବ ରକ୍ତ ପରୀକ୍ଷା
- ସର୍କୁଲାର ଜାରି କଲେ ଡିଜିପି

ଭୁବନେଶ୍ୱର, ୬।୯ (ବ୍ୟୁରୋ)

ଏଣିକି ମଦ ପିଇ ଗାଡ଼ି ଚଳାଇଲେ ଆଉ ନିସ୍ତାର ନାହିଁ। ମଦ୍ୟପ ଗାଡ଼ି ଚାଳକ ଧରାପଡ଼ିଲେ ତୁରନ୍ତ ତାଙ୍କୁ ଗିରଫ କରାଯିବ। ଏ ନେଇ ଶୁକ୍ରବାର ସନ୍ଧ୍ୟାରୁ ରାଜ୍ୟର ସମସ୍ତ ୧୪ଟି ଟୋଲ୍‌ଗେଟ୍‌ରେ ଡ୍ରାଇଭରମାନଙ୍କୁ ଯାଞ୍ଚ କରାଯିବ। ସେମାନେ ମଦ ପିଇଛନ୍ତି କି ନାହିଁ ତାହା ବ୍ରେଥ ଆନାଲାଇଜର ମାଧ୍ୟମରେ ଟେଷ୍ଟ କରାଯିବ। ଏପରି କି ଆବଶ୍ୟକ ପଡ଼ିଲେ ୨ଘଣ୍ଟା ମଧ୍ୟରେ ତାଙ୍କର ରକ୍ତ ପରୀକ୍ଷା କରାଯିବ। ଏଭଳି କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି ବିଜୟ କୁମାର ଶର୍ମା। ଏ ନେଇ ଡିଜିପି ଶୁକ୍ରବାର ଏକ ସର୍କୁଲାର ଜାରି କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଡିଜିପି ଶର୍ମା କହିଛନ୍ତି। ମୋଟରଯାନ ଆଇନ-୧୯୯୮ର ଧାରା ୨୦୨ ଓ ୨୦୩ ବ୍ୟବସ୍ଥା ଅନୁଯାୟୀ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଗିରଫ କରିବା ସହ ଜରିମାନା ଆଦାୟ କରାଯିବା ପାଇଁ ନିୟମ ରହିଛି। ଶେରଗଡ, ପାଣିକୋଇଲି, ଢେଙ୍କିକୋଟ, ପଳାଶପଙ୍ଗା, ରାମଚନ୍ଦ୍ରପୁର, ପିପିଲି, ମାଣ୍ଡୁଣିକଣି, ରାଜଗାଙ୍ଗପୁର, ତାପଙ୍ଗ, ଲଙ୍ଗଳେଶ୍ୱର, ଶାସନ, ଅତାବିରା, ବାଲିଚନ୍ଦ୍ରପୁର, ଓ ମଙ୍ଗୁଳି ଟୋଲଗେଟ୍‌ରେ ଏହି ଯାଞ୍ଚ କରାଯିବାକୁ ଡିଜିପି ଶର୍ମା ସର୍କୁଲାର ଜାରି କରିଛନ୍ତି।

ଡିଜିପିଙ୍କ ସର୍କୁଲାରରେ ଉଲ୍ଲେଖ ରହିଛି ଯେ, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା ମାତ୍ରେ ବ୍ରେଥ ଆନାଲାଇଜର ଟେଷ୍ଟ କରିବା ସହ ୨ଘଣ୍ଟା ମଧ୍ୟରେ ରକ୍ତ ପରୀକ୍ଷା କରାଯିବ। ସେହିଭଳି ମହିଳା ଗାଡ଼ି ଚାଳକଙ୍କ କ୍ଷେତ୍ରରେ କେବଳ ମହିଳା ଡାକ୍ତର ହିଁ ଏହି ପରୀକ୍ଷା କରିପାରିବେ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ମଦ୍ୟପ ଚାଳକଙ୍କ ଜାମିନ କରା ନ ଯାଏ ତେବେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବ। ଏପରି କି ତାଙ୍କୁ କୋର୍ଟରେ ହାଜର କରାଯିବା ସହ ପ୍ରମାଣ ସ୍ୱରୂପ ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଦିଆଯିବ। ପ୍ରତ୍ୟେକ ବର୍ଷ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁହାରକୁ ୧୦ ପ୍ରତିଶତ ହ୍ରାସ କରିବା ପାଇଁ ଏହି କମିଟି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ମଦ୍ୟପଙ୍କୁ ଧରିବା ପାଇଁ ଉପଯୁକ୍ତ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରିବା ନିମନ୍ତେ ସମ୍ପୃକ୍ତ ଜିଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ପୋଲିସ ଅଫିସରଙ୍କ ଉପସ୍ଥିତିରେ କୌଣସି ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ଚଳାଇବାର ସନ୍ଦେହ ସୃଷ୍ଟି ହୁଏ, ତାହାଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କର ଶ୍ୱାସ ପରୀକ୍ଷା କରାଯିବ। ଏଥିସହ ଯଦି ତାଙ୍କର ୧୦୦ ମିଲି ରକ୍ତ ନମୁନାରେ ୩୦ ମିଲିଗ୍ରାମଠାରୁ ଅଧିକ ଆଲକୋହଲ ମିଳେ ଏବଂ ସେ ନିରାପଦ ଭାବରେ ଗାଡ଼ି ଚଳାଇବା ପାଇଁ ସକ୍ଷମ ନୁହଁନ୍ତି ବୋଲି ଜଣାପଡ଼େ ତେବେ ତାଙ୍କୁ ଗିରଫ କରାଯିବ। ସେହିଭଳି ଭାରତୀୟ ଦଣ୍ଡବିଧି ଆଇନ ବ୍ୟବସ୍ଥା ଅନୁଯାୟୀ ଗିରଫ କରୁଥିବା ଅଫିସର ସମ୍ପୃକ୍ତ ବ୍ୟକ୍ତିଙ୍କ ଗିରଫନାମା ପ୍ରସ୍ତୁତ କରିବେ। ଗିରଫ ସମୟରେ ଅଟକାଇ ରଖିଥିବା ଗାଡ଼ିର ଥଇଥାନ ନିମନ୍ତେ ସମ୍ପୃକ୍ତ ପୋଲିସ ଅଫିସର ଉପଯୁକ୍ତ ପଦକ୍ଷେପ ନେବେ। ଗିରଫ ହୋଇଥିବା ବ୍ୟକ୍ତି ଯଦି ଜାମିନଦାର ଦେଇ ନ ପାରିବେ, ସେମାନଙ୍କୁ ଦୁଇଜଣ ସାକ୍ଷୀଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ଅଭିଯୋଗ ନଥିପତ୍ର ସହିତ କ୍ଷେତ୍ରୀୟ କୋର୍ଟଙ୍କୁ ଚାଲାଣ କରାଯିବ। ଗିରଫ ହେଉଥିବା ବ୍ୟକ୍ତିଙ୍କ ଠିକଣା ଓ ମୋବାଇଲ୍ ନମ୍ବର ସଂଗ୍ରହ ପାଇଁ ଚେଷ୍ଟା କରାଯିବ। ତନଖି ଫାଟକରେ ଲାଗିଥିବା ସିସିଟିଭି କ୍ୟାମେରା ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସମସ୍ତ ଭିଡିଓ ରେକର୍ଡିଂ ସଂଗୃହୀତ କରାଯାଇ ରଖାଯିବ। ଆବଶ୍ୟକ ପଡ଼ିଲେ ତାହାକୁ କୋର୍ଟରେ ଉପସ୍ଥାପନ କରାଯିବ। ଅଟକାଇ ରଖାଯାଉଥିବା ଗାଡ଼ିର ପଥିକମାନଙ୍କ ଯାତ୍ରା ପାଇଁ ବିକଳ୍ପ ବ୍ୟବସ୍ଥା କରିବା ସହ ସେଥିରେ ବସିଥିବା ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ପାଇଁ ମଧ୍ୟ ଆବଶ୍ୟକ ବ୍ୟବସ୍ଥା କରାଯିବା ନେଇ ଏହି ସର୍କୁଲାରରେ କୁହାଯାଇଛି। କେବଳ ମଦ୍ୟ ପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯିବ। ଯଦି କେହି ଅଫିସର ଉଦ୍ଦେଶ୍ୟମୂଳକଭାବେ ଅନ୍ୟ ଯାତ୍ରୀଙ୍କୁ ହଇରାଣ କରିବେ ତାହାଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ସିପି ଅଫିସରେ ଅନୁଷ୍ଠିତ ଏହି ବୈଠକରେ ଡିଜିପି ଉପରୋକ୍ତ ନିର୍ଦ୍ଦେଶନାମା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଆରଟିଓ-୧ ପ୍ରଦୀପ ମହାନ୍ତି, ଆର୍‌ଟିଓ ସଞ୍ଜୟ ବେହେରା, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ବଲାଙ୍ଗୀର**
- ଇନ୍‌ଟେକ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୧ଟା ୪୫ ମିନିଟ୍।

**ନୂଆପଡା**
- ଜାତୀୟ ନେତ୍ରଦାନ ସପ୍ତାହ ପାଳନ, ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ, ପୂର୍ବାହ୍ନ ୧୧ଟା।

**କର୍ଲାମୁଣ୍ଡା**
- ଜାତୀୟ ପୋଷଣ ଦିବସ ପାଳନ, ସିଲେଟପଡା, ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ଆଞ୍ଚଳିକସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସୁନ୍ଦରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୂର୍ବାହ୍ନ ୯ଟା।

**ଦେବଗଡ଼**
- ଦେବଗଡ଼ ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲଡୁ ଭାଗ୍ୟ ପରୀକ୍ଷା, ସାଂସ୍କୃତିକ ମଣ୍ଡପ, ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ଏନଫିଲ୍ଡ ମୋଟର ସାଇକଲ କ୍ଲବର ରାଲି ଶୁଭାରମ୍ଭ, ନେଲସନ୍ ମଣ୍ଡେଲା ଛକ, ସକାଳ ସାଢ଼େ ୫ଟା ।
- ମୁକ୍ତ ଅବସ୍ଥାନ କେନ୍ଦ୍ର ଶୁଭାରମ୍ଭ ଉତ୍ସବ, ଗୋବିନ୍ଦଟୋଲା, ପୂର୍ବାହ୍ନ ୧୦ଟା ।
- ଶ୍ରୀମଦ ଭାଗବତ କଥା ଉଦ୍‌ଯାପନୀ ଉତ୍ସବ, କ୍ଷେତରାଜପୁର ଅଗ୍ରେସନ ଭବନ, ଅପରାହ୍ନ ସାଢ଼େ ୧୨ଟା ।

# ଦେବଗଡ଼ ଗଣେଶ ମେଳା : ଭାଇଚାରାର ପ୍ରତୀକ






ଆଲୋକ ମାଳାରେ ଝଲସୁଛି ତୋରଣ (ବାମ)। ଦେବଗଡ଼ ଗଣେଶ ମେଳାରେ ମୁଖ୍ୟ ତୋରଣ ।

କଳା ସଂସ୍କୃତିର ସହର ଦେବଗଡ଼ରେ ୧୯୪୯ ମସିହାରେ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ଆରମ୍ଭ ହୋଇଥିଲା । ସେହିବର୍ଷ ବ୍ୟବସାୟୀମାନେ ଏକାଠି ହୋଇ ମାତ୍ର ୧୨୬ ଟଙ୍କା ଚାନ୍ଦା ଆଦାୟ କରି ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ଆସ୍ତେ ଆସ୍ତେ ପୂଜାର ବ୍ୟୟ ଅଟକଳ ବଢ଼ିଥିଲା । ଏବେ ପୂଜା ପାଇଁ ପ୍ରାୟ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିସହିତ ଏହି ଗଣେଶ ପୂଜା ଭାଇଚାରାର ପ୍ରତୀକ ସାଜିଛି। ଜାତି,ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ମେଳାକୁ ଉପଭୋଗ କରୁଛନ୍ତି। ସମଗ୍ର ଓଡ଼ିଶାରେ ତାହା ସାର୍ବଜନୀନ ମେଳାରେ ପରିଣତ ହୋଇପାରିଛି। ଦେବଗଡ଼ର ଗଣେଶ ମେଳା ଏକ ଗଣପର୍ବ କହିଲେ କିଛି ଭୁଲ ହେବ ନାହିଁ । ସବୁଠାରୁ ଉଲ୍ଲେଖନୀୟ ବିଷୟ ଗ୍ରାମାଞ୍ଚଳରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା ସହିତ ଫ୍ରି ଶୋ ଅପେରା ଦେଖିବାର ବ୍ୟବସ୍ଥା କରାଯାଇଛି । ଏହି ମେଳାରେ ଗରିବ ତଥା ଧନୀ ଲୋକଙ୍କ ମନୋରଞ୍ଜନର ସୁବିଧା କରାଯାଇଛି। ବର୍ତ୍ତମାନ ମେଳାରେ ଭାରତର ବିଭିନ୍ନ ଅଞ୍ଚଳରୁ ମିନାବଜାର,ଦୋଳି ସହ ଶତାଧିକ ବ୍ୟବସାୟୀ ସେମାନଙ୍କ ପସରା ଖୋଲିବାର ସୁଯୋଗ ପାଉଛନ୍ତି। ଗଣେଶ ପୂଜା ଏବଂ ନୂଆଁଖାଇ ଅଳ୍ପଦିନ ବ୍ୟବଧାନରେ ପଡୁଥିବାରୁ ଏହି ମେଳାର ଆକର୍ଷଣ ଦ୍ୱିଗୁଣିତ ହୋଇଛି ।

*ରିପୋର୍ଟ–ଶଶାଙ୍କ ଶେଖର ଝାଙ୍କର, ଦେବଗଡ଼*



ଶମ୍ଭୁଲାଲ ଗୋଏଲ

## ସଭାପତି କହନ୍ତି...

ଦେବଗଡ଼ ଗଣେଶ ମେଳା କମିଟିର ସଭାପତି ଶମ୍ଭୁଲାଲ ଗୋଏଲ କୁହନ୍ତି, ପ୍ରତିବର୍ଷ ମେଳାର ଆୟୋଜନ କରାଯାଉଛି। ହାତଗଣତି କେତେଜଣ ବ୍ୟବସାୟୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜା ଆଜି ଗଣପର୍ବର ରୂପ ନେଇଛି। ଚଳିତବର୍ଷ ମୋତେ ପୂଜା ପରିଚାଳନା ଦାୟିତ୍ୱ ମିଳିଥିବାରୁ ଖୁସି ଅନୁଭବ କରୁଛି । ଲୋକଙ୍କ ମନୋରଞ୍ଜନ ପାଇଁ ଅପେରା, ମେଲୋଡି,ଭଜନ ସନ୍ଧ୍ୟା, ମିନାବଜାର, ପାଲା, ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି । ଭସାଣି ଉତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଯୋଜନା ଚାଲିଛି । ମଣ୍ଡପର ସାଜସଜ୍ଜା ଏଥର ଦେଖଣାହାରୀଙ୍କ ମନକୁ ଛୁଇଁଛି ।

# ମଣ୍ଡପରେ ଦର୍ଶକଙ୍କ ଗହଳି, ଖିରି ଭୋଗ ବଣ୍ଟନ





ମଣ୍ଡପରେ ପୂଜା ପାଉଥିବା ଶ୍ରୀଗଣେଶ (ବାମ)। ନେଚର ଫେନ୍ସ ମହିଳା କ୍ଲବ ପକ୍ଷରୁ ଖିରି ଭୋଗ ବଣ୍ଟନ କରାଯାଉଛି।

ଦେବଗଡ଼, ୬।୯(ଡି.ଏନ.ଏ.)

**ଦେବଗଡ଼ ଗଣେଶମେଳାର ପଞ୍ଚମ ଦିନ**

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳା ଉତ୍ସବର ଶୁକ୍ରବାର ଥିଲା ପଞ୍ଚମ ଦିବସ। ଶ୍ରୀଗଣେଶଙ୍କ ଦର୍ଶନ ଓ କୃପାଲାଭ ପାଇଁ ଶୁକ୍ରବାର ସନ୍ଧ୍ୟାରେ ପାଗ ଭଲଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ପୂଜାମଣ୍ଡପ ସମ୍ମୁଖରେ ପ୍ରବଳ ଗହଳି ଲଗାଇଥିଲେ। ସେହିପରି କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ଗୋପବନ୍ଧୁ ଛକର ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଆୟୋଜିତ ଭଜନ ସନ୍ଧ୍ୟା ଓ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଅନ୍ନପ୍ରସାଦ ପରିବେଷଣ କରି ଅନ୍ନପ୍ରସାଦ ଷ୍ଟଲକୁ ନବୀନ ମହାନ୍ତି ଉଦ୍‌ଘାଟନ କରିଥିଲେ। ନେଚର ଫେନ୍ସ ମହିଳା କ୍ଲବ ପକ୍ଷରୁ ଖିରୀ ଭୋଗ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରେ ପଡିଥିବା ଫ୍ରି ସୋ ଅପେରା, ବଡବଗିଚାରେ ଟିକଟ ସୋ ଅପେରା, ସ୍ଥାନୀୟ ସଭାଗୋଲିଠାରେ ପଡିଥିବା ସୁପର ମାର୍କେଟ, ହେଣ୍ଡିକ୍ରାଫ୍ଟ ଓ ହେଣ୍ଡଲୁମ ମେଳାରେ ଗହଳି ଲାଗିଥିଲା। ସେହିପରି ସରକାରୀ ବସ୍‌ଷ୍ଟାଣ୍ଡ ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ଶତାଧିକ ମୀନାବଜାର ଷ୍ଟଲ୍, ଚାଟ୍ ,ଗୁପଚୁପ୍ ଓ ଚାଓମିନ୍ ଷ୍ଟଲ୍‌ମାନଙ୍କରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ରାଜା ନିତେଶ ଗଙ୍ଗଦେବ
ସାଂସଦ, ସମ୍ବଲପୁର

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ସୁବାସ ଚନ୍ଦ୍ର ପାଣିଗ୍ରାହୀ
ବିଧାୟକ, ଦେବଗଡ

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ସୁବାସିନୀ ସାହୁ
ବାରକୋଟ ବ୍ଲକ ଅଧକ୍ଷା, ଦେବଗଡ ଜିଲ୍ଲା

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଅରୁଣ କୁମାର ସାହୁ
ଭାଜପା ଜିଲ୍ଲା ସଭାପତି, ଦେବଗଡ


ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଡକ୍ଟର ଉଇଲିୟମ ହେଣେଜ୍
ସେକ୍ରେଟାରୀ, ଜେନେରାଲ ଏସିଆନ୍ ପେସିଫିକ୍ ହେବିଟେଟ୍ ସୋସାଇଟି

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ସନ୍ତୋଷ କୁମାର ସାହୁ
ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ତଥା ନିର୍ଦ୍ଦେଶକ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ, ଦେବଗଡ

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଇଂ ସୁଜିତ କୁମାର ପ୍ରଧାନ
ଘରୋଇ ବସ ମାଲିକ ସଂଘ ସଭାପତି, ତଥା ଜିଲ୍ଲା କ୍ରିକେଟ ସଂଘ ସଂପାଦକ, ଦେବଗଡ


ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁଧାମୟୀ ପଟେଲ
ଜିଲ୍ଲା ପରିଷଦ ଅଧକ୍ଷା, ଦେବଗଡ

ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଶୁକଦେବ ଭଞ୍ଜ
ବିଜେଡି ଯୁବନେତା, ଦେବଗଡ


ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ରୋମାଞ୍ଚ ରଞ୍ଜନ ବିଶ୍ୱାଳ
ବିଜୁ ଜନତା ଦଳ, ଦେବଗଡ


ଦେବଗଡ଼ର ଗଣପର୍ବ ପବିତ୍ର ଗଣେଶ ମେଳା ଅବସରରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ହିମାଂଶୁ ଶେଖର ବଡପଣ୍ଡା
ପୂର୍ବତନ ବିଜେଡି ଜିଲ୍ଲା ଯୁବ ସଭାପତି, ଦେବଗଡ

ଯେତେଦିନ ପର୍ଯ୍ୟନ୍ତ ଦୁଃଖୀ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ତ୍ରୁଟି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃଖୀ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ଏମ୍‌ଇଏ ସମ୍ମିଳନୀ ବାତିଲ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରଙ୍କ ଦ୍ୱାରା ଧାରା ୩୭୦ର ଉଚ୍ଛେଦ ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ର ଦାୟିତ୍ୱ ଓ କାର୍ଯ୍ୟ କିଛି ବଢ଼ିଯାଇଛି। ଭାରତୀୟ କୂଟନୀତିଜ୍ଞମାନେ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା କରିବାରେ ଲାଗିପଡ଼ିଥିବା ବେଳେ ଆସନ୍ତା ସପ୍ତାହରେ ଗୁଜରାଟରେ ହେବାକୁ ଥିବା ବିଭିନ୍ନ ମିଶନ୍‌ର ମୁଖ୍ୟମାନଙ୍କ ବାର୍ଷିକ ବୈଠକକୁ ମନ୍ତ୍ରଣାଳୟ ବାତିଲ କରିଦେଇଛି। ୩୭୦ ଧାରା ଉଚ୍ଛେଦ ହେବାର ଦୁଇ ସପ୍ତାହ ପରେ ଉକ୍ତ ବୈଠକକୁ ବାତିଲ କରିବାର ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ଏମ୍‌ଇଏର ଦିଗ୍‌ଗଜମାନେ ଅବଶିଷ୍ଟ ବିଶ୍ୱକୁ ଭାରତର ନିଷ୍ପତ୍ତିର ଯୁକ୍ତିଯୁକ୍ତତା ବିଷୟରେ ବୁଝାଇ ଆସୁଛନ୍ତି। ପ୍ରାୟ ସମସ୍ତ ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତ ଏବେ ଉକ୍ତ ପ୍ରସଙ୍ଗ ଉପରେ ଅନେକ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସାମ୍ମୁଖ୍ୟରେ କୂଟନୈତିକ ଆଲୋଚନାରେ ବ୍ୟସ୍ତ। ଆହୁରି ମଧ୍ୟ ଜଣାପଡ଼ିଛି ଯେ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଯିଏ କି ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିବାର ଥିଲା, ସେମାନେ ସେ ସମୟରେ ଯାତ୍ରା କରୁଥିବେ। ତେବେ ଉକ୍ତ ସମ୍ମିଳନୀ ପାଇଁ ଆଉ କେବେ ସମୟ ଧାର୍ଯ୍ୟ କରାଯିବ କି ତାକୁ ପୂରାପୂରି ବାତିଲ କରିଦିଆଗଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ରହସ୍ୟଭରା କାର୍ଯ୍ୟକାଳ

ନିକଟରେ ନୂତନ କ୍ୟାବିନେଟ୍ ସଚିବ, ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଉତ୍ପାଦନ ସଚିବ ଏବଂ ଲୋକପାଳଙ୍କ ସଚିବଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି ପରେ କ୍ଷମତା ଅଳିନ୍ଦକୁ ନେଇ ନୂତନ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ୧୯୮୨ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କୁ ନୂତନ କ୍ୟାବିନେଟ୍ ସଚିବ କରାଯିବା ନେଇ ହୋଇଥିବା ବିଜ୍ଞପ୍ତିରେ ତାଙ୍କର କାର୍ଯ୍ୟକାଳ ଦୁଇବର୍ଷ ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଉତ୍ପାଦନ ସଚିବ ଓ ଲୋକପାଳଙ୍କ ସଚିବଙ୍କ କାର୍ଯ୍ୟକାଳ ବିଷୟରେ କିଛି ଉଲ୍ଲେଖ ନାହିଁ। ତେବେ ଏଥିରେ କିଛି ଗୁରୁତ୍ୱ ଅଛି କି ନା ସେ ନେଇ ବାବୁ–ନିରୀକ୍ଷକମାନେ ସନ୍ଦେହରେ ଅଛନ୍ତି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଗୌବାଙ୍କୁ କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ମିଳିବ ବୋଲି ଆଶା କରାଯାଉଥିଲା ଏବଂ ତ୍ରୁଟିଶୂନ୍ୟଭାବେ ସରକାରଙ୍କ ୩୭୦ ଧାରା ଉଚ୍ଛେଦ ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଲା ବୋଲି କୁହାଯାଉଛି। ନୂତନ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ ତାଙ୍କ ପୂର୍ବସୂରିଙ୍କ ଧାରାରେ ନିଯୁକ୍ତି ଦିଆଯାଇଥିବା ପରି ମନେହେଉଛି। ସଞ୍ଜୟ ମିତ୍ରଙ୍କୁ ମଧ୍ୟ ଦୁଇବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଅବସର ଓ ଅବଧିରେ ଥିବା ଫାଙ୍କ ପୂରଣ ପାଇଁ ଏହା ତାଙ୍କୁ ସାହାଯ୍ୟ କରିପାରି ନ ଥିଲା। ତେବେ କୁମାର ଅକ୍ଟୋବର ୨୦୨୨ରେ ଅବସର ନେବାର ଅଛି। ତେଣୁ ଅବସର ପର୍ଯ୍ୟନ୍ତ ତିନିବର୍ଷରୁ ଅଧିକ ସେ ପ୍ରତିରକ୍ଷା ସଚିବ ପଦରେ ରହିବେ କି ନାହିଁ, ସେ ନେଇ ବାବୁମାନେ ସନ୍ଦେହ ପ୍ରକାଶ କରିଛନ୍ତି। କାର୍ଯ୍ୟକାଳ ସମ୍ପର୍କରେ ସ୍ପଷ୍ଟ ନ କରି ସରକାର ନାନା ପ୍ରକାର କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଛନ୍ତି। ପ୍ରତିରକ୍ଷା ଉତ୍ପାଦନ ବିଭାଗର ନୂତନ ସଚିବ ସୁଭାଷ ଚନ୍ଦ୍ରଙ୍କ ଚାକିରି ଆଉ ମାତ୍ର ଚାରିମାସ ବାକି ଅଛି। ତେଣୁ ଡିସେମ୍ବର ୨୦୧୯ ପରେ ସରକାର ତାଙ୍କୁ ପୁନର୍ନିଯୁକ୍ତି ଦେବେ କି ନା ସେ ନେଇ ବାବୁମାନେ ସନ୍ଦେହରେ ପଡ଼ିଛନ୍ତି।

### ଶାସ୍ତିଜନିତ ବଦଳି

ଦକ୍ଷିଣ ରେଳପଥର ଚିଫ୍ ମେକାନିକାଲ ଇଞ୍ଜିନିୟର ଶୁଭ୍ରାଂଶୁଙ୍କୁ ସରକାର ହଠାତ୍ ବିହାରକୁ ବଦଳି କରିଦେଇଛନ୍ତି। ଏକ ପ୍ରଶାସନିକ ମାମଲାରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇଥିବାରୁ ଉପରିସ୍ଥଙ୍କ ରୋଷର ଶିକାର ହୋଇ ସେ ଏପରି ବଦଳିର ସମ୍ମୁଖୀନ ହେଲେ ବୋଲି କୁହାଯାଉଛି। ବଦଳି ପୂର୍ବରୁ ଭାରତର ପ୍ରଥମ ସେମିହାଇସ୍ପିଡ୍ 'ଟ୍ରେନ୍ ୧୮' ବା ପରେ 'ବନ୍ଦେ ଭାରତ ଏକ୍ସପ୍ରେସ୍' ଭାବେ ପୁନର୍ନାମିତ ଟ୍ରେନ୍‌ର ଡିଜାଇନ ଓ ବିକାଶ ପାଇଁ ତାଙ୍କର ଖୁବ୍ ପ୍ରଶଂସା କରାଯାଉଥିଲା। କିନ୍ତୁ ଯେତେବେଳେ ସେ ପାଣ୍ଠି ଅଭାବରୁ ଅନେକ ଟ୍ରେନ୍‌ରେ ଅନ୍‌ବୋର୍ଡ ହାଉସ୍‌କିପିଙ୍ଗ୍ ସର୍ଭିସ୍‌କୁ ବନ୍ଦ କରିଦେବାକୁ ଆଦେଶ ଦେଲେ ତାହା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦେହରେ ଯାଇ ନ ଥିଲା। ପ୍ରାପ୍ତ ସୂଚନା ଅନୁସାରେ ରେଳ କଣ୍ଟ୍ରାକ୍ଟରମାନଙ୍କୁ ଟଙ୍କା ଦେବା ପାଇଁ ପାଣ୍ଠିର ଅଭାବ କଥା ଯେତେବେଳେ ପଦାକୁ ଆସିଲା, ସେତେବେଳେ ରେଳ ମନ୍ତ୍ରଣାଳୟ ତତ୍କାଳ କିଛି ପାଣ୍ଠି ଯୋଗାଇଦେଲେ ଏବଂ ଏହାକୁ ନେଇ ନକାରାତ୍ମକ ପ୍ରଚାର ବାବୁଙ୍କ ପାଇଁ କାଳ ହେଲା। କୌତୂହଳର କଥା ହେଲା ଶୁଭ୍ରାଂଶୁଙ୍କ ମତକୁ ଦକ୍ଷିଣ ରେଳପଥର ଜେନେରାଲ ମ୍ୟାନେଜର ରାହୁଲ ଜୈନ ସମର୍ଥନ କରିଥିଲେ। ସେ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ସତର୍କ କରାଇ ଦେଇଥିଲେ ଯେ ଯଥାସମୟରେ ଯଥେଷ୍ଟ ପାଣ୍ଠି ଯୋଗାଇ ନ ଦେଲେ ଯାତ୍ରୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ପ୍ରତ୍ୟାହାର କରି ନିଆଯିବ। ତେବେ ପାଣ୍ଠି ଯୋଗାଣ ଓ ଶୁଭ୍ରାଂଶୁଙ୍କ ବଦଳି ଏକ ସମୟରେ ହୋଇଥିବା ଜଣାପଡ଼ିଛି।

Email: dilipcherian@gmail.com

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | | D | | 4 | A | | | | | | |
| | | D | | 7 | | | 1 | | 4 | | | | 0 | |
| 9 | | | | 5 | | | | | | 8 | | 2 | | 6 |
| | 4 | 0 | | | | | | 3 | | | | | E | |
| 3 | | | | C | | B | | | | 0 | 9 | | | 5 |
| E | | | D | 1 | | | | | 6 | A | B | 3 | | 0 |
| A | 0 | | B | | | | | | E | 9 | D | | | |
| 5 | 3 | 2 | | | E | | 9 | | | | | 1 | C | 7 |
| 6 | | | | | | | | | | | | 1 | 2 | |
| | 7 | | | 6 | | 4 | | | | 3 | | | | |
| C | | E | | D | | 3 | | 9 | | | | B | A | |
| | | | | | | | | | | | | 5 | D | 8 |
| | | 8 | 3 | 0 | | 5 | | E | 7 | | | | | |
| | 6 | 5 | 1 | A | | | | | | | | | 4 | C |
| 4 | | | 8 | | | 7 | | | 1 | B | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# ତଥାପି ବଞ୍ଚିଛି ମାନବିକତା



ଡ. ରମେଶ ଚନ୍ଦ୍ର ପରିଡ଼ା

ମଣିଷ କ୍ରମେ ଅଧିକରୁ ଅଧିକ କ୍ରୂର ହୋଇଚାଲିଛି। ଫଳରେ ବଢ଼ି ବଢ଼ି ଚାଲିଛି ଯୁଦ୍ଧ ଘନଘଟା, ଅପରାଧ, ଆତଙ୍କବାଦ ଭଳି ବିବିଧ ଅପକର୍ମ ଏବଂ ବ୍ୟକ୍ତିଗତ ସ୍ତରରେ ହତ୍ୟା, ବଳାତ୍କାର, ଚୋରି, ଡକାୟତି ଇତ୍ୟାଦି। ତାହା ଘଟାଇଚାଲିଛି ବିପୁଳ ଧନଜୀବନର ଅପଚୟ। ମାନବ ସମାଜର ଭବିଷ୍ୟତ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ। କୁହାଯାଏ, ମଣିଷ ମଣିଷ ଭିତରେ ଭ୍ରାତୃଭାବର ଉଦ୍ରେକ ହିଁ ପରିବାର ଓ ସମାଜ ଗଠନରେ ସହାୟକ ହୋଇଥିଲା, ଯାହାକି ତାକୁ ଅନ୍ୟ ସମସ୍ତ ଜୀବଜନ୍ତୁଙ୍କଠାରୁ ଭିନ୍ନ ଏବଂ ଏକ ଉନ୍ନତ ତଥା 'ବୁଦ୍ଧିମାନ ଜୀବ'ରେ ପରିଣତ କଲା। ତା'ର ଏହି ମନୋଭାବ ହିଁ ହେଲା ମାନବିକତା ବା ମଣିଷପଣିଆ। ପରସ୍ପର ପ୍ରତି ଶ୍ରଦ୍ଧା, ଦୟା, କ୍ଷମା ଓ ବିଶ୍ୱାସ ପ୍ରକଟ କରି ଭଲମନ୍ଦ ବିଚାର କରି କାର୍ଯ୍ୟଟିଏ କରିବା, ସାମୂହିକ ଭାବେ ସମସ୍ତଙ୍କ ମଙ୍ଗଳକାମନା ଭଳି ସକାରାତ୍ମକ ମାନସିକତା ଏହାର ଅନ୍ତର୍ଭୁକ୍ତ। ଏଣୁ ମଣିଷଠାରେ କ୍ରମେ ଏସବୁର ଅବକ୍ଷୟ ଘଟିଚାଲିବା ଏବେ ଚିନ୍ତାର କାରଣ ହୋଇଛି।

ଏହା ଭିତରେ ମଧ୍ୟ ମାନବିକତା ତଥାପି ଯେ ବଞ୍ଚିରହିଛି, ତାହାର ଅନେକ ଛୋଟ ବଡ଼ ଦୃଷ୍ଟାନ୍ତ ମିଳିଥାଏ ଆମର ବିବିଧ କାର୍ଯ୍ୟକଳାପରୁ। ସେଥିପାଇଁ କୌଣସିଠାରେ ବଡ଼ଧରଣର ପ୍ରାକୃତିକ ବିପର୍ଯ୍ୟୟଟିଏ ଘଟିଗଲେ, ସମସ୍ତ ସଂକୀର୍ଣ୍ଣ ସ୍ୱାର୍ଥର ଊର୍ଦ୍ଧ୍ୱକୁ ଯାଇ ସ୍ୱତଃ ଛୁଟିଆସେ ଅଗଣିତ ସାହାଯ୍ୟ ଏବଂ ସହାନୁଭୂତିର ସୁଅ। ସମ୍ଭବତଃ ଏହା ଏବେ ବି ବିପର୍ଯ୍ୟୟରୁ ସମାଜକୁ ରକ୍ଷା କରିଆସୁଛି। ବ୍ୟକ୍ତିଗତ ସ୍ତରରେ ମଧ୍ୟ ଅନେକ ସମୟରେ ଏଭଳି 'ଭ୍ରାତୃଭାବ'ର ପ୍ରତିଫଳନ ଘଟିଥାଏ। ସେଥିପାଇଁ ଦୁର୍ଘଟଣାଗ୍ରସ୍ତ ହୋଇଥିବା କିମ୍ବା ଅନ୍ୟ କୌଣସି ବିପଦରେ ପଡିଥିବା ବ୍ୟକ୍ତିକୁ ଆମେ ସ୍ୱତଃସ୍ଫୂର୍ତ୍ତଭାବେ ସହାୟତାର ହାତ ବଢ଼ାଇଥାଉ। ଏହା ପଛରେ ନ ଥାଏ ସ୍ୱାର୍ଥ କିମ୍ବା ସେ ପ୍ରକାର ଅନ୍ୟ କୌଣସି ବିଚାର। ବସ୍ କିମ୍ବା ଅଟୋ ବା ରେଳରେ ଯାଉଥିବା କେତେକ ଯାତ୍ରୀ ଅଥବା ହୋଟେଲ ବା ଦୋକାନକୁ ଆସିଥିବା କୌଣସି ଗ୍ରାହକ ଅସାବଧାନତାବଶତଃ ଛାଡ଼ିଯାଉଥିବା ଯଥେଷ୍ଟ ଟଙ୍କା ବା ମୂଲ୍ୟବାନ ପଦାର୍ଥ ଥିବା ପର୍ସ ବା ବ୍ୟାଗକୁ ଏହାର କର୍ମଚାରୀମାନେ ଫେରସ୍ତ କରିଦେଉଥିବା ନେଇ ଏବେ ଘନ ଘନ ମିଳୁଥିବା ଖବର ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ଅନେକ ସ୍ଥଳେ ଏହି କର୍ମଚାରୀମାନେ ନିମ୍ନ ଆୟକାରୀ ହୋଇଥିଲେ ମଧ୍ୟ ତହିଁରେ ଥିବା ଅର୍ଥ ସେମାନଙ୍କୁ ପ୍ରଲୁବ୍ଧ କରୁନାହିଁ। ଅନ୍ୟାନ୍ୟ ବହୁ କ୍ଷେତ୍ରରେ ମଧ୍ୟ ଏଭଳି ଭୂରି ଭୂରି ଉଦାହରଣମାନ ରହିଛି। ଏହା ମଣିଷର ଏକ ସହଜାତ ପ୍ରବୃତ୍ତି ବୋଲି ମତ ଦେଇଛନ୍ତି ମିଚିଗାନ ବିଶ୍ୱବିଦ୍ୟାଳୟର ଗବେଷକ ଆଲେନ କୋହେନ ଏବଂ ତାଙ୍କ ସହଯୋଗୀମାନେ। ନିକଟରେ ଗବେଷଣା ପତ୍ରିକା ସାଇନ୍ସର ଜୁନ୍ ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସିଭିକ୍ ଅନେଷ୍ଟି ଆରାଉଣ୍ଡ ଦ ୱାର୍ଲଡ' ଶୀର୍ଷକ ନିବନ୍ଧରେ ସେମାନେ ସୂଚାଇଛନ୍ତି ଯେ, ଅନେକ କ୍ଷେତ୍ରରେ ଭ୍ରାତୃଭାବ ଏବଂ ନିଜକୁ ଚୋରଟିଏ ରୂପେ ଦେଖିବା ପ୍ରତି ବିରାଗଭାବ ଅର୍ଥନୈତିକ ଲାଭର ଊର୍ଦ୍ଧ୍ୱକୁ ଯାଇଥାଏ। ତାହା ଆମକୁ ସହାନୁଭୂତିଶୀଳ ଏବଂ ସାଧୁତା ପ୍ରଦର୍ଶନ କରିବାକୁ ପ୍ରରୋଚିତ କରେ।

କୋହେନଙ୍କ ନେତୃତ୍ୱରେ ଗବେଷଣା ଚଳାଇଥିବା ଗବେଷକ ଦଳ ଦ୍ୱାରା ଅନୁଷ୍ଠିତ ଏହି ଅଧ୍ୟୟନର ଅନ୍ତର୍ଭୁକ୍ତ ଥିଲା ବିଶ୍ୱର ୪୦ଟି ଦେଶର ୩୫୫ଟି ନଗର ଏବଂ ୧୭,୦୦୦ ଲୋକ। ଅର୍ଥନୀତି ଓ ମନସ୍ତତ୍ତ୍ୱର ଅନ୍ତଃକ୍ରିୟାକୁ ନେଇ ଅଦ୍ୟାବଧି କରାଯାଇଥିବା ବ୍ୟାପକ ଅଧ୍ୟୟନ ମଧ୍ୟରୁ ଏହା ଥିଲା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛି ସୁପ୍ରସିଦ୍ଧ ଅର୍ଥନୈତିକ ପତ୍ରିକା 'ଦ ଇକୋନୋମିଷ୍ଟ'। ଏଥିରେ ସ୍ୱେଚ୍ଛାସେବୀମାନଙ୍କୁ କୁହାଯାଇଥିଲା ବିଭିନ୍ନ ବ୍ୟାଙ୍କ, ହୋଟେଲ, ରେଳଷ୍ଟେଶନ ଆଦି ସର୍ବସାଧାରଣ ସ୍ଥାନରେ ପର୍ସଟିଏ ଲେଖାଏ ଫିଙ୍ଗି ଦେଇ ଆସିବାକୁ। ତହିଁରୁ କେତେକରେ ଆଦୌ କିଛି ଅର୍ଥ ନ ଥିଲା ବେଳେ ଅନ୍ୟ କେତେକରେ ତାହା କମ୍ କିମ୍ବା ବେଶି ଥିଲା। ପୁନଶ୍ଚ ଯଥେଷ୍ଟ ଅର୍ଥ ସହିତ କିଛି ଚାବି, ଜାଲ୍ ବ୍ୟାଙ୍କ କାର୍ଡ କିମ୍ବା ପରିଚୟ ପ୍ରମାଣପତ୍ର ମଧ୍ୟ ରଖାଯାଉଥିଲା ଆଉ କେତେକରେ। ଆଶା କରାଯାଉଥିଲା ଯେ ଅଧିକ ଅର୍ଥ ଥିବା ପର୍ସଗୁଡ଼ିକ ପାଉଥିବା ଲୋକେ ଲୋଭର ବଶବର୍ତ୍ତୀ ହୋଇ ତାହା ଫେରାଇବାକୁ କୁଣ୍ଠିତ ହେବେ। କିନ୍ତୁ ଫଳ ମିଳିଲା ଠିକ୍ ଓଲଟା। ଦେଖାଗଲା ଯେ ଖାଲି କିମ୍ବା କମ୍ ଅର୍ଥ ଥିବା ପର୍ସ ଫେରାଇବାରେ କେହି ଆଗ୍ରହ ଦେଖାଇଲେ ନାହିଁ। ଅନ୍ୟପକ୍ଷରେ ଅଧିକ ଅର୍ଥ ଥିବା ଏବଂ ବିଶେଷକରି ସେଥିସହିତ ଚାବି ଓ ଦରକାରୀ କାଗଜପତ୍ର ଥିବା ପର୍ସ ଫେରାଇବା ପାଇଁ ପ୍ରକାଶ ପାଉଥିଲା ଅଧିକ ତତ୍ପରତା। ଅତଏବ ସେମାନେ ଯଥାଶୀଘ୍ର ସମ୍ଭବ ଏହା ହଜାଇଥିବା ଲୋକଙ୍କୁ କିମ୍ବା ନିକଟସ୍ଥ ପୋଲିସ ଷ୍ଟେଶନକୁ ଏ ସମ୍ପର୍କରେ ସୂଚନା ଦେଉଥିଲେ।

ଏଥିପୂର୍ବରୁ (୨୦୧୭ରେ) ଏହି ଗବେଷକଙ୍କ ଦ୍ୱାରା ବିଭିନ୍ନ ଦେଶରେ ସାଧୁତାର ମାପକାଠି ନାମକ ଅନୁଧ୍ୟାନଟିଏ କରାଯାଇଥିଲା। ଅଲଗା ଅଲଗା ଦେଶର ଲୋକଙ୍କଠାରେ ଏ ପ୍ରବୃତ୍ତିର ତାରତମ୍ୟ ଯଥେଷ୍ଟ ବୋଲି ସେଥିରୁ ଜଣାପଡ଼ିଥିଲା। ଉଦାହରଣସ୍ୱରୂପ ସୁଇଜରଲାଣ୍ଡ, ନରୱେ ଭଳି ଦେଶରେ ଲୋକଙ୍କ ସାଧୁତାର ମାନଦଣ୍ଡ ସର୍ବୋଚ୍ଚ (୭୦%) ହେଲାବେଳେ ଚାଇନାରେ ସର୍ବନିମ୍ନ (୧୦%)। ତେବେ ଅଧିକ ଅର୍ଥ ବା ସେଥିସହିତ ଦରକାରୀ କାଗଜପତ୍ର ଥିବା ପର୍ସ ଫେରାଇବା କ୍ଷେତ୍ରରେ ଏ ପ୍ରଭେଦ ଖୁବ୍ ସଂକୀର୍ଣ୍ଣ। ପ୍ରାୟ ସବୁ ଦେଶରେ ଏହା ଥିଲା ୫୧ରୁ ୭୧ ଶତାଂଶ ମଧ୍ୟରେ। ଅତଏବ ଅର୍ଥନୈତିକ ମାନଦଣ୍ଡ, ଶିକ୍ଷା, ଲୋଭ ଆଦିର ପ୍ରଭାବ ଏହା ଉପରେ ବିସ୍ମୟକର ଭାବେ କମ୍ ବୋଲି ମନେହୁଏ।

କୋହନ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ପରୀକ୍ଷାଟି ଥିଲା ଅତ୍ୟନ୍ତ ବ୍ୟୟବହୁଳ। କାରଣ ଏଥିରେ ନିୟୋଜିତ ହୋଇଥିଲା ୬,୦୦,୦୦୦ ଡଲାର ଏବଂ ୧୭,୦୦୦ଟି ପର୍ସ। ତେବେ ତହିଁରୁ ବାହାରିଥିବା ଫଳାଫଳ ଏପରିକି ମନସ୍ତତ୍ତ୍ୱବିତ୍‌ଙ୍କୁ ବିସ୍ମିତ କରିଛି। ସେମାନେ ଏହାକୁ ନାନାପ୍ରକାର ବ୍ୟାଖ୍ୟା କରୁଛନ୍ତି। ତାଙ୍କ ମଧ୍ୟରୁ କେତେକଙ୍କ ମତରେ ସବୁ ମଣିଷ ଭିତରେ ଲୁକ୍କାୟିତ ରହିଛି କିଛି କିଛି ମାନବିକତା। ତାହା ଆମ ଜନ୍ମଗତ ପ୍ରବୃତ୍ତି ଏବଂ ସମ୍ଭବତଃ ଆମ ଜିନୀୟ ବ୍ୟବସ୍ଥା ସହିତ ସମ୍ପୃକ୍ତ। ଅବଶ୍ୟ ପରିବେଶ ଓ ପରିସ୍ଥିତି ଏହାର ପ୍ରଭାବକୁ କ୍ଷୁଣ୍ଣ କରିଥାଏ। ତାହା ହିଁ ମଣିଷଠାରେ କ୍ରୂରତା ବଢ଼ାଇବା ସହିତ ତାକୁ ଅସାମାଜିକ କାର୍ଯ୍ୟ କରିବାକୁ ପ୍ରରୋଚିତ କରୁଛି। ତେବେ ସବୁ ପରିସ୍ଥିତିରେ ଏବଂ ସବୁବେଳେ ତା' ମନରେ ଅର୍ଥ ଲାଭ ବା ସ୍ୱାର୍ଥର ବିଚାର ନ ଥାଏ। ବିବର୍ତ୍ତନୀୟ ଜୀବବିଜ୍ଞାନୀମାନେ ଯାକୁ ହିଁ ଭ୍ରାତୃଭାବ ବା ଅଲଟ୍ରୁଇଜ୍‌ମ ବୋଲି କହୁଛନ୍ତି। ମହୁମାଛି ବା ପିମ୍ପୁଡ଼ିଙ୍କଠାରୁ ଆରମ୍ଭକରି ଦଳଗତ ଜୀବନ ବିତାଉଥିବା ମଣିଷ ସମେତ ଅନେକ ଜୀବଙ୍କଠାରେ ଏହା ଦେଖାଯାଏ।

ମଣିଷଠାରେ ଏ ପ୍ରବୃତ୍ତିର ବିବର୍ତ୍ତନୀୟ ପ୍ରଭାବ ରହିଥିବା ଚିନ୍ତାଧାରାର ଅନ୍ୟତମ ପ୍ରମୁଖ ପ୍ରବର୍ତ୍ତକ ହେଲେ ଡ. ଡବ୍ଲ୍ୟୁ.ଡି. ହାମିଲଟନ୍ (୧୯୩୬–୨୦୦୦)। ତାଙ୍କ ମତରେ ପ୍ରାଗୈତିହାସିକ କାଳରୁ ଏହା ତାଙ୍କୁ ଜୀବନ ସଂଗ୍ରାମକୁ ସମୂହ ଭାବେ ଲଢ଼ିବା ଏବଂ ସେଥିରେ ସଫଳତା ଅର୍ଜନ କରିବାରେ ସହାୟତା କରିଆସିଛି। ଏଣୁ ଏହା କେବଳ ଜିନୀୟ ହୋଇ ନ ପାରେ। ପରିବେଶ ଓ ପରିସ୍ଥିତି ମଧ୍ୟ ଏ ପ୍ରବୃତ୍ତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏପରି ସ୍ଥଳେ ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ସ୍ୱାର୍ଥସାଧନ ପାଇଁ ମଣିଷ କ୍ରୂର ହେବା, ସନ୍ତ୍ରାସବାଦ, ନରହତ୍ୟା ଓ ବଳାତ୍କାରକୁ ଆପଣାଇବାର ବିକୃତ ମାନସିକତା ବୃଦ୍ଧି ପାଉଥିଲେ ହେଁ ତା' ମଧ୍ୟରେ ମାନବିକତା ବଞ୍ଚିରହିଛି ଏବଂ ବଞ୍ଚିରହିବ। ତାହାକୁ କେବଳ ଉଦ୍ଦୀପିତ କରିବାର ପରିବେଶ ସୃଷ୍ଟି କରାଯାଇପାରିଲେ ତାହାର ପରିପ୍ରକାଶ ଘଟିପାରିବ ଅଧିକ ବ୍ୟାପକ ଭାବେ ଏବଂ ଶକ୍ତିଶାଳୀ ରୂପେ। ଚାଲନ୍ତୁ ଆମେ ଏହାର ସାଧନରେ ବ୍ରତୀ ହେବା।

ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ–୯୯୩୭୯୮୫୭୬୭

# ବିପଦକୁ ଠେଲି ଦେଉଛି ରିଜର୍ଭ ବ୍ୟାଙ୍କ



ଡ. ଭରତ ଝୁନ୍‌ଝୁନ୍‌ୱାଲା

ଜଣେ ବ୍ୟବସାୟୀ ଉପାର୍ଜନ କରୁଥିବା ଅର୍ଥରୁ କିଛି ଅଂଶ ବ୍ୟାଙ୍କରେ ସ୍ଥାୟୀଜମା ଭାବେ ସଞ୍ଚୟ କରେ। ଏହା ବ୍ୟତୀତ ଆୟର କିଛି ଅଂଶକୁ ସୁରକ୍ଷିତ ଜାଗା କିମ୍ବା ସୁନା କିଣିବାରେ ବିନିଯୋଗ କରି ପରୋକ୍ଷରେ ଗଚ୍ଛିତ ରଖେ। ଏହା ହିଁ ତାଙ୍କର ବଳକା ବା ସଞ୍ଚିତ ଅର୍ଥ। ଜୀବନରେ ଯେବେ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏହା ତାଙ୍କ କାମରେ ଲାଗେ। ଏହା ବ୍ୟତୀତ ଲାଭାଂଶରୁ ଆଉ ଯାହା ରହେ ସେଥିରେ ସେ ଘର ଖର୍ଚ୍ଚ କିମ୍ବା ନୂଆ ବ୍ୟବସାୟିକ ପ୍ରତିଷ୍ଠାନରେ ବିନିଯୋଗ କରେ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କ୍ଷେତ୍ରରେ ବି ଏମିତି ବ୍ୟବସ୍ଥା ପରିଲକ୍ଷିତ ହୁଏ। ଏହା ମଧ୍ୟ ଲାଭ ପାଏ। ଏହି ଲାଭାଂଶରୁ କେତେ ସଞ୍ଚିତ ହିସାବରେ ରହିବ ଆଉ କେତେ ସରକାରଙ୍କୁ ଦିଆଯିବ ତାହା ଆର୍‌ବିଆଇ ସ୍ଥିର କରିଥାଏ। ଏହିପରି ରିଜର୍ଭ ବ୍ୟାଙ୍କରେ ସଞ୍ଚିତ ଅର୍ଥ ଭାବେ ଯେଉଁ ଲାଭାଂଶ ଜମା ହୋଇ ରହିଥାଏ ତାହା ସରକାରଙ୍କୁ ପ୍ରଦାନ କରାଯାଏ।

କହିବାକୁ ଗଲେ ଏହି ସଞ୍ଚିତ ଅର୍ଥ ଦେଶର ଅର୍ଥନୈତିକ ସଙ୍କଟ ସମୟରେ ଦରକାର ପଡ଼େ। ଏହାକୁ ରିଜର୍ଭ ବ୍ୟାଙ୍କ୍ ଉପଯୋଗ କରି ଦେଶର ଅର୍ଥନୈତିକ ସଙ୍କଟ ଟାଳିବାରେ ସାହାଯ୍ୟ କରେ। ଏଠାରେ ଏକ ଉଦାହରଣ ଦିଆଗଲେ ସହଜରେ ବୁଝିହେବ। ଧରାଯାଉ କୌଣସି ରାଷ୍ଟ୍ର ସହ ଭାରତର ଯୁଦ୍ଧ ହେଲା। ସେହି ସମୟରେ ତୈଳ ଇନ୍ଧନର ଅଭାବ ଦେଖାଦେବ। ଏହାକୁ ଭରଣା କରିବାକୁ ବିଦେଶରୁ ତେଲ ଆମଦାନି କରିବାକୁ ପଡିବ। କିନ୍ତୁ ଯୁଦ୍ଧ ଯୋଗୁ ସେତେବେଳେ ଦେଶ ପାଖରେ ଆବଶ୍ୟକ ବୈଦେଶିକ ମୁଦ୍ରା (ଡଲାର)ନ ଥିବ। ସେହି କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କରେ ଥିବା ଗଚ୍ଛିତ ବୈଦେଶିକ ମୁଦ୍ରା ତୈଳ ଆମଦାନି କରିବାରେ ସାହାଯ୍ୟ କରିବ।

ରିଜର୍ଭ ବ୍ୟାଙ୍କ ପ୍ରତିବର୍ଷ ଯାହା ଲାଭ କରେ ସେଥିରୁ କିଛି ସଞ୍ଚିତ ଅର୍ଥ ଆକାରରେ ୨୦୧୩ ଯାଏ ରଖିଆସୁଥିଲା। ୨୦୧୩ରେ ରିଜର୍ଭ ବ୍ୟାଙ୍କ ପାଖରେ ସଞ୍ଚିତ ଅର୍ଥ ଥିଲା ୨୭,୦୦୦ କୋଟି। ୨୦୧୨ରେ ଏହା ଥିଲା ୨୮,୦୦୦ କୋଟି। କିନ୍ତୁ ୨୦୧୪ରୁ ରିଜର୍ଭ ବ୍ୟାଙ୍କ ଆଉ ତା'ର ଲାଭାଂଶରୁ ସଞ୍ଚିତ ଅର୍ଥ ରଖିନାହିଁ।

ସମ୍ପ୍ରତି ଦେଶରେ ରିଜର୍ଭ ବ୍ୟାଙ୍କରେ ଥିବା ସଞ୍ଚିତ ଅର୍ଥକୁ ନେଇ ଦେଖାଦେଇଥିବା ବିବାଦ ସମ୍ପର୍କରେ ବିଚାର କରିବା। ୨୦୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ ୧.୨୬ ଲକ୍ଷ କୋଟି ଟଙ୍କା ଲାଭ ପାଇଛି ଓ ପୂରା ରାଶିକୁ ସରକାରଙ୍କୁ ପ୍ରଦାନ କରିଛି। ଗୋଟେହେଲେ ଟଙ୍କା ବଳକା ରଖିନାହିଁ। କେବଳ ଏତିକି ନୁହେଁ, ଆର୍‌ବିଆଇ ଏହାର ପୂର୍ବତନ ଗଭର୍ନର ବିମଳ ଜଲାନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲା। ରିଜର୍ଭ ବ୍ୟାଙ୍କ ନିକଟରେ ସର୍ବନିମ୍ନ କେତେ ପରିମାଣର ସଞ୍ଚିତ ଅର୍ଥ ରହିବା ଉଚିତ ତାହା ସୁପାରିଶ କରିବା ଲାଗି ଏହି କମିଟି ଗଠନ କରାଯାଇଥିଲା। କମିଟି ସୁପାରିସ କରିଥିଲା ଯେ, ଆର୍‌ବିଆଇ ତା' ଆସେଟ୍‌ର ୨୪.୫ରୁ ୨୦.୦ ପ୍ରତିଶତ ମଧ୍ୟରେ ସଞ୍ଚିତ ରଖିପାରିବ। ୨୦୧୯ ଜୁନ୍ ସୁଦ୍ଧା ତା' ଆସେଟ୍‌ର ୨୩.୩ ପ୍ରତିଶତ ସଞ୍ଚିତ ଥିଲା। ଜଲାନ କମିଟି ଦେଇଥିବା ପ୍ରସ୍ତାବ ଭିତରେ ହିଁ ତାହା ରହିଥିଲା। କିନ୍ତୁ, ଆର୍‌ବିଆଇ ତାହାକୁ ଜଲାନ୍ କମିଟି ନିର୍ଦ୍ଧାରଣ କରିଥିବା ସଞ୍ଚିତ ଅର୍ଥର ଶେଷସ୍ତର ୨୦.୦ ପ୍ରତିଶତକୁ ନେଇ ଆସିବାକୁ ବିଚାର କରିଥିଲା। ସେହି ଅନୁସାରେ ଆର୍‌ବିଆଇ ସରକାରଙ୍କୁ ୫୨,୦୦୦ କୋଟି ଟଙ୍କା ତା' ସଞ୍ଚୟରୁ ପ୍ରଦାନ କରିଥିଲା। ସଞ୍ଚିତକୁ ସର୍ବନିମ୍ନ ସ୍ତରରେ ରଖାଯିବା ଉଚିତ ବୋଲି ଆର୍‌ବିଆଇ ଯାହା ଅନୁମାନ କରିଥିଲା ସେହି ନିଷ୍ପତ୍ତିକୁ ନିଜସ୍ୱ ତ୍ରୁଟି ବୋଲି କୁହାଯାଇପାରେ।

ମୋଟ୍‌ରେ ଆର୍‌ବିଆଇ ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ଦେଇ ଦେଶର ଅର୍ଥନୀତି ସୁରକ୍ଷାକୁ ବିଭିନ୍ନ ଉପାୟରେ ସଙ୍କଟକୁ ଠେଲିଦେଇଛି। ପ୍ରଥମତଃ ଆର୍‌ବିଆଇର ପ୍ରତିବର୍ଷ ଆୟର କିଛି ଅଂଶକୁ ସଞ୍ଚିତ ଭାବେ ୨୦୧୩ ପର୍ଯ୍ୟନ୍ତ ରଖୁଥିଲା। ଦେଶରେ ଭବିଷ୍ୟତରେ ଅର୍ଥନୈତିକ ସଙ୍କଟ କାଳେ ଦେଖାଦେବ ତାହାକୁ ସୁରକ୍ଷା କବଚ ମନେକରି ଆର୍‌ବିଆଇ ଏହି ବ୍ୟବସ୍ଥା ଗ୍ରହଣ କରୁଥିଲା। କିନ୍ତୁ ଏବେ ତାହା ଓଲଟିଯାଇଛି। ଅତୀତରେ ଅର୍ଥନୀତିର ସୁରକ୍ଷା ପାଇଁ ରଖାଯାଇଥିବା ଏହି ସଞ୍ଚିତ ଅର୍ଥକୁ ଦେଶର ଏବକାର ବ୍ୟୟ ନିମନ୍ତେ ବ୍ୟବହାର କରାଯାଉଛି। ଆର୍‌ବିଆଇ ତା' ରୁପା ଗହଣା ବିକି ପଞ୍ଚତାରକା ହୋଟେଲରେ ମିଲ୍ ଖାଇବା ଭଳି ପରିସ୍ଥିତି ଉପୁଜିଛି। ଏହା ଆର୍‌ବିଆଇର ଅଯୋଗ୍ୟପଣ। ଏହାକୁ ପ୍ରକାଶ ନ କରିପାରିଲେ ମଧ୍ୟ ଆମକୁ ଗ୍ରହଣ କରିନେବାକୁ ପଡିବ ଯେ, ଆମେ ଅର୍ଥନୈତିକ ସଙ୍କଟ ମଧ୍ୟରେ ରହିଛେ।

ଦ୍ୱିତୀୟରେ, ଜଲାନ କମିଟି ସୁପାରିସ କରିଥିଲେ ଯେ, ଆର୍‌ବିଆଇ ବଳକାକୁ ତା' ଆସେଟ୍‌ର ୨୪.୫ ଏବଂ ୨୦.୦ ପ୍ରତିଶତ ମଧ୍ୟରେ ରଖିବ। କିନ୍ତୁ ଆର୍‌ବିଆଇ ଏହି ସୀମାର ସର୍ବନିମ୍ନ ସ୍ତରରେ ରଖିବାକୁ ନିଷ୍ପତ୍ତି ଗ୍ରହଣ କଲା। ଏହାର ଅର୍ଥ ଆମ ଅର୍ଥନୀତିର ସୁରକ୍ଷା ତନ୍ତ୍ର ଶେଷ ସୀମାରେ ପହଞ୍ଚିଛି। ତୃତୀୟରେ, ସଞ୍ଚିତ ଥିବା ବିଦେଶୀ ଅର୍ଥକୁ ଟଙ୍କାରେ ପରିବର୍ତ୍ତନ କରାଯିବା ସହଜ ହେବ ନାହିଁ। ଯେକୌଣସି ସଙ୍କଟରେ ଆର୍‌ବିଆଇ ବି ଏହାକୁ ବିନିଯୋଗ କରିବା ସମ୍ଭବ ହୋଇ ନ ପାରେ।

ଚତୁର୍ଥରେ, ଅର୍ଥନୈତିକ ସଙ୍କଟର ଅନେକ ସଙ୍କେତ ଏବେ ଆଗକୁ ଆସିବା ଦେଖାଗଲାଣି। ପାକିସ୍ତାନ ସହ ଏବକାର ସମ୍ପର୍କ ଶେଷ ସୀମାରେ ପହଞ୍ଚିବା, ଇରାନରୁ ଶସ୍ତା ତେଲ ଆମଦାନି ହୋଇ ନ ପାରିବା, ବ୍ୟାଙ୍କର ଅଚଳ ପରିସମ୍ପତ୍ତି (ଏନପିଏ) ସମସ୍ୟା ଦୂର ନ ହେବା, ଆମେ ଆମେରିକା ଚାପ ଆଗରେ ନତମସ୍ତକ ହୋଇ ତା'ଠାରୁ ଆମଦାନି ବୃଦ୍ଧି କରିବା, ସରକାରଙ୍କ କଞ୍ଜମ୍ପସନ ଏକ୍ସପେଣ୍ଡିଚର (ଉପଭୋଗ ବ୍ୟୟ)ରେ କଚ୍ଛପଗତି ପରିସ୍ଥିତି ଥିବାବେଳେ ପୁଞ୍ଜିନିବେଶ ବ୍ୟୟ ଦ୍ରୁତଗତିରେ ହ୍ରାସ ପାଇବା ଏବଂ ବିଗତ ତିନି ବର୍ଷ ମଧ୍ୟରେ ଆମ ଅର୍ଥନୀତି କ୍ରମାଗତଭାବେ ତଳକୁ ଖସିବା ଯୋଗୁ ଏଭଳି ପରିସ୍ଥିତିରେ ଆମେ ଉଚ୍ଚସ୍ତରର ସଞ୍ଚିତ ଅର୍ଥ ରହିବା ଦରକାର କରୁଛୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଆର୍‌ବିଆଇ କେମିତି ସରକାରଙ୍କୁ ତାହା ଦେବାକୁ ରାଜି ହୋଇ ଦେଶର ଅର୍ଥନୀତିକୁ ସଙ୍କଟକୁ ଠେଲିଦେଲା ତାହା ଚିନ୍ତାର ବିଷୟ। ବ୍ୟବସାୟରେ କ୍ଷତି କରୁଥିବା ସତ୍ତ୍ୱେ ଜଣେ ବ୍ୟବସାୟୀ ଅତୀତର ସଞ୍ଚିତ ଧନକୁ ପାର୍ଟିରେ ବ୍ୟୟ କରିବା ଭଳି ଏଠାରେ ରିଜର୍ଭ ବ୍ୟାଙ୍କ ଓ ସରକାର କାର୍ଯ୍ୟକଳାପ ଅଦୂରଦର୍ଶୀ ମନେହେଉଛି।

Email: bharatjj@gmail.com

## ଏଇ ଭାରତରେ

ପିଲାମାନେ ବିଦ୍ୟାଳୟ ଛାଡି କେମିତି ନ ଯିବେ କିମ୍ବା ବିଦ୍ୟାଳୟକୁ ଆସୁ ନ ଥିବା ପିଲାମାନଙ୍କୁ କେମିତି ଅଣାଯିବ ତାହା ପାଇଁ ଏକ ଭିନ୍ନ ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି ଶିକ୍ଷକ ସୁଭାଷଚନ୍ଦ୍ର ଯାଦବ। ଝାଡ଼ଖଣ୍ଡର ମାଓବାଦୀପ୍ରବଣ ତଥା ଶିକ୍ଷା କ୍ଷେତ୍ରରେ ଅତି ପଛୁଆ ପାକୁଡ ଅଞ୍ଚଳ ଲିଟିପଡା ବ୍ଲକ୍। ଏହି ବ୍ଲକ୍‌ର ଜୋରଡିହା ଉଚ୍ଚବିଦ୍ୟାଳୟ ତିନିବର୍ଷ ପୂର୍ବେ ଏକମାତ୍ର ଶିକ୍ଷକ ଅଶୋକ ପାଣ୍ଡେଙ୍କ ଦେହାନ୍ତ ହେବା ପରେ ସ୍କୁଲ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଅଶୋକଙ୍କ ଜାଗାରେ ସେଠାରେ ଯାଦବଙ୍କୁ ନିଯୁକ୍ତି ଦିଆଗଲା। ସେହି ସମୟରେ ବିଦ୍ୟାଳୟରେ ୬୦ ପିଲା ନାମ ଲେଖାଇଥିଲେ, କିନ୍ତୁ ବିଦ୍ୟାଳୟକୁ କେହି ଆସୁ ନ ଥିଲେ। ସେମାନେ ଅନ୍ୟ ବିଦ୍ୟାଳୟକୁ ପଢିବାକୁ ଯାଉଥିଲେ। ସୁଭାଷ ଏକ ଏନ୍‌ଜିଓ ସହ ଯୋଗାଯୋଗ କରି ସେହି ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସକ୍ଷମ ହେଲେ। ସ୍କୁଲରେ ପିଲାଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ସେ ବିଦ୍ୟାଳୟରେ ପାର୍କ ନିର୍ମାଣ ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଧ୍ୟାନ ଦେଉଛନ୍ତି। ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ସଚେତନ କରିବା ପାଇଁ ଅଶୋକ ଢୋଲ ନାଗରା ବି ବଜାଉଛନ୍ତି। ଟ୍ରାକ୍ଟରରେ ବେଲୁନ ସଜାଇ ଗାଁ ଗାଁ ବୁଲୁଛନ୍ତି। ଅଶୋକଙ୍କ ଏହି ଅଭିଯାନର ପ୍ରଭାବ ପଡୁଛି। ଏବେ ବିଦ୍ୟାଳୟରେ ମୋଟ ୧୭୮ ପିଲା ପଢୁଛନ୍ତି। ପ୍ରତିଦିନ ୯୦ ପ୍ରତିଶତ ପିଲା ଉପସ୍ଥିତ ରହୁଛନ୍ତି।

### ଚିରନ୍ତନୀ

ତୂଳିକା ରଞ୍ଜିତ କରି ଧରିବାକୁ ବଢ଼ାଇଲେ କର
ମରୀଚିକା ସମ ସେ ଯେ କ୍ଷଣ ପରେ ହୁଅଇ ଅନ୍ତର
ଛନ୍ଦ ଆଶେ କଷ୍ଟକରି ବସିଲେ ସଜାଇ
ଆସି କ୍ଷଣେ ଯାଏ ସେ ଉଭାଇ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୪

- ଏଲ୍.ଟି.ଟି.ଇ.ର ମୁଖ୍ୟ ପ୍ରଭାକରନ୍ ଶ୍ରୀଲଙ୍କାର ନୂଆ ସରକାରଙ୍କୁ ଯୁଦ୍ଧବିରତି ପ୍ରସ୍ତାବ ଦେଲେ।
- ଦ୍ୱିପାକ୍ଷିକ ଅର୍ଥନୈତିକ, ବୈଜ୍ଞାନିକ, ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଭିଏତ୍‌ନାମ ମିଳିତ ଗୋଷ୍ଠୀ ଗଠନ କରିବାକୁ ରାଜି ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଚିଙ୍ଗୁଡ଼ି ଘେରି ପରିବେଶ ପ୍ରତି ବିପଦ

ମହାଶୟ,

ରାଜ୍ୟରେ ବ୍ୟାପକ ଭାବେ ଚିଙ୍ଗୁଡ଼ି ଚାଷ ଚାଲିଛି। ବିଶେଷକରି କେନ୍ଦ୍ରାପଡା ଜିଲାର ରାଜନଗର, ରାଜକନିକା ଓ ମହାକାଳପଡା ଅଞ୍ଚଳରେ ବ୍ୟାପକ ଭାବେ ଅନିୟମିତ ଚିଙ୍ଗୁଡ଼ି ଚାଷ ଚାଲିଛି। ବାଂଲାଦେଶରୁ ବହୁ ଲୋକ ଏଠାକୁ ଆସି ଚିଙ୍ଗୁଡ଼ି ଚାଷ କରି ବେଶ୍ ଲାଭବାନ ହେଉଛନ୍ତି। ବିଭିନ୍ନ ସମୟରେ ପ୍ରଶାସନ ଚିଙ୍ଗୁଡ଼ିଘେରିଗୁଡିକ ଭାଙ୍ଗି ଦେଉଥିଲେ ମଧ୍ୟ ସେମାନେ ପୁନର୍ବାର ତାହା ନିର୍ମାଣ କରୁଛନ୍ତି। ସମୁଦ୍ର ଜୁଆର ପାଣିକୁ ଅଟକାଇ ବିଭିନ୍ନ ସ୍ଥାନରେ ଚିଙ୍ଗୁଡ଼ି ଘେରିମାନ ତିଆରି କରାଯାଉଛି। ଏହା ବ୍ୟତୀତ ବିଭିନ୍ନ ଚାଷଜମିକୁ ଖନନ କରାଯାଇ ଚିଙ୍ଗୁଡ଼ିଚାଷ କରାଯାଉଛି। ଫଳରେ ଚାଷଜମିର ପରିମାଣ ଦିନକୁ ଦିନ କମିବାରେ ଲାଗିଛି। ବିଶେଷକରି ଲୁଣାପାଣି ଖାଲ, ଯୋର ଓ ମାହାର ଆଦିରେ ପଶିବା ଫଳରେ ସମସ୍ତ ପାଣି ଲୁଣି ହୋଇଯାଉଛି। ଚିଙ୍ଗୁଡ଼ି ଚାଷରେ ବିପୁଳ ପରିମାଣରେ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଉଛି, ଯାହାଦ୍ୱାରା ଏଠାରେ ଅବସ୍ଥିତ ହେନ୍ତାଳ ବଣ ଓ ସାମୁଦ୍ରିକ ଜୀବମାନଙ୍କ ଉପରେ ଗୁରୁତର କୁପ୍ରଭାବ ପଡୁଛି। ବିଶେଷକରି ଜୈବବିବିଧତା ନଷ୍ଟ ହେବା ସହ ଜମିର ଉର୍ବରତା କମିବାରେ ଲାଗିଛି। ଖାଲି ଏତିକି ନୁହେଁ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ହରାଇବାର ଯଥେଷ୍ଟ ସମ୍ଭାବନା ଅଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଚିଙ୍ଗୁଡ଼ିଘେରିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଅନୁରୋଧ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

### ବାର୍ଦ୍ଧକ୍ୟ ଭତ୍ତା ବଢ଼ାଯାଉ

ମୋତେ ଆସି ୬୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି। ବାର୍ଦ୍ଧକ୍ୟ ଭତ୍ତା ମିଳିନି। ବାର୍ଦ୍ଧକ୍ୟ ବେଳକୁ ଭତ୍ତା ଗଣ୍ଡାକ ସାହାରା। ଆଜିକାର ମହଙ୍ଗା ଯୁଗରେ ବାର୍ଦ୍ଧକ୍ୟ ଭତ୍ତା ପାଞ୍ଚଶହ ଟଙ୍କା ସମୁଦ୍ରକୁ ଶଙ୍ଖେ ପଣା ସଦୃଶ। ପଡ଼ୋଶୀ ଆନ୍ଧ୍ରରେ ବାର୍ଦ୍ଧକ୍ୟ ଭତ୍ତା ଦୁଇହଜାର ହୋଇଥିବା ବେଳେ ଓଡ଼ିଶାରେ ବି ସେତିକି ହେବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଅଙ୍ଗନୱାଡିରେ ପୁଷ୍ଟି ସପ୍ତାହ ପାଳିତ

ଘଣ୍ଟାପଡା, ୬।୯ (ଡି.ଏନ.ଏ) କଣ୍ଟାମାଳ ବ୍ଲକ ଘଣ୍ଟାପଡା ଅଙ୍ଗନୱାଡି କେନ୍ଦ୍ର-୧ରେ ଯାଞ୍ଚ କମିଟି ସଭାପତି ପ୍ରଭାତ ସାହୁଙ୍କ ଅଧକ୍ଷତାରେ ପୃଷ୍ଟି ସପ୍ତାହ ଦିବସ ପାଳିତ ହୋଇଯାଇଛି । ଅଙ୍ଗନୱାଡି କର୍ମୀ ଜ୍ୟୋତ୍ସ୍ନା ସାହୁ ଶିଶୁ ଓ ପ୍ରସୂତି ମା'ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଯୋଗାଯାଉଥିବା ଖାଦ୍ୟର ନମୂନା ପ୍ରଦର୍ଶନ କରି ଜଣେ ପ୍ରସୂତୀ ମା' ଓ ଶିଶୁ କିପରି ସୁସ୍ଥ ରହିବେ, ତାକୁ କି ପ୍ରକାର ଖାଦ୍ୟ ଦରକାର, କେଉଁ ଖାଦ୍ୟରୁ କି ପ୍ରକାର ଭିଟାମିନ ମିଳେ, କଣ ଖାଇଲେ ରୋଗ ନିରାକରଣ ଶକ୍ତି ବଢ଼େଇ ସେ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଆଶା ଦିଦି କଳ୍ପନା ସେଠୀ ଉପସ୍ଥିତ ଥିଲେ। ଗ୍ରାମର କୁନି ସାହୁ, ନରେନ୍ଦ୍ରୀ ସାହୁ, ଜାମିନି ମହଲା, କୁନ୍ତି ସାହୁ, ସୁଶୀଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନୂଆଁଖାଇ ଜୁହାର ଭେଟ ହୋଇଥିଲେ ।

### ଦେବଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

ଦେବଗଡ଼, ୬।୯(ଡି.ଏନ.ଏ.): ଦବଗଡ଼ସ୍ଥିତ ବସନ୍ତ ନିବାସ ଡ଼ାକ ବଙ୍ଗଳାଠାରେ ୨୦୧୯ ପାଇଁ ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ ପୂର୍ବତନ ସଭାପତି ସୁଶୀଲ କୁମାର କପରଦାରଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ପୂର୍ବବର୍ଷର ଆୟବ୍ୟୟ ହିସାବ କରିବା ସହ ଚଳିତବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବରେ ବିକାଶ କୁମାର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ଉମେଶ ନାୟକ, ସମ୍ପାଦକ ପ୍ରତାପ କିଶୋର ନାୟକ, ସହ ସମ୍ପାଦକ ସୁମନ୍ତ ନାୟକ, କୋଷାଧକ୍ଷ ଶୁଶିଳ କୁମାର ନାୟକ, ସହକୋଷାଧକ୍ଷ ରମଣୀ ରଞ୍ଜନ ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିରେ ଶୁଶିଳ କୁମାର କପରଦାର, ଇସ୍‌ମାଇଲ ହେଣେଜ୍, ରାଜେନ୍ଦ୍ର ପାଣିଗ୍ରାହୀ ଓ ମନୋଜ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିପରି ଏକଜ୍ୟୁଟି କମିଟିରେ କ୍ଷେତ୍ର କୁମାର ପାତ୍ର, ନରୋତ୍ତମ ସାହୁ, ଦିପକ କୁମାର ଦାଶ, ଗୁଲ ବେହେରା, ଶ୍ରୀକାନ୍ତ ସାହୁ, କ୍ରୀଷ୍ଣା ଯାଦବ, ଯଶୋବନ୍ତ ନାୟକ, ଯଯାତି ବିଶ୍ୱାଳ, ପ୍ରତାପ ପାତ୍ର, ମଣିନ୍ଦ୍ର ନାୟକ, ପ୍ରଶାନ୍ତ ସାହୁ, ମଣ୍ଡପ ସାଜସଜ୍ଜା ନିମନ୍ତେ ସମୀର ରଞ୍ଜନ ପ୍ରଧାନ ଓ ପ୍ରଦୀପ କୁମାର ପାତ୍ର ଓ ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କୁମାର ଦ୍ୱିବେଦୀଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନୂତନ କର୍ମକର୍ତ୍ତା ତିନିଲକ୍ଷ ଟଙ୍କାର ଅଟକଳ କରିଥିବା ପ୍ରକାଶ କରିଛନ୍ତି।

### ବିଦ୍ୟୁତ ବିଭ୍ରାଟର ପ୍ରତିବାଦ, ଆଜି ଅତାବିରା ବନ୍ଦ

ଜାମଟିକ୍ରା, ୬।୯ (ଡି.ଏନ.ଏ): ଦୀର୍ଘ ଦିନ ହେଲା ୱେସ୍କୋ ଅଫିସରେ ଆବଶ୍ୟକ କର୍ମଚାରୀ ନ ଥିବା ଏବଂ ବାରମ୍ବାର ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ନଗର ଯୁବ କଂଗ୍ରେସ ଶନିବାର ଅତାବିରା ବନ୍ଦ ଡାକରା ଦେଇଛି । ଫଳରେ ଅତାବିରାର ସମସ୍ତ ଦୋକାନ ବଜାର, ଅଫିସ, ଯାନବାହନ ଚଳାଚଳ ବନ୍ଦ ରହିବ। କେବଳ ଶିକ୍ଷାନୁଷ୍ଠାନ ଗୁଡିକ ଖୋଲା ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ବନ୍ଦକୁ ଅତାବିରା ବଣିକ ସଂଘ ସମେତ ଆହୁରି ଅନେକ ସଂଘ ସମର୍ଥନ ଜଣାଇଛନ୍ତି। ଗତ ଅଗଷ୍ଟ ୯ ତାରିଖରେ ଅତାବିରା ଅଞ୍ଚଳର ବିଭିନ୍ନ ପ୍ରକାରର ବିଦ୍ୟୁତ ସମସ୍ୟା ନେଇ ୱେସ୍କୋ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଦାବି ପୂରଣ ନ ହେବାରୁ ଅଗଷ୍ଟ ୨୭ ତାରିଖରୁ ସ୍ଥାନୀୟ ଲାଦରପାଲି ସବଡିଭିଜନ ଅଫିସ, ଅତାବିରା- ୧ (ସହରାଞ୍ଚଳ) ଓ ୨ (ଗ୍ରାମାଞ୍ଚଳ) ସେକ୍ସନ ଅଫିସ, ରେଙ୍ଗାଲିକ୍ୟାମ୍ପ ସେକ୍ସନ ଅଫିସ ସମେତ ବିଲ ପୈଠ କେନ୍ଦ୍ର ମଧ ବନ୍ଦ କରାଯାଇଥିଲା। ୧୦ ଦିନ ବିତିଯାଇଥିଲେ ସୁଦ୍ଧା ୱେସ୍କୋ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ଅତାବିରା ବନ୍ଦ ଡାକରା ଦିଆଯାଇଛି ବୋଲି ନଗର କଂଗ୍ରେସ ସଭାପତି ଅଭିନାଶ ପ୍ରଧାନ ଜଣାଇଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଶସ୍ୟବୀମା, ଇନପୁଟ ସବସିଡି ମିଳୁନି

# ବୀମା ପାଇଁ ଗର୍ଜିଲେ ଚାଷୀ

ବିଜେପୁର, ୬।୯ (ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଫସଲ ବୀମା ବିବାଦ ଅଙ୍କ ଛିଡୁନି । ଏହି କ୍ରମରେ ଫସଲ ବୀମା ଓ ଇନପୁଟ ସବସିଡି ଦାବିରେ ବରଗଡ ଜିଲା ବିଜେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବିପୂରଣ ପାଇଁ ଚାଷୀମାନେ ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ ଗୁଡିକୁ ଅଚଳ କରିଦେଇଥିଲେ ।

ମିଳିଥିବା ସୂଚନା ମୁତାବକ, ଚାଷୀମାନେ ୨୦୧୭ର ମରୁଡି ସହାୟତା ରାଶି ସମ୍ପୂର୍ଣ୍ଣ ଭାବେ ପାଇପାରି ନାହାନ୍ତି। ପୁଣି ୨୦୧୮ର ଇନପୁଟ ସବସିଡି ଶସ୍ୟବୀମା ରାଶି ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇନାହିଁ । ଅପରପକ୍ଷେ ପଡା ଏମଶ୍ରୀଗିଡା, ବଡବ୍ରାହ୍ମଣୀ, ଜାରିଂ, ସମଲାଇପଦର, ଭଟିଗାଁ, ଟି.ଗଣ୍ଡପାଲି, ପହଣ୍ଡି, ଖରମୁଣ୍ଡା ଆଦି ୯ଖଣ୍ଡ ପଞ୍ଚାୟତ ଚାଷୀଙ୍କୁ ୨୦୧୮ ମରୁଡି ସହାୟତା ତାଲିକାରୁ ବଞ୍ଚିତ କରାଯାଇଛି । ଫଳରେ ଚାଷୀମାନଙ୍କ ମଧରେ କୁହୁଳୁଥିବା ପୁଞ୍ଜିଭୁତ ଅସନ୍ତୋଷ ଶୁକ୍ରବାର ବିସ୍ଫୋରକ ରୂପ ଧାରଣ କରିଥିଲା । ସ୍ଥାନୀୟ ହାଇସ୍କୁଲ ପଡିଆରୁ ଚାଷୀମାନେ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି କରି ତହସିଲ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ କୃଷକ ସଙ୍ଗଠନ ସଭାପତି ସୁବାଷ ପଧାନଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ରମାଦିତ୍ୟ ପଧାନ, ନିମାଇଁ ଚରଣ ସାହୁ, ସଞ୍ଜୀବ କୁମାର ପଣ୍ଡା, ଲକ୍ଷପତି ନାଗ, ବଳଭଦ୍ର ପଧାନ, ଯଦୁମଣି ପଟେଲ, ସଦାନନ୍ଦ ପୂଜାରୀ ପ୍ରମୁଖ ଚାଷୀନେତା ସରକାର ଓ ବୀମା କମ୍ପାନୀର ଚାଷୀ ମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ । ବିଜେପୁର ବ୍ଲକରୁ ଏସିଏଫ ଉଚ୍ଛେଦ, ଚାଷୀଙ୍କୁ ତୁରନ୍ତ ଇନପୁଟ ସବସିଡି ପ୍ରଦାନ, ୨୦୧୭ର ୱାଇସିଏଫ ଉଚ୍ଛେଦ, ଗଙ୍ଗାଧର ମେହେର ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଚାଷୀଗଣ ଦାବି କରିଥିଲେ । ବିଜେପୁର ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ବିପୁଳ ଭୋଟରେ ବିଜୟୀ ହୋଇଥିଲେ ସୁଦ୍ଧା ଚାଷୀମାନଙ୍କ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ତହସିଲଦାର ପଦ୍ମନାଭ ସାମନ୍ତରାୟ ବିକ୍ଷୋଭ ସମାବେଶରେ ଉପସ୍ଥିତ ରହି ୨୦୧୮ର ଇନପୁଟ ସବସିଡି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ସୂଚନା ଦେଇଥିଲେ । ପରେ ଚାଷୀମାନେ ମଧାହ୍ନରେ ପିକେଟିଂ କରି ତହସିଲ, ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା, ରାଜସ୍ୱ, କୃଷି କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରି ଦେଇଥିଲେ । ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ସାମିଲ ହୋଇଥିଲେ ।




ଚାଷୀଗଣ ଶୋଭାଯାତ୍ରାରେ ପିକେଟିଂ କରି ବ୍ଲକ କାର୍ଯ୍ୟାଳୟକୁ ଅଚଳ କରିଛନ୍ତି ।

# ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

## ସୁବିଧା, ସୁଯୋଗ ସମ୍ପର୍କରେ ସୂଚନା ଦେଲେ ଡିଆରଏମ୍

ସମ୍ବଲପୁର, ୬।୯ (ବ୍ୟୁରୋ)

ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟିର ୪୭ତମ ବୈଠକ ଶୁକ୍ରବାର ସମ୍ବଲପୁର ମଣ୍ଡଳ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍)ଡ. ଜୟଦୀପ ଗୁପ୍ତାଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା । ସେ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ସଦସ୍ୟମାନଙ୍କୁ ସ୍ୱାଗତ କରି ସୂଚନା ଦେଇ କହିଥିଲେ ଯେ, ଡୁଙ୍ଗୁରିପାଲି–ଖଲିଆପାଲି ଓ ଲଖନା–ଖରିଆଡ ରୋଡ ଷ୍ଟେଶନ ମଧରେ ଦୋହରୀକରଣ କାର୍ଯ୍ୟ ଶେଷ ହୋଇଛି। ସମ୍ବଲପୁର ମଣ୍ଡଳର ୧୮ଟି ଷ୍ଟେଶନରେ ଟ୍ରେନ ଇଣ୍ଡିକେସନ୍ ବୋର୍ଡ ଉପଲବ୍ଧ କରାଯାଇଛି। ଟିଟିଲାଗଡ, କଣ୍ଟାବାଞ୍ଜି, ହୀରାକୁଦ ଓ କେସିଙ୍ଗା ଷ୍ଟେଶନରେ ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟର ସୁବିଧା କରାଯାଇଛି। ସେହିପରି କେସିଙ୍ଗା ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ଖୁବ ଶୀଘ୍ର ହେବ । ସମ୍ବଲପୁର ଓ ଟିଟିଲାଗଡ ଷ୍ଟେଶନରେ ଲିଫ୍ଟ ସୁବିଧା ଆସନ୍ତା ଡିସେମ୍ବର ମାସ ମଧରେ କାର୍ଯ୍ୟକ୍ଷମ କରାଯିବ ବୋଲି ସୂଚନା ଦେଇଛନ୍ତି। ବୈଠକରେ ରେଳ ଉପଭୋକ୍ତା କମିଟି ସଦସ୍ୟ ଗୋବିନ୍ଦନାରାୟଣ ଅଗ୍ରୱାଲ, ଡ. ରାସେଶ୍ୱରୀ ପାଣିଗ୍ରାହୀ, ବୃନ୍ଦାବନ ପାଢ଼ୀ, ମହେଶ୍ୱର ସାହୁ, ଜ୍ୟୋତିର୍ମୟ ପଣ୍ଡା, ଈଶ୍ୱର ଚନ୍ଦ୍ର ଜେନ, ଦେବେନ୍ଦ୍ର କୁମାର ଲାଠ, ଲଳିତମୋହନ ପଟ୍ଟନାୟକ, ଚତୁର୍ଭୁଜ ଶର୍ମା, ଗୋବିନ୍ଦପ୍ରସାଦ ଅଗ୍ରୱାଲ, ରାଜେଶ କୁମାର ପୁରୋହିତ, ଶିଶିର ଶର୍ମା, ଯଦୁମଣୀ ପାଣିଗ୍ରାହୀ, ନବୀନ ମାର୍କେଣ୍ଡୟ ଯୋଗଦେଇ ବିଭିନ୍ନ ସମସ୍ୟା ଓ ବିକାଶ କାର୍ଯ୍ୟ ଉପରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ (ସମନ୍ୱୟ) ଏସଏସ ନାୟକ ସଭା ପରିଚାଳନା କରିଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସ ପାତ୍ରୁଡୁ ଉପସ୍ଥିତ ଥିଲେ ।




ଶୁକ୍ରବାର ସମ୍ବଲପୁର ମଣ୍ଡଳ ରେଳ ସଭା ଗୃହରେ ଆୟୋଜିତ ୪୭ତମ ବ୍ୟବହାରକାରୀ ପରାମର୍ଶଦାତା କମିଟି ସଭ୍ୟଙ୍କ ସହ ରେଳ ମଣ୍ଡଳ ପ୍ରବନ୍ଧକ ।

# ନାଚଗୀତରେ ଜମିଲା ନୂଆଁଖାଇ ଭେଟଘାଟ

ସମ୍ବଲପୁର, ୬।୯ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ସିନ୍ଦୂରପଙ୍କ କଲ୍ୟାଣ ମଣ୍ଡପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସିନ୍ଦୂରପଙ୍କ ଉନ୍ନୟନ କମିଟି ସଭାପତି ପ୍ରସନ୍ନ କର ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଅଚ୍ୟୁତାନନ୍ଦ ନାଥ, ଗିରିଧାରୀ ଧର, ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଚନ୍ଦ୍ରଶେଖର ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୀନକେତନ ନାଥଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ସିନ୍ଦୂରପଙ୍କ ଜନାର୍ଦ୍ଦନ ପୂଜାରୀ ହାଇସ୍କୁଲ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବକ୍ତୃତା ପ୍ରତିଯୋଗିତା ପ୍ରଥମ ସ୍ଥାନରେ ଆଞ୍ଚଲ ବେହେରା, ଦ୍ୱିତୀୟ ସ୍ଥାନରେ ଆୟୁଷ ନାଥ, ତୃତୀୟ ସ୍ଥାନରେ ସୋନାଲି ସାହୁ ଓ ସମୃଦ୍ଧି ସାହୁ, ସେହିପରି ଗୀତ ପ୍ରତିଯୋଗିତାରେ ଗାୟତ୍ରୀ ବେହେରା ପ୍ରଥମ, ତୃପ୍ତିମୟୀ ବେହେରା ଦ୍ୱିତୀୟ ଓ ଆଲିଶା ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସ୍କୁଲର ପ୍ରଧାନଶିକ୍ଷକ ମିନା କୁମାର ମିଶ୍ର, କ୍ଷୀରୋଦ ନାଥ, ଆକାଶବାଣୀ କଳାକାର ଦାମୋଦର ପତି, ସଂଗୀତଜ୍ଞ ଧନପତି ବଡ଼େଇ ବିଚାରକ ଥିଲେ । ନୂଆଁଖାଇ ଭେଟଘାଟ ଉପରେ ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। କମିଟିର ଉପସଭାପତି ପତିତପାବନ ଧର, ଗୋପରଞ୍ଜନ ପଣ୍ଡା, କ୍ଷୀରୋଦ ନାଥ, ମୁକୁନ୍ଦପ୍ରସାଦ ପତି, ହୃଷିକେଶ ସାହୁ, ସାଇକୃଷ୍ଣ ଧର, ପୁରୁଷୋତ୍ତମ ଧର, ରମଣୀ ସାହୁ, ଚିତ୍ତରଞ୍ଜନପଣ୍ଡା, ସୁଧାକର ନାଥ ପ୍ରମୁଖ ସହଯୋଗ କରିଥିଲେ ।



ସିନ୍ଦୂରପଙ୍କରେ ନୂଆଁଖାଇ ଭେଟଘାଟରେ କଳାକାରମାନେ ନୃତ୍ୟପରିବେଷଣ କରୁଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ଚୂଡାନ୍ତ

ଦେବଗଡ଼, ୬।୯(ଡି.ଏନ.ଏ.)

ଚଳିତ ମାସ ଦେବଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ମଙ୍ଗଳବାର ୧୦ ତାରିଖ ଦେବଗଡ ପୌରାଞ୍ଚଳ ଅନ୍ତର୍ଗତ କଲ୍ୟାଣ ମଣ୍ଡପ, ୧୬ ତାରିଖ ତୃତୀୟ ସୋମବାର ରିଆମାଳ ବ୍ଲକ ସଦର ପଞ୍ଚାୟତ, ୨୩ ତାରିଖ ଚତୁର୍ଥ ସୋମବାର ବାରକୋଟ ବ୍ଲକ ସିଂହଶାଳ ଗ୍ରାମ ପଞ୍ଚାୟତ ଏବଂ ୩୦ ତାରିଖ ପଞ୍ଚମ ସୋମବାର ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତଠାରେ ଶିବିର ଅନୁଷ୍ଠିତ ହେବ । ଶିବିରଗୁଡିକରେ ଜିଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ ବୋଲି ଡିଆଇପିଆରଓ ବିଜୟ ମିଶ୍ର ସୂଚନା ଦେଇଛନ୍ତି।

# ଶିଶୁ ଗାଲକୁ କାମୁଡିବା ଅଭିଯୋଗରେ ଶିକ୍ଷକ ନିଲମ୍ବିତ

ଦେବଗଡ,୬।୯(ଡି.ଏନ.ଏ)

ଏକ ଅଭାବନୀୟ ଘଟଣାକ୍ରମରେ ଜଣେ ଶିକ୍ଷକ ସ୍କୁଲ ପରିସରରେ ଜଣେ ଶିଶୁର ଗାଲକୁ କାମୁଡିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହେବା ଶୁକ୍ରବାର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି । ଖବର ମୁତାବକ ବଣିଆଁକିଲିଣ୍ଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହରେଶ ପ୍ରଧାନ ଉକ୍ତ ବିଦ୍ୟାଳୟକୁ ଆସିଥିବା ଜଣେ ଶିଶୁ(ଅଣଛାତ୍ର)ଙ୍କୁ ଗତ ୨୯ ତାରିଖ ଦିନ କାମୁଡିଥିବା ଅଭିଯୋଗ ହୋଇଥିଲା। କାମୁଡା ଦାଗ ସଂକ୍ରମଣ ହୋଇ ଶିଶୁର ଗାଲରେ ବଡ ଧରଣର କ୍ଷତ ସୃଷ୍ଟି ହେବା ପରେ ପରିବାର ଲୋକେ ଗତ ୪ ତାରିଖ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । ଏଥିସହ ଉକ୍ତଦିନ ବିଦ୍ୟାଳୟକୁ ଆସି ହୋ ହାଲ୍ଲା କରିବା ସହ ବିଭାଗୀୟ ସିଆର୍‌ସିସି, ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ମାତ୍ର ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହାର ପ୍ରତିବାଦ କରି ଶୁକ୍ରବାର ଅଭିଭାବକମାନେ କୌଣସି ପିଲାଙ୍କୁ ବିଦ୍ୟାଳୟକୁ ପଠାଇ ନ ଥିଲେ । ଏଥିସହ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କିମ୍ବା ନିଲମ୍ବନ କରିବା ଦାବିରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଏହାର ଦୃଢ ପ୍ରତିବାଦ ଜଣାଇଥିଲେ। ଫଳରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ଶିକ୍ଷକ ହରେଶ ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧରକାରୀ ନାୟକଙ୍କ ମତାମତ ଲୋଡିବାରୁ ଅଭିଯୋଗର ପ୍ରାଥମିକ ତଦନ୍ତ ପରେ ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ପ୍ରକାଶ କରିଛନ୍ତି ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଘେଁସ,୬।୯(ଡି.ଏନ.ଏ)

ସୋହେଲା ବ୍ଲକ ପେଟୁପାଲିଠାରେ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଲାଗି ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଘୋଷାମଣି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ପୂର୍ବ ବର୍ଷ ପୂଜାର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ପରେ ଚଳିତ ବର୍ଷ ପୂଜା ପରିଚାଳନା ପାଇଁ ଏକ ନୂତନ କମିଟି ଗଠିତ ହୋଇଥିଲା।


**ରେଳୱେ ବିଦ୍ୟୁତୀକରଣ**
ଭୁବନେଶ୍ୱର

**ବିଦ୍ୟୁତୀକରଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.RE_BBS_EL_OT_19-20_ST_01, ତା.03.09.2019 ରିଖ

କାର୍ଯ୍ୟର ନାମ: "ରେଳୱେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ବନ୍ଧୀୟ 12 ମାସ ନିମନ୍ତେ ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ଭବାନୀପାଟଣା, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଠାରେ ଥିବା କ୍ଷେତ୍ରୀୟ (Field) କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକର ଦେଖାଶୁଣା ।"

ଆକଳିତ ମୂଲ୍ୟ (ଟଙ୍କାରେ): 1,51,27,344/-, EMD (ଟଙ୍କାରେ): 2,25,700/-, ଟେଣ୍ଡର ପେପର ମୂଲ୍ୟ (ଟଙ୍କାରେ): 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକାରେ,
ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକା ଠାରୁ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 7(ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ମୁଖ୍ୟାଳୟ)/ରେଲୱେ ବିଦ୍ୟୁତୀକରଣ/ଭୁବନେଶ୍ୱର
PR-354/K/RE/19-20


# ଫୁଟବଲ ଟୁର୍ଣ୍ଣାମେଣ୍ଟ : ଗୁରୁସଙ୍ଗ ଚାମ୍ପିୟନ



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

ଦେବଗଡ, ୬।୯(ଡ଼ି.ଏନ.ଏ.)

ସେପ୍ଟେମ୍ବର ୨ତାରିଖରୁ ଚାଲିଥିବା ବାଇଧରନଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ଗୁରୁସଙ୍ଗ ଦଳ ସୁଶବ ଦଳକୁ ୧–୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଏହି ଉପଲକ୍ଷେ ଆୟୋଜକ କମିଟି ସଭାପତି ବେଣୁଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଭଗବାନ ଗଡ଼ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବପରିଷଦର ସକ୍ରୀୟ ସଭ୍ୟ ବିଦ୍ୟାଧର ସାହୁ, ଦିଲୀପ ସାହୁ, ଧିରେନ୍ କୁମାର ସାହୁ, ଦୁଷ୍ମନ୍ତ କୁମାର ସାହୁ, ରମେଶ ଚନ୍ଦ୍ର ଗଡ଼ନାୟକ, ଦିଲୀପ୍ କୁମାର ସାହ ପ୍ରମୁଖ ସହଯୋଗ କରିଥିଲେ । ରଞ୍ଜନ କୁମାର ସାମଲ, ରାକେଶ କୁମାର ଦାସ, ଲିଟୁ ବେହେରା, ଗୌରମୋହନ ଗଡ଼ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଦୀର୍ଘ ୪ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ ଥିଲେ ।


**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
At: Argul, Post: Jatni, Khurda, Odisha, Pin: 752050

निविदा के लिए आमंत्रण / NOTICE INVITING TENDER

Sealed Tenders in prescribed format are invited from valid electrical licensed contractor or enlisted eligible contractors of CPWD /BSNL/MTNL/ MES/Railways/State Govt. of Odisha up to 3.00 P.M. on dt. 12/09/2019 for the following work.

| Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|
| Repairing of Street Lights, Sports Lights, Surrounding Decorative lights & Solar Lights at IIT Bhubaneswar campus at Argul, Jatani. | 15,85,248/- | 500/- | 31,705/- | 12.09.2019 upto 3.00P.M | 12.09.2019 at 3.30 P.M | 45 days |

The details of tender with terms and conditions are available in IIT Bhubaneswar website www.iitbbs.ac.in.
Sd/-Superintending Engineer



**Dhenkanal College (Auto), Dhenkanal**
www.dhenkanalcollege.nic.in

**Admission Notice: 2019-20**

Applications are invited for admission into the following Self-Financing courses offered under Utkal University for the session 2019 -20 (PPP).

| Course | Annual Fee | Eligibility |
|---|---|---|
| 2-Yr M. Sc (Computer Science) Master of Science (Computer Science) | ₹30,000/- | +3 in Any stream with Math in +2 level |
| 2-Yr MAPM&IR Master of Personnel Management & Industrial Relations | ₹30,000/- | +3 in Any stream |

Scholarship: Available for eligible SC, ST, OBC & Minority category.

The Application Form can be obtained from the College on all working days on payment of Rs.50/- and the form duly filled in all respect should reach the Principal on or before 10.09.2019.

PRINCIPAL

06762-221130, M.Sc(CS) : 7008546253
MBA/MAPM&IR : 9439641117/9853770780



"ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ



### କାର୍ତ୍ତିଙ୍କ ୧୦ କୋଟି ଆଉ ୩ ମାସ ଜମା ରହିବ

**ନୂଆଦିଲ୍ଲୀ,୬।୯(ପି.ଟି./ଆଇଏଏନ୍ଏସ୍)** ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ପୁଅ ତଥା ଏୟାରସେଲ-ମାକ୍ସିସ୍ ଓ ମନିଲଣ୍ଡରିଂ ମାମଲାର ଅଭିଯୁକ୍ତ କାର୍ତ୍ତି ଚିଦାମ୍ବରମ ସୁପ୍ରିମକୋର୍ଟର ରେଜେଷ୍ଟ୍ରିରେ ଜମା କରିଥିବା ୧୦ କୋଟି ଟଙ୍କା ମୁକ୍ତ କରିବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ମନାକରିଦେଇଛନ୍ତି। ଏହି ଟଙ୍କା ଆଉ ୩ ମାସ ଜମା ହୋଇ ରହିବ ବୋଲି ଜଷ୍ଟିସ ଦୀପକ ଗୁପ୍ତାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତ ମେ ୭ରେ ବିଦେଶ ଯାତ୍ରା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ ବେଳେ ୧୦ କୋଟି ଟଙ୍କା ଜମା ରଖିବା ପାଇଁ କାର୍ତ୍ତିଙ୍କୁ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। କାର୍ତ୍ତି ଉକ୍ତ ରାଶି ଜମା କରିବା ପରେ ବ୍ରିଟେନ, ଆମେରିକା, ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ଗସ୍ତ କରିଥିଲେ।

### ଉଦଳା ବ୍ଲକ ଅଧକ୍ଷା ବିଜେଡିରେ ସାମିଲ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧକ୍ଷା ଭାଜପା ନେତ୍ରୀ କାର୍ମୀ ମୁର୍ମୁ ଏବଂ ତାଙ୍କର ସମର୍ଥକମାନେ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡିରେ ସାମିଲ ହୋଇଥିବା ଅନ୍ୟ ପ୍ରମୁଖ ନେତୃବୃନ୍ଦ ହେଉଛନ୍ତି ଥୁମ୍ପୁ ମୁର୍ମୁ, ବାହୁବନ୍ଧ ପଞ୍ଚାୟତ ଭାଜପା ସଭାନେତ୍ରୀ ପୁଷ୍ପଲତା ଦାସ, ପାଟଶାଣୀପୁର ପଞ୍ଚାୟତ ଭାଜପା ସଭାପତି ବୀର ସିଂ ଏବଂ ପୂର୍ବତନ ସମିତି ସଭ୍ୟା ଝୁନୁମଣି ନାଏକ ପ୍ରମୁଖ। ଭାଜପା ସମେତ ସ୍ଥାନୀୟ କଂଗ୍ରେସ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି।

### ଛେଣ୍ଡିପଦାରେ ବିରଳ ଶିଶୁ ଜନ୍ମ

**ଛେଣ୍ଡିପଦା, ୬।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଜଣେ ବିରଳ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି ଜନୈକା ମହିଳା। ଦେବଗଡ ଜିଲା ରିଆମାଳ ବ୍ଲକ ତାବଡା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରସବ ନିମନ୍ତେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶିଶୁଟିର ପାଟି, ଆଖି, ମୁହଁ ଅସ୍ୱାଭାବିକ ଦେଖାଯାଉଥିବାବେଳେ ଦେହସାରା ରକ୍ତ ଭଳି ଲାଲ ରଙ୍ଗର ପ୍ୟାଚ ପଡିଛି। ସମ୍ପୂର୍ଣ୍ଣ ଧଳା ଓ ମୋଟା ଆବରଣର ଚର୍ମ ରହିଥିବା ବେଳେ ଅନେକ ସ୍ଥାନରେ ଏହା ଫାଟିଯାଇଛି।

### ଅବସରପ୍ରାପ୍ତ ପୋଷ୍ଟମାଷ୍ଟରଙ୍କ ପରଲୋକ

**ପଡିଆବାହାଲ, ୬।୯ (ଡି.ଏନ.ଏ.):** ବାହାମ ଡୁମରିପଡା ନିବାସୀ ମକରଧ୍ୱଜ ଭୋଇ (୬୯)ଙ୍କ ତାଙ୍କ ଘରେ ପରଲୋକ ହୋଇଯାଇଛି। ସେ ପୋଷ୍ଟମାଷ୍ଟର ଭାବେ ବୁର୍ଲାରୁ କର୍ମମୟ ଜୀବନ ଆରମ୍ଭ କରି ବଲାଙ୍ଗୀର, ଲାଠୋର, ଅତାବିରା, ଯୋଗିମୁଣ୍ଡା, ଜମନକିରା ଓ ଶେଷରେ ଗୌଡପାଲିଠାରେ ଅବସର ଗ୍ରହଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଜୟଗୋପାଳ ମୁଖାଗ୍ନି ଦେଇଥିଲେ।

### ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ସଭ୍ୟଙ୍କ ପରଲୋକ

**ସମ୍ବଲପୁର, ୬।୯ (ବ୍ୟୁରୋ):** ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟିର ବରିଷ୍ଠ ସଭ୍ୟ ତଥା ଲୋକନାଥ ବାବାଙ୍କ ବରପିତା ସନ୍ତୋଷ ସୁପକାରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଗୁରୁବାର ରାତିରେ ସେ ଆଖି ବୁଜିଛନ୍ତି। ଏହି ଖବର ପ୍ରଚାର ହେବାପରେ ଝାଡୁଆପଡା ସମେତ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶୁକ୍ରବାର ଝାଡୁଆପଡା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

# ଋଷିକୁଲ୍ୟା, ବଡ଼ନଦୀ, ବାହୁଦା ବିପଦସଙ୍କେତ ନିକଟତର

**ଛତ୍ରପୁର,୬।୯(ଡି.ଏନ.ଏ)**



ସାମପୁର-ପୋଟିଲିମା ମଧ୍ୟରେ ଏନ୍ଏଚ୍-୫୯ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି।

ଗଞ୍ଜାମ ଜିଲାରେ ଗତ ୨ଦିନ ଧରି ଲଗାଣ ବର୍ଷା ହେବା ଫଳରେ ସମସ୍ତ ନଦୀର ଜଳସ୍ତର ବୃଦ୍ଧି ପାଇଛି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଋଷିକୁଲ୍ୟା, ବଡନଦୀ ଓ ବାହୁଦା ନଦୀର ଜଳସ୍ତର ବିପଦସଙ୍କେତ ନିକଟତର ହୋଇଛି । ବ୍ରହ୍ମପୁରସ୍ଥିତ ବନ୍ୟା ନିୟନ୍ତ୍ରଣ ସେଲ୍ ପକ୍ଷରୁ ଜିଲାପ୍ରଶାସନକୁ ଦିଆଯାଇଥିବା ରିପୋର୍ଟରୁ ଏହା ଜଣାପଡିଛି ।

ମିଳିଥିବା ସୂଚନା ଅନୁସାରେ ଋଷିକୁଲ୍ୟା ନଦୀର ବିପଦସଙ୍କେତ ସୋରଡାଠାରେ ୮୧.୯୯ ମିଟର ରହିଥିବାବେଳେ ଶୁକ୍ରବାର ସେଠାରେ ଜଳସ୍ତର ୮୦.୮୫ ମିଟର ରହିଛି। ସେହିପରି ଜାନିବିଲିଠାରେ ବିପଦସଙ୍କେତ ୫୩.୧୮ ମିଟର ଥିବାବେଳେ ୫୨.୬୦ ମିଟରରେ ଜଳ ପ୍ରବାହିତ ହେଉଛି। ଆସିକାଠାରେ ଋଷିକୁଲ୍ୟା ନଦୀର ବିପଦସଙ୍କେତ ୩୪.୭୫ ମିଟର ଥିବାବେଳେ ଜଳସ୍ତର ୩୩.୭୫ ମିଟର, ହୀରାଧାରବାଟିଠାରେ ୨୩.୧୬ ମିଟର ବିପଦସଙ୍କେତ ଥିବାବେଳେ ଜଳସ୍ତର ୨୨.୫୦ ମିଟର ଓ ପୁରୁଷୋତ୍ତମପୁରଠାରେ ବିପଦସଙ୍କେତ ୧୬.୮୪ ମିଟର ରହିଥିବାବେଳେ ଜଳସ୍ତର ୧୫.୮୦ ମିଟରରେ ପହଞ୍ଚିଛି। ଅନ୍ୟପକ୍ଷରେ ସୋରିଷମୂଳି ବ୍ୟାରେଜ୍ଠାରେ ବଡନଦୀର ବିପଦସଙ୍କେତ ୧୦୨.୧୧ ମିଟର ରହିଥିବା ବେଳେ ଜଳସ୍ତର ୧୦୧ମିଟର, ନୂଆଗାଁ ବ୍ରିଜ୍ ଠାରେ ୬୮.୧୩ ମିଟର, ମାଧବରିଡାଠାରେ ୫୮.୬୦ ମିଟର, ଆସିକାଠାରେ ୩୩.୧୩ ମିଟରରେ ଜଳସ୍ତର ରହିଛି। ଘୋଡାହାଡ ନଦୀର ଜୟମଙ୍ଗଳ ଠାରେ ୨୭.୫୭ ମିଟର ବିପଦସଙ୍କେତ ରହିଥିବାବେଳେ ଜଳସ୍ତର ୨୬.୨୫ ମିଟରରେ ପହଞ୍ଚିଛି । ଅନ୍ୟପକ୍ଷରେ ବାହୁଦା ନଦୀର ଜଳସ୍ତର ମଧ୍ୟ ବିପଦସଙ୍କେତ ନିକଟତର ହୋଇଛି। କଳିଙ୍ଗଦୋଳା ଠାରେ ୩୨.୫୦ ମିଟର ବିପଦସଙ୍କେତ ଥିବାବେଳେ ଏହାର ସେଠାରେ ଜଳସ୍ତର ୩୧.୧୧ ମିଟରରେ ରହିଛି । ବାଘୁଆ ନଦୀର ଜଳସ୍ତର କବିସୂର୍ଯ୍ୟନଗର ରୋଡ୍ ବ୍ରିଜ୍ ଠାରେ ୩୧.୩୪ ମିଟରେ, ଲୋହରାଖଣ୍ଡିର ଭଞ୍ଜନଗର ଠାରେ ୬୯.୬୦ ମିଟର ରହିଛି। ଜଳସେଚନ ବିଭାଗ ଓ ଜିଲା ଜରୁରିକାଳୀନ ବିଭାଗ ଏହା ଉପରେ ନଜର ରଖି ନିୟମିତ ମନିଟରିଂ କରୁଛି । ଜିଲାରେ ଗତ ୧ ତାରିଖରୁ ଶୁକ୍ରବାର ପର୍ଯ୍ୟନ୍ତ ହାରାହାରି ୧୭୧.୨୭ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଗୁରୁବାର ୫୭.୬୫ ମିଲି ମିଟର ଓ ଶୁକ୍ରବାର ୭୩.୧୬ ମିଲିମିଟର ବର୍ଷା ହୋଇଛି ।

## ଶପଥ ନେଲେ କେରଳ ରାଜ୍ୟପାଳ

**ଥିରୁଭାନନ୍ତପୁରମ୍, ୬।୯(ପି.ଟି.)**

କେରଳର ରାଜ୍ୟପାଳ ଭାବେ ଶୁକ୍ରବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରିଫ୍ ମହମ୍ମଦ ଖାନ୍ ଶପଥ ଗ୍ରହଣ କରିଛନ୍ତି। ରାଜଭବନଠାରେ ନୂତନ ରାଜ୍ୟପାଳଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହୃଷୀକେଶ ରାୟ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେପ୍ଟେମ୍ବର ପହିଲାରୁ ଖାନ୍ଙ୍କୁ କେରଳର ୨୨ତମ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିଲା। ଖାନ୍ ମାଲୟାଲମ୍ ଭାଷାରେ ଶପଥ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା ଓ ବିଭିନ୍ନ ବରିଷ୍ଠ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଖାନ୍ଙ୍କ ସ୍ତ୍ରୀ ରେଶ୍ମା ଆରିଫ୍ ମଧ୍ୟ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ।



କେରଳର ନୂତନ ରାଜ୍ୟପାଳ ଭାବେ ଆରିଫ୍ ମହମ୍ମଦ ଖାନ୍ଙ୍କ ଶପଥ ଗ୍ରହଣ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ଙ୍କୁ ମାଇଲେ ଗୋଇଠା<br>ଗୋଡ଼ ଟେକି କରି ବଇଥା ।**

ବରିଷ୍ଠ ତଥା ଗୁରୁଜନ ବ୍ୟକ୍ତି ଚିର ନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ବୟସ ଦୃଷ୍ଟିରୁ ସେମାନେ ସାଂସାରିକ ଜ୍ଞାନରେ ବହୁ ଅଭିଜ୍ଞ ହେବା ସହ ସମାଜକୁ ଦିଗ୍ଦର୍ଶନ ଦେବାରେ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ତାଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରିବା କେବେ ବି କ୍ଷମଣୀୟ ହୋଇପାରି ନ ଥାଏ। ଏପରି ପୂଜନୀୟ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି,<br>ବନ୍ଧେଇଲା ପାଣି ରହୁ ଅଟକି ।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ପାଣିର ଧର୍ମ ବୋହି ଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟୋପଯୋଗୀ ତଥା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ

## ଯୁବକଙ୍କ ମାଡ଼ରେ ଅଙ୍ଗନୱାଡି କର୍ମୀ ଗୁରୁତର

**ରାଇରଙ୍ଗପୁର,୬।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଣ୍ଡପୋଷି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ ଘଟିଛି। ଅଣ୍ଡା ନେବାକୁ ଆସିଥିବା ପିଲାଙ୍କ ଅଭିଭାବକଙ୍କ ସହ ଧାଡିରେ ନ ରହି ଆଗକୁ ଆସିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ବାରଣ କରାଯିବାରୁ ସେ ଅଙ୍ଗନୱାଡି କର୍ମୀଙ୍କୁ କଚାଡ଼ି ଦେବା ସହ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୬୭/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅଙ୍ଗନୱାଡି କର୍ମୀ ଜଣକ ଅଣ୍ଡା ବଣ୍ଟନ କରୁଥିଲେ। ଏହି ସମୟରେ ସେହି ଗ୍ରାମର ସେକ୍ ଅହମ୍ମଦ ନିୟମ ଉଲ୍ଲଙ୍ଘନ କରିଥିଲେ। ଅଙ୍ଗନୱାଡି କର୍ମୀ ତାଙ୍କୁ ଏଥିରେ ବାରଣ କରିବାରୁ କ୍ରୋଧାନ୍ୱିତ ହୋଇ ସେ ତାଙ୍କୁ ସେଠାରେ କଚାଡି ଦେବା ସହ ମାଡ଼ ମାରି ଆହତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ରଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com




ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069







!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା





ସମ୍ବଲପୁର ରେଳ ମଣ୍ଡଳର ଡିଭିଜିନାଲ ୟୁଜର୍ସ କୋ-ଅର୍ଡିନେଶନ କମିଟି (ଜେଡ୍‌ଆର୍‌ୟୁସିସି)କମିଟି ସଦସ୍ୟ ଭାବେ ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ନିଯୁକ୍ତ ହୋଇଛନ୍ତି।

■ ସରାପାଲି ଶିଶୁବିଦ୍ୟା ମନ୍ଦିରରେ ଜିଲାସ୍ତରୀୟ ବିଜ୍ଞାନ ମେଳା

# ୮ ସ୍କୁଲର ୪୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ନାକଟିଦେଉଳ,୬।୯(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ପରିଚାଳିତ ସମ୍ବଲପୁର ଏବଂ ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ୪୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଯୁବ ବୈଜ୍ଞାନିକ ଶେଷଦେବ କିସାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ନାକଟିଦେଉଳ କଲେଜର ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ସିଆରସିସି ମହେଶ୍ୱର ପ୍ରଧାନ ଏବଂ ବ୍ରଜଚନ୍ଦ୍ର ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ । ଉକ୍ତ ବିଜ୍ଞାନ ମେଳାରେ ୧ମ ଓ ୨ୟ ଶ୍ରେଣୀ ବର୍ଗରେ ସରାପାଲି ଶିଶୁ ବିଦ୍ୟାମନ୍ଦିରର ୨ୟ ଶ୍ରେଣୀ ଛାତ୍ର ଯୋଶେଫ କୁମାର ସାହୁ ପ୍ରଥମ, ସିମିଳତା ବିଦ୍ୟାଳୟର ପ୍ରେମ କୁମାର ନାଏକ ଦ୍ୱିତୀୟଏବଂ ଅର୍ଚ୍ଚିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୩ୟ ଓ ୪ର୍ଥ ଶ୍ରେଣୀ ବର୍ଗରେ ସରାପାଲିର ଆଦ୍ୟାଶା ବିଶ୍ୱାଳ ପ୍ରଥମ, ପଟୁଆବାହାଳର ସୁବ୍ରତ ମିର୍ଦ୍ଧା ଦ୍ୱିତୀୟ ଏବଂ ବାଟଗାଁର ପିୟୁସ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୫ମ ଶ୍ରେଣୀଠାରୁ ୭ମଶ୍ରେଣୀ ବର୍ଗରେ ସରାପାଲିର ଶ୍ୱେତାଶ୍ରୀ ବେହେରା ପ୍ରଥମ, ଅଭିଜିତ ବେହେରା ଦ୍ୱିତୀୟ ଏବଂ ସିମିଳିତାର ସିକନ୍ଦର ଉଗ୍ରସାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ୮ମ ଶ୍ରେଣୀ ବର୍ଗରେ ସରାପାଲିର ଯଶସ୍ୱିନୀ ପ୍ରଧାନ ପ୍ରଥମ, ହିରଣ୍ମୟୀ ନାୟକ ଦ୍ୱିତୀୟ ଏବଂ ଅପରାଜିତା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରକଳ୍ପ ମଧ୍ୟରୁ ୧୨ଟି ପକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରତ୍ନପୂର୍ଣ୍ଣ ପ୍ରଧାନ ସଂଯୋଜନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କୁମାର ନାୟକଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀମାନେ ସହଯୋଗ କରିଥିଲେ।



ସରାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

■ ଯୁବ ବୈଜ୍ଞାନିକ ଶେଷଦେବ କିସାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ
■ ୧୨ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ



ଶୁକ୍ରବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସମ୍ବଲପୁର ଆଥ୍‌ଲେଟିକ କ୍ଲବ କର୍ମକର୍ତ୍ତାଙ୍କ ସହ ପ୍ରୀତି ଓ ରିଙ୍କି ।

■ ଚତୁର୍ଥ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ

## ରାଜ୍ୟ ଦଳରେ ପ୍ରୀତି, ରିଙ୍କି ସାମିଲ

**ସମ୍ବଲପୁର, ୬।୯ (ବ୍ୟୁରୋ)**

ଟାଟା ଷ୍ଟିଲ ଦୁଃସାହସିକ ପ୍ରତିଷ୍ଠାନ ପକ୍ଷରୁ ଚତୁର୍ଥ ବିଜୁ ପଟ୍ଟନାୟକ ହିମାଳୟାନ୍ ଅଭିଯାନ ଦ୍ୱିତୀୟ ସୋପାନ ଆରମ୍ଭ ହେବ। ଓଡିଶାର ୧୦ଜଣ ପୁଅ ଓ ୧୫ ଜଣ ଝିଅ ଅଭିଯାନରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ସୋପାନରେ ୧୫ ଜଣ ପୁଅ ଓ ଝିଅ ପାହାଡ ଆରୋହଣ କରିବେ। ଏଥିରେ ସମ୍ବଲପୁର ଆଥଲେଟିକ୍ କ୍ଲବର ପ୍ରୀତି ପୋଢ଼, ରିଙ୍କି ସାହୁ ରହିଛନ୍ତି । ଶୁକ୍ରବାର କ୍ଲବ ସମ୍ପାଦକ ସୁନ୍ଦରମଣୀ ବାରିକ ଓ ସମ୍ବଲପୁର ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ଏମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶନିବାର ଟ୍ରେନ ଯୋଗେ ଏମାନେ ଭୁବନେଶ୍ୱର ଯାଇ ଓଡିଶା ଦଳ ସହ ଲଦାଖ ଯାତ୍ରା କରିବେ। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୩୦ରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତର କାଶିଠାରେ ଓଡିଶାର ୧୫ ଜଣ ପୁଅ, ଝିଅ ଟ୍ରେନିଂ କ୍ୟାମ୍ପରେ ସାମିଲ ହୋଇଥିଲେ।

## ମୁରା ବିଦ୍ୟାସାଗର ଜ୍ଞାନ ମନ୍ଦିରରେ ଗୁରୁ ଦିବସ

**ପଡିଆବାହାଲ, ୬।୯ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ନୁଆତିହୁରା ପଞ୍ଚାୟତ ମୁରାସ୍ଥିତ ବିଦ୍ୟାସାଗର ଜ୍ଞାନ ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ରସିଆପାଲି ଗ୍ରାମର ଅବସରପ୍ରାପ୍ତ ବୟୋଜ୍ୟେଷ୍ଠ ଶିକ୍ଷକ ଭାଗିରଥି ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣା ଖମାରୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ଉପରେ ନାଟକ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ନବବିବାହିତଙ୍କ ମୃତ୍ୟୁ

**ଚିପିଲିମା, ୬।୯ (ଡି.ଏନ.ଏ.):** ଝାରସୁଗୁଡା ଜିଲା ଟାଉନ ଥାନା ପଞ୍ଚପଡାର ଜଣେ ନବ ବିବାହିତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରମେଶ୍ୱର ରୋହିଦାସଙ୍କ ପୁଅ ଶଶି ରୋହିଦାସ (୨୪)। ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ସେ ଭିମ୍‌ସାରରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮୦୨/୧୯) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସେ ଜଣେ ଦିନ ମଜୁରିଆ। ଗତ ୩୦ ତାରିଖ ଅପରାହ୍ନ ପ୍ରାୟ ୨ଟାରେ କାମ କରିବାକୁ ସାଇକଲରେ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ।

### ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ମାଡ଼

**ଚିପିଲିମା, ୬।୯ (ଡି.ଏନ.ଏ):** ସମ୍ବଲପୁର ହୀରାକୁଦ ୱେସ୍କୋ ସବ୍‌ଡିଭିଜନ ଅଧୀନ ଚିପିଲିମା-ଗୋଶାଳା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଇଂ. ମାନସ ନାଥଙ୍କୁ ବୁର୍ଲା ଥାନା ବନ୍ଧପାଲି ଗ୍ରାମରେ ସଂଘବଦ୍ଧ ଭାବରେ କିଛି ଯୁବକ ଆକ୍ରମଣ କରି ମାଡ ମାରିଛନ୍ତି। ଏ ନେଇ ବୁର୍ଲା ଥାନାରେ ଏକ ମାମଲା (ନଂ. ୩୫୭/୧୯) ରୁଜୁ ହୋଇଛି।

### ସାପ କାମୁଡ଼ାରେ ୪ ବର୍ଷର ଶିଶୁପୁତ୍ର ମୃତ

**ପଡିଆବାହାଲ, ୬।୯ (ଡି.ଏନ.ଏ):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ପଡିଆବାହାଲ ନିକଟ ମେଘପାଲ ପଞ୍ଚାୟତ ଅନ୍ତର୍ଗତ ବାଣ୍ଡିଝରଣ ଗ୍ରାମର ଜଣେ ଅଙ୍ଗନୱାଡି ଛାତ୍ରଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଏହି ଛାତ୍ର ଜଣକ ହେଲେ ଆଲଫାନ୍ସ ଧନୁଆର (୪)। ପାଟିରୁ ଫେଣ ବାହାରିବା ଦେଖି ତାଙ୍କ ବାପା ସେଲବ୍ରସ ଓ ମା' ଉଲ୍ଲାସ ତୁରନ୍ତ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ବୁର୍ଲା ଭିମ୍‌ସାର ନେବା ବାଟରେ ଆଲଫାନ୍ସଙ୍କ ମୃତ୍ୟୁ ଘଟିଛି।

### ଦୁର୍ଘଟଣାରୁ ଯୁବକଙ୍କ ଗୋଡ଼ ଭାଙ୍ଗିଲା

**କୁଚିଣ୍ଡା, ୬।୯ (ଡି.ଏନ.ଏ):** କୁଚିଣ୍ଡା ଝୁଲେନ ପୋଲ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣା ଘଟିଛି। ଏଥିରେ ବାନ୍ଧୁବାସପଡାର ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ଏ ଦୁହେଁ ହେଉଛନ୍ତି ସୁରେଶ ପ୍ରଧାନ ଓ ବବୁନ ନାୟକ। ଏକ ସ୍କୁଟିରେ ଏମାନେ ନିକଟସ୍ଥ ଲାଡ ଗ୍ରାମକୁ ଯାଉଥିଲେ। ହେଲେ ପଛପଟୁ ଏକ ଟ୍ରକ୍ ଏମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ବବୁନଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ସୁରେଶ ଖଣ୍ଡିଆଖାବରା ହୋଇଛନ୍ତି।

### ଭସାଣି ଶୋଭାଯାତ୍ରା ବେଳେ ଖସିପଡି ଯୁବକ ମୃତ

**ଚିପିଲିମା, ୬।୯ (ଡି.ଏନ.ଏ.):** ସମ୍ବଲପୁର ଜିଲା ବୁର୍ଲା ଥାନା କୁନ୍ଦଗୁଣ୍ଡେରପୁର ପଞ୍ଚାୟତ କୁଦମହଦା ଗ୍ରାମରେ ଗଣେଶ ପୂଜା ଭସାଣୀ ଶୋଭାଯାତ୍ରା ସମୟରେ ମହଦା ଫେରିଘାଟ ଗଡାଣିଆ କଂକ୍ରିଟ ରାସ୍ତାରେ ଖସିପଡି ପୂର୍ଣ୍ଣଚନ୍ଦ୍ର ବେହେରା (୪୨)ଙ୍କ ମୃତ୍ୟୁ ଘଟିଛି। ଭିମ୍‌ସାରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୁର୍ଲା ଥାନାରେ ୮୦୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ରାସ୍ତା ମରାମତି କଲେ ଗାଁବାସୀ

**ଚିପିଲିମା, ୬।୯ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କର୍ଡ଼ୋଲା ପଁଚେତ୍ ସଦର ଗାଁରେ ଗୁଟେ ଘରୋଇ ଡାଏରି ଫାର୍ମ ଲାଗି ରାସ୍ତାର ଅବସ୍ତା ବହୁତ ଖରପ ହେଇଯାଇଛେ। ଇ ରାସ୍ତାର ମରାମତି ଲାଗି ଗାଁବାସୀ ସରପଁଚ୍‌ନୁ ବ୍ଲକ ଚେୟାରମ୍ୟାନକୁଁ ଗୁହାରି କରି ନିରାଶ ହେଇଛନ୍। ଶେଷେ ଉପେ ଶୃଇନ୍ ଗାଁବାସୀ ମିଳିମିଶି ରାସ୍ତାର ମରାମତି କରିଛନ୍। ଇ ରାସ୍ତା ମରାମତି କାମ୍‌ରେ ଚନ୍ଦ୍ରମଣି ମେହେର, କୃଷ୍ଣଚନ୍ଦ୍ର ସେଠ, ତହସିଲ ସେଠ, ଦେବେନ୍ଦ୍ର ନାୟକ, ରଞ୍ଜନ ମାହାରଣା, ସୁଦାମ ସେଠ, ହାଡୁ ଭୁଏ ପରମୁଖ ସମେତ ଗାଁର ଯୁବକମାନେ ସହଯୋଗ କରିଥିଲେ।



ଗାଁବାସୀ ରାସ୍ତା ମରାମତି କରୁଛନ୍।

## ନୂଆଁଖାଇ ଭାଇଚାରାର ନିଦର୍ଶନ

**ପଡିଆବାହାଲ, ୬।୯ (ଡି.ଏନ.ଏ):** ସ୍ଥାନୀୟ ପଡିଆବାହାଲ ହାଟ ସ୍ଥିତ ନବନିର୍ମିତ ମଣ୍ଡପଠାରେ ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଦୂରଦର୍ଶନର ଉପନିର୍ଦ୍ଦେଶକ ମୋହନକୃଷ୍ଣ ଦାସ ମୁଖ୍ୟଅତିଥି, କବି ଓ ଗୀତିକାର କାଳିଚରଣର ପାଣିଗ୍ରାହୀ, କବି ଜିତେନ୍ଦ୍ର ପଧାନ, ନୃତ୍ୟଗୁରୁ ଅସୀମ ପଧାନ, ଭାରତଗୌରବ, ମହେଶ ପଟେଲ, ଶିବ ଶଙ୍କର ମେହେର, ଦୁର୍ଗାପୂଜା କମିଟି ସଭାପତି ସୁବୋଧ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଁଖାଇ ଏକ ମହାମିଳନର ପର୍ବ ଓ ଭାଇଚାରାର ନିଦର୍ଶନ ବୋଲି ଅତିଥିମାନେ କହିଥିଲେ । ବିଜୟ ନାୟକ, ସୁରୁବାବୁ ନାୟକ, ହରିହର ନାୟକ, ପ୍ରଫୁଲ୍ଲ ମଗର, ରାଧାମୋହନ ଷଡଙ୍ଗୀ, ଦେବଦତ୍ତ ରାଉତ, ରବିନାରାୟଣ ବେହେରା, ରୋହିତ ମେହେର ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ ସାହୁ ପ୍ରାରମ୍ଭିକ ସୂଚନା ଦେବାସହ ଅତିଥି ପରିଚୟ ଦେଇଥିଲେ। ବାହାମ ସରପଞ୍ଚ ମିତ୍ରଭାନୁ ପଧାନ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ସରୋଜ ପଧାନ ଓ ପ୍ରଦୀପ ପ୍ରଧାନଙ୍କ ସଂଯୋଜନାରେ ନାଚଗୀତ ଆୟୋଜିତ ହୋଇଥିଲା।



ଖବରଦାତା ସମ୍ମିଳନୀରେ ଚାଷୀମାନେ ।

■ ଚକ ମେଜର ସମସ୍ୟା

## ତ୍ରୁଟି ରହିଛି, ପୁନଃ ବନ୍ଦୋବସ୍ତ କରାଯାଉ

**ସମ୍ବଲପୁର,୬। ୯(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପ୍ରାୟ ୫ ଖଣ୍ଡ ମୌଜାରେ ଚକ ମେଜର ସମସ୍ୟା ସମାଧାନ ହୋଇ ନାହିଁ। ଚାଷୀଙ୍କୁ ଚକରେ ଦଖଲ ଦିଆଯାଇନାହିଁ। ଏବେ ମଧ୍ୟ ମେଜର ବନ୍ଦୋବସ୍ତରେ ଦଖଲ କରାଯାଉଛି। ଏହାର ସମାଧାନ କରିବା ସରକାରଙ୍କ ଦାୟିତ୍ୱ । ହେଲେ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ କେହି ଶୁଣୁ ନାହାନ୍ତି। ପ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଚାଷୀମାନେ ଏହି ଅଭିଯୋଗ କରିଛନ୍ତି। ବହୁ ବର୍ଷ ଧରି ଚକ ମେଜର ବନ୍ଦୋବସ୍ତରେ ସମସ୍ୟା ଲାଗି ରହିଛି । ୧୯୭୨ ମସିହାରେ ୨୨ ଖଣ୍ଡ ମୌଜାକୁ ସହରୀକରଣ ପ୍ଲାନରେ ସାମିଲ କରାଯାଇଥିଲା । ହେଲେ ପରେ ଚକବନ୍ଦୋବସ୍ତ କରାଯାଇଥିଲା, ଯାହା ନିୟମ ବିରୋଧୀ। ପ୍ରତ୍ୟେକ ଜମିକୁ ରାସ୍ତା ନାହିଁ କିମ୍ବା ଚାଷ ପାଇଁ କରନାଳ ନାହିଁ । ଦୀର୍ଘ ୪୦ ବର୍ଷ ବିତିଯାଇଥିଲେ ମଧ୍ୟ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଦଖଲ ଦିଆଗଲା ନାହିଁ। ଏବେ ମଧ୍ୟ ଚାଷୀମାନେ ମେଜର ବନ୍ଦୋବସ୍ତ ଦଖଲ କରି ଆସୁଛନ୍ତି। ଏହା ସହ ହାଇକୋର୍ଟରେ ଏକ ମାମଲା କରାଯାଇଛି। ଚାଷୀଙ୍କୁ ବାଧ୍ୟତାମୂଳକ ଚକ ବନ୍ଦୋବସ୍ତରେ ଧାନ ବିକ୍ରି ପାଇଁ ପରିଚୟ ପତ୍ର ପ୍ରଦାନ କରାଯାଉଛି, ଯାହା ବଡ ସମସ୍ୟା ହୋଇଛି। ତେଣୁ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟଖ। ସମସ୍ତ ସୁବିଧା ପାଇଁ ବିବାଦୀୟ ଏହି ମୌଜା ଗୁଡିକରେ ପୁନଃ ବନ୍ଦୋବସ୍ତ କରାଯାଉ ବୋଲି ଏଥିରେ ଦାବି କରାଯାଇଛି। ଚାଷୀ ରାମ ସାହୁ, ଚନ୍ଦ୍ର ଶେଖର ପଣ୍ଡା, ଆନନ୍ଦ ଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ନାଥ, ସତ୍ୟ ନାରାୟଣ ପୁରୋହିତ, ତ୍ରିନାଥ ବେହେରା, ମାର୍କଣ୍ଡ ପ୍ରଧାନ, ରବୀନ୍ଦ୍ର ସାହୁପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୬।୯ (ବ୍ୟୁରୋ):** ସମ୍ବଲପୁର କୁଲତା ସମାଜ ପକ୍ଷରୁ ଶୁକ୍ରବାର ଦାନିପାଲି ସ୍ଥିତ ରାମଚଣ୍ଡୀ ସେବା ସଦନଠାରେ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଦୟାସାଗର ପ୍ରଧାନଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଚଳିତ ମାସ ୧୫ ତାରିଖ ହେବାକୁ ଥିବା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଉପରେ କର୍ମକର୍ତ୍ତା ଓ ସଭ୍ୟମାନେ ଆଲୋଚନା କରିଥିଲେ। ସୁପ୍ରଭା ପ୍ରଧାନ, ହାରାଧନ ପ୍ରଧାନ, ସରୋଜ ପ୍ରଧାନ, ନିର୍ମଳ ପ୍ରଧାନ, ଛେଲିଆ ପ୍ରଧାନ, ଦୟାନିଧି ବିଶ୍ୱାଳ, ଭକ୍ତବନ୍ଧୁ ପ୍ରଧାନ, ଚୁଡାମଣୀ ବାରିକ, ନାରଦ ପାତ୍ର, ଅକ୍ଷୟ ପ୍ରଧାନ, ରଞ୍ଜନ ପାତ୍ର, ଟିକେଶ୍ୱର ପ୍ରଧାନ, ଲଳିତ ପ୍ରଧାନ, ପ୍ରେମାନନ୍ଦ ସାହୁ, ଭବାନୀ ପ୍ରଧାନ, ରବି ପ୍ରଧାନ ଓ ସରୋଜ ସାହୁ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଦେବିପ୍ରସାଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ରୁ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ

**ସମ୍ବଲପୁର, ୬।୯ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଲେପର୍ସି ସେଲ୍ ପକ୍ଷରୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏମଓ ଡା. ପଙ୍କଜିନୀ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଏଡିଏମଓ ଡା. ପଞ୍ଚାନନ ନାୟକ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଜିଲା କୁଷ୍ଠରୋଗ ଅଧିକାରୀ ଡା. ପିକେ ହୋତା ଏଥିରେ ଉପସ୍ଥିତ ଥିଲେ। କୁଷ୍ଠ ରୋଗକୁ ସମୂଳ ବିନାଶ କରିବା ଲକ୍ଷ୍ୟ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ସରକାରଙ୍କ ପକ୍ଷରୁ ବିଗତ କିଛି ବର୍ଷ ହେଲା ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଚଳିତ ବର୍ଷ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ରୋଗୀ ଚିହ୍ନଟ କରି ସେମାନଙ୍କୁ ଔଷଧ ପ୍ରଦାନ କରାଯିବା ସହ ଜନସଚେତନତା ସୃଷ୍ଟି କରାଯିବାକୁ ସ୍ଥିର ହୋଇଥିଲା। ୨ଟି ପର୍ଯ୍ୟାୟରେ ଜିଲା ସାରା କୁଷ୍ଠରୋଗୀ ଚିହ୍ନଟ ପାଇଁ ପଦକ୍ଷେପ ନିଆଯିବ । ସେପ୍ଟେମ୍ବର ୧୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏବଂ ଅକ୍ଟୋବର ୧୪ରୁ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ସହରାଞ୍ଚଳରେ ସ୍ୱାସ୍ଥ୍ୟକର୍ମୀ, ଆଶା ଆଦି ଘର ଘର ବୁଲି ରୋଗୀ ଚିହ୍ନଟ କରିବେ। ଯଦି କାହା ପାଖରେ କୁଷ୍ଠରୋକ ସମ୍ପର୍କିୟ ଲକ୍ଷଣ ଦେଖା ଦେଉଥାଏ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ପରବର୍ତ୍ତୀ ପରୀକ୍ଷା ପାଇଁ ପଦକ୍ଷେପ ନିଆଯିବ। ଏହି ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ଅବଗତ କରିବା ପାଇଁ ଜିଲାରେ ୧୦ ଦିନ ଧରି ଶାମ୍ଭ ରଥ ବୁଲିବ। ଏଥିସହ ସଚେତନତା ଲାଗି ଲୋକଙ୍କୁ ପଚାରପତ୍ର ବିତରଣ କରାଯିବ ବୋଲି ଏଥିରେ କୁହା ଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଗୁରୁନାନକଙ୍କ ଜୟନ୍ତୀ ଉପଲକ୍ଷେ ପ୍ରଥମ ଅନ୍ତର୍ଜାତୀୟ ନଗର କୀର୍ତ୍ତନ ଶୁକ୍ରବାର ସମ୍ବଲପୁର ପରିକ୍ରମା କରୁଛି।



ସମ୍ବଲପୁର କ୍ଷେତରାଜପୁର ଷ୍ଟାର କ୍ଲବ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ମହିଳାମାନେ ନୃତ୍ୟ କରୁଛନ୍ତି ।

# ପଦୋନ୍ନତି ଚାହୁଁଥିଲେ...



କ୍ୟାରିୟରରେ ଅନେକଥର ଆମେ ସମୟଠାରୁ ଅନେକ ପଛରେ ପଡିଯାଉ। ଅନେକ ସମୟରେ ଏଭଳି ମନେ ହୁଏ ଯେ, ସବୁକିଛି ଠିକ୍ ଅଛି, ଅଥଚ କେଉଁଠି କିଛି ଅଭାବ ରହିଯାଇଛି। ଯେଉଁ ସମୟରେ ଯେଉଁ ସ୍ଥାନରେ ରହିବା କଥା, ସେହି ସ୍ଥାନରେ ପହଞ୍ଚି ପାରି ନ ଥିଲେ ଧରିବାକୁ ହେବ ଯେ ପଦନ୍ନୋତି କ୍ଷେତ୍ରରେ ଆପଣ ପଛରେ ପଡିଯାଇଛନ୍ତି। ତେବେ କେତେକ ଦିଗ ପ୍ରତି ଧ୍ୟାନ ଦେଲେ ପଦୋନ୍ନତି ନ ମିଳିବାର ଦୁର୍ଭାଗ୍ୟକୁ ଦୂର କରାଯାଇପାରିବ।

### ଉତ୍କର୍ଷତା ଜରୁରୀ

ବେଳେ ବେଳେ ମନେ ହୋଇପାରେ ଯେ, ଅଫିସ୍‌ରେ ଅନ୍ୟମାନଙ୍କ ଅପେକ୍ଷା ଆପଣ ଅଧିକ ଯୋଗ୍ୟତାସମ୍ପନ୍ନ। ପାଣ୍ଡିତ୍ୟ ଦୃଷ୍ଟିରୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଦୃଢ଼। ତେବେ କାମରେ ଉତ୍କର୍ଷତା ଆଣିପାରୁ ନ ଥିଲେ ସବୁ ବେକାର। ପାଠ୍ୟପୁସ୍ତକ ଜ୍ଞାନରୁ ବାହାରି ଆସି ନିଜ ଫିଲ୍ଡ ଓ ପ୍ରୋଫାଇଲ ଅନୁସାରେ ନିଜକୁ ଅଧିକ ଦକ୍ଷ କରିବାକୁ ହେବ। ଏହାଦ୍ୱାରା ନିଜ କ୍ଷେତ୍ରରେ ଆଗକୁ ବଢ଼ିବା ସହଜ ହୋଇଯିବ।

### ସଚ୍ଚୋଟ ହୁଅନ୍ତୁ

ନିଜର କ୍ୟାରିୟର ପ୍ରତି ସଚ୍ଚୋଟ ହେବା ଅତ୍ୟନ୍ତ ଜରୁରୀ। କେବେ ହେଲେ ନିଜ କାମର ଡିଣ୍ଡିମ ପିଟିବେନି। ଏହାଦ୍ୱାରା ଅନ୍ୟ ସହକର୍ମୀ ଅଥବା ବସ୍‌ଙ୍କର ଆପଣଙ୍କ ପ୍ରତି ଆଶା ଅଧିକ ବଢ଼ିଯିବ। ଯଦି ଆପଣ ଆଶାଠାରୁ କମ୍ କାମ କରୁଛନ୍ତି, ତେବେ ସମସ୍ତଙ୍କର ଆପଣଙ୍କ ପ୍ରତି ଥିବା ବିଶ୍ୱାସ ଭାଙ୍ଗିଯିବ, ଯାହା କି ଆପଣଙ୍କ ପାଇଁ ଶୁଭଙ୍କର ନୁହେଁ। ତେଣୁ କରି ପାଟିଚୁପ୍ କରି କାମ କରିଯାଆନ୍ତୁ। ଦିନ ଆସିବ ଆପଣଙ୍କ କାମ କଥା କହିବ।

### ଅଧିକ ଉଚ୍ଚାଭିଳାଷୀ ହୁଅନ୍ତୁ ନାହିଁ

ଉଚ୍ଚାଭିଳାଷୀ ହେବା ଉଚିତ। କିନ୍ତୁ ଅଧିକ ଉଚ୍ଚାଭିଳାଷୀ ହେବା ଠିକ୍ ନୁହେଁ। ଏହାକୁ ଆଳ କରି ଯଦି ଅନ୍ୟ ସହକର୍ମୀଙ୍କୁ ଅଣଦେଖା କରିବା ବିପଜ୍ଜନକ। ଏହାଦ୍ୱାରା କିଛି ସମୟ ପାଇଁ ଆପଣଙ୍କୁ ଆଶ୍ୱସ୍ତି ମିଳିପାରେ ସତ, କିନ୍ତୁ କ୍ୟାରିୟର ଆଗେଇ ପାରିବ ନାହିଁ ଏହା ନିଶ୍ଚିତ। ଉଚ୍ଚାଭିଳାଷ ପୂରଣ ପାଇଁ ରାଜନୀତି ଆପଣାଇ, ଅନ୍ୟର ଗୋଡ ଟାଣି ଆଗକୁ ବଢ଼ିବା ଠିକ୍ ନୁହେଁ। ସବୁକିଛି ଏକ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ଘଟିଥାଏ। ନିଜର ଉଚ୍ଚାଭିଳାଷ ପୂରଣ କରିବାକୁ ଚାହୁଁଥିଲେ ଖୁବ୍ ପରିଶ୍ରମ କରନ୍ତୁ। ଦେଖିବେ ଫଳ ଆପେ ଆପେ ମିଳିଯିବ।

# କ୍ୟାରିୟର ସହ ସଉକ ପୂରା କରିବ ମ୍ୟୁଜିୟମ

**ସଂସ୍କୃତି ଏବଂ ଅଭିନବ ସଭ୍ୟତା ତଥା ବିବିଧତା ଭରା ଶିଳ୍ପକଳା କାରଣରୁ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। କଳାର ଏହି ଅଭୂତପୂର୍ବ ଐତିହ୍ୟକୁ ସଂରକ୍ଷିତ କରିବା ତଥା ଏହାକୁ ଜୀବନ୍ତ ଭାବେ ତୋଳିଧରିବା ଲାଗି ଆଜିକାଲି କଳା ଓ ସଂସ୍କୃତି ସଂରକ୍ଷଣ ସହ ଜଡ଼ିତ ପାଠ୍ୟକ୍ରମ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯାଉଛି। କଳା ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖି ସଂଗ୍ରହାଳୟ ଅର୍ଥାତ୍ ମ୍ୟୁଜିୟମରେ ଅମୂଲ୍ୟ ସମ୍ପଦର ବ୍ୟାପକ ହାରରେ ତଦାରଖ ଓ ଦେଖାଶୁଣା କରିବାକୁ ପଡୁଛି। ଏଥିପାଇଁ ପ୍ରଶିକ୍ଷଣପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଣ ଆଜିକାଲି ସରକାରଙ୍କ ବ୍ୟତୀତ ଘରୋଇ ସଂଗ୍ରହାଳୟ ପ୍ରଚଳନ ବ୍ୟାପକ ହାରରେ ଆରମ୍ଭ ହୋଇଛି। ଏଣୁ ଶିଳ୍ପକଳା ପ୍ରତି ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ମ୍ୟୁଜିଓଲୋଜି (ମ୍ୟୁଜିୟମ ରକ୍ଷଣାବେକ୍ଷଣ ବିଜ୍ଞାନ) ଏକ ସୁନ୍ଦର କ୍ୟାରିୟର ହୋଇପାରିବ। ଏହାରି ମାଧ୍ୟମରେ ଶିଳ୍ପକଳା ସହ ନିଜକୁ ଯୋଡି ରଖି ଆୟର ଏକ ବିକଳ୍ପ ହାତପାଆନ୍ତାକୁ ଆସିଯିବ।**



ମ୍ୟୁଜିୟମ ଏପରି ଏକ ସ୍ଥାନ ଯେଉଁଠି ଆମେ ଅତୀତକୁ ସାଇତି ରଖିଥାଉ। ଅତୀତର ଐତିହ୍ୟ, ଶିଳ୍ପକଳା, ବାସ୍ତୁ ସମ୍ପର୍କିତ ସାମଗ୍ରୀଗୁଡ଼ିକୁ ଅତି ଯତ୍ନ ସହକାରେ ରଖାଯାଇଥାଏ। ଅତୀତ ସମ୍ପର୍କରେ ଜାଣିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ, ଗବେଷକ ମାନଙ୍କ ପାଇଁ ସଂଗ୍ରହାଳୟ ବା ମ୍ୟୁଜିୟମ ଏକ ମନ୍ଦିର କହିଲେ ଅତ୍ୟୁକ୍ତି ହେବ ନାହିଁ। ଛାତ୍ରୀଛାତ୍ର ଚାହିଁଲେ ନିଜ ସଉକ ପୂରା କରିବା ସହ ମ୍ୟୁଜିଓଲୋଜିରେ କ୍ୟାରିୟର କରି ନିଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିପାରିବେ। ବର୍ତ୍ତମାନ ସମୟରେ ସଂଗ୍ରହାଳୟ ବିଜ୍ଞାନ ବା ମ୍ୟୁଜିଓଲୋଜି ଦ୍ରୁତଗତିରେ ଆଗକୁ ବଢୁଛି।

ପାଶ୍ଚାତ୍ୟ ଦେଶରେ ସଂଗ୍ରହାଳୟ ବିଜ୍ଞାନ ବା ମ୍ୟୁଜିଓଲୋଜି ବହୁଦିନ ହେବ ବେଶ ଲୋକପ୍ରିୟତା ହାସଲ କରିଛି। କିନ୍ତୁ ଭାରତରେ ପାଠ୍ୟକ୍ରମ ଦୃଷ୍ଟିରୁ ଏକ ବିଷୟ ଭାବେ ଏହାର ମହତ୍ତ୍ୱ ବଢ଼ିବାରେ ଲାଗିଛି। ରାଷ୍ଟ୍ରୀୟ ସଂଗ୍ରହାଳୟର ସଂଗ୍ରହାଳୟ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ମାନ୍ଭି ସେଠଙ୍କ କହିବାନୁଯାୟୀ, ମ୍ୟୁଜିୟମ ପ୍ରତିଷ୍ଠା କରିବାର ବିଚାର ପାଶ୍ଚାତ୍ୟ ଦେଶରୁ ଆସିଛି। ଏହି କାରଣରୁ ସେଠାରେ ମ୍ୟୁଜିୟମ ଅଧ୍ୟୟନ ଭାରତ ତୁଳନାରେ ଅଧିକ ଲୋକପ୍ରିୟ। କିନ୍ତୁ ଗତକିଛି ବର୍ଷ ହେଲା ଭାରତରେ ମଧ୍ୟ ଏହାର ଚାହିଦା ବଢ଼ିବାରେ ଲାଗିଛି। ଦେଶ ଭିତରେ ଅନେକ ଘରୋଇ ଆର୍ଟ ଗ୍ୟାଲେରୀ ପ୍ରତିଷ୍ଠା କରାଯାଇଛି। ଅନ୍ୟପକ୍ଷରେ ସରକାର ମଧ୍ୟ ରାଷ୍ଟ୍ରୀୟ ଐତିହ୍ୟର ସଂରକ୍ଷଣ ଉପରେ ଏବେ ଅଧିକ ଜୋର୍ ଦେଉଛନ୍ତି। ମ୍ୟୁଜିୟମ ବିଜ୍ଞାନ ଫିଲ୍ଡରେ କ୍ୟାରିୟର କରିବାକୁ ଚାହିଁଲେ ଏକାଧିକ ବିକଳ୍ପ ରହିଛି। ସେଗୁଡ଼ିକ ହେଲା ମ୍ୟୁଜିୟମ ଡାଇରେକ୍ଟର, କ୍ୟୁରେଟର, ଏଜୁକେଟର, ଏକ୍‌ଜିବିଟ୍ ଡିଜାଇନର, ଆର୍କିଭିଷ୍ଟ ଏବଂ କଞ୍ଜରଭେଶନ ସ୍ପେଶାଲିଷ୍ଟ।

### କିଭଳି ପାଠ ପଢ଼ାଯାଏ

ମ୍ୟୁଜିଓଲୋଜି କୋର୍ସ ଅଧୀନରେ ବିଦ୍ୟାର୍ଥୀଙ୍କୁ ସଂଗ୍ରହାଳୟ ଦର୍ଶନ ଓ ପରିବର୍ତ୍ତିତ ସମୟ ଅନୁସାରେ ମ୍ୟୁଜିୟମରେ ଆସୁଥିବା ପରିବର୍ତ୍ତନ ଆଦି ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥାଏ। ଏଥିସହିତ ଆର୍ଟ ଗ୍ୟାଲେରୀ ବିସ୍ଥାପନ, ଦେଖାଶୁଣା କରିବା, ଶିଳ୍ପକଳାଗୁଡ଼ିକର ପ୍ରସ୍ତୁତିକରଣ, ସଂରକ୍ଷଣ, ପ୍ରଦର୍ଶିତ ଶିଳ୍ପକଳା ଏବଂ ଐତିହ୍ୟ ସାମଗ୍ରୀଗୁଡ଼ିକର ତଥ୍ୟ ପ୍ରସ୍ତୁତ କରିବା, ସଂଗ୍ରହ, ଡିଜାଇନ କରିବା, ଡକ୍ୟୁମେଣ୍ଟେଶନ ଆଦି ସମ୍ପର୍କରେ ପାଠ ପଢ଼ାଯାଇଥାଏ। ଏହାବ୍ୟତୀତ ବିଷୟ ସହ ଜଡ଼ିତ ମାର୍କେଟିଂ ତଥ୍ୟ ସମ୍ପର୍କରେ ମଧ୍ୟ ଜଣାଇ ଦିଆଯାଇଥାଏ। ଏହାଦ୍ୱାରା ବିଦ୍ୟାର୍ଥି ମାର୍କେଟରେ ନିଜର ସ୍ଥାନ ପକ୍କା କରିପାରେ।

### କୋର୍ସ ପାଇଁ ଶିକ୍ଷାଗତ ଯୋଗ୍ୟତା

ଯେକୌଣସି ଉପଯୁକ୍ତ ବିଷୟ ଥାଇ ଗ୍ରାଜୁଏଟ ଡିଗ୍ରୀ ପରେ ଜଣେ ଛାତ୍ରୀଛାତ୍ର ମ୍ୟୁଜିୟମ ବିଜ୍ଞାନ ବା ମ୍ୟୁଜିଓଲୋଜି କୋର୍ସ କରିପାରିବେ। ଏପରିକି ଆନ୍ଥ୍ରୋପୋଲୋଜି, ଆର୍ଟ ହିଷ୍ଟ୍ରି, ବଟନି, କେମିଷ୍ଟ୍ରି, କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ, ଜିଓଲୋଜି, ହିଷ୍ଟ୍ରି, ଫିଜିକ୍ସ, ଭିଜୁଆଲ ଆର୍ଟ, ଜୁଲୋଜି,ମେକାନିକାଲ, ଇସିଇ, ସିଏସ୍‌ଇ ଆଦିରେ ବିଇ/ବିଟେକ ପରେ ମ୍ୟୁଜିଓଲୋଜି କୋର୍ସ କଲେ ଅଧିକ ଭଲ ହେବ।

### ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

କେତେକ ବିଶ୍ୱବିଦ୍ୟାଳୟରେ ପିଜି ସ୍ତରରେ ମୁଖ୍ୟ ରୂପରେ ମ୍ୟୁଜିଓଲୋଜି କୋର୍ସ ଅଫର କରାଯାଉଛି। ସେମାନଙ୍କ ମଧ୍ୟରେ ଏମ୍‌ଏସ୍ ୟୁନିଭର୍ସିଟି ଅଫ୍ ବରୋଦା, ବନାରସ ହିନ୍ଦୁ ୟୁନିଭର୍ସିଟି(ବିଏଚ୍‌ୟୁ), ୟୁନିଭର୍ସିଟି ଅଫ୍ କୋଲକାତା, ନ୍ୟାଶନାଲ ମ୍ୟୁଜିୟମ ଇନ୍‌ଷ୍ଟିଚ୍ୟୁଟ୍, ଆଲିଗଡ ମୁସ୍‌ଲିମ ୟୁନିଭର୍ସିଟି, ରବୀନ୍ଦ୍ର ଭାରତୀ ୟୁନିଭର୍ସିଟି(ସେଲ୍‌ଫ ଫାଇନାନ୍ସ), ଦିଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେରିଟେଜ ରିସର୍ଚ୍ଚ ଆଣ୍ଡ ମ୍ୟାନେଜମେଣ୍ଟ ସାମିଲ ରହିଛି। ଏହାବ୍ୟତୀତ କେତେକ ୟୁନିଭର୍ସିଟିରେ ସେଣ୍ଟର୍ସ ଅଫ୍ ମ୍ୟୁଜିଓଲୋଜି ବିଭାଗ ରହିଛି। ଯେପରିକି ଜମ୍ମୁ ୟୁନିଭର୍ସିଟି(ସିବିସିଏସ୍ ଅଧୀନରେ ମ୍ୟୁଜିଓଲୋଜିର ଅପଶନାଲ ପେପର), ରାଜସ୍ଥାନ ୟୁନିଭର୍ସିଟି, ଆସାମ ୟୁନିଭର୍ସିଟି(ସିଲଚର୍ କ୍ୟାମ୍ପସ) ଆଦି ରହିଛି।

### ନିଯୁକ୍ତି ସମ୍ଭାବନା

କୋର୍ସ ଶେଷ ହେବା ପରେ ରାଷ୍ଟ୍ରୀୟ ସଂଗ୍ରହାଳୟ, ଆର୍କିଓଲୋଜିକାଲ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ ଆଦିରେ ନିଯୁକ୍ତି ମିଳିଯିବ। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର କ୍ୟୁରେଟର, ଡେପୁଟି କ୍ୟୁରେଟର, ରିସର୍ଚ୍ଚ ଆସୋସିଏଟ, ମ୍ୟାନେଜର ଆଦି ରୂପରେ ନିଯୁକ୍ତି ପାଇପାରିବେ। ଏହାବ୍ୟତୀତ ଘରୋଇ କ୍ଷେତ୍ରରେ ମଧ୍ୟ ଅନେକ ରୋଜଗାର ସୁଯୋଗ ରହିଛି।

### ବେତନ

ମ୍ୟୁଜିଓଲୋଜିର ଡିଗ୍ରୀଧାରୀଙ୍କ ଦରମା ୨୫ ହଜାରରୁ ଆରମ୍ଭ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଅଭିଜ୍ଞତା ଭିତ୍ତିରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିପାରେ।



# ଇଣ୍ଟରଭ୍ୟୁରେ ସଫଳତାର ରହସ୍ୟ



ଚାକିରି କରିବା ପୂର୍ବରୁ ଇଣ୍ଟରଭ୍ୟୁରେ ସଫଳ ହେବାକୁ ପଡିବ। ବସ୍ ଅଥବା ମାଲିକଙ୍କ ପସନ୍ଦରେ ଜଣେ ବ୍ୟକ୍ତି ନିଯୁକ୍ତି ପାଇଥାଏ। ତେବେ ଇଣ୍ଟରଭ୍ୟୁ ବା ସାକ୍ଷାତକାରର ସମ୍ମୁଖୀନ ହେବା ବେଳେ କେତେକ ଦିଗ ଉପରେ ନଜର ଦେବାକୁ ପଡିବ। ଏଥିପାଇଁ ପୂର୍ବ ପ୍ରସ୍ତୁତି କରିଥିଲେ ସାକ୍ଷାତକାରରେ ସଫଳତା ମିଳିବା ନିଶ୍ଚିତ।

ଚୂଡ଼ାନ୍ତ ଇଣ୍ଟରଭ୍ୟୁ ପୂର୍ବରୁ ପ୍ରଥମେ କମ୍ପାନୀର ହ୍ୟୁମାନ ରିସୋର୍ସ(ଏଚ୍‌ଆର୍) ବା ମାନବସମ୍ବଳ ଅଧିକାରୀ ଏବଂ ରିପୋର୍ଟିଂ ମ୍ୟାନେଜରଙ୍କ ପ୍ରଥମ ବାଧାର ସମ୍ମୁଖୀନ ହେବାକୁ ପଡିବ। ଇଣ୍ଟରଭ୍ୟୁର ପାଟର୍ନ ପୂର୍ବ ନିର୍ଦ୍ଧାରିତ ଥିଲେ କମ୍ପାନୀ, ନିଯୁକ୍ତିଦାତାଙ୍କ ଠାରୁ ସେମାନଙ୍କର ଫର୍ମାଟ ଓ କଣ୍ଟେଣ୍ଟ ସମ୍ପର୍କରେ ପଚାରି ବୁଝି ହେବ। ତେବେ ନିର୍ଦ୍ଧାରିତ ପାଟର୍ନ ନ ଥିଲେ ନିଜ ସମ୍ପର୍କରେ ଜଣାଇବାର ଅନେକ ସୁଯୋଗ ମିଳିବ।

ତେବେ ଇଣ୍ଟରଭ୍ୟୁ ପ୍ୟାନେଲରେ ଏକାଧିକ ବ୍ୟକ୍ତି ବସିଥିଲେ ତେବେ ପ୍ରାୟ ସମସ୍ତେ ପ୍ରଶ୍ନ ପଚାରିବା ସ୍ୱାଭାବିକ। ଜବାବ ଦେବା ବେଳେ ପ୍ରଶ୍ନ ପଚାରିଥିବା ବ୍ୟକ୍ତିଙ୍କ ବ୍ୟତୀତ ବସିଥିବା ଅନ୍ୟମାନଙ୍କ ଆଡେ ନଜର ଦେବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କର ଧ୍ୟାନ ଆପଣଙ୍କ ଉପରେ ବଜାୟ ରହିବ। ଏଭଳି ସାକ୍ଷାତକାରରେ ଗୋଟିଏ ପ୍ରକାର ପ୍ରଶ୍ନ ପଚରା ଯାଏନାହିଁ। ସାକ୍ଷାତକାର ନେଉଥିବା ପ୍ରତ୍ୟେକ ସଦସ୍ୟଙ୍କୁ ଅଲଗା ଅଲଗା ଦାୟିତ୍ୱ ଦିଆଯାଇଥାଏ। ସେମାନେ ନିଜ ହିସାବରେ ପ୍ରାର୍ଥୀଙ୍କୁ ପରଖିଥାନ୍ତି।

ଏବେ ଫୋନରେ ଇଣ୍ଟରଭ୍ୟୁ ନେବାର ବ୍ୟବସ୍ଥା ବଢ଼ିବାରେ ଲାଗିଛି। ପ୍ରାର୍ଥୀଙ୍କ ସହ ସାମ୍ନାସାମ୍ନି ଆଲୋଚନା କରିବା ପୂର୍ବରୁ ଫୋନ ଯୋଗେ ସାକ୍ଷାତକାର ନେଇ ପ୍ରାର୍ଥୀଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ କରାଯାଏ। ଏଭଳି ସାକ୍ଷାତକାର ମାଧ୍ୟମରେ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ସଂକୁଚିତ କରି ସମ୍ଭାବ୍ୟ ଶ୍ରେଷ୍ଠ ପ୍ରାର୍ଥୀଙ୍କୁ ଚୂଡ଼ାନ୍ତ ସାକ୍ଷାତକାର ଲାଗି ଡକାଯାଇଥାଏ। ତେବେ ଫୋନ୍ ମାଧ୍ୟମରେ ଇଣ୍ଟରଭ୍ୟୁ ଦେବା ବେଳେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡେ। କାରଣ ଫୋନରେ ବଡି ଲାଙ୍ଗୁଏଜ ଓ ମୁହଁର ହାବଭାବ ପ୍ରଦର୍ଶନ କରିବାର ବା ପ୍ରଭାବିତ କରିବାର ସୁଯୋଗ ନ ଥାଏ। ଏଣୁ ଫୋନ ମାଧ୍ୟମରେ ସାକ୍ଷାତକାର ଦେବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ସହିତ ଏକ ଶାନ୍ତ ସ୍ଥାନ ଚୟନ କରିବା ନିହାତି ଆବଶ୍ୟକ। ଫର୍ମାଲ ଡ୍ରେସ୍ ପିନ୍ଧି ଫୋନରେ ଇଣ୍ଟରଭ୍ୟୁ ଦିଆଯାଇପାରେ। ଫୋନରେ ସାକ୍ଷାତକାର ବେଳେ କୌଣସି ପ୍ରଶ୍ନ ବୁଝି ନ ପାରିଲେ ଅଥବା ଭଲ ଭାବେ ଶୁଣାଯାଉ ନ ଥିଲେ ପୁନର୍ବାର ପଚାରି ନେବା ଉଚିତ। ପଚରାଯାଇଥିବା ପ୍ରଶ୍ନକୁ ନୋଟ୍ କରିନେବା ସହ ନିଜର ପଏଣ୍ଟକୁ ଲେଖିନିଅନ୍ତୁ। ଫୋନ ଇଣ୍ଟରଭ୍ୟୁ ବେଳେ ନିଜର ରିଜ୍ୟୁମକୁ ପାଖରେ ରଖିବା ଭଲ।

ଏବେ ମଡର୍ନ ଯୁଗରେ ଭିଡ଼ିଓ କନ୍‌ଫରେନ୍ସିଂ ଅଥବା ଭିଡିଓ ରେକର୍ଡିଂ ମାଧ୍ୟମରେ ହେବାର ପ୍ରଥା ଆରମ୍ଭ ହୋଇଛି। କ୍ୟାମେରା ସମ୍ମୁଖରେ ଇଣ୍ଟରଭ୍ୟୁ ଦେବା ବେଳେ କେତେକ ଦିଗ ପ୍ରତି ଯତ୍ନଶୀଳ ହେବାକୁ ପଡିବ। ସାକ୍ଷାତକାର ପୂର୍ବରୁ ଭିଡିଓ କ୍ୟାମେରାକୁ କିପରି ସମ୍ମୁଖୀନ ହେବାକୁ ପଡେ ସେ ସମ୍ପର୍କରେ ଅଭ୍ୟାସ କରିବାକୁ ପଡିବ। ରେକର୍ଡିଂ ଦେଖି ନିଜର ମୁହଁର ହାବଭାବ, ଭିଜୁଆଲ ଇଫେକ୍ଟସ,ଉପସ୍ଥିତ ବୁଦ୍ଧିର ବିଶ୍ଳେଷଣ କରି ସେଥିରେ ସୁଧାର କରିବାର ସୁଯୋଗ ମିଳିଥାଏ। ସାକ୍ଷାତକାର ରେକର୍ଡିଂ କରି ପଠାଇବାକୁ ପଡୁଥିଲେ ନିଜ ବନ୍ଧୁ ତଥା ସହକର୍ମୀଙ୍କୁ ଦେଖାଇବାର ସୁଯୋଗ ମିଳିବ। ଭିଡିଓରେ ତ୍ରୁଟିବିଚ୍ୟୁତି ଥିବା ଧରାପଡିଲେ ଏହାକୁ ସଂଶୋଧନ କରିପାରିବେ। ଭିଡିଓ ଇଣ୍ଟରଭ୍ୟୁ ଫର୍ମାଲ ହେଉଥିବାରୁ ଆପଣଙ୍କ ଡ୍ରେସ୍ ମଧ୍ୟ ଫର୍ମାଲ ହେବା ଆବଶ୍ୟକ।

**ଚେନ୍ନାଇ ପାଇଁ ଆବଶ୍ୟକ**
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117

**CLOTHES CARE LAUNDRY**
ଦୋକାନ ପାଇଁ ପିଲା ଆବଶ୍ୟକ,
ବୟସ–18+, ସ୍ଥାନ–ସତ୍ୟବିହାର,
ରସୁଲଗଡ଼, ଭୁବନେଶ୍ୱର
8249233993
8895200115

**WANTED**
COMPUTER OPERATOR FOR HOTEL AT TALCHER
CONTACT : 9776331667

**WALK-IN-INTERVIEW**
Field verification Executives required for location BBSR, Jajpur Road, Anandpur, Keonjhar, Talcher, Dhenkanal, Joda, Barbil. 307 Nirmala Plaza, Forest Park, BBSR.
Contact: 0674-2595911
Mob : 7504008200

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

**Urgent Required**

| | | | |
|---|---|---|---|
| 1. | Diploma (Civil) | - | 20 Nos. |
| 2. | Matric to Graduate | - | 50 Nos. |
| 3. | Autocad (Civil) | - | 5 Nos. |

Contact : 7873563668
9556880775

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ଲଣ୍ଡ୍ରି କମ୍ପାନୀ ନିମନ୍ତେ**
1. SUPERVISOR
2. ଅଟୋ ଡ୍ରାଇଭର
3. ଡେଲିଭରି ବୟ
(ମହିଳା ଏବଂ ପୁରୁଷ)
8280082800, 7609893102

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

**REQUIRED**
TECHNICIANS - (Welder, Foreman, Rigger) FITTER & Mill Write Fitter with 6 to 15 yrs experience in maintenance Sinter Plant & Blast Furnace for TATA Projects at Angul.
Interview at
Hotel Suraj Palace, Infocity Road, Patia, BBSR On Date 07.09.2019
Contact: 0674-2361130
Mail : recruitment@planetsolutions4u.com

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ । ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ,
(ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ଘରକାମ/ରୋଷେଇ/ଛୋଟପିଲା ଏବଂ ରୋଗୀଙ୍କ ଯତ୍ନ ପାଇଁ ମହିଳା, ପୁରୁଷ ଆବଶ୍ୟକ।
ଦରମା-୬,୦୦୦/୧୨,୦୦୦
9090909300
7381222430

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly *Salary upto Rs. 24,000/-.*
Contact : 9938414918

SEE COLOR DISPLAY CLASSIFIED ON EVERY TUESDAY & FRIDAY

**ଭୁବନେଶ୍ୱରରେ ଲ୍ୟାଣ୍ଡ ଅଫିସର**
ଆବଶ୍ୟକ ଏକ ବିଖ୍ୟାତ ସଂସ୍ଥା ପାଇଁ ।
ଲ୍ୟାଣ୍ଡ ସେଟେଲ୍‌ମେଣ୍ଟ କିମ୍ବା ତହସିଲ୍ ଅଫିସ୍‌ରେ କାମ କରିଥିବା ଅଭିଜ୍ଞ ପ୍ରାର୍ଥୀ ଆବଶ୍ୟକ । ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ରିଅଲ୍ ଇଷ୍ଟେଟ୍‌ରେ କାମ କରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ନିଆଯିବ । ପ୍ରାର୍ଥୀ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସକ୍ଷମ ଥିବା ଜରୁରୀ ।
ଭଲ ଦରମା + ପ୍ରୋତ୍ସାହନ ଭତ୍ତା + ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀ ନିଜର ବାୟୋଡାଟା ୭ ଦିନ ଭିତରେ recruitment@gift.edu.in ଇ-ମେଲ୍‌ରେ ପଠାନ୍ତୁ ।
7873008194, 8249893003

**PARADIP PORT TRUST**
PARADIP - 754142, ODISHA (INDIA)
MEDICAL DEPARTMENT
SAGARMALA
No. CMO/OE/A/GL-302/2018/1603 Dated, the 29th Aug, 2019
**ADVERTISEMENT**
Paradip Port Trust, an autonomous body under Ministry of Shipping invites applications from Indian Nationals for filling up the following vacancies through Direct Recruitment.

| Sl. No. | Post / scale of pay | Vacancy | Age | Essential qualification & experience |
|---|---|---|---|---|
| 01 | Staff Nurse ₹27,400 - 70,500/- (Class - III) | 01 (UR) | 32 years | Diploma in Nursing and Midwifery from institute recognized by Indian Nursing Council with 3 years experience / B.Sc Nursing from Institute of Nursing recognized by INC with 3 years experience as Staff Nurse in Govt. / PSU / Corporate Govt. Recognized Hospital. |
| 02 | Laboratory Technician ₹27,400 - 70,500/- (Class - III) | 01 (UR) | 32 years | Diploma in Laboratory Technician course from Govt. recognized Institute with at least 3 years works experience OR Degree in Lab. Tech. course from Govt. / Govt. recognized institute with 1 year experience in Govt. / Semi Govt. / reputed Hospital. |

GENERAL CONDITIONS
Application complete in all respects including all the information, Present / Permanent Address, E-mail, Mob No., Qualification, Caste etc. and all the self attested testimonials with two latest passport size photographs may be submitted to Chief Medical Officer, Paradip Port Trust Hospital, Dist - Jagatsinghpur, Odisha - 754142 by **30.09.2019**. The candidates already in service may submit their application through proper channel. The cutoff date for determining the age is 01.08.2019. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/1914, dated 15.06.2019 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement / vacancies without any notice.
CHIEF MEDICAL OFFICER
Paradip Port Hospital
*PPT/PR/312/19-20 Dt.31.08.2019*

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
**WALK-IN-INTERVIEW**
No. Estt-II / 1395 (Pt.) / 2498 / 2019 Dated: 6.09.2019
Interested candidates having Masters Degree in Psychology & B.Ed. or P.G. Diploma in early childhood education may attend the walk-in-interview on 16.09.2019 at 11.00 AM in the Psychology Deptt. of Utkal University for engagement of one Asst. Teacher in the Remedial School (DARCEE) under P.G.Deptt. of Psychology, Utkal University with a consolidated remuneration of ₹ 13,500/- per month. The engagement is purely temporary for a period of one year or till the post is filled up in regular manner whichever is earlier. Candidates are required to come with their Bio-data along with self attested copies of certificates and original certificates for verification at the time of interview. No TA /DA will be paid for the purpose.
Sd/- REGISTRAR

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

> ୫ଜି ଲାଗୁ କଲା ବେଳେ ଦେଶର ସୁରକ୍ଷା ପ୍ରତି ଥିବା ବିପଦ ଏକ ବଡ଼ ପ୍ରସଙ୍ଗ ହେବ। ହୁଆଇକୁ ଅନୁମତି ଦେବା ପୂର୍ବରୁ ସବୁ ଦିଗ ବିଚାର କରାଯିବ।
> – ଲେ.ଜେନେରାଲ ଡ. ରାଜେଶ ପନ୍ତ, ଜାତୀୟ ସାଇବର ସୁରକ୍ଷା ସଂଯୋଜକ



> କର୍ପୋରେଟ ପ୍ରଶାସନ କ୍ଷେତ୍ରରେ ଆଇନ ଲାଗୁ କରିବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ, ଏହା କର୍ପୋରେଟ ଦୁର୍ନୀତି ବୃଦ୍ଧିରୁ ପ୍ରମାଣିତ ହୋଇଛି।
> – ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ଓ କର୍ପୋରେଟ ରାଷ୍ଟ୍ରମନ୍ତ୍ରୀ



### ଫେମା ଆଇନ ଉଲ୍ଲଂଘନ ଅଭିଯୋଗ

## ନରେଶ ଗୋୟଲଙ୍କୁ ଇଡିର ଜେରା



**ନୂଆଦିଲ୍ଲୀ,୬-୯:** ବୈଦେଶିକ ବିନିମୟ ପରିଚାଳନା(ଫେମା) ଆଇନ ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ବନ୍ଦ ହୋଇଯାଇଥିବା ଏୟାରଲାଇନ୍ କମ୍ପାନୀ ଜେଟ୍ ଏୟାରୱେଜ୍‌ର ପ୍ରତିଷ୍ଠାତା ନରେଶ ଗୋୟଲଙ୍କୁ ଜେରା କରିଛି। ଇଡିର ମୁମ୍ବାଇ ମୁଖ୍ୟାଳୟରେ ଏହି ଜେରା କରାଯାଇଛି। ଏଥିପୂର୍ବରୁ ଇଡି ପକ୍ଷରୁ ଗୋୟଲ ଓ ତାଙ୍କ ସହଯୋଗୀଙ୍କ ସହ ଜଡ଼ିତ ୧୦ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଫେମା ଆଇନ ଉଲ୍ଲଂଘନ ମାମଲାରେ ଗୋୟଲଙ୍କୁ ପ୍ରଥମଥର ଇଡି ଜେରା କରିଛି। ସୂଚନାଥାଉ କି, ଗୋୟଲ ଦେଶ ତଥା ବିଦେଶରେ ନିଜର ଏକାଧିକ କମ୍ପାନୀ ପ୍ରତିଷ୍ଠା କରି ଟିକସ ଫାଙ୍କିବା ଲାଗି ଅନେକ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଇଡି ପକ୍ଷରୁ ପୂର୍ବରୁ ଅଭିଯୋଗ କରାଯାଇଛି। ଏହି ଯୋଜନା ମାଧ୍ୟମରେ ସଞ୍ଚିତ ଅର୍ଥକୁ ସେ ବିଦେଶକୁ ସ୍ଥାନାନ୍ତର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ କେତେ ମାତ୍ରାରେ ଅର୍ଥ ବିଦେଶକୁ ଯାଇଛି ତାହା ଇଡି ସ୍ପଷ୍ଟ କରିନାହିଁ। ତେବେ ଗୋୟଲ ବହୁ ବିଲିୟନ ଡଲାର ବିଦେଶକୁ ସ୍ଥାନାନ୍ତର କରିଛନ୍ତି ବୋଲି ମନେ କରାଯାଉଛି। ଚଢ଼ାଉ ବେଳେ ବେଆଇନ କାରବାର ସମ୍ପର୍କିତ ବହୁ କାଗଜପତ୍ର ଧରାପଡିଛି ବୋଲି ଇଡି କହିସାରିଛି।

## ରପ୍ତାନି ବୃଦ୍ଧି ନେଇ ଖୁବ୍‌ଶୀଘ୍ର ଘୋଷଣା ହେବ ପ୍ୟାକେଜ



**ନୂଆଦିଲ୍ଲୀ,୬-୯:** ଦେଶର ରପ୍ତାନି ବୃଦ୍ଧିକରିବା ଲାଗି କେନ୍ଦ୍ର ସରକାର ଦିନେ ଦୁଇଦିନ ଭିତରେ ଏକ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଦେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ୟାକେଜ ସ୍ଥିର କରିବା ନେଇ ଇତିମଧ୍ୟରେ ଅର୍ଥ ଓ ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟରେ ଏକାଧିକ ଥର ଆଲୋଚନା ହୋଇସାରି ଛି। ଘୋଷିତ ହେବାକୁ ଥିବା ପ୍ୟାକେଜରେ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର(ଏସ୍‌ଇଜେଡ୍)ରେ କାର୍ଯ୍ୟରତ କମ୍ପାନୀଗୁଡ଼ିକ ପାଇଁ ଟିକସ ଲାଭକୁ ପ୍ରତ୍ୟାହାର କରିବାର ସମୟସୀମା ବୃଦ୍ଧି କରାଯାଇପାରେ ବୋଲି ସେ କହିଛନ୍ତି। ସୂଚନାଥାଉ କି, ୨୦୧୬-୧୭ ସାଧାରଣ ବଜେଟରେ ଘୋଷଣା କରାଯାଇଥିଲା ଯେ, ୨୦୨୦ ମାର୍ଚ୍ଚ ୩୧ ପୂର୍ବରୁ ଏସ୍‌ଇଜେଡ୍‌ରେ କାର୍ଯ୍ୟାରମ୍ଭ କରିଥିବା ରପ୍ତାନିକାରୀଙ୍କୁ ଆୟକର ସମ୍ପର୍କିତ ଲାଭ ଦିଆଯିବ। ରତ୍ନ ଏବଂ ଗହଣା କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଯାଇ ସରକାର ରଙ୍ଗିନ ରତ୍ନ ଓ ପଲିଶ୍ ହୋଇଥିବା ହୀରା ଉପରେ ଆମଦାନୀ ଶୁଳ୍କ ହ୍ରାସ କରିପାରନ୍ତି। ବର୍ତ୍ତମାନ ଏହି ଶୁଳ୍କ ହାର ୭.୫% ରହିଛି। ଅନ୍ୟପକ୍ଷରେ ସରକାର ଭାରତୀୟ ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ ପକ୍ଷରୁ ପ୍ରଦାନ କରୁଥିବା ରପ୍ତାନି ଋଣ ବୀମା କଭରକୁ ୬୦ ପ୍ରତିଶତରୁ ୯୦ ପ୍ରତିଶତକୁ ବୃଦ୍ଧି କରିପାରନ୍ତି।

# ଆର୍‌ବିଆଇ ନିର୍ଦ୍ଦେଶ ସତ୍ତ୍ୱେ ଶସ୍ତା ହେବନି ଋଣ

**ନୂଆଦିଲ୍ଲୀ,୬-୯**




ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ରେପୋ ରେଟ ଭଳି ବାହ୍ୟ ବେଞ୍ଚ ମାର୍କ ରେଟ୍ ସହ ସମସ୍ତ ପ୍ରକାର ରିଟେଲ ଋଣକୁ ଯୋଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ରିଟେଲ ଋଣ ସୁଧ ହାର ଶସ୍ତା ହେବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନାଦାୟ ଋଣ(ଏନ୍‌ପିଏ) ବୋଝ ତଳେ ଦବି ରହିଥିବା ବ୍ୟାଙ୍କଗୁଡ଼ିକ ବେଞ୍ଚମାର୍କ ରେଟ୍ ଉପରେ ଅଧିକ ସ୍ପ୍ରେଡ୍ ଦର୍ଶାଇ ନିଜ ଲାଭକୁ ବଞ୍ଚାଇବାକୁ ଚେଷ୍ଟା କରିବା ଯୋଗୁ ଋଣ ସୁଧ ହାର ଶସ୍ତା ହେବ ନାହିଁ ବୋଲି କୁହାଯାଉଛି।

ବ୍ୟାଙ୍କ ବିଶେଷଜ୍ଞ ଏବଂ ବିଶ୍ଳେଷକମାନେ କହିଛନ୍ତି ଯେ, ଆର୍‌ବିଆଇର ସଦ୍ୟତମ ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡ଼ିକର ନେଟ୍ ଇଣ୍ଟ୍ରେଷ୍ଟ ମାର୍ଜିନ ବା ସୁଧ ବାବଦ ଲାଭ ଚାପଗ୍ରସ୍ତ ହୋଇପାରେ। ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ସ୍ଥିର କଲା ବେଳେ ବର୍ତ୍ତମାନର ଫର୍ମୁଲା ଛାଡ଼ି ମାର୍କେଟ ଆଧାରିତ ବେଞ୍ଚମାର୍କ ଫର୍ମୁଲା ଆପଣାଇବାକୁ ଆର୍‌ବିଆଇ ନିର୍ଦ୍ଦେଶ ଦେଇଛି।

### ସ୍ୱଳ୍ପ ଅବଧିରେ ବଢ଼ିପାରେ ସୁଧ ହାର

କେତେକ ବ୍ୟାଙ୍କ ମୁଖ୍ୟ ଏବଂ ବିଶ୍ଳେଷକଙ୍କ କହିବାନୁଯାୟୀ ସ୍ୱଳ୍ପ ଅବଧିରେ ସୁଧ ହାର ବଢ଼ିପାରେ ଅଥବା ବର୍ତ୍ତମାନର ସ୍ତରରେ ରହିପାରେ। କାରଣ ବ୍ୟାଙ୍କଗୁଡ଼ିକର ପାଣ୍ଠି ଯୋଗାଡ କରିବାର ଖର୍ଚ୍ଚ ଜମା ସୁଧ ହାର ସହ ଯୋଡି ହୋଇ ରହିଛି। ଏହା କୌଣସି ବେଞ୍ଚମାର୍କ ସୁଧ ହାର ସହ ଯୋଡି ହୋଇନାହିଁ।

### ଇଏମ୍‌ଆଇରେ ଅସ୍ଥିରତା

ଏସ୍‌ବିଆଇ ସିଏଫ୍‌ଓ ପ୍ରଶାନ୍ତ କୁମାର କହିଛନ୍ତି ଯେ, ସମସ୍ତ ନୂଆ ରିଟେଲ ଋଣକୁ ବାହ୍ୟ ବେଞ୍ଚମାର୍କ ସହ ଯୋଡିବା ଦ୍ୱାରା ଗ୍ରାହକଙ୍କ ଲାଗି ଇଏମ୍‌ଆଇରେ ଅସ୍ଥିରତା ଲାଗିରହିବ। କାରଣ ସୁଧ ହାର ପ୍ରତି ୩ ମାସରେ ପୁନର୍ଗଠିତ ହେବ। ରିଟେଲ ଋଣଗ୍ରହୀତା ଇଏମ୍‌ଆଇରେ ସ୍ଥିରତା ପାଇବେ ନାହିଁ। ଏହା ଗାଏବ ହୋଇଯିବ।

### ଲାଭ ସହ ହୋଇପାରେ ସାଲିସ୍

ବ୍ୟାଙ୍କ ନିଜର ଜମା ଖର୍ଚ୍ଚକୁ ଉଠାଇବାକୁ ଯାଇ ଅଧିକ ବିପଦପୂର୍ଣ୍ଣ ପ୍ରିମିୟମ ଚାର୍ଜ କରିବା ଆରମ୍ଭ କରିପାରେ। ଜମା ହାରରେ ପରିବର୍ତ୍ତନ ରେପୋ ରେଟ୍ ଅଥବା ଟ୍ରେଜେରି ବିଲ୍ ଭଳି କୌଣସି ବାହ୍ୟ ବେଞ୍ଚମାର୍କ ମୁତାବକ ହୋଇପାରିବ ନାହିଁ। ଯାହା ସମ୍ପର୍କରେ ଆର୍‌ବିଆଇ ପ୍ରସ୍ତାବ ଦେଇଛି। ଯଦି ବ୍ୟାଙ୍କ ଜମା ସୁଧ ହାର ନ ବଢ଼ାଇବେ ତେବେ ସେମାନଙ୍କୁ ଲାଭ ସହ ସାଲିସ୍ କରିବାକୁ ହେବ।

# ଡିଲରଙ୍କୁ ସମ୍ମାନିତ କଲା ସାମ୍‌ସଙ୍ଗ




**ଭୁବନେଶ୍ୱର, ୬-୯(ବ୍ୟୁରୋ)**

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ଏହାର ଡିଲରମାନଙ୍କୁ ସ୍ଥାନୀୟ ଏକ ହୋଟେଲରେ ସମ୍ମାନିତ କରାଯାଇଛି। କମ୍ପାନୀ ଆଣିଥିବା ନୂଆ ଗାଲାକ୍ସି ନୋଟ-୧୦ର ସଫଳ ବିକ୍ରି କ୍ଷେତ୍ରରେ ଯୋଗଦାନ ରଖିଥିବା ଡିଲରଙ୍କ ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ୨୨ ଡିଲରଙ୍କୁ ଏଥିରେ ସମ୍ମାନିତ କରାଯିବା ସହ ଭୁବନେଶ୍ୱରର ଏକ ତାରକା ହୋଟେଲରେ ସେମାନଙ୍କ ପରିବାର ସହ ଗୋଟିଏ ଦିନ ରହିବାର ସୁଯୋଗ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଡିଲର ସମ୍ମିଳନୀରେ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ସାମସଙ୍ଗର ଜାତୀୟ ବିତରକ ପପୁ ହଂସ ଯୋଗ ଦେଇଥିଲେ। କମ୍ପାନୀର ଗାଲାକ୍ସି ନୋଟ-୧୦ ମଡେଲଟିର ବଜାର ଦର ୬୯,୯୯୯ ଟଙ୍କା ଥିବା ବେଳେ ଗାଲାକ୍ସି ନୋଟ-୧୦ ପ୍ଲସ ବଜାର ଦର ୮୯,୯୯୯ ଟଙ୍କା ରହିଛି। ଏହି ମଡେଲ ଦ୍ୱୟ ବଜାରରେ ଅଗଷ୍ଟ ୨୩ରୁ ଉପଲବ୍ଧ ହେଉଥିବା ଜାତୀୟ ବିତରକ ପପୁ ହଂସ କହିଛନ୍ତି।

# ଓରିଏଣ୍ଟାଲ ବ୍ୟାଙ୍କ ଦୁର୍ନୀତିରେ ସାମିଲ ଥିଲେ ନୀରବ ମୋଦି-ମେହୁଲ ଚୋକ୍‌ସି

**ନୂଆଦିଲ୍ଲୀ,୬-୯**





ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଦୁର୍ନୀତିରେ ସାମିଲ ଥିବା ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ମେହୁଲ ଚୋକ୍‌ସି ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି)ରୁ ବଡ଼ ଧରଣର ଋଣ ଠକେଇ କରିଛନ୍ତି ବୋଲି ବ୍ୟାଙ୍କ ପକ୍ଷରୁ ବିଳମ୍ବରେ ସ୍ୱୀକାର କରାଯାଇଛି। ନୀରବ ଓ ମେହୁଲ ଏବଂ ତାଙ୍କ କମ୍ପାନୀ ୨୮୯ କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରିନାହାନ୍ତି ବୋଲି ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଶୁକ୍ରବାର ପ୍ରକାଶ କରିଛି। ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ନୀରବ ମୋଦିଙ୍କ କମ୍ପାନୀ ଫାୟାରଷ୍ଟାର ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡ୍ ୬୦.୪୧ କୋଟି ଟଙ୍କାର ଋଣ ନେଇ ଆଉ ଫେରସ୍ତ କରିନାହିଁ। ସେହିପରି ମୋଦିଙ୍କ ଆଉ ଏକ କମ୍ପାନୀ ଫାୟାରଷ୍ଟାର ଡାଏମଣ୍ଡ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡ ୩୨.୨୫ କୋଟି ଟଙ୍କାର ଋଣ ନେଇଥିଲା। ଅନୁରୂପ ଭାବେ ମେହୁଲ ଚୋକ୍‌ସିଙ୍କ କମ୍ପାନୀ ଗୀତାଞ୍ଜଳି ଜେମ୍ସ ଲିମିଟେଡ ଓବିସିରୁ ୧୩୬.୪୫ କୋଟି ଟଙ୍କା ଋଣ ନେଇ ଆଉ ଫେରସ୍ତ କରିନାହିଁ। ଏଥିସହିତ ଚୋକ୍‌ସିଙ୍କ ଆଉ ଏକ କମ୍ପାନୀ ନକ୍ଷତ୍ର ୱାର୍ଲ୍ଡ ଲିମିଟେଡ ମଧ୍ୟ ଓବିସିରୁ ୫୯.୫୩ କୋଟି ଟଙ୍କାର ଋଣ ନେଇଥିଲା। ଗତବର୍ଷ ଫେବୃୟାରୀରେ ପିଏନ୍‌ବି ମହାଦୁର୍ନୀତି ଧରାପଡିବା ପରେ ସେହିବର୍ଷ ମାର୍ଚ୍ଚ ୨୧ରେ ଓବିସି ଉକ୍ତ ଆକାଉଣ୍ଟଗୁଡ଼ିକୁ ଅନାଦାୟ ଋଣ(ଏନ୍‌ପିଏ) ଭାବେ ଘୋଷଣା କରିଥିଲା। ମେହୁଲ ଚୋକ୍‌ସି ଓ ତାଙ୍କ ପରିବାର ଏସ୍‌ବିଆଇରୁ ୪୦୫ କୋଟି ଟଙ୍କା ଋଣ ନେଇଥିବା ସାମ୍ନାକୁ ଆସିଥିଲା। ଉଲ୍ଲେଖଥାଉ କି, ବ୍ରିଟେନର ଜେଲ୍‌ରେ ନୀରବ ମୋଦି ବନ୍ଦି ଥିବା ବେଳେ ମେହୁଲ ଚୋକ୍‌ସି ଏବେ ଆଣ୍ଟିଗୁଆରେ ବସବାସ କରୁଛନ୍ତି। ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଯଥାସାଧ୍ୟ ପ୍ରୟାସ ଚାଲିଛି।

## ବନ୍ୟା ପ୍ରଭାବିତଙ୍କୁ ହିରୋର ସ୍ୱତନ୍ତ୍ର ଗ୍ରାହକ ଯୋଜନା

**ଭୁବନେଶ୍ୱର, ୬-୯**

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। କେରଳ, ଉତ୍ତର କର୍ଣାଟକ ଏବଂ ଦକ୍ଷିଣ ମହାରାଷ୍ଟ୍ର ଲାଗି ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଅଞ୍ଚଳଗୁଡିକରେ ଥଇଥାନ ଯୋଜନା ଅନ୍ତର୍ଗତ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଲବ୍ଧ ରହିଛି। ଏହି ଅବସରରେ ବିନା ଲେବର ଚାର୍ଜରେ ସର୍ଭିସ ସୁବିଧା ଯୋଗାଣ କରାଯିବ। ପାର୍ଟସ ଉପରେ ୩୦% ରିହାତି ପ୍ରଦାନ କରାଯିବ। ସମସ୍ତ ଯାନର ମାଗଣା ଚେକ୍ ଅପ୍ କରାଯିବା ସହିତ ପ୍ରକୃତ ପାର୍ଟସ ଦିଆଯିବ। ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ହିରୋ ମୋଟୋକର୍ପ ବିତରକ ଏବଂ ସ୍ୱୀକୃତିପ୍ରାପ୍ତ ସର୍ଭିସ କେନ୍ଦ୍ରରେ ଏଭଳି ସୁବିଧା ଗ୍ରାହକ ପାଇବେ। ୨୦୧୯ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଏହା ଉପଲବ୍ଧ ହେବ। ଏସବୁ ଅଞ୍ଚଳରେ ସ୍ଥିତି ଆକଳନ କରି ଗ୍ରାହକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଟୟୋଟା ଆଣିଲା ନୂଆ ୟାରିସ




**ଭୁବନେଶ୍ୱର, ୬-୯**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ନୂଆ ୟାରିସର ବଜାର ପ୍ରବେଶ ହୋଇଛି। ଏହା ଏମ୍‌ଟି ଏବଂ ସିଭିଟି ଭାରିଆଣ୍ଟରେ ଆସିଛି। ଏହାର ବଜାର ଦର ୮.୭୬ ଲକ୍ଷ ଟଙ୍କାରୁ ୧୩.୧୭ ଲକ୍ଷ ଟଙ୍କା ରହିଛି। ୱାଇଲ୍ଡ ଫାୟାର ରେଡ, ଫାଣ୍ଟମ ବ୍ରାଉନ, ପର୍ଲ ହ୍ୱାଇଟ, ସିଲଭର ଏବଂ ଗ୍ରେ ଭଳି ୬ ରଙ୍ଗରେ ଏହା ଉପଲବ୍ଧ। ଏହାର ବୁକିଂ ଟୟୋଟାର ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଲରଶିପରେ ହୋଇ ପାରୁଛି। ଏହା ଗୁଣବତ୍ତା, ସ୍ଥାୟିତ୍ୱ ଏବଂ ଭରସା ଆଦି ଗୁଣ ସହିତ ବଜାରକୁ ଆସିଛି। ସୁରକ୍ଷା ବ୍ୟବସ୍ଥାକୁ ଯାନଟିରେ ସ୍ଥାନିତ କରାଯାଇଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଯାନଟିକୁ ପ୍ରସ୍ତୁତ କରାଯାଇଛି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ଏଭଳି ମଡେଲ ପ୍ରସ୍ତୁତ କରାଯାଇଥିବା ଟୟୋଟା କିର୍ଲୋସ୍କର ମୋଟର୍ସର ସହକାରୀ ପରିଚାଳନା ନିର୍ଦ୍ଦେଶକ ଏନ୍.ରାଜା କହିଛନ୍ତି। ଟୟୋଟା ନିରନ୍ତର ଭାବେ ଗ୍ରାହକଙ୍କ ବିଶ୍ୱାସ ଜିତିବାକୁ ସକ୍ଷମ ହୋଇଥିବା ଟୟୋଟାର ଏମ୍‌ଡି ଆକିତୋ ତାଚିବାନା କହିଛନ୍ତି।

# ୨୪ରେ ୪ ଟ୍ରେଡ ୟୁନିୟନର ଧର୍ମଘଟ ଡାକରା

**କୋଲକାତା,୬-୯**

କେନ୍ଦ୍ର ସରକାର କୋଇଲ ଖଣି ସେକ୍ଟରରେ ୧୦୦ ପ୍ରତିଶତ ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ଡିଆଇ) ବା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ କରାଯିବାକୁ ଘୋଷଣା କରିଛନ୍ତି। ଏହାକୁ ଦେଶର ୫ ବୃହତ ଟ୍ରେଡ ୟୁନିୟନ ବିରୋଧ କରିଛନ୍ତି। ଚଳିତମାସ ୨୪ରେ ସେମାନେ ଦିନିକିଆ ଧର୍ମଘଟ ଡାକରା ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି କୋଇଲା ସେକ୍ଟର ପାଇଁ କ୍ଷତିକାରକ ହେବ ବୋଲି ୟୁନିୟନଗୁଡ଼ିକ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ ଓ ଏଆଇସିସିଟିୟୁ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ସେମାନେ କୋଇଲା ସେକ୍ଟରରେ ୧୦୦ ପ୍ରତିଶତ ଏଫ୍‌ଡିଆଇ ପ୍ରତ୍ୟାହାର ସହ ଅନ୍ୟ ୩ ଦାବି କେନ୍ଦ୍ର ସରକାରଙ୍କ ନିକଟରେ କରିଛନ୍ତି। ରାଞ୍ଚି ଅଧିବେଶନରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇଥିବା ସେମାନେ କହିଛନ୍ତି। ଅଲ୍

### କୋଇଲାରେ ୧୦୦% ଏଫ୍‌ଡିଆଇକୁ ବିରୋଧ

ଇଣ୍ଡିଆ କୋଲ୍ ୱାର୍କର୍ସ ଫେଡେରେଶନର ସାଧାରଣ ସମ୍ପାଦକ ଡି.ଡି.ରାମନନ୍ଦନ କହିଛନ୍ତି ଯେ, ଭାଜପା ସମର୍ଥିତ ବିଏମ୍‌ଏସ୍‌କୁ ଛାଡ଼ି ଦେଲେ ସମସ୍ତ ଟ୍ରେଡ ୟୁନିୟନ ଉକ୍ତ ଦିନ ଧର୍ମଘଟରେ ସାମିଲ ହେବେ। ଇସିଏଲ୍, ବିସିସିଏଲ୍, ସିସିଏଲ୍, ସିଏମ୍‌ପିଡିଏଲ୍, ଏସ୍‌ଇସିଏଲ୍ ଓ ଏମ୍‌ସିଏଲ୍‌କୁ କୋଲ୍ ଇଣ୍ଡିଆ ଲିମିଟେଡ ସହ ମିଶାଇ ଦେବା ଲାଗି ସେମାନେ ଦାବି ଜଣାଇଛନ୍ତି। ଏହି ସହାୟକ କମ୍ପାନୀଗୁଡ଼ିକୁ କୋଲ୍ ଇଣ୍ଡିଆରୁ ବାଦ୍ ଦେଇ ସ୍ୱତନ୍ତ୍ର କମ୍ପାନୀ ଭାବେ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ସ୍ପଷ୍ଟ ହୋଇଛି। ସେହିପରି ନିଯୁକ୍ତି ଉପରେ ଲାଗିଥିବା କଟକଣାକୁ ପ୍ରତ୍ୟାହାର କରିବାକୁ ଦାବିପତ୍ରରେ କୁହାଯାଇଛି। ଦାବି ଗୁଡ଼ିକୁ ସରକାର ନ ମାନିଲେ ଅନିର୍ଦ୍ଦିଷ୍ଟ କାଳ ଲାଗି ଧର୍ମଘଟ ଜାରି ରଖାଯିବ।

## ଋଣ ଖିଲାପକାରୀଙ୍କ ବିରୋଧରେ ଓବିସିର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୬-୯**

ଋଣ ଖିଲାପକାରୀଙ୍କ ବିରୋଧରେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକସ୍ଥିତ ବ୍ୟାଙ୍କଶାଖାରୁ ଋଣ ନେଇ ପରିଶୋଧ କରି ନ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମେ ଡିଆର୍‌ଟି କଟକ କୋର୍ଟରେ ମାମଲା ଦାଏର ହୋଇଥିଲା। ମକଦ୍ଦମା ଶୁଣାଣି ବେଳେ ବ୍ୟାଙ୍କର ଶାଖା ପ୍ରବନ୍ଧକ ପଞ୍ଚାନନ ସାହୁ, ଅଫିସର କୈଳାସ ଚନ୍ଦ୍ର ବେହେରା ଏବଂ ବ୍ୟାଙ୍କ ଆଡଭୋକେଟ ସବିତା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ମାମଲାରେ କୋର୍ଟ ଜନୈକ ଋଣ ଖିଲାପକାରୀ ବ୍ୟକ୍ତିଙ୍କୁ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ଗ୍ରାଣ୍ଡ ଆଇଟେନ୍ ନିଓଜର ପୁରୀ ବଜାର ପ୍ରବେଶ

**ପୁରୀ ଅଫିସ, ୬-୯**




ଆଦିତ୍ୟ ହ୍ୟୁଣ୍ଡାଇର ନୂଆ କାର୍ ଗ୍ରାଣ୍ଡ ଆଇଟେନ୍ ନିଓଜ ପୁରୀ ବଜାରକୁ ପ୍ରବେଶ କରିଛି। ଗୁରୁବାର ନବକଳେବର ରୋଡସ୍ଥିତ ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ଜେନେରାଲ ମ୍ୟାନେଜର ମନୋଜ ରଥ ଏହି କାର୍‌କୁ ବଜାର ପ୍ରବେଶ କରାଇଥିଲେ। ପୁରୀ ସହରରେ ଏହାର ନିଶ୍ଚିତ ଭଲ ଚାହିଦା ରହିବ ବୋଲି ସେ କହିଥିଲେ। ଏହି ଅବସରରେ ପୁରୀ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ସମ୍ବିତ ପଟ୍ଟନାୟକ, କମ୍ପାନୀର ସେଲ୍‌ସ ମ୍ୟାନେଜର ଗୌରୀଶଙ୍କର ହୋତା, ପୁରୀ ବ୍ରାଞ୍ଚ ମ୍ୟାନେଜର ପ୍ରଦୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ବଜାରକୁ ପ୍ରବେଶ କରିଥିବା ଏହି କାର୍ ଏକ୍ସ ଶୋ'ରୁମ୍ ମୂଲ୍ୟ ୪,୯୯,୯୯୦ (ପେଟ୍ରୋଲ) ଏବଂ ୬,୭୦,୦୯୦ (ଡିଜେଲ) ଟଙ୍କା ରହିଛି। ଗ୍ରାଣ୍ଡ ଆଇଟେନ୍ ନିଓଜର ଏକାଧିକ ବୈଶିଷ୍ଟ ରହିଛି। ଏମର୍ଜେନ୍ସି ଷ୍ଟପ୍ ସିଗ୍ନାଲ, ପ୍ରୋଜେକ୍ଟର ଫଗ୍ ଲ୍ୟାମ୍ପ, ରେୟାର ପାର୍କିଂ ଆସିଷ୍ଟାଣ୍ଟ, ଏବିଏସ୍ ଆଣ୍ଡ ଇବିଡି, ଡେ ଟାଇମ୍ ରିୟର ଲ୍ୟାମ୍ପ (ଡିଆରଏଲ୍), ଟୁ ଡିଲ୍ ଇଣ୍ଟିଗ୍ରେଟେଡ ଅଡିଓ ସିଷ୍ଟମ ସହିତ ୨୦.୨୫ ସିଏମ୍ ଟଚ୍ ସ୍କ୍ରିନ୍ ଡିସ୍‌ପ୍ଲେ ମଧ୍ୟ ରହିଥିବା କମ୍ପାନୀର ଜେନେରାଲ ମ୍ୟାନେଜର ରଥ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ ମୋଟର ବୀମା କାରବାର ବୃଦ୍ଧି

**ନୂଆଦିଲ୍ଲୀ,୬-୯**




### ଗାଡ଼ି ଜରିମାନା ଡର

ଦେଶରେ ଏବେ ନୂଆ ମୋଟର ଯାନ ନିୟମ ଲାଗୁ ହେବା ପରେ ପୋଲିସ ପକ୍ଷରୁ ବ୍ୟାପକ ଭାବେ ଧରପଗଡ଼ ଆରମ୍ଭ ହୋଇଛି। ଜଣେ ସ୍କୁଟି ଚାଳକଙ୍କଠାରୁ ୨୩ ହଜାର ଟଙ୍କା ଆଦାୟ କରାଯାଇଥିବା ବେଳେ ଅଟୋ ଚାଳକଙ୍କଠାରୁ ୪୭,୫୦୦ ଏବଂ ଟ୍ରକ୍ ଚାଳକଙ୍କଠାରୁ ସର୍ବାଧିକ ୫୯ ହଜାର ଟଙ୍କା ଆଦାୟ କରାଯାଇଥିବାର ନଜିର ସାମ୍ନାକୁ ଆସିଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ଭାରି ଜରିମାନା ଦେବା ଭୟ ଏବେ ଗାଡ଼ି ଚାଳକଙ୍କୁ ଛାନିଆ କରିଛି। ସେମାନେ ଏବେ ରାଷ୍ଟ୍ରାୟତ୍ତ, ଘରୋଇ ବୀମା କମ୍ପାନୀ ଅଫିସ ଆଗରେ ଲାଇନ ଲଗାଉଥିବା ଦେଖାଯାଇଛି। ତେବେ ଅନ୍‌ଲାଇନରେ ଗାଡ଼ି ବୀମା ନେବା ଲାଗି ଗାଡ଼ି ଚାଳକଙ୍କ ଆଗ୍ରହ ବୃଦ୍ଧି ପାଇଛି। କାରଣ ଅନ୍‌ଲାଇନରେ ବୀମା ହାସଲ କରିବା ସହଜ ହେଉଛି ବୋଲି ଅନ୍‌ଲାଇନ ବୀମା ସେବା ଯୋଗାଉଥିବା କମ୍ପାନୀ ପଲିସିବାଜାର ଡଟ୍ କମ୍ ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହରେ ଅନ୍‌ଲାଇନ ମୋଟର ବୀମା କାରବାର ବହୁ ଗୁଣ ବଢ଼ିଛି ବୋଲି କମ୍ପାନୀ କହିଛି। ତେବେ ପୂର୍ବରୁ ବୀମା ଅବଧି ଶେଷ ହୋଇଥିବା କ୍ଷେତ୍ରରେ ଲୋକେ ପୁନର୍ବାର ବୀମା କିଣୁଥିବା ଦେଖାଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଗତ ତିନି ଦିନରେ ଏଭଳି ବୀମା ସଂଖ୍ୟା ୯୦% ରହିଛି। କମ୍ପାନୀର ମୁଖ୍ୟ କାରବାର ଅଧିକାରୀ(ସାଧାରଣ ବୀମା) ତରୁଣ ମାଥୁର କହିଛନ୍ତି ଯେ, ନୂଆ ଆଇନ ଲାଗୁ ହେବା ପର ଠାରୁ କମ୍ପାନୀ ଦୈନିକ ୩୦ ହଜାର ଗାଡ଼ି ବୀମା ବିକ୍ରି କରୁଛି। ପୂର୍ବାପେକ୍ଷା ଏହା ଦୁଇଗୁଣ ଅଧିକ। ବୈଧତା ଶେଷ ହୋଇଥିବା ବୀମାର ନବୀକରଣ ସର୍ବାଧିକ ହୋଇଛି। ବୀମା ଆବେଦନରୁ ଜଣାପଡିଛି ଯେ, ଗାଡ଼ି ଚାଳକଙ୍କ ମଧ୍ୟରେ ଜରିମାନାକୁ ନେଇ ଭୟ ଘାରିଛି। ସେମାନେ ଏହାକୁ ନେଇ ସତର୍କ ହେଲେଣି। ଏକ ଆକଳନ ଅନୁଯାୟୀ ଅଦ୍ୟାବଧି ୧୯ କୋଟି ପଞ୍ଜୀକୃତ ଗାଡ଼ି ମଧ୍ୟରୁ ମାତ୍ର ୮.୨୬ କୋଟିର ବୀମା ହୋଇଛି।

“ ଭାରତୀୟ ମୋଟର ସ୍ପୋର୍ଟ୍ସର ପ୍ରଥମ ବ୍ୟକ୍ତିତ୍ୱ ଭାବେ ଅର୍ଜୁନ ପୁରସ୍କାର ପାଇବା ପରେ ମୁଁ ଉତ୍ସାହିତ। ରାଲି ଅଫ୍ ତୁର୍କୀରେ ଟପ୍ ଫାଇଭ୍ ଫିନିଶ ମୋର ଲକ୍ଷ୍ୟ।
–ଗୌରବ ଗିଲ୍, ମୋଟର ସ୍ପୋର୍ଟ୍ସ ଡ୍ରାଇଭର



“ ଭାରତୀୟ କ୍ରିକେଟ ଦଳର ବିନିକିଆରେ ମିଡଲ ଅର୍ଡର ଏବଂ ଟେଷ୍ଟରେ ଓପନିଂ ଯୋଡ଼ିର ପ୍ରଦର୍ଶନ ଚିନ୍ତାର ବିଷୟ। ଏଥିରେ ସୁଧାର ଆଣିବାକୁ ପଡ଼ିବ।
–ବିକ୍ରମ ରାଠୋର, ବ୍ୟାଟିଂ କୋଚ୍



# ଦୁଲୀପ ଟ୍ରଫି: ଈଶ୍ୱରନଙ୍କ ଶତକ

ବେଙ୍ଗାଲୁରୁ,୬।୯(ପି.ଟି.): ବେଙ୍ଗଲ ଡାହାଣହାତୀ ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନଙ୍କ ଦମ୍‌ଦାର ଶତକ ସହାୟତାରେ ଇଣ୍ଡିଆ ଗ୍ରୀନ୍ ବିପକ୍ଷ ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ତା’ର ସ୍ଥିତି ଦୃଢ଼ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ଗ୍ରୀନ୍ ପ୍ରଥମ ଇନିଂସରେ ୭୨.୧ ଓଭରରେ ୨୩୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ରେଡ୍ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୧୧୬ ଓଭରରେ ୬ ଉଇକେଟ ହରାଇ ୩୪୫ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ରେଡ୍ ୪ ଉଇକେଟ ବାକି ରଖି ୧୧୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଦିତ୍ୟ ସରବତେ ୩୦ ଓ ଜୟଦେବ ଉନାଡ଼କଟ୍ ୧୦ ରନ କରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୫/୨ରୁ ରେଡ୍ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଓଭର ନାଇଟ ବ୍ୟାଟ୍ସମ୍ୟାନ ଈଶ୍ୱରନ ଅପରାଜିତ ସ୍କୋର ୧୦୨ରୁ ଖେଳ ଆରମ୍ଭ କରି ଆଉ ଅଧିକ ୫୧ ରନ୍ ସଂଗ୍ରହ କରିଥିଲେ ଓ ୧୫୩ ରନର ବୃହତ୍ ଶତକୀୟ ପାଳି ଖେଳି ତନବୀର ଉଲ ହକଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଈଶ୍ୱରନ ୩୦୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୬ ଚୌକା ଓ ୨ ଛକା ମାରିଥିଲେ। ସେହିପରି ଅଙ୍କିତ କଲସି ଓଭରନାଇଟ୍ ସ୍କୋର ୧୧ରୁ ଖେଳ ଆରମ୍ଭ କରି ୩୦ ରନ କରି ଧର୍ମେନ୍ଦ୍ରସିଂ ଜାଡେଜାଙ୍କ ବଲ୍‌ରେ ଉଇକେଟକିପର ଅକ୍ଷୟ ୱାଡେକରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିପାଲ ଲୋମରର ୧୫, ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୩୯ ରନ କରି ଅଙ୍କିତ୍ ରାଜପୁତଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ଗ୍ରୀନ ତରଫରୁ ମାର୍କଣ୍ଡେ ସର୍ବାଧିକ ଅପରାଜିତ ୭୬, ଆକାଶଦୀପ ନାଥ ୨୯, ଅଙ୍କିତ ରାଜପୁତ ୩୦, ଧ୍ରୁବ ସୋରେ ୨୩ ରନ ସଂଗ୍ରହ କରିଥିଲେ।

ସଂକ୍ଷିପ୍ତ ସ୍କୋର: ଇଣ୍ଡିଆ ଗ୍ରୀନ ପ୍ରଥମ ଇନିଂସ- ୭୨.୧ ଓଭରରେ ୨୩୧ ଅଲଆଉଟ (ମୟଙ୍କ ମାର୍କଣ୍ଡେ- ୭୬*, ଅଙ୍କିତ ରାଜପୁତ- ୩୦, ଆକାଶଦୀପ ନାଥ- ୨୯, ଜୟଦେବ ଉନାଡକଟ- ୪/୮୩, ସନ୍ଦୀପ ୱାରିୟର- ୨/୩୯, ଆଭେସ ଖାଁ- ୨/୫୬)। ଇଣ୍ଡିଆ ରେଡ୍ ପ୍ରଥମ ଇନିଂସ- ୧୧୬ ଓଭରରେ ୩୪୫/୬ (ଅଭିମନ୍ୟୁ ଈଶ୍ୱରନ- ୧୫୩, ପ୍ରିୟଙ୍କ ପଞ୍ଚାଲ- ୩୩, ଇଶାନ କିଷନ- ୩୯, ଅଙ୍କିତ୍ କଲସି- ୩୦, ଆଦିତ୍ୟ ସରବତେ- ୩୦*, ଜୟଦେବ ଉନାଡକଟ- ୧୦*, ଅଙ୍କିତ ରାଜପୁତ- ୩/୭୭)



ମାଞ୍ଚେଷ୍ଟରଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟର ତୃତୀୟ ଦିବସରେ ଏକ ବାଉନ୍ସର ବଲକୁ ଏଡ଼ାଇ ଯାଉଛନ୍ତି ଇଂଲଣ୍ଡର ରୋରି ବର୍ନ୍ସ।

# ସ୍ଥିତି ସମ୍ଭାଳିଲେ ବର୍ନ୍ସ, ରୁଟ୍

**ଆଶେସ ଚତୁର୍ଥ ଟେଷ୍ଟ**

ମାଞ୍ଚେଷ୍ଟର,୬।୯

ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ସ୍ଥିତି ସମ୍ଭାଳିବାରେ ସକ୍ଷମ ହୋଇଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ୨୧୧ ରନର ଦ୍ୱିଶତକୀୟ ପାଳି ସହ ୧୨୬ ଓଭରରେ ୮ ଉଇକେଟ ହରାଇ ୪୯୭ ରନ ସଂଗ୍ରହ କରି ପାଳି ଘୋଷଣା କରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ତୃତୀୟ ଦିନ ଚା ପାନ’ ବିରତି ସୁଦ୍ଧା ୪୭ ଓଭରରେ ୨ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଛି। ଓପନର ରୋରି ବର୍ନ୍ସ ୬୨ ଓ ଅଧିନାୟକ ଜୋ ରୁଟ୍ ୪୭ ରନ କରି ଅପରାଜିତ ରହିବା ସହ ସ୍ଥିତି ସମ୍ଭାଳିଛନ୍ତି। ୨୫ ରନରେ ୨ ଉଇକେଟ ହରାଇ ଇଂଲଣ୍ଡ ଆରମ୍ଭରୁ ଝଟ୍‌କା ଖାଇଥିଲା। ଓପନର ଜୋ ଡେନଲି ୪ ରନ କରି ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ଶର୍ଟ ଲେଗ୍‌ରେ ମାଥ୍ୟୁ ୱେଡଙ୍କୁ କ୍ୟାଚ୍ ଦେଇ ପ୍ରଥମେ



ଶଟ୍ ଖେଳିବା ଅବସରରେ ଜୋ ରୁଟ୍।

ଆଉଟ ହୋଇଥିଲେ। ଏହାପରେ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସିଥିବା କ୍ରେଗ୍ ଓଭରଟନ ୫ ରନ କରିଥିବା ବେଳେ ଦ୍ୱିତୀୟ ସ୍ଲିପ୍‌ରେ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩/୧ରୁ ଇଂଲଣ୍ଡ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଓଭର ନାଇଟ୍ ସ୍କୋର ୧୫ରୁ ଖେଳ ଆରମ୍ଭ କରି ବର୍ନ୍ସ ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ୩ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୨ ରନ ଅଧିକ ସଂଗ୍ରହ କରି ଓଭରଟନ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଦିବସରେ ମଧ୍ୟ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା ଓ ଓଦା ଗ୍ରାଉଣ୍ଡ ଯୋଗୁ ଖେଳ ଆରମ୍ଭରେ ବିଳମ୍ବ ହୋଇଥିଲା। ଲଞ୍ଚ୍ ପର୍ଯ୍ୟନ୍ତ ଖେଳ ସମ୍ଭବପର ହୋଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର:**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୨୬ ଓଭରରେ ୪୯୭/୮ ଇନିଂସ ଘୋଷଣା (ଷ୍ଟିଭ୍ ସ୍ମିଥ୍- ୨୧୧, ମାର୍ନସ ଲାବୁସ୍କାନ- ୬୭, ଟିମ୍ ପେନ- ୫୮, ଷ୍ଟୁଆର୍ଟ ବ୍ରଡ- ୩/୯୭, ଜ୍ୟାକ ଲିଚ୍- ୨/୮୩, କ୍ରେଗ ଓଭରଟନ- ୨/ ୮୫)।

ଇଂଲଣ୍ଡ ପ୍ରଥମ ଇନିଂସ- ୪୭ ଓଭରରେ ୧୨୫/୨ (ରୋରି ବର୍ନ୍ସ- ୬୨*, ଜୋ ରୁଟ- ୪୭*, ଜୋଶ ହାଜେଲଉଡ- ୧/୩୧, ପ୍ୟାଟ୍ କମିନ୍ସ- ୧/୧୭ )।

# ଆଶେସ ଦେଖିବା ଲାଗି ୧୨ ବର୍ଷୀୟ ବାଳକଙ୍କ ଅଭିନବ ପ୍ରୟାସ

ମାଞ୍ଚେଷ୍ଟର ୬।୯ (ପି.ଟି.)

ଇଂଲଣ୍ଡରେ ଆଶେସ ଦେଖିବା ଲାଗି ଅଷ୍ଟ୍ରେଲିଆର ଜଣେ ୧୨ ବର୍ଷୀୟ ବାଳକ ଯାହା କରିଛନ୍ତି, ସେଭଳି ଦୃଷ୍ଟାନ୍ତ କହିବାକୁ ଗଲେ ଦେଖାଯାଏନି। ନିଜର ଅଭିଳାଷ ପୂରଣ କରିବା ଲାଗି ମାକ୍ସ ୱେଟ୍ ନାମକ ଏହି ବାଳକଙ୍କୁ ୪ବର୍ଷ ଧରି ପଡୋଶୀଙ୍କ ଆବର୍ଜନା ବୁହାଇବାକୁ ପଡ଼ିଥିଲା। ମାକ୍ସ ୨୦୧୫ରେ ଘରୋଇ ମାଟିରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟ ଦେଖିବା ପରେ ଏହାର ୪ ବର୍ଷ ପରେ ଇଂଲଣ୍ଡରେ ଆଇକନିକ ଆଶେସ ସିରିଜ ଦେଖିବାକୁ ମନ ବଳାଇଥିଲେ। ବାପା ଡେମିନ୍ ୱେଟ୍ ବାଳକଟିକୁ କହିଥିଲେ, ଯଦି ସେ ୧,୫୦୦ ଅଷ୍ଟ୍ରେଲୀୟ ଡଲାର ଉପାର୍ଜନ କରିପାରିବ ତା’ହେଲେ ନିଜେ ୟୁନାଇଟେଡ କିଙ୍ଗଡମ୍(ୟୁକେ) ନେବାର ବ୍ୟବସ୍ଥା କରିଦେବେ। ମାକ୍ସ ଏବଂ ତାଙ୍କ ମା’ଙ୍କ ମୁଣ୍ଡକୁ ଏକ ବୁଦ୍ଧି ଜୁଟିଲା। କିଛି ପାରିଶ୍ରମିକ ବଦଳରେ ପ୍ରତି ରବିବାର ପଡୋଶୀଙ୍କ ଆବର୍ଜନା ବୁହାଇ ଅର୍ଥ ସଞ୍ଚୟ କରିବା ଲାଗି ସ୍ଥିର କରିଥିଲେ। ଘର ପିଛା ୧ ଅଷ୍ଟ୍ରେଲୀୟ ଡଲାର ନେବାକୁ ସ୍ଥିର କଲେ। ଶେଷରେ ମାକ୍ସ ଆବଶ୍ୟକ ଅର୍ଥ ସଂଗ୍ରହ କରିବାରେ ସମର୍ଥ ହେଲା। ବାପା ଡେମିନ୍‌ଙ୍କୁ ଏ ବିଷୟରେ ଜଣାଇଲା। ଡେମିନ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡଠାରେ ଚାଲିଥିବା ଚତୁର୍ଥ ଟେଷ୍ଟ ଲାଗି ପରିବାରର ସମସ୍ତ ସଦସ୍ୟଙ୍କ ଲାଗି ଟିକେଟ କ୍ରୟ କରିବା ସହ ଇଂଲଣ୍ଡ ଗସ୍ତର ବ୍ୟବସ୍ଥା କରିଥିଲେ। ମ୍ୟାଚ ଦେଖିବା ବ୍ୟତୀତ ମାକ୍ସ ସେଠାରେ କେତେଜଣ କ୍ରିକେଟ ବ୍ୟକ୍ତିତ୍ୱଙ୍କୁ ଭେଟିପାରିଛି। ଷ୍ଟିଭ ୱ୍, ଜଷ୍ଟିନ ଲାଙ୍ଗର ଏବଂ ନାଥାନ ଲିଅନଙ୍କ ନିକଟରେ ବସିବାର ସୁଯୋଗ ପାଇଛି। ସେମାନଙ୍କ ସହିତ କଥା ମଧ୍ୟ ହୋଇପାରିଥିବା ମାକ୍ସ କହିଛି। ଷ୍ଟିଭ ସ୍ମିଥ୍ ଓ ପ୍ୟାଟ୍ କମିନ୍ସ ହେଉଛି



ମାକ୍ସ ୱେଟ୍‌ଙ୍କୁ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଖେଳାଳିମାନଙ୍କ ଦସ୍ତଖତ ସମ୍ବଳିତ ଏକ ଜର୍ସି ପ୍ରଦାନ କରୁଛନ୍ତି ସ୍ୱିଡ୍ ଷ୍ଟର ଜେମ୍ସ ପ୍ୟାଟିନସନ।

ମୋର ଦୁଇ ଜଣ ଫେଭରାଇଟ୍ ଖେଳାଳି। ସେମାନଙ୍କ ସହିତ ମଧ୍ୟ ବାର୍ତ୍ତାଳାପର ସୁଯୋଗ ପାଇଛି। ଗେମ୍ ପାଇଁ ସେମାନେ କିଭଳି ନିଜକୁ ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ମୁଁ ଉଭୟଙ୍କ ସହିତ କଥା ହୋଇଛି। ବାସ୍ତବିକ ଏହା ଉପଭୋଗ୍ୟ ଥିଲା। ଦ୍ୱିତୀୟ ଦିବସ ଖେଳ ମଧ୍ୟାହ୍ନଭୋଜନ ବେଳେ ଅଷ୍ଟ୍ରେଲୀୟ ସ୍ୱିଡ୍‌ଷ୍ଟର ଜେମ୍ସ ପ୍ୟାଟିନସନ ମାକ୍ସକୁ ଏକ ଜର୍ସି ଉପହାର ଦେଇଥିଲେ, ଯେଉଁଥିରେ ଦଳର ସମସ୍ତ ସଦସ୍ୟଙ୍କ ଦସ୍ତଖତ ରହିଥିଲା।

# ଟେଷ୍ଟରୁ ନବୀଙ୍କ ଅବସର ଘୋଷଣା

ଚିଟାଗଙ୍ଗ, ୬।୯

ଚଳିତ ବାଂଲାଦେଶ ବିପକ୍ଷ ଟେଷ୍ଟ ମ୍ୟାଚ୍ ପରେ ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବୀ ଲମ୍ବା ଫର୍ମାଟରୁ ଅବସର ନେବେ। ଏ ନେଇ ଆଫଗାନିସ୍ତାନ ଟିମ୍ ମ୍ୟାନେଜର ନାଜିମ ଜର ଅବଦୁରାହିମଜାଇ ସ୍ପଷ୍ଟ କରିଛନ୍ତି। ଧଳା ବଲ କ୍ରିକେଟରେ ଅଧିକ ସକ୍ରିୟ ରହିବା ପାଇଁ ନବୀ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ଟେଷ୍ଟକୁ ମିଶାଇଲେ ୩୪ ବର୍ଷୀୟ ଅଲରାଉଣ୍ଡର କେବଳ ୩ ମ୍ୟାଚ୍ ଖେଳିଛନ୍ତି। ଆଫଗାନିସ୍ତାନ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ସଦସ୍ୟ ନୁହେଁ। ଶୀର୍ଷ ୯ ର୍‍ୟାଙ୍କଧାରୀ ଦଳ ପରସ୍ପର ମଧ୍ୟରେ ୭୧ ଟେଷ୍ଟ ଖେଳିବେ। ଦୁଇ ବର୍ଷ ମଧ୍ୟରେ ୨୭ ଦ୍ୱିପାକ୍ଷିକ ସିରିଜ ଅନୁଷ୍ଠିତ ହେବ। ରସିଦ ଖାନ୍‌ଙ୍କ ଦଳ ନଭେମ୍ବର ୨୭ ତାରିଖରେ ଡେରାଡୁନ୍‌ରେ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ଭେଟିବ। ଡାହାଣ ହାତୀ ବ୍ୟାଟ୍ସମ୍ୟାନ ସାଙ୍ଗକୁ ଦକ୍ଷ ଅଫ୍ ସ୍ପିନର ଟି୨୦ କ୍ରିକେଟରେ ଜଣେ ସ୍ପେଶାଲିଷ୍ଟ। ଆଗାମୀ ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ସେ ଆଫଗାନିସ୍ତାନ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

# ଦକ୍ଷିଣ ଆଫ୍ରିକାରେ ମହିଳା ଟି୨୦ ସୁପର ଲିଗ୍ ଆରମ୍ଭ

ଜୋହାନ୍ସବର୍ଗ,୬।୯

ଆଗାମୀ ବର୍ଷ ହେବାକୁ ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ଦଳ ପ୍ରସ୍ତୁତ କରିବା ପାଇଁ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ଟକ୍ସ କ୍ରିକେଟ କ୍ଲବହାଉସଠାରେ ମହିଳା ଟି୨୦ ସୁପର ଲିଗ୍ ଆରମ୍ଭ କରିଛି। ୪ ଦଳକୁ ନେଇ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଲିଗ୍ ୩ ଦିନ ଧରି ଚାଲିବ। ଏହା ଲିଗ୍‌ର ପ୍ରଥମ ପର୍ଯ୍ୟାୟ। ପ୍ରତିଯୋଗିତାର ଦ୍ୱିତୀୟ ଲେଗ୍ ଡିସେମ୍ବରରେ କେପ୍‌ଟାଉନଠାରେ ଅନୁଷ୍ଠିତ ହେବ। କ୍ୱାଲିଟି ମହିଳା ଖେଳାଳି ବାହାର କରିବା ଲାଗି ଆମେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଯୋଗାଇବାକୁ ଉଦ୍ୟମ କରୁଛୁ। ଲିଗ୍ ଦ୍ୱାରା ଜାତୀୟ ଦଳର ଖେଳାଳିଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି ସିଏସ୍ଏ ମୁଖ୍ୟ ପାଥୱେଜ ଏଡ୍‌ୱାର୍ଡ ଖୋଜା କହିଛନ୍ତି।

# ଲୋୟରପୁଲ ସେମିରେ ବାଳିକା ଦଳ

**ଜାତୀୟ ସବ୍‌ଜୁନିୟର ବାସ୍କେଟବଲ୍**

କଟକ ଅଫିସ, ୬।୯

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପରୁ ଓଡ଼ିଶା ବାଳକ ଦଳ ବାଦ ପଡ଼ିଛି। ଶୁକ୍ରବାର ଅନୁଷ୍ଠିତ ଲୋୟର ପୁଲର କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଳକ ଦଳ ମଣିପୁରଠାରୁ ପରାସ୍ତ ହୋଇଛି। ଅନ୍ୟପକ୍ଷରେ ବାଳିକା ବର୍ଗର ଲୋୟରପୁଲ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩୬-୩୧ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଏତଦ୍‌ବ୍ୟତୀତ ଅପରପୁଲ୍‌ର ଉଭୟ ବାଳିକା ଓ ବାଳକ ବର୍ଗର କ୍ୱାର୍ଟର ଫାଇନାଲ ତାଲିକା ଚୂଡ଼ାନ୍ତ ହୋଇଛି। ବାଳକ ବର୍ଗରେ ହରିୟାଣା, ତାମିଲନାଡୁ, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର, ପଞ୍ଜାବ, ବାଳିକା ବର୍ଗରେ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ରାଜସ୍ଥାନ, ଦିଲ୍ଲୀ ଓ କେରଳ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ଶୁକ୍ରବାର ଅନୁଷ୍ଠିତ ଅପରପୁଲ୍ ବାଳିକା ବର୍ଗର ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ମହାରାଷ୍ଟ୍ର ୭୦-୪୭ ପଏଣ୍ଟରେ କେରଳକୁ, ହିମାଚଳପ୍ରଦେଶ ୩୯-୫ ପଏଣ୍ଟରେ ମଣିପୁରକୁ, ଚଣ୍ଡିଗଡ଼ ୧୯-୮ ପଏଣ୍ଟରେ ଗୋଆକୁ, ଉତ୍ତରପ୍ରଦେଶ ୬୮-୪୫ ପଏଣ୍ଟରେ ଛତିଶଗଡ଼କୁ, ଦିଲ୍ଲୀ ୬୦-୪୫ ପଏଣ୍ଟରେ ଉତ୍ତରପ୍ରଦେଶକୁ, କେରଳ ୬୫-୬୦ ପଏଣ୍ଟରେ ପଞ୍ଜାବକୁ ପରାସ୍ତ କରିଥିଲା। ବାଳକ ବର୍ଗର ଲିଗ୍ ପର୍ଯ୍ୟାୟ ମ୍ୟାଚରେ ହରିୟାଣା ୭୬-୨୫ ପଏଣ୍ଟରେ ଉତ୍ତରପ୍ରଦେଶକୁ, ମହାରାଷ୍ଟ୍ର ୭୧-୬୧ ପଏଣ୍ଟରେ ପଞ୍ଜାବକୁ, ରାଜସ୍ଥାନ ୮୮-୩୮



ଦିଲ୍ଲୀ ଓ ଉତ୍ତର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ବାଳିକା ବିଭାଗ ମ୍ୟାଚ୍।

ପଏଣ୍ଟରେ ବିହାରକୁ, ତାମିଲନାଡୁ ୬୧-୪୯ ପଏଣ୍ଟରେ ଛତିଶଗଡ଼କୁ, ପଶ୍ଚିମବଙ୍ଗ ୬୭-୨୮ ପଏଣ୍ଟରେ ଗୋଆକୁ ହରାଇଥିଲା। ଲୋୟରପୁଲ୍‌ର ଅନୁଷ୍ଠିତ ବାଳିକା ବର୍ଗ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତେଲେଙ୍ଗାନା ୫୬-୩୪ ପଏଣ୍ଟରେ ଗୁଜରାଟକୁ, ମଧ୍ୟପ୍ରଦେଶ ୮୨-୫୩ ପଏଣ୍ଟରେ ପଶ୍ଚିମବଙ୍ଗକୁ ହରାଇଥିବା ବେଳେ ବାଳକ ବର୍ଗରେ ମିଜୋରାମ ୫୪-୨୬ ପଏଣ୍ଟରେ ତେଲେଙ୍ଗାନାକୁ, ମଧ୍ୟପ୍ରଦେଶ ୧୦୪-୭୩ ପଏଣ୍ଟରେ ଚଣ୍ଡିଗଡ଼କୁ ପରାସ୍ତ କରିଛି।

# ରସିଦଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ଚିଟ୍ଟାଗଙ୍ଗ,୬।୯(ଏଏଫ୍‌ପି)

ତାରକା ଅଲରାଉଣ୍ଡର ରସିଦ ଖାଁ ଉଭୟ ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ବାଂଲାଦେଶ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ରସିଦ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରି ଦଳର ସ୍ଥିତି ଦୃଢ଼ କରିଛନ୍ତି।

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଏହି ମୁକାବିଲାରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମ ଇନିଂସରେ ୧୧୭ ଓଭରରେ ୩୪୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬୭ ଓଭରରେ ୮ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଛି। ଫଳରେ ୨ ଉଇକେଟ ବାକି ରଖି ବାଂଲାଦେଶ ଏବେ ୧୪୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ମୋସାଡେକ ହୋସେନ ୪୪ ଓ ତାଇଜୁଲ ଇସ୍‌ଲାମ ୧୪ ରନ କରି ଅପରାଜିତ ରହିଛନ୍ତି। ବାଂଲାଦେଶ ତରଫରୁ ମଧ୍ୟରେ ମୋମିନୁଲ ହକ୍ ୫୨, ଲିଟନ ଦାସ ୩୩, ସୌମ୍ୟ ସରକାର ୧୭, ଅଧିନାୟକ ସାକବ ଅଲ ହାସନ ୧୧, ମେହିଦି ହାସନ ମିରାଜ ୧୧ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରସିଦ ସର୍ବାଧିକ ୪, ମହମ୍ମଦ



ଉଇକେଟ ନେବା ପରେ ରସିଦ ଖାଁ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ନବୀ ୨, ୟାମିନ ଅହମ୍ମଦ ଜାଇ ଓ କ୍ୱାଇସ୍ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୧/୫ରୁ ଆଫଗାଗିସ୍ତାନ ଖେଳ ଆରମ୍ଭ କରି ଶୁକ୍ରବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଅସଘର ଆଫଗାନ ୮୮ରୁ ଖେଳ ଆରମ୍ଭ କରି ୯୨ ରନର ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ଓଭରନାଇଟ ସ୍କୋର ୩୫ ରନରୁ ଖେଳ ଆରମ୍ଭ କରି ଉଇକେଟକିପର ବ୍ୟାଟ୍ସମ୍ୟାନ ଅଫ୍‌ସର ଜଜାଇ ୪୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ରସିଦ ଖାଁ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ବାକି ଟେଲ ଏଣ୍ଡରମାନେ ବିଫଳ ହୋଇଥିଲେ ମଧ୍ୟ ଦଳ ସମ୍ମାନଜନକ ସ୍କୋର ହାସଲ କରିଥିଲା। ତାରକା ବ୍ୟାଟ୍ସମ୍ୟାନ ରହମତ ଶାହ ୧୦୨ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ବୋଲିଂରେ ବାଂଲଦେଶ ତରଫରୁ ତାଇଜୁଲ ଇସ୍‌ଲାମ ୪, ସାକିବ ଓ ନଇମ ହାସନ ଦୁଇଟି ଲେଖାଏ, ମିରାଜ ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଆଫଗାନିସ୍ତାନ ପ୍ରଥମ ଇନିଂସ- ୧୧୭ ଓଭରରେ ୩୪୨ ଅଲ୍‌ଆଉଟ (ରହମତ ଶାହ- ୧୦୨, ଅସଘର ଆଫଗାନ- ୯୨, ରସିଦ ଖାଁ- ୫୧, ଅଫସର ଜଜାଇ- ୪୧, ତାଇଜୁଲ ଇସ୍‌ଲାମ- ୪/୧୧୬, ସାକିବ ଅଲ ହାସନ- ୨/୬୪, ନୟିମ ହାସନ ୨/୪୩)।

ବାଂଲାଦେଶ ପ୍ରଥମ ଇନିଂସ- ୬୭ ଓଭରରେ ୧୯୪/୮ (ମୋମିନୁଲ ହକ- ୫୨, ଲିଟନ ଦାସ-୩୩, ମୋସାଡେକ ହୋସେନ- ୪୪*, ରସିଦ ଖାଁ- ୪/୪୭, ମହମ୍ମଦ ନବୀ- ୨/୫୩)।

ଧରିତ୍ରୀ DHARITRI
ସମ୍ବଲପୁର,ଶନିବାର, ସେପ୍ଟେମ୍ବର ୭, ୨୦୧୯





"ଏଥର ଆମର ସବୁବିଭାଗକୁ ଶକ୍ତିଶାଳୀ କରାଯାଇଛି। ଭଲ ପ୍ରଦର୍ଶନ ଯୋଗୁ ପ୍ରୋ-କବାଡ଼ି ଟାଇଟଲ ଜିତିପାରିବୁ ବୋଲି ମନରେ ଦୃଢ଼ ବିଶ୍ୱାସ ସୃଷ୍ଟି ହୋଇଛି।
–ବିସି ରମେଶ, ବେଙ୍ଗଲ ୱାରିୟର୍ସ କୋଚ୍



"ମୁଁ ପ୍ରତ୍ୟେକ ଟେଷ୍ଟକୁ ମୋ ଅନ୍ତିମ ମ୍ୟାଚ ବୋଲି ବିବେଚନା କରି ଖେଳୁଥିବାରୁ ଏହା ଭଲ ପ୍ରଦର୍ଶନ କରିବାରେ ସହାୟକ ହୋଇଥାଏ।
–ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଡୋପିଂ: ଡିସ୍କସ୍ ଥ୍ରୋୟର ସସ୍‌ପେଣ୍ଡ

ପ୍ୟାରିସ, ୬।୯ (ଏଏଫ୍‌ପି)- ଡୋପିଂ ଅଭିଯୋଗରେ ବ୍ରାଜିଲର ମହିଳା ଡିସ୍କସ୍ ଥ୍ରୋୟର ଆଣ୍ଡ୍ରେସା ଡି' ମୋରେଜ୍ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ସେପ୍ଟେମ୍ବର ୨୭ରୁ ଦୋହାରେ ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁଥିବାବେଳେ ଏହା ପୂର୍ବରୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ବିଶ୍ୱ ର୍‍ୟାଙ୍କିଙ୍ଗରେ ୨୮ ବର୍ଷୀୟା ଡି' ମୋରେଜ ୬ଷ୍ଠ ସ୍ଥାନରେ ଅଛନ୍ତି। ଡୋପ୍ ଟେଷ୍ଟ ବେଳେ ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍‌ର ମାତ୍ରା ଠାବ କରାଯାଇଛି। ବ୍ରାଜିଲର ଏହି ଆଥଲେଟ ଅଗଷ୍ଟରେ ଲିମାଠାରେ ଅନୁଷ୍ଠିତ ପାନ୍ ଆମେରିକାନ ଗେମ୍ସରେ ୬୫.୯୮ ମିଟର ଡିସ୍କସ୍ ଫିଙ୍ଗି ତାଙ୍କ ସାଉଥ ଆମେରିକାନ ରେକର୍ଡରେ ଉନ୍ନତି ଆଣିଛନ୍ତି। କାତାର ବିଶ୍ୱ ଚାମ୍ପିୟନଶିପ୍ ଲାଗି ତାଙ୍କୁ ଅନ୍ୟତମ ପଦକ ଦାବିଦାର ବିବେଚନା କରାଯାଉଥିଲା।

### ଫୁଟ୍‌ବଲ ଖେଳିବେ ସିମେନ୍ୟା

ଜୋହାନ୍ସବର୍ଗ ୬।୯ (ଏଏଫ୍‌ପି)-ଦୁଇ ଥର ଅଲିମ୍ପିକ ୮୦୦ ମିଟର ସ୍ୱର୍ଣ୍ଣ ବିଜୟିନୀ କାଷ୍ଟର ସିମେନ୍ୟା ଦକ୍ଷିଣ ଆଫ୍ରିକାର ଏକ ମହିଳା ଫୁଟ୍‌ବଲ ଟିମ୍‌ରେ ଯୋଗ ଦେଇଛନ୍ତି। ଆଥଲେଟିକ୍ସ ଗଭର୍ନିଂବଡ଼ି ଆଇଏଏଏଫ୍ ହାର ନିୟମରେ ପରିବର୍ତ୍ତନ ପରେ ୨୮ ବର୍ଷୀୟା ସିମେନ୍ୟା ଚାହିଁଥିଲେ ଶରୀରରୁ ଟେଷ୍ଟୋଷ୍ଟେରନର ମାତ୍ରା ହ୍ରାସ କରି ପୁନର୍ବାର ଆଥଲେଟିକ୍ସରେ ଭାଗ ନେଇ ପାରିଥାନ୍ତେ। ମାତ୍ର ସେ ତାହା କରିନାହାନ୍ତି। ଫଳତଃ ଦୋହାଠାରେ ସେ ତାଙ୍କ ୮୦୦ ମିଟର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିପାରିବେ ନାହିଁ। ବର୍ତ୍ତମାନ ସେ ଗଟେଙ୍ଗ୍‌ସ୍ଥିତ ମହିଳା ଫୁଟ୍‌ବଲ କ୍ଲବ ଜେଭିଡବ୍ଲ୍ୟୁରେ ଟ୍ରେନିଂ ନେଉଛନ୍ତି। ଦକ୍ଷିଣ ଆଫ୍ରିକା ମହିଳା ଫୁଟ୍‌ବଲ ଦଳର ବର୍ତ୍ତମାନ ଅଧିନାୟିକା ଜେନିନ୍ ଭାନ୍ ୱିକ୍ ୨୦୧୩ରେ ଜେଭିଡବ୍ଲ୍ୟୁ ଫୁଟ୍‌ବଲ କ୍ଲବ ଗଠନ କରିଛନ୍ତି। ପ୍ରତିଭା ସମ୍ପନ୍ନ ମହିଳା ଫୁଟବଲ ଖେଳାଳିଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ବିକଶିତ କରିବା ସହ ଦକ୍ଷତା ପ୍ରତିପାଦନର ସୁଯୋଗ ପ୍ରଦାନ ହେଉଛି କ୍ଲବର ମୁଖ୍ୟ ଉଦ୍ଦେଶ୍ୟ। ଗଟେଙ୍ଗ ପ୍ରଦେଶରେ ହେଉଥିବା ଲିଗ୍‌ରେ ଜେଭିଡବ୍ଲ୍ୟୁକୁ ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଟିମ୍ ବିବେଚନା କରାଯାଉଛି।

### ୧୦୦ ଉଇକେଟ ନେବାରେ ମାଲିଙ୍ଗା ପ୍ରଥମ

କାଣ୍ଡି (ଶ୍ରୀଲଙ୍କା), ୬।୯ (ଏଏଫ୍‌ପି)- ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ବୋଲର ଭାବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ହାସଲ କରିବାରେ ପ୍ରଥମ ବୋଲର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। କାଣ୍ଡିଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ଗତ ରବିବାର ସେ ଶାହିଦ ଆଫ୍ରିଦିଙ୍କ ୯୭ ଉଇକେଟ ସଫଳତାକୁ ଅତିକ୍ରମ କରି ଟି୨୦ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ମାତ୍ର ଶୁକ୍ରବାର କଲିନ୍ ମୁନ୍‌ରୋଙ୍କୁ ବୋଲ୍ଡ କରି ସେ ଉଇକେଟ ହାସଲରେ ଶତକ ପୂରଣ କରିଛନ୍ତି। ଏହାଥିଲା ତାଙ୍କର ୭୬ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ। ୩୬ ବର୍ଷୀୟ ସ୍ପିଡ୍‌ଷ୍ଟର ୪ଟି ବଲ୍‌ରେ ୪ ଉଇକେଟ ଅକ୍ତିଆର କରିବା ସହ ଏକ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।





ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ଶଟ୍ ଖେଳୁଛନ୍ତି କାନାଡ଼ାର ବାଏଙ୍କା ଆଣ୍ଡ୍ରେସ୍କୁ। ମ୍ୟାଚ୍ ଜିତିବା ପରେ ଆମେରିକାର ସେରେନା ୱିଲିୟମ୍ସଙ୍କ ପ୍ରତିକ୍ରିୟା।

### ଅଭିଯୁକ୍ତ କୋଚ୍‌ଙ୍କୁ ବାସନ୍ଦ କଲା ଏସ୍‌ଏଫ୍‌ଆଇ

ନୂଆଦିଲ୍ଲୀ,୬।୯(ପିଟି): ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ଶୁକ୍ରବାର ଗୋଆ ଆସୋସିଏଶନ ଦ୍ୱାରା ବିଦା ହୋଇଥିବା କୋଚ୍ ସୁରଜିତ ଗାଙ୍ଗୁଲିଙ୍କୁ ବାସନ୍ଦ କରିଛି। ଗୋଆ ସୁଇମିଂ ଆସୋସିଏଶନ (ଜିଏସ୍‌ଏ)ରେ କୋଚ୍ ଭାବେ କାର୍ଯ୍ୟ କରୁଥିବା ଗାଙ୍ଗୁଲି ତାଙ୍କ ନିକଟରେ ଟ୍ରେନିଂ ନେଉଥିବା ୧୫ ବର୍ଷୀୟା ନାବାଳିକାକୁ ବଳାତ୍କାର କରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଯିବା ପରେ ତାଙ୍କ ଚୁକ୍ତିକୁ ଜିଏସ୍‌ଏ ବାତିଲ କରିବା ସହ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛି। ଗୋଆ ଶାଖାଠାରୁ ପ୍ରମାଣ ମିଳିବା ପରେ ଏସ୍‌ଏଫ୍‌ଆଇ ଏହି ଘଟଣାକୁ ନିନ୍ଦା କରିଛି। ଏଥିସହ ଅମାନବୀୟ କାର୍ଯ୍ୟ ପାଇଁ ତାଙ୍କୁ ଦେଶରେ କୌଣସି ପ୍ରକାର କୋଚିଂ ଏବଂ କ୍ରୀଡ଼ା ସମ୍ପର୍କିତ ଅନ୍ୟାନ୍ୟ କାର୍ଯ୍ୟକଳାପରୁ ବାସନ୍ଦ କରିଛି। ଏହା ସମସ୍ତ ୨୯ ରାଜ୍ୟରେ କାର୍ଯ୍ୟକାରୀ ହେବ।

# ସେରେନା-ଆଣ୍ଡ୍ରେସ୍କୁ ଫାଇନାଲ

**ନ୍ୟୁୟର୍କ, ୬।୯ (ଏଏଫ୍‌ପି)**

ଚଳିତ ବର୍ଷର ୟୁଏସ ଓପନ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ମ୍ୟାଚ କାନାଡାର ସ୍ୱଳ୍ପ ବୟସ୍କା ବାଏଙ୍କା ଆଣ୍ଡ୍ରେସ୍କୁ ଏବଂ ୨୩ ଗ୍ରାଣ୍ଡସ୍ଲାମ ବିଜୟିନୀ ଆମେରିକାର ସେରେନା ୱିଲିୟମ୍ସଙ୍କ ମଧ୍ୟରେ ହେବ। ଆଣ୍ଡ୍ରେସ୍କୁ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ବେଲିଣ୍ଡା ବେନସିକ୍‌ଙ୍କୁ ୭-୬ (୭/୩), ୭-୫ ସେଟରେ ହରାଇ ଦେଇଛନ୍ତି। ୨୦୧୪ରେ ୱିମ୍ବଲଡନଠାରେ ଇଜେନି ବୁଚାର୍ଡଙ୍କ ପରେ ୧୯ ବର୍ଷୀୟା ଆଣ୍ଡ୍ରେସ୍କୁ ହେଉଛନ୍ତି କାନାଡାର ଦ୍ୱିତୀୟ ମହିଳା ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ। ୨୦୦୬ରେ ଫ୍ଲସିଂ ମିଡୋଜଠାରେ ମାରିଆ ଶାରାପୋଭାଙ୍କ ପରେ ପ୍ରଥମ ସ୍ୱଳ୍ପ ବୟସ୍କା ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହେବା ସୁଯୋଗ ସେ ପାଇଛନ୍ତି। ଆଣ୍ଡ୍ରେସ୍କୁ କହିଛନ୍ତି ସେରେନା ହେଉଛନ୍ତି ମୋ ଆଦର୍ଶ। ୟୁଏସ ଓପନରେ ତାଙ୍କ ସହିତ ଫାଇନାଲ ଖେଳିବା ଦ୍ୱାରା ମୋର ଏକ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଆଣ୍ଡ୍ରେସ୍କୁ ପ୍ରଥମ ଥର ୟୁଏସ ଓପନ ମୁଖ୍ୟ ଡ୍ରରେ ଖେଳିବା ସୁଯୋଗ ପାଇଛନ୍ତି। ପୂର୍ବରୁ ଗତ ମାସରେ ଟରଣ୍ଟୋ ଫାଇନାଲରେ ତାଙ୍କର ୩୭ ବର୍ଷୀୟା ସେରେନାଙ୍କ ସହିତ ମୁକାବିଲା ହୋଇଥିଲା। ମାତ୍ର ପିଠିରେ ଇଞ୍ଜୁରି ଯୋଗୁ ସେରେନା ଏହି ମ୍ୟାଚ ଶେଷ ନ ହେବା ପୂର୍ବରୁ ଓହରିଯାଇଥିଲେ। ଅନ୍ୟପରେ ସେରେନା ମହିଳା ସିଙ୍ଗଲ୍ସର ଅନ୍ୟ ସେମିଫାଇନାଲରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬-୩, ୬-୧ ସେଟ୍‌ରେ ସହଜରେ ପରାସ୍ତ କରିଛନ୍ତି। ଆମେରିକାର ଏହି ଷ୍ଟାର ଖେଳାଳି ଏଠାରେ ତାଙ୍କ ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ମାର୍ଗାରେଟ୍ କୋର୍ଟଙ୍କ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ଅଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ଖେଳାଯିବ।

### ଫାଇନାଲ ପଥରେ..

**■ ସେରେନା ୱିଲିୟମ୍ସ**

ପ୍ରଥମ ରାଉଣ୍ଡ: ମାରିଆ ଶାରାପୋଭା ୬-୧, ୬-୧
ଦ୍ୱିତୀୟ ରାଉଣ୍ଡ: କାଥେରିନ ମ୍ୟାକନାଲେ ୫-୭, ୬-୩, ୬-୧
ତୃତୀୟ ରାଉଣ୍ଡ: କାରୋଲିନା ମୁଚୋଭା ୬-୩, ୬-୨
ଚତୁର୍ଥ ରାଉଣ୍ଡ: ପେଟ୍ରା ମାର୍ଟିକ ୬-୩, ୬-୪
କ୍ୱାର୍ଟର ଫାଇନାଲ: ୱାଙ୍ଗ୍ କ୍ୱିଆଙ୍ଗ ୬-୧, ୬-୦
ସେମିଫାଇନାଲ: ଏଲିନା ସ୍ୱିତୋଲିନା ୬-୩, ୬-୧

**■ ବାଏଙ୍କା ଆଣ୍ଡ୍ରେସ୍କୁ**

ପ୍ରଥମ ରାଉଣ୍ଡ: କାଟେ ଭୋଲିନେଟ୍ସ ୬-୨, ୬-୪
ଦ୍ୱିତୀୟ ରାଉଣ୍ଡ: କିର୍ଷ୍ଟେନ ଫ୍ଲିପ୍‌କେନ୍ସ ୬-୩, ୭-୫
ତୃତୀୟ ରାଉଣ୍ଡ: କାରୋଲିନ ଓଜନିଆକି ୬-୪, ୬-୪
ଚତୁର୍ଥ ରାଉଣ୍ଡ: ଟେଲର ଟାଉନସେଣ୍ଡ ୬-୧, ୪-୬, ୬-୨
କ୍ୱାର୍ଟର ଫାଇନାଲ: ଏଲିସ ମେର୍ଟେନ୍ସ ୩-୬, ୬-୨, ୬-୩
ସେମିଫାଇନାଲ: ବେଲିଣ୍ଡା ବେନ୍‌ସିକ୍ ୭-୬(୭/୩), ୭-୫

# ଭାରତ 'ଏ' ୪-୧ରେ ସିରିଜ ଜିତିଲା

**ଥିରୁଭାନନ୍ତପୁରମ, ୬।୯(ପି.ଟି.)**

ଶୁକ୍ରବାର ଏଠାରେ ଅନୁଷ୍ଠିତ ୫ମ ତଥା ଅନ୍ତିମ ଅନଅଫିସିଆଲ ଏକଦିବସୀୟ କ୍ରିକେଟ ମ୍ୟାଚରେ ଭାରତ 'ଏ' ୩୬ ରନରେ ଦକ୍ଷିଣ ଆଫ୍ରିକା 'ଏ'କୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚବିଶିଷ୍ଟ ସିରିଜରେ ଭାରତ ୪-୧ରେ ବିଜୟୀ ହୋଇଛି। ସ୍ଥାନୀୟ ହିରୋ ସଞ୍ଜୁ ସାମସନଙ୍କ ୪୮ ବଲ୍‌ରୁ ଦ୍ରୁତ ୯୧ ରନ ଏବଂ ଶିଖର ଧାୱନଙ୍କ ଅର୍ଦ୍ଧଶତକ ଭାରତ 'ଏ' ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

ବର୍ଷା ଯୋଗୁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓପନର ପ୍ରଶାନ୍ତ ଚୋପ୍ରା(୨) ବିଫଳ ହୋଇଥିଲେ ହେଁ ଧାୱନ ଓ ସାମସନ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୩୫ ରନର ଭାଗୀଦାରି ଗଢ଼ି ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଧାୱନ ୩୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୫୧ ରନ କରିଥିବାବେଳେ ସାମସନ ୪୮ ବଲ୍‌ରୁ ୬ ଚୌକା ଏବଂ ୭ ଛକା ସହ ସର୍ବାଧିକ ୯୧ ରନ ସ୍କୋର କରିଥିଲେ। ଅଧିନାୟକ ଶ୍ରେୟାସ ଆୟାର ୩୬ (୧୯ ବଲ, ୫ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିବାରୁ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୪ ରନ କରିଥିଲା। ଦକ୍ଷିଣ ଆଫ୍ରିକା 'ଏ' ପକ୍ଷରୁ ବେଉରାନ ହେଣ୍ଡ୍ରିକ୍ସ ଓ ଜର୍ଜ ଲିନ୍‌ଡେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା 'ଏ' ପୂରା ୨୦ ଓଭର ଖେଳି ୧୬୮ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରିଜା ହେଣ୍ଡ୍ରିକ୍ସ ସର୍ବାଧିକ ୫୯ ଏବଂ କାଏଲ ଭେରିନେ ୪୪ ରନ ସ୍କୋର କରିଥିଲେ। ଭାରତ 'ଏ' ବୋଲରଙ୍କ ମଧ୍ୟରେ ଶାର୍ଦ୍ଦୁଳ ଠାକୁର ୩ଟି, ୱାଶିଂଟନ ସୁନ୍ଦର ୨ଟି ଏବଂ ଇଶାନ ପୋରେଲ, ତୁଷାର ଦେଶପାଣ୍ଡେ, ରାହୁଲ ଚହର ଓ ଶିଭମ୍ ଦୁବେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଦକ୍ଷିଣ ଆଫ୍ରିକା 'ଏ' ୩୬ ରନରେ ପରାସ୍ତ**



ସଞ୍ଜୁ ସାମସନ

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ୨୦ ଓଭରରେ ୨୦୪/୪(ସଞ୍ଜୁ ସାମସନ-୯୧, ଶିଖର ଧାୱନ-୫୧, ଶ୍ରେୟାସ ଆୟାର-୩୬, ବେଉରନ ହେଣ୍ଡ୍ରିକ୍ସ-୨/୨୯, ଜର୍ଜ ଲିନ୍‌ଡେ-୨/୪୩)। ଦକ୍ଷିଣ ଆଫ୍ରିକା 'ଏ' ୨୦ଓଭରରେ ୧୬୮/ଅଲଆଉଟ(ରିଜା ହେଣ୍ଡ୍ରିକ୍ସ-୫୯, କାଏଲ ଭେରିନେ -୪୪, ଶାର୍ଦ୍ଦୁଳ ଠାକୁର-୩/୯, ୱାଶିଂଟନ ସୁନ୍ଦର-୨/୩୯)।

# ସିଓଏର ଘୋଷଣା ପରେ ଅଡୁଆରେ ଓସିଏ

**କଟକ ଅଫିସ,୬।୯**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ସୁପ୍ରିମକୋର୍ଟ ଦ୍ୱାରା ନିୟୋଜିତ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ) ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି। ଘୋଷଣା ଏହା ଯେ, ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା ସମସ୍ତ ରାଜ୍ୟ ସଂଘ କର୍ମକର୍ତ୍ତା ନିର୍ବାଚନ କରିବାକୁ ବାଧ୍ୟ। ପୂର୍ବରୁ ଏହି ଅବଧି ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଥିଲା। ଏବେ ଅଧିକ ୧୪ ଦିନ ଅବଧି ବୃଦ୍ଧି କରାଯାଇ ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ଶେଷ କରିବା ସହ ଅକ୍ଟୋବର ୨୨ରେ ହେବାକୁ ଥିବା ବିସିସିଆଇ ନିର୍ବାଚନରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛି ସିଓଏ। ଏହି ଘୋଷଣା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ଅକ୍ଟୋବର ୨୦ ତାରିଖ ମଧ୍ୟରେ ଓସିଏର କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ଗତ ଅଗଷ୍ଟ ୨୯ରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଘୋଷଣା କରିଥିଲେ। ଫଳସ୍ୱରୂପ ସିଓଏର ନିର୍ଦ୍ଦେଶକୁ ମାନି ଆସନ୍ତା ୨୮ ତାରିଖ ମଧ୍ୟରେ ନିର୍ବାଚନ କରିବା ନିମନ୍ତେ ପ୍ରସ୍ତୁତ ହେବା ଓସିଏ ପାଇଁ କଷ୍ଟକର ହେବ। ଅନ୍ୟପକ୍ଷରେ ଅକ୍ଟୋବର ପ୍ରଥମ ସପ୍ତାହରେ ଓସିଏ ନିର୍ବାଚନ କରିବାକୁ ଚେଷ୍ଟା କରିବ। ଏ ଦିଗରେ ଦୃଷ୍ଟି ଦେବାକୁ ସିଓଏକୁ ଓସିଏ ପକ୍ଷରୁ ଏକ ଚିଠି ଲେଖାଯାଇଥିବା ଜଣାପଡ଼ିଛି।

ଶୁକ୍ରବାର ପ୍ରକାଶ ପାଇଥିବା ସିଓଏର ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି ଯେ, ସେପ୍ଟେମ୍ବର ୧୨ ତାରିଖ ମଧ୍ୟରେ ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ନେଇ ବଳକା କାର୍ଯ୍ୟ ଶେଷ କରିବା ଉଚିତ। ସମ୍ବିଧାନ ସଂଶୋଧନ ରିପୋର୍ଟ ଦାଖଲ, ନିର୍ବାଚନ ଅଧିକାରୀ ନିଯୁକ୍ତି ଓ ନିର୍ବାଚନ ନେଇ ଦିନ ଘୋଷଣା କରିବା ଆବଶ୍ୟକ। ଏହି ତାରିଖ ମଧ୍ୟରେ ଉପରୋକ୍ତ ୩ଟି କାର୍ଯ୍ୟ ନ ସରିଲେ ସେମାନେ ନିର୍ବାଚନରେ ଭାଗ ନେଇପାରିବେ ନାହିଁ କିମ୍ବା ସେମାନଙ୍କ ନିବେଦନ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ ୩ଟି ଯାକ କାର୍ଯ୍ୟ ଓସିଏ ଶେଷ କରିସାରିଛି। ଗତ ଜୁଲାଇ ମାସରେ ଓସିଏ ଚୂଡ଼ାନ୍ତ ସମ୍ବିଧାନ ସଂଶୋଧନ ରିପୋର୍ଟ ଦାଖଲ କରିଥିଲା। ଗତ ଅଗଷ୍ଟ ୨୬ ତାରିଖରେ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଥିଲେ ମାଖନଲାଲ ମଜୁମଦାର। ପରେ ଅଗଷ୍ଟ ୨୯ରେ ନିର୍ବାଚନ ନେଇ ଘୋଷଣା ମଧ୍ୟ ହୋଇଛି। ସିଓଏର ଏହି ଘୋଷଣା ପରେ ଓସିଏ ପରବର୍ତ୍ତୀ ପଦକ୍ଷେପ ଏବେ କଣ ନେବ ତାହାକୁ ଅପେକ୍ଷା ରହିଛି।

# ଶ୍ୟାମ, ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ







ଶ୍ୟାମ ଅଗ୍ରୱାଲ(ବାମ) ଓ ଉଭାସ ମହାପାତ୍ର।

### ଇଷ୍ଟ ଜୋନ୍ ସ୍ନୁକର

**ଭୁବନେଶ୍ୱର, ୬।୯(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଶ୍ୟାମ ଅଗ୍ରୱାଲ ଓ ଉଭାସ ମହାପାତ୍ର ପ୍ରଭାବୀ ପ୍ରଦର୍ଶନ କରି ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଦିବସର ମ୍ୟାଚ ଗୁଡ଼ିକ ମଧ୍ୟରେ ଅଶ୍ୱିନ ପଟ୍ଟନାୟକ ୩-୧ରେ ଅର୍ପିତ ଅଗ୍ରୱାଲ, ଖାଲିଦ ସୁଲତାନ ୩-୦ରେ ରାହୁଲ ନାଏକ, ମହମ୍ମଦ ରାଜା ୩-୦ରେ ତରୁଣ ପଟ୍ଟନାୟକ, ଶ୍ୟାମ ଅଗ୍ରୱାଲ ୩-୦ରେ ହର୍ଷ ଲାମ୍ବା, ଉଭାସ ମହାପାତ୍ର ୩-୦ରେ କୁନାଲ ଅଗ୍ରୱାଲ, ଚନ୍ଦ୍ର ମହାନ୍ତି ୩-୧ ଫ୍ରେମ୍‌ରେ ସମୀର ଅଲୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ଶ୍ୟାମ ଅଗ୍ରୱାଲ ୩-୦ରେ ହର୍ଷିତ କାମୱାନିଙ୍କୁ ଏବଂ ଚେତନ ଆନନ୍ଦ ୩-୦ ଫ୍ରେମ୍‌ରେ ଅକ୍ଷୟ ସେଠ୍‌ଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ସତ୍ୟକାମ ମହାପାତ୍ର ୩-୦ରେ ଇନ୍ଦ୍ରଜିତ ଷଡ଼ଙ୍ଗୀ, ହର୍ଷିତ କାମୱାନି ୩-୧ରେ ହରିହର ଗୁରୁ, ମିଶାଲ ସ୍ୱାଇଁ ୩-୦ରେ ଅନୁଭବ ଅଗ୍ରୱାଲ ଓ ରୁମିତ ଗୁପ୍ତା ୩-୨ ଫ୍ରେମ୍‌ରେ ସୁମନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଶ୍ରୀମତୀ ପ୍ରୀତିଲତା ପଟ୍ଟନାୟକ
ଶିକ୍ଷୟିତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧, ଭୁବନେଶ୍ୱର
ଆବିର୍ଭାବ: ୩୦।୦୩।୧୯୬୨
ତିରୋଧାନ: ୨୮।୦୮।୨୦୧୯
ତୁମ ଅବର୍ତ୍ତମାନରେ ଆମେ ପ୍ରତି ମୁହୂର୍ତ୍ତରେ ଶୂନ୍ୟତାର ଅନୁଭବ କରୁଛୁ। ତୁମର ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ତୁମେ ଯେଉଁଠି ଥାଅ ଭଲରେ ଥାଇ ଆମକୁ ଆଶୀର୍ବାଦ କରୁଥାଅ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ଆରାଧନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ: ମନୋଜ କୁମାର ପଟ୍ଟନାୟକ, ପୁତ୍ର: ଆଶୀର୍ବାଦ ପଟ୍ଟନାୟକ, ପୁତ୍ରବଧୂ: ଇଲା ସାହୁ, ଝିଅ: ଆରାଧନା ପଟ୍ଟନାୟକ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୬୭୧୦୧

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ
କୁଲେଇପଦା, ଆରଡ଼ି, ଭଦ୍ରକ
କାଲି ପରି ଲାଗେ ବରଷଟେ ବିତିଗଲାଣି। ତୁମର ସ୍ନେହ ବୋଳା କଥା ଡାକ ଆଉ ଶୁଭୁନି। ଯେଉଁଠି ଥାଅ ଭଲରେ ଥାଅ, ବାବାମଣିଙ୍କ ପାଖରେ ଏତିକି ପ୍ରାର୍ଥନା।
ହତଭାଗ୍ୟ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣି।
ଧ-୧୪୨୪୩

**ଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ
ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ
ଆବିର୍ଭାବ: ୨୩।୧୦।୧୯୪୫
ତିରୋଧାନ: ୨୯।୦୮।୨୦୧୯
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଗୋପୀନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ, ପରିବାର ଓ ବନ୍ଧୁବର୍ଗ
ଧ-୬୭୬୦୩

**ଏକାଦଶାହ ଉପଲକ୍ଷେ**



ୱ ଯିତେନ୍ଦ୍ର ଜେନା (ଜିତୁ)
ବର୍ମ୍ମକୁଦ, ଫୁଲନଖରା, କଟକ
ଆବିର୍ଭାବ : ତା.୦୨/୦୫/୧୯୮୨
ତିରୋଧାନ : ତା.୨୮/୦୮/୨୦୧୯
ତୋ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର :
ବାପା-କ୍ଷିରୋଦ ଚନ୍ଦ୍ର ଜେନା, ମା-ରୀନାବାଳା, ସାନଭାଇ-ଧର୍ମେନ୍ଦ୍ର (ସିଡୁ), ସ୍ତ୍ରୀ, ପୁଅ, ଭଉଣୀ, ଆତ୍ମୀୟସ୍ୱଜନ
ଧ-୧୪୨୪୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୭/୨୦୧୯ Sambalpur, Saturday, September 7 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ରଞ୍ଜନ



ଗୌରବ



ସଚିନ



ପୃଥ୍ୱୀରାଜ



ତୋଫାନ



ବିମଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଝାଡ଼ାବାନ୍ତିରେ ୪୦ ଆକ୍ରାନ୍ତ

**ବଲାଙ୍ଗୀର ଅଫିସ, ୬।୯**

ବଲାଙ୍ଗୀର ସହର ସାଲେପାଲିସ୍ଥିତ ସ୍ୱଧାର ଗୃହରେ ପ୍ରାୟ ୨୦ଜଣ ଅନ୍ତେବାସୀ ଓ ଦେଓଗାଁ ବ୍ଲକ୍ ମୁକୁନ୍ଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମ୍‌ଝରନ୍‌ଗାଁରେ ୨୦ଜଣ ମହିଳା, ପୁରୁଷ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସହରାଞ୍ଚଳ ମେଡିକାଲ ଟିମ୍ ସାଲେପାଲି ଯାଇ ସ୍ୱଧାର ଅନ୍ତେବାସୀମାନଙ୍କୁ ଚିକିତ୍ସା କରିଥିବାବେଳେ ଜାମ୍‌ଝରନ୍ ଗାଁର ପ୍ରାୟ ୨୦ ଜଣ ବ୍ୟକ୍ତି ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଡାଇରିଆ ୱାର୍ଡରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଜାମ୍‌ଝରନ୍ ଗାଁରେ ନୂଆଁଖାଇ ପୂର୍ବଦିନରୁ କେତେକ ଲୋକଙ୍କ ଘରେ ଝାଡାବାନ୍ତି ଉପକ୍ରମ ଆରମ୍ଭ ହୋଇଥିଲା। ନୂଆଁଖାଇ ଦିନ ଅଧିକାଂଶ ଲୋକ ଏଥିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ଗୁରୁତର ହେବାରୁ ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ଅଣାଯାଇଥିଲା। ବଲାଙ୍ଗୀର ସଦର ବ୍ଲକର ଭୁଡିଆରବାହାଲ ଗ୍ରାମରେ ମଧ୍ୟ କେତେକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି ହୋଇଛନ୍ତି।



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଡାଇରିଆ ୱାର୍ଡରେ ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି।

## ୫ଦିନିଆ ଗସ୍ତରେ ବିଦେଶ ଯିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୬।୯(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତର ତୈଳ, ଗ୍ୟାସ ଓ ଇସ୍ପାତ କ୍ଷେତ୍ରର ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ସହ ୫ଦିନିଆ ଉପସାଗରୀୟ ଦେଶ ସାଉଦି ଆରବ, ୟୁଏଇ ଏବଂ କାତାର ଗସ୍ତରେ ଶନିବାର ଯିବେ। ଧର୍ମେନ୍ଦ୍ର ୩ ଦେଶ ସହ ତୈଳ, ଗ୍ୟାସ ଓ ଇସ୍ପାତ କ୍ଷେତ୍ରରେ ଆଲୋଚନା କରିବେ। ଆସନ୍ତା ୧୩ରେ ଆବୁଧାବୀରେ ଅନୁଷ୍ଠିତ ହେବାକୁ ଥିବା ୮ମ ଏସିଆନ ମିନିଷ୍ଟେରିଆଲ୍ ଏନର୍ଜି ରାଉଣ୍ଡଟେବୁଲ (ଏଏମଇଆର୍)ରେ ମଧ୍ୟ ତାଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ୟୁଏଇ ଓ ଭାରତର ମିଳିତ ସହଯୋଗରେ କରାଯାଉଛି।

# ୨ ମାସ ଯାଏ ଜରିମାନା କୋହଳ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ସେପ୍ଟେମ୍ବର ପହିଲାରୁ ସଂଶୋଧିତ ମୋଟରଯାନ ଆଇନ ସମଗ୍ର ଦେଶରେ ଲାଗୁ କରାଯାଇଛି। ରାଜ୍ୟରେ ଏହାକୁ କଡାକଡି ଲାଗୁ କରାଯିବା ପରେ ଯାନବାହନ ଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗାଡ଼ିର କାଗଜପତ୍ର ଠିକ୍ ନ ଥିବାରୁ ଅନେକେ ଘରୁ ଗାଡି ବାହାର କରୁନାହାନ୍ତି। ଜରିମାନା ରାଶି ବଢି ଯାଇଥିବାରୁ ଲୋକମାନେ ମଧ୍ୟ ଛାନିଆ ହୋଇଯାଇଛନ୍ତି। ଏକାବେଳକେ ବିଭିନ୍ନ କ୍ଷେତ୍ର ପାଇଁ ଦଣ୍ଡ ବିଧାନ କରାଯାଉଥିବାରୁ ଜରିମାନା ରାଶି ଗାଡ଼ି ମୂଲ୍ୟରୁ ମଧ୍ୟ ଅଧିକ ହେଉଛି। କାଳେ କେଉଁଠି ଧରାପଡ଼ିବେ ସେ ନେଇ ରାସ୍ତାକୁ ଗାଡ଼ି କାଢୁ ନାହାନ୍ତି। ଜରିମାନା ରାଶିକୁ ନେଇ ବିଭିନ୍ନ ମହଲରୁ ସମାଲୋଚିତ ହେବା ପରେ ରାଜ୍ୟ ପରିବହନ ବିଭାଗ ଏହାକୁ ୧ ହଜାର ଟଙ୍କାରେ ସୀମିତ ରଖିବାକୁ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଲୋକଙ୍କଠାରୁ ଜୋରଜବରଦସ୍ତ ବିଭିନ୍ନ ଆଇନ ଦେଖାଇ ଜରିମାନା ଆଦାୟକୁ ବାରଣ କରାଯାଇଛି। ଆସନ୍ତା ୨ମାସ ପର୍ଯ୍ୟନ୍ତ ଏଭଳି କରିବାକୁ କୁହାଯାଇଛି। ଏହା କେନ୍ଦ୍ର ସରକାରଙ୍କ ଆଇନ ହୋଇଥିବାରୁ ଏଥିରେ କୌଣସି ପରିବର୍ତ୍ତନ କରିବା ସମ୍ଭବ ନୁହେଁ। ତେବେ ଲୋକଙ୍କଠାରୁ ହଠାତ ବହୁଗୁଣା ଜରିମାନା ଆଦାୟ କରାଯିବା ନେଇ ଜନଅସନ୍ତୋଷ ବଢୁଛି। ଏପରି କି ଅଟୋ ମହାସଂଘ ଏହାର ପ୍ରତିବାଦରେ ଧର୍ମଘଟକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ବିରୋଧୀ ଦଳ ଏ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେବା ପରେ ପରିବହନ ବିଭାଗ ପକ୍ଷରୁ ଏଭଳି ଅଲିଖିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆସନ୍ତା ମାସକ ଯାଏ ପ୍ରଦୂଷଣ ସାର୍ଟିଫିକେଟକୁ କୋହଳ କରାଯାଇଛି। ପ୍ରଦୂଷଣ ସାର୍ଟିଫିକେଟ ଦେବା ପାଇଁ ୨୩୫ ସଂସ୍ଥାକୁ ଅନୁମତି ଦିଆଯାଇଛି। ସେଥିରୁ ୧୭୫ଟି ସଂସ୍ଥା କାମ କରୁଛନ୍ତି। ସେପ୍ଟେମ୍ବର ପହିଲାରୁ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଅନଲାଇନରେ ଆବେଦନ କରିବାକୁ କୁହାଯାଇଥିଲା। ତେବେ ଭିଡ ବଢୁଥିବାରୁ ଅଫ୍‌ଲାଇନ ମାଧ୍ୟମରେ ଅର୍ଥାତ ମାନୁଆଲ ପଦ୍ଧତିରେ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଆବେଦନ କରାଯାଇପାରିବ। ଏ ନେଇ ସମସ୍ତ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଆରଟିଓଙ୍କୁ ମୌଖିକ ନିର୍ଦ୍ଦେଶ**

- ୧ ହଜାରରେ ସୀମିତ ରଖ
- ଅନ୍‌ଲାଇନ ବଦଳରେ ଅଫ୍‌ଲାଇନରେ ହୋଇ ପାରିବ ପ୍ରଦୂଷଣ ଯାଞ୍ଚ ପାଇଁ ଆବେଦନ

# ହୀରାକୁଦ ଡ୍ୟାମ୍‌ର ୧୨ ଗେଟ୍ ଦେଇ ଜଳ ନିଷ୍କାସନ

**ସମ୍ବଲପୁର, ୬।୯ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଡ୍ୟାମରୁ ଶୁକ୍ରବାର ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ଡ୍ୟାମକୁ ୧ଲକ୍ଷ ୭୩ ହଜାର ୭୭୫ କ୍ୟୁସେକ ପାଣି ପ୍ରବେଶ କରୁଛି। ଡ୍ୟାମରୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୧ ହଜାର ୮୯୪ କ୍ୟୁସେକ ପାଣି ନିଷ୍କାସନ ହେଉଛି। ପାୱାର ଚ୍ୟାନେଲରେ ୧୬ ହଜାର ୪୯, ବିଭିନ୍ନ କେନାଲରେ ୨ହଜାର ୬୧୯ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୭୦ ହଜାର, ପଥରିଆରେ ୧ଲକ୍ଷ ୯୯ ହଜାର ୭୮, ଖଇରମାଲରେ ୪ଲକ୍ଷ ୯୬ ହଜାର, ବଡମୂଳରେ ୨ଲକ୍ଷ ୩୪ ହଜାର ୩୭୫ ଓ ମୁଣ୍ଡଳିରେ ୨ଲକ୍ଷ ୧ ହଜାର ୯୨୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରେ ବର୍ଷା ହେତୁ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ହେବାରେ ଲାଗିଛି। ପୁଣି ଆଗକୁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଡ୍ୟାମରେ ଜଳସ୍ତର ୬୨୫.୪୫ ଫୁଟ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି।



## କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମାମଲା

# ମାମଲା ପ୍ରତ୍ୟାହାର କଲେ ଆବେଦନକାରୀ

**କଟକ ଅଫିସ, ୬।୯:** କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାକୁ ଆବେଦନକାରୀ ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ଆବେଦନକାରୀ ରୂପେଶ କୁମାର ବେହେରା ଏହି ମାମଲା ରୁଜୁ କରିଥିଲେ। ଶୁକ୍ରବାର ଉକ୍ତ ମାମଲା ଜଷ୍ଟିସ୍ ସି.ଆର. ଦାଶଙ୍କ ଅଦାଲତରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ମାତ୍ର ଆବେଦନକାରୀ ଏହାକୁ ପ୍ରତ୍ୟାହାର ପାଇଁ ନିବେଦନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନରେ ୧ ଲକ୍ଷ ୮୨ ହଜାର ୪୧୧ ଖଣ୍ଡ ଭୋଟ୍ ପୋଲିଂ ହୋଇଥିବା ଘୋଷଣା କରାଯାଇଥିଲା। ମାତ୍ର ଭୋଟ୍ ଗଣନା ଦିନ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୭୭ ଖଣ୍ଡ ଭୋଟ୍ ବାହାରିଥିଲା। ଭୋଟ୍ ପୋଲିଂ ଏବଂ ଗଣତି ପରେ ଯେଉଁ ଭୋଟ୍ ପରିସଂଖ୍ୟାନ ଆସିଛି ଏଥିରେ ୮୬୬୬ ଖଣ୍ଡ ଭୋଟ ବ୍ୟବଧାନ ରହିଥିଲା। ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ବିଧାନସଭା ଫଳାଫଳ ଉପରେ ପ୍ରଭାବ ପଡ଼ିଥିବା ଦର୍ଶାଇ ଆବେଦନକାରୀ ବେହେରା ଏବଂ ଅନ୍ୟମାନେ ଏହି ମାମଲା ରୁଜୁ କରିଥିଲେ। ଏହା ଏକ ନିର୍ବାଚନୀ ମାମଲା ହୋଇଥିଲା ବେଳେ ଜନସ୍ୱାର୍ଥ ମାମଲା ଭାବେ ଏହାକୁ ରୁଜୁ କରାଯାଇଥିବାରୁ ହାଇକୋର୍ଟ ପୂର୍ବରୁ ଏହି ଆବେଦନକୁ ଖାରଜ କରି ଦେଇଥିଲେ। ଅପରପକ୍ଷରେ ଉକ୍ତ ନିର୍ବାଚନକୁ ନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ରୁଜୁ ହୋଇଥିବା ନେଇ ଏହି ମାମଲାକୁ ପରିଚାଳନା କରୁଥିବା ଆଇନଜୀବୀ ଅଶ୍ୱିନୀ କୁମାର ଦାସ କହିଛନ୍ତି।

A TATA PRODUCT



ଆପଣଙ୍କ ପୁରୁଣା ସୁନା ଆଜି ଆହୁରି ମୂଲ୍ୟବାନ
ପାଆନ୍ତୁ 100% ଏକ୍ସଚେଞ୍ଜ ଭାଲ୍ୟୁ*
14 କ୍ୟାରେଟ୍ ରୁ ଅଧିକର ଯେକୌଣସି ସୁନା ସକାଶେ
TANISHQ
20% ପର୍ଯ୍ୟନ୍ତ ଛାଡ଼* ସମସ୍ତ ଡାଇମଣ୍ଡ ଜ୍ୱେଲରୀ ଉପରେ ।
AMERICAN EXPRESS
₹10,000 Additional Discount* on American Express® Cards.
Offer valid from 6th Sept. - 15th Sept., 2019. Min. transaction of ₹1,00,000. *Not valid on Gold Coins. Further exclusions and T&Cs apply. Tanishq reserves the right to amend the T&Cs without any prior notice.
Buy online at tanishq.co.in
Follow us on:
• To know more, log on to tanishq.co.in or give a missed call on 1800 3010 5002.
*ସର୍ତ୍ତାବଳୀ ଲାଗିବ। ଅଫର୍ 10 ଅଗଷ୍ଟ ରୁ 10 ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ବୈଧ।
• 14 କ୍ୟାରେଟ୍ ରୁ ଅଧିକର ଯେକୌଣସି ସୁନା ସକାଶେ 100% ଏକ୍ସଚେଞ୍ଜ ଭାଲ୍ୟୁ ବୈଧ।
• ଅଧିକ ବିବରଣୀ ପାଇଁ ଦେଖନ୍ତୁ tanishq.co.in/offers
ଭୁବନେଶ୍ୱର – ଷ୍ଟେସନ ସ୍କୋୟାର୍ ଏବଂ ଚନ୍ଦ୍ରଶେଖରପୁର | କଟକ – କିଶୋର ହାଉସ୍, ମାତା ମଠ ପାଖରେ, କ୍ୟାଣ୍ଟନ୍‌ମେଣ୍ଟ ଛକ | ରାଉରକେଲା – କେଶର ଭବନ, ମେନ୍ ରୋଡ୍ | ବ୍ରହ୍ମପୁର – ହନୁମାନ ବଜାର ଛକ, ବ୍ରହ୍ମପୁର ରେ | ସମ୍ବଲପୁର : ବୁଡ଼ାରଜା ରୋଡ, ଓଡ଼ିଶା | ଅନୁଗୁଳ – ପ୍ଲଟ୍ ନଂ.623, ଅମଲା ପାଡ଼ା | ବାଲେଶ୍ୱର – ବିବେକାନନ୍ଦ ମାର୍ଗ।
ଅଧିକ ସୂଚନା ପାଇଁ ଭିଜିଟ୍ କରନ୍ତୁ: tanishq.co.in/stores • କଲ୍ କରନ୍ତୁ: 1800 258 2598.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ



### କାର୍ତ୍ତିଙ୍କ ୧୦ କୋଟି ଆଉ ୩ ମାସ ଜମା ରହିବ

**ନୂଆଦିଲ୍ଲୀ,୬।୯(ପି.ଟି./ଆଇଏଏନ୍ଏସ୍)** ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ପୁଅ ତଥା ଏୟାରସେଲ-ମାକ୍ସିସ୍ ଓ ମନିଲଣ୍ଡରିଂ ମାମଲାର ଅଭିଯୁକ୍ତ କାର୍ତ୍ତି ଚିଦାମ୍ବରମ ସୁପ୍ରିମକୋର୍ଟର ରେଜେଷ୍ଟ୍ରିରେ ଜମା କରିଥିବା ୧୦ କୋଟି ଟଙ୍କା ମୁକ୍ତ କରିବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ମନାକରିଦେଇଛନ୍ତି। ଏହି ଟଙ୍କା ଆଉ ୩ ମାସ ଜମା ହୋଇ ରହିବ ବୋଲି ଜଷ୍ଟିସ ଦୀପକ ଗୁପ୍ତାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତ ମେ ୭ରେ ବିଦେଶ ଯାତ୍ରା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ ବେଳେ ୧୦ କୋଟି ଟଙ୍କା ଜମା ରଖିବା ପାଇଁ କାର୍ତ୍ତିଙ୍କୁ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। କାର୍ତ୍ତି ଉକ୍ତ ରାଶି ଜମା କରିବା ପରେ ବ୍ରିଟେନ, ଆମେରିକା, ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ଗସ୍ତ କରିଥିଲେ।

### ଉଦଳା ବ୍ଲକ ଅଧକ୍ଷା ବିଜେଡିରେ ସାମିଲ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧକ୍ଷା ଭାଜପା ନେତ୍ରୀ କାର୍ମୀ ମୁର୍ମୁ ଏବଂ ତାଙ୍କର ସମର୍ଥକମାନେ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡିରେ ସାମିଲ ହୋଇଥିବା ଅନ୍ୟ ପ୍ରମୁଖ ନେତୃବୃନ୍ଦ ହେଉଛନ୍ତି ଥୁମ୍ପୁ ମୁର୍ମୁ, ବାହୁବନ୍ଧ ପଞ୍ଚାୟତ ଭାଜପା ସଭାନେତ୍ରୀ ପୁଷ୍ପଲତା ଦାସ, ପାଟଣାଣୀପୁର ପଞ୍ଚାୟତ ଭାଜପା ସଭାପତି ବୀର ସିଂ ଏବଂ ପୂର୍ବତନ ସମିତି ସଭ୍ୟା ଝୁନୁମଣି ନାଏକ ପ୍ରମୁଖ। ଭାଜପା ସମେତ ସ୍ଥାନୀୟ କଂଗ୍ରେସ କର୍ମୀ ମଧ ବିଜେଡିରେ ସାମିଲ ହୋଇଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ

**ତରଭା,୬।୮(ଡି.ଏନ୍.ଏ):** ସୁବର୍ଣ୍ଣପୁରରେ ଜିଲା ତରଭା ଜେଏମଏଫସି କୋର୍ଟ କୋଠା ସମ୍ମୁଖରେ ଶୁକ୍ରବାର ଏକ ଗାଈର ମୃତ୍ୟୁ ହୋଇଛି । କୋଠା ସମ୍ମୁଖରେ ଥିବା ଆର୍ଥିଂ ପାଇପ୍(ବିଦ୍ୟୁତ୍) ସଂସ୍ପର୍ଶରେ ଆସିବା କାରଣରୁ ଗାଈର ମରିଥିବା ଅଭିଯୋଗ ହୋଇଛି । ଗତ ପ୍ରଳୟଙ୍କର ବନ୍ୟା ଯୋଗୁଁ ଏହି କୋର୍ଟର ଉଭୟ ପାର୍ଶ୍ୱ ପାଚେରିଭାଙ୍ଗି ଯାଇଛି । ତାହା ଆଉ ନିର୍ମାଣ କିମ୍ବା ମରାମତି ହୋଇ ନଥିବାରୁ ବୁଲା ଗୋରୁ ପରିସରରେ ଅନାୟସରେ ପ୍ରବେଶ କରୁଛନ୍ତି। ଫଳରେ ଏଭଳି ଘଟଣା ଘଟିଲା ଓ ଜଣେ ଗରିବ ଗୋଚାଷୀ କ୍ଷତି ସହିଲେ ବୋଲି କୁହାଯାଉଛି।

### ସୁବର୍ଣ୍ଣପୁରରେ ଜାତୀୟ ଚକ୍ଷୁଦାନ ପକ୍ଷ

# ଦୃଷ୍ଟିହୀନ ବ୍ୟକ୍ତି ସୁନ୍ଦର ଦୁନିଆ ଉପଭୋଗ କରିପାରିବେ

**ସୋନପୁର, ୬।୮(ନି.ପ୍ର.)**

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ୩୪ତମ ଜାତୀୟ ଚକ୍ଷୁଦାନ ପକ୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚକ୍ଷୁଦାନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ। ତେଣୁ ଜନସାଧାରଣ ଏଥିରେ ସାମିଲ ହୋଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସୁନ୍ଦର ଦୁନିଆ ଉପଭୋଗ କରାଇବାରେ ସହାୟକ ହେବାକୁ ସେ ପରାମର୍ଶ ଦେଇଥିଲେ। ଡିପିଏମ ଡିବିଏସସି(ଚକ୍ଷୁ ବିଶେଷଜ୍ଞ) ଡାକ୍ତର ସଞ୍ଜୀବ କୁମାର କର ସମ୍ମାନିତ




ପକ୍ଷପାଳନ ଅବସରରେ ମଞ୍ଚାସୀନ ସିଡିଏମ୍‌ପିଏଚଓ ଏବଂ ଡାକ୍ତର ବୃନ୍ଦ ।

ଅତିଥିଭାବେ ଯୋଗଦେଇ କୌଣସି ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରିବ। ସେହିପରି ଚକ୍ଷୁଦାନ ସମ୍ମତିପତ୍ର ସ୍ୱାକ୍ଷରିତ ହୋଇ ନଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ଲିଖିତ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ। ସଚେତନତା ସୃଷ୍ଟି ପାଇଁ ୨୫ ଅଗଷ୍ଟରୁ ୮ ସେପ୍ଟେମ୍ବର ପର୍ଯ୍ୟନ୍ତ ପକ୍ଷ ପାଳନ କରାଯାଉଥିବା କହିଥିଲେ। ଏଡିପିଏଚଓ ଭିବିଡି ଡାକ୍ତର ନବକିଶୋର ବେହେରା ଓ ଏଡିପିଏଚଓ ଟିଆର ଡାକ୍ତର ପଦ୍ମହଂସା ଦୋରା ଅନ୍ୟତମ ଅତିଥିଭାବେ ଯୋଗଦେଇ ଚକ୍ଷୁଦାନ ସମ୍ପର୍କରେ ବ୍ୟାପକ ସଚେତନତା ଆବଶ୍ୟକ । ମୃତ୍ୟୁ ପରେ ଯଥାଶୀଘ୍ର ନିକଟସ୍ଥ ଚକ୍ଷୁଭଣ୍ଡାର ସହ ଯୋଗାଯୋଗ କରି ଚକ୍ଷୁଦାନ କରିପାରିବେ ବୋଲି କହିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଜ୍ଞାଭାରତୀ ଆବାସିକ ବିଦ୍ୟାଳୟର ସ୍ମୃତିମୟୀ ପ୍ରଧାନ ପ୍ରଥମ, ଅଂଶୁମାନ ପଣ୍ଡା ଦ୍ୱିତୀୟ ଓ ସୌମ୍ୟାଶ୍ରୀ ବସ୍ତିଆ ତୃତୀୟଙ୍କୁ ପୁରସ୍କୃତ କରା ଯାଇଥିଲା। ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ ।

### ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ

## ଯୁବକଙ୍କ ମାଡ଼ରେ ଅଙ୍ଗନୱାଡ଼ି କର୍ମୀ ଗୁରୁତର

**ରାଇରଙ୍ଗପୁର,୬।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଣ୍ଡପୋଷି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ ଘଟିଛି। ଅଣ୍ଡା ନେବାକୁ ଆସିଥିବା ପିଲାଙ୍କ ଅଭିଭାବକଙ୍କ ସହ ଧାଡିରେ ନ ରହି ଆଗକୁ ଆସିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ବାରଣ କରାଯିବାରୁ ସେ ଅଙ୍ଗନୱାଡି କର୍ମୀଙ୍କୁ କଚାଡ଼ି ଦେବା ସହ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୬୭/୧୯) ରୁଜୁ ହୋଇଛି।

# ବୈଦିକ ବ୍ରାହ୍ମଣ ମହାସଭା କମିଟି ଗଠିତ

**ଅମରପାଲି, ୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ବୈଦିକ ବ୍ରାହ୍ମଣ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଗବାନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂଘର ବଲାଙ୍ଗୀର ଜିଲା ସଭାପତି ସଦାନନ୍ଦ ପାଣ୍ଡିଆ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବଲାଙ୍ଗୀର ଜିଲା ପ୍ରଭାରୀ ବିଜୟ କୁମାର ମିଶ୍ର, ମହାସଚିବ ରାଧେଶ୍ୟାମ ପୁରୋହିତ, ଅଧକ୍ଷ ଶେଷଦେବ ମିଶ୍ର, କାର୍ଯ୍ୟକାରୀ ଅଧକ୍ଷ ଶତ୍ରୁଘ୍ନ ପୁରୋହିତ, ସୋନପୁର ଜିଲା ମିଡିଆ ପ୍ରଭାରୀ ସଚ୍ଚିଦାନନ୍ଦ ଦାଶ, ଉପାଧକ୍ଷ ଶିବ ପ୍ରସାଦ ପୂଜାରୀ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ । ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଭାରୀ ସତ୍ୟବ୍ରତ ହୋତା, ନାରାୟଣ ପୁରୋହିତ, ସୀତାରାମ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମନୋରଞ୍ଜନ ଦାଶ ସ୍ୱାଗତ ସଂଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଶାନ୍ତ କୁମାର ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ଥାନୀୟ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଭଗବାନ ମିଶ୍ର ସଭାପତି, ସନ୍ୟାସୀ ଶତପଥୀ ଓ ଯୁଗଳ କିଶୋର ମିଶ୍ର ଉପସଭାପତି, ସୀତାରାମ ପାଢ଼ୀ କାର୍ଯ୍ୟକାରୀ ସଭାପତି, ଦ୍ୱିତୀକୃଷ୍ଣ ପଣ୍ଡା ସମ୍ପାଦକ, ଚମ୍ପେଶ୍ୱର ଦାଶ ଓ ସତ୍ୟନାରାୟଣ ଚାନ୍ଦ ସହ ସମ୍ପାଦକ, ପ୍ରଦୀପ ରଥ କୋଷାଧକ୍ଷ ମନୋନୀତ ହୋଇଛନ୍ତି। ବ୍ୟାମକେଶ ପଣ୍ଡା ପଞ୍ଚାୟତ ପ୍ରମୁଖ, ଗୌରିଶଙ୍କର ମିଶ୍ର, ସନ୍ତୋଷ ପୂଜାରୀ ଓ ସୂର୍ଯ୍ୟନାରାୟଣ ପଣ୍ଡା ସହ ପଞ୍ଚାୟତ ପ୍ରମୁଖ, ମନୋରଞ୍ଜନ ଦାଶ ସଂଯୋଜକ ଏବଂ ଭୀମସେନ ପାଣିଗ୍ରାହୀ, ଭିକାରୀ ହୋତା, ଗୁଲୁନ ଶତପଥୀ, ମଧୁସୁଦନ ରଥ ଓ ଦିଲୀପ ମିଶ୍ର ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂଘର ତହସିଲ କମିଟିରେ ସୁଶାନ୍ତ ପୁରୋହିତ ପ୍ରଭାରୀ, ସନ୍ତୋଷ ପୁରୋହିତ ସହ ପ୍ରଭାରୀ, ବାଳକୃଷ୍ଣ ପୁରୋହିତ ଅଧକ୍ଷ, ବୃନ୍ଦାବନ ପଣ୍ଡା ମହାସଚିବ, ବାବନ ପଣ୍ଡା ବ୍ଲକ ସଂଗଠକ, ଲଳିତ କର ଉପାଧକ୍ଷ, ରାମକୃଷ୍ଣ ଶତପଥୀ ବ୍ଲକ ସଚିବ, ରାଜେଶ ପାଣିଗ୍ରାହୀ ପ୍ରବକ୍ତା, ବିଜୟ ହୋତା ବ୍ଲକ ସଂଯୋଜକ ଏବଂ ବିଶ୍ୱ ପୁରୋହିତ, ରମାକାନ୍ତ ରଥ, ମହେନ୍ଦ୍ର ଦାଶ, ମାଗୁଣି ଦାଶ, ବିଜୟ ତ୍ରିପାଠୀ ପ୍ରମୁଖ ସଦସ୍ୟ ରହିଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ବ୍ରାହ୍ମଣ ସମାଜ ପକ୍ଷରୁ ଜଗନ୍ନାଥ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଉକ୍ତ ମହାସଭାରେ ସୋନପୁର, ବିନ୍ଧିକା, ବୀରମହାରାଜପୁର, ଉଲୁଣ୍ଡା, ବଲାଙ୍ଗୀର ଆଦି ବିଭିନ୍ନ ସ୍ଥାନରୁ ସଦସ୍ୟ ଯୋଗଦେଇଥିଲେ ।



ବୈଦିକ ବ୍ରାହ୍ମଣ ମହାସଭାରେ ଯୋଗଦେଇଥିବା ସଦସ୍ୟମାନେ ।

## ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଦାବିରେ ସ୍ମାରକପତ୍ର

**ଖପ୍ରାଖୋଲ,୬।୯(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତବାହାଲଭଟଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ଦିନ ହେଲା ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଛି। ଫଳରେ ଅନ୍ୟ ଏକ ଅଙ୍ଗନୱାଡି କେନ୍ଦ୍ରର ଜଣେ କର୍ମୀ ବାହାଲଭଟଲି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଦାୟିତ୍ୱ ତୁଲାଉଛନ୍ତି। ହେଲେ ତୁରନ୍ତ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ଏକ ଦାବିପତ୍ର ଖପ୍ରାଖୋଲ ବିଡିଓ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପାଟଣାଗଡ଼ ଉପଜିଲାପାଳ, ବଲାଙ୍ଗୀର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗୋବର୍ଦ୍ଧନ ସାହୁ, କୌଶଲ୍ୟା ସାହୁ, ନୀଳମଣି ସାହୁ, ତ୍ରିନାଥ କତଲା, ଅନା ମହାନନ୍ଦ, ବିମଳା ବରିହା, ସୁକାନ୍ତି ବରିହା, ଅଜୟ ଶିକା, ବାସନ୍ତି ଟିକେମଲିଆଙ୍କ ସହ ସହ ବିଭିନ୍ନ ମହିଳା ସଂଘ କର୍ମକର୍ତ୍ତାଙ୍କ ନାମ ଉଲ୍ଲେଖ ରହିଛି।



ସ୍ୱଚ୍ଛ ବିଦ୍ୟାଳୟ ପାଇଁ ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

# ଗଣ୍ଡାବାହଲ ସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ

**ଉଲୁଣ୍ଡା, ୬।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦରସ୍ଥିତ ଗଣ୍ଡାବାହଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛ ବିଦ୍ୟାଳୟ ପାଇଁ ସ୍ୱଚ୍ଛତା ପକ୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୁପ୍ରଭା ପାଣିଗ୍ରାହୀଙ୍କ ସଂଯୋଜନାକ୍ରମେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଚିତ୍ତରଞ୍ଜନ ପୂଝାରି ଏହି ପକ୍ଷ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଶେଷ କରି ଛାତ୍ରୀଛାତ୍ର ସ୍ୱଚ୍ଛ ରହିବା, ସ୍ୱଚ୍ଛ କୋଠରି, ସ୍ୱଚ୍ଛ ବିଦ୍ୟାଳୟ, ରୋଷେଇ ଘର, ପାଇଖାନା ଆଦି ସଫାସୁତୁରା ରଖିବା ପାଇଁ ସଚେତନ କରାଯାଇଥିଲା। ଏଥିରେ ୧୩୬ ଜଣ ଛାତ୍ରୀଛାତ୍ର, ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ୩ଜଣ ପାଚିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ହରିଚରଣ ପାଲ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

# ଶପଥ ନେଲେ କେରଳ ରାଜ୍ୟପାଳ

**ଥିରୁଭାନନ୍ତପୁରମ୍, ୬।୯(ପି.ଟି.)**

କେରଳର ରାଜ୍ୟପାଳ ଭାବେ ଶୁକ୍ରବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରିଫ୍ ମହମ୍ମଦ ଖାନ୍ ଶପଥ ଗ୍ରହଣ କରିଛନ୍ତି। ରାଜଭବନଠାରେ ନୂତନ ରାଜ୍ୟପାଳଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହୃଷୀକେଶ ରାୟ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେପ୍ଟେମ୍ବର ପହିଲାରୁ ଖାନ୍‌ଙ୍କୁ କେରଳର ୨୨ତମ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିଲା। ଖାନ୍ ମାଲୟାଲମ୍ ଭାଷାରେ ଶପଥ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା ଓ ବିଭିନ୍ନ ବରିଷ୍ଠ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଖାନ୍‌ଙ୍କ ସ୍ତ୍ରୀ ରେଶ୍‌ମା ଆରିଫ୍ ମଧ୍ୟ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ।

**ରେଲୱେ ବିଦ୍ୟୁତୀକରଣ**
**ଭୁବନେଶ୍ୱର**
**ବିଦ୍ୟୁତୀକରଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.RE_BBS_EL_OT_19-20_ST_01, ତା.03.09.2019 ରିଖ

କାର୍ଯ୍ୟର ନାମ: "ରେଲୱେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ବନ୍ଧୀୟ 12 ମାସ ନିମନ୍ତେ ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ଭବାନୀପାଟଣା, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଠାରେ ଥିବା କ୍ଷେତ୍ରୀୟ (Field) କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକର ଦେଖାଶୁଣା ।"

ଆକଳିତ ମୂଲ୍ୟ (ଟଙ୍କାରେ): 1,51,27,344/-, EMD (ଟଙ୍କାରେ): 2,25,700/-, ଟେଣ୍ଡର ପେପର ମୂଲ୍ୟ (ଟଙ୍କାରେ): 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକାରେ,

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକା ଠାରୁ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 7(ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ମୁଖ୍ୟାଳୟ)/ରେଲୱେ ବିଦ୍ୟୁତୀକରଣ/ଭୁବନେଶ୍ୱର
PR-354/K/RE/19-20

**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
**At: Argul, Post: Jatni, Khurda, Odisha, Pin: 752050**
**निविदा के लिए आमंत्रण / NOTICE INVITING TENDER**

Sealed Tenders in prescribed format are invited from valid electrical licensed contractor or enlisted eligible contractors of CPWD /BSNL/MTNL/ MES/Railways/State Govt. of Odisha up to 3.00 P.M. on dt. 12/09/2019 for the following work.

| Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|
| Repairing of Street Lights, Sports Lights, Surrounding Decorative lights & Solar Lights at IIT Bhubaneswar campus at Argul, Jatani. | 15,85,248/- | 500/- | 31,705/- | 12.09.2019 upto 3.00P.M | 12.09.2019 at 3.30 P.M | 45 days |

The details of tender with terms and conditions are available in IIT Bhubaneswar website www.iitbbs.ac.in.
Sd/-Superintending Engineer

## ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବିକୁ ଅଣଦେଖା

**ସୋନପୁର,୬।୯(ନି.ପ୍ର.)**

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗମନାଗମନକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ନୂତନ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ପୂର୍ବରୁ ନିର୍ମାଣ ହୋଇଥିବା ଛୋଟ ବସ୍‌ଷ୍ଟାଣ୍ଡଟି ଆବଶ୍ୟକତା ମେଣ୍ଟାଇ ପାରୁନି। ଯାତ୍ରୀଙ୍କ ପାଇଁ ଏଠାରେ ସର୍ବନିମ୍ନ ସୁବିଧା ନାହିଁ । ଶୌଚାଳୟ ଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଜବରଦଖଲ ସମସ୍ୟା ସୃଷ୍ଟି କରୁଛି। ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ବର୍ଷାରେ ଭିଜୁଥିବା ବେଳେ ଖରାରେ ସିଝୁଛନ୍ତି। ତେବେ ଜିଲା ଗଠନର ୨୬ବର୍ଷ ବିତି ଯାଇଥିଲେ ହେଁ ଏହି ଦାବି ପ୍ରତି ପ୍ରଶାସନ ଓ ଲୋକପ୍ରତିନିଧି ଅଣଦେଖା କରୁଥିବା ଅଭିଯୋଗ ହୋଇ ଆସୁଛି। ଦୈନିକ ୫୦ରୁ ଉର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବସ୍ ଏଠାକୁ ଯିବା ଆସିବା କରୁଛନ୍ତି। ମାତ୍ର ଯାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନି। ଜିଲାରେ ଏବେ ଦୁଇ ଜଣ ଯାକ ବିଧାୟକ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଅଛନ୍ତି। ତେଣୁ ଜିଲା ସଦର ମହକୁମାର ଯୋଜନା ବଦ୍ଧ ବିକାଶ ପାଇଁ ଏକ ଖୋଲା ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ବିଭିନ୍ନ ପ୍ରତିଯୋଗିତା

**ବିନ୍ଧିକା, ୬।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନ୍ଧିକା ବ୍ଲକ ଶଙ୍କରା ପଞ୍ଚାୟତ ଅନ୍ତର୍ଗତ କୌଡିଆମୁଣ୍ଡା ଗ୍ରାମରେ ଆଜାଦ୍ ହିନ୍ଦ୍ କ୍ଲବ୍ ତରଫରୁ ୨୯ତମ ନୂଆଁଖାଇ ଭେଟଘାଟ୍ ସ୍ଥାନୀୟ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ଧର୍ମରାଜ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଭେଟଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଅଭୟ ପଧାନ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଦେବାଶିଷ ପଣ୍ଡା, ଭାଗବତ ପଣ୍ଡା, ସତ୍ୟପୀର ନାୟକ, ପର୍ଶୁରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୁନି କୁନି ସିନିୟର ଜୁନିୟର ବର୍ଗର ପିଲାମାନଙ୍କୁ ନେଇ ନୃତ୍ୟ, ଗୀତ, କୁଇଜ୍ ଏବଂ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା । ମ୍ୟୁଜିକ୍ ଚେୟାରରେ ସୁପ୍ରିୟା ପଣ୍ଡା ପ୍ରଥମ, କୁଇଜ୍‌ରେ ଶୁଭମ ପଣ୍ଡା ଓ ବାଦଲ ପଣ୍ଡା ପ୍ରଥମ ଏବଂ ଅପର୍ଣ୍ଣା ପଣ୍ଡା ,ପ୍ରେମ ପଣ୍ଡା ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ' ଜୁନିୟର ନୃତ୍ୟ ପ୍ରତିଯୋଗୀତାରେ ରାଣୀ କୁମ୍ଭାର ପ୍ରଥମ, ଆୟିସା ନାୟକ ଦ୍ୱତୀୟ ଓ ସୁଶମା କୁମ୍ଭାର ତୃତୀୟ ସ୍ଥାନ ଅଧିକାର କରିଥିଲେ । ସିନିୟର ନୃତ୍ୟ ପ୍ରତିଯୋଗିତାରେ ପ୍ରାଚୀ ପଣ୍ଡା ପ୍ରଥମ, ନଳିନୀ ଜଗତ ଦ୍ୱତୀୟ, ଦେବରଞ୍ଜନ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ଗୀତରେ ସୁଷମା କୁମ୍ଭାର ପ୍ରଥମ, ଅଙ୍କିତା ପଣ୍ଡା ଦ୍ୱିତୀୟ, ଭାବନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ଗୀତରେ ଶୁଭମ୍ ପଣ୍ଡା ପ୍ରଥମ, ନନ୍ଦିତା କୁମ୍ଭାର ଦ୍ୱତୀୟ ଏବଂ ପ୍ରାଚୀ ପଣ୍ଡା ତୃତୀୟ ହୋଇଥିଲେ। ବିଚାରକଭାବେ ଆଶିଷ ପଣ୍ଡା, ରିତ ପଣ୍ଡା, ଅଶୋକ ପୃଷ୍ଟି, ରୁଦ୍ରମଣୀ ବଗର୍ତ୍ତୀ, ସୁରେଶ ନାୟକ, ଶିଶିର ନାୟକ ଦାୟିତ୍ୱ ତୁଲାଇଥିଲେ।

# କପାସିରାରେ ନୂଆଁଖାଇ ଭେଟ୍‌ଘାଟ

**ଉଲୁଣ୍ଡା, ୬।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତ ଅନ୍ତର୍ଗତ କପାସିରା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ନନ୍ଦକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଯୁଗଳ କିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତା ଭାବେ ପଞ୍ଚମହଲା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବାଗ ଯୋଗଦେଇ ନୂଆଁଖାଇର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଗ୍ରାମ୍ୟ କମିଟି ସମ୍ପାଦକ ସତ୍ୟନାରାୟଣ ପୂଜାହାରୀ, ଦେବଦତ ପୂଝାରି ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷକ ଗରିବ ବାଘ ଏବଂ ଇନ୍ଦ୍ରଜିତ ବଗର୍ତ୍ତୀଙ୍କ ସଂଯୋଜନାକ୍ରମେ ସଙ୍ଗୀତ, ନୃତ୍ୟ, ଗୀତ, ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରାୟ ୮୦ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଉଇଜେଡ ଓଡିଶା ମୁଖ୍ୟ ହରଦତ ପୂଝାରି ଏବଂ ଅଧ୍ୟାପକ ବିଶ୍ୱାନଥ ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରିଙ୍କୁ ପଣ୍ଡା ଧନ୍ୟବାଦ ଦେଇଥିଲେ।




କପାସିରା ଗ୍ରାମରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

**Dhenkanal College (Auto), Dhenkanal**
www.dhenkanalcollege.nic.in
**Admission Notice: 2019-20**

Applications are invited for admission into the following Self-Financing courses offered under Utkal University for the session 2019 -20 (PPP).

| Course | Annual Fee | Eligibility |
|---|---|---|
| 2-Yr M. Sc (Computer Science) Master of Science (Computer Science) | ₹30,000/- | +3 in Any stream with Math in +2 level |
| 2-Yr MAPM&IR Master of Personnel Management & Industrial Relations | ₹30,000/- | +3 in Any stream |

**Scholarship:** Available for eligible SC, ST, OBC & Minority category.

The Application Form can be obtained from the College on all working days on payment of Rs.50/- and the form duly filled in all respect should reach the Principal on or before 10.09.2019.

PRINCIPAL

06762-221130, M.Sc(CS) : 7008546253
MBA/MAPM&IR : 9439641117/9853770780



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
- ଦୟାନନ୍ଦ ସରସ୍ୱତୀ



**ସଂକ୍ଷେପରେ**

## ପଣ୍ଡରିପାଣି ଗ୍ରାମରେ ନୂଆଁଖାଇ ଭେଟଘାଟ

ଘେଁସ,୬।୯(ଡି.ଏନ.ଏ)

ବରଗଡ ଜିଲା ମେଲଛାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଣ୍ଡରିପାଣି ଗ୍ରାମରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସତ୍ୟାନନ୍ଦ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମେଲଛାମୁଣ୍ଡା ଥାନା ଅଧିକାରିଣୀ ସ୍ୱପ୍ନାରାଣୀ ଗୋଛାୟତ ମୁଖ୍ୟଅତିଥି, ସରପଞ୍ଚ ସୁନୀତା ବରିହା, ନରେନ୍ଦ୍ର ଜାଲ, ଶିକ୍ଷକ ରସିକ କଲେତ, ଜଗଦୀଶ ଲୁହା, ସୁଶୀଲ ଚାନ୍ଦ, ପ୍ରଶନ୍ନ ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗ୍ରାମଦେବୀ ମାଁ ସପ୍ତଭଗିନୀଙ୍କ ଠାରେ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ନାଟ୍ୟକାର ପ୍ରଦୀପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଗ୍ରାମର ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା ହୋଇଥିଲା । ସେହିପରି ସତ୍ୟାନନ୍ଦ ଯୁବକ ସଂଘର କଳାକାର ପ୍ରଦୀପ ପଣ୍ଡାଙ୍କ ରଚିତ ନିଶା ନିବାରଣ ସମ୍ବନ୍ଧିତ ନାଟକ 'ମୁକ୍ତି' ପରିବେଷିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଂଘ ସଭାପତି ବାଞ୍ଛାନିଧି ସା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଧାନକିଣା ଜାଲିଆତି

# ଭିତରକୁ ଲମ୍ବିଛି ଚେର

- ବିଭାଗୀୟ ତଦନ୍ତ ଆଳରେ ଗଡୁଛି ସମୟ
- ଅଧିକାରୀଙ୍କ ଭୂମିକାକୁ ନେଇ ବଢୁଛି ସନ୍ଦେହ
- ଚାଷୀଙ୍କ ଆକାଉଣ୍ଟରୁ ହୋଇଛି ଟଙ୍କା ଟ୍ରାନ୍ସଫର
- ଏଆରସିଏସଙ୍କୁ ଡିଆରସିଏସଙ୍କ ତଦନ୍ତ ନିର୍ଦ୍ଦେଶ

ବରଗଡ଼ ଅଫିସ୍,୬।୯

ବରଗଡ଼ ଜିଲାରେ ଗତ ରବିରବିରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଶତାଧିକ ଚାଷୀ ନିଜ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଧାନକ୍ରୟ ଲକ୍ଷ୍ୟ ପୂରଣ ହୋଇଥିବା ଦର୍ଶାଇ ପ୍ରଶାସନ ପକ୍ଷରୁ ମଣ୍ଡି ଗୁଡ଼ିକୁ ବନ୍ଦ କରି ଦିଆଯିବାରୁ ଚାଷୀମାନେ ସେଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନ୍ୟପଟେ ସେହି ଧାନକ୍ରୟ ଲକ୍ଷ୍ୟ କିଭଳି ପୂରଣ ହୋଇଥିଲା, ତାହା ଜିଲାର ବରଗଡ଼ ଆରଏମସି ଅଧୀନ ତୋରା ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣା ଜାଲିଆତିରୁ ସ୍ପଷ୍ଟ ହୋଇଛି । ନଈନାଳ, ରେଳପଥ, ଗ୍ରାମ୍ୟରାସ୍ତା, ବନ୍ଧ, ପୋଖରୀ ଭଳି ଜଳାଶୟକୁ ଚାଷଜମି ଭାବେ ଦର୍ଶାଇ ଚାଷୀ ପରିଚୟପତ୍ର ପ୍ରସ୍ତୁତ କରି ବହୁ ପରିମାଣର ଧାନ କିଣାବିକା ହୋଇଥିବା ପଦାକୁ ଆସିଛି ।

ଧାନ ସଂଗ୍ରହ ପ୍ରକ୍ରିୟାରେ ଏଭଳି ଅନିୟମିତତା କେବଳ ତୋରା ପ୍ୟାକ୍ସରେ ହୋଇଛି, ତାହା ନୁହେଁ । ଜିଲାର ଅନ୍ୟ କେତେକ ପ୍ୟାକ୍ସରେ ମଧ୍ୟ ଏଭଳି ଜାଲିଆତିକୁ ମାଧ୍ୟମ କରି ଧାନ କିଣାବିକା ହୋଇଥିବା ସାଧାରଣରେ ଆଲୋଚନା ଚାଲିଛି । ଏଭଳି ଏକ ଜାଲିଆତି ଘଟଣାର ପର୍ଦ୍ଦାଫାଶ କିମ୍ବା କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରଶାସନିକ ଆନ୍ତରିକତା ରହିଥିବା ଭଳି ମନେ ହେଉନାହିଁ । ତଦନ୍ତ ନାମରେ ସମୟ ଗଡୁଛି ଏବଂ ଏହା ଜାଲିଆତିରେ ସମ୍ପୃକ୍ତ ଅସାଧୁ କର୍ମଚାରୀଙ୍କୁ ସୁହାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏ ନେଇ ଭାରପ୍ରାପ୍ତ ସହକାରୀ ସମବାୟ ନିବନ୍ଧକ (ଏଆରସିଏସ୍) ଶରତ ଚନ୍ଦ୍ର ପାଣିଗ୍ରାହୀ ସ୍ଥାନୀୟ ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଇଓ) ଶାନ୍ତନୁ ପାଣିଗ୍ରାହୀ ଏହି ଜାଲିଆତି ଘଟଣାର ତଦନ୍ତ ଦାୟିତ୍ୱ ଦେଇଛନ୍ତି । ମାତ୍ର ପାଣିଗ୍ରାହୀଙ୍କ ତଦନ୍ତ ଇତିମଧ୍ୟରେ ସରିନାହିଁ । ଏ ନେଇ ସିଇଓ ପାଣିଗ୍ରାହୀଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲା । ମାତ୍ର ତାଙ୍କ ଫୋନ ବନ୍ଦ ରହିଥିବା ଯୋଗୁ ପାଣିଗ୍ରାହୀଙ୍କ ମତାମତ ମିଳିପାରିନାହିଁ । ଅନ୍ୟପଟେ ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ଅତିରିକ୍ତ ସମବାୟ ନିବନ୍ଧକ (ଡିଆରସିଏସ) ଭକ୍ତବନ୍ଧୁ ସାହୁ ସ୍ଥାନୀୟ ଏଆରସିଏସଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ଅନ୍ୟପକ୍ଷେ ବିଳମ୍ବିତ ତଦନ୍ତକୁ ନେଇ ସାଧାରଣରେ ନାନା ସନ୍ଦେହ ଉପୁଜୁଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚାପିଦେବା ପାଇଁ ତଦନ୍ତ ବିଳମ୍ବ କରାଯାଉଥିବା ଅଭିଯୋଗ ହେଉଛି । ଉକ୍ତ ଜାଲିଆତି ଘଟଣାରେ ଚାଷୀଙ୍କ ସରଳତାର ସୁଯୋଗ ନେଇ ଅନେକ ବଡ଼ବଡ଼ିଆ ତଥା ଥିଲା ବାଲା ସବୁଠାରୁ ଅଧିକ ଫାଇଦା ଉଠାଇଥିବା ସୂଚନା ମିଳିଛି । ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ୟାକ୍ସ, ଆରଏମସି ଏବଂ ଯୋଗାଣ ବିଭାଗର ଭୂମିକା ଥିବାବେଳେ ବେପାରୀଙ୍କୁ ହାତ କରି କିଛି ମିଲର୍ସ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଆଲୋଚନା ହେଉଛି । କେବଳ ସେତିକି ନୁହେଁ, ନିଜକୁ ଚାଷୀନେତା ଓ ରାଜନେତା ବୋଲି ପରିଚୟ ଦେଉଥିବା ଅଞ୍ଚଳର କିଛି ଲୋକ ଜାଣିଶୁଣି ଏଭଳି ଏକ ଜାଲିଆତିକୁ ପ୍ରଶୟ ଦେଇଛନ୍ତି । ଘଟଣାର ପର୍ଦ୍ଦାଫାଶ ସତ୍ତ୍ୱେ ଏଥିପ୍ରତି ନିରବତା ସେହି ତଥାକଥିତ ନେତାଙ୍କ ଅସଲ ମୁଖାକୁ ଖୋଲି ଦେଇଛି। ସେହି ପରିଚୟ ପତ୍ର ମାଧ୍ୟମରେ ଯେଉଁ ଧାନକ୍ରୟ ହୋଇଛି, ତାହା ମଣ୍ଡିକୁ ନ ଆସି ସିଧାସଳଖ କେତେକ ରାଇସ ମିଲକୁ ଯାଇଛି । ମଣ୍ଡିରେ ସେହି ଧାନକୁ ଫଲ୍ସ ଏଣ୍ଟି କରାଯାଇ ଥିବାବେଳେ ସମ୍ପୃକ୍ତ ଧାନ ପରିବହନରେ ୨ଚକିଆ ଗାଡ଼ିର ନମ୍ବରକୁ ମଧ୍ୟ ଉଲ୍ଲେଖ କରାଯାଇଥିବା ଭଳି ସୂଚନା ହସ୍ତଗତ ହୋଇଛି । ସେହିପରି ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟରେ ଜମା ହୋଇଥିବା ଟଙ୍କାକୁ ଯେଉଁ କିଛି ଲୋକଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି, ସେଥିରେ ବହୁ ଥିଲାବାଲା ତଥା କିଛି ବିଭାଗୀୟ କର୍ମଚାରୀ, ବେପାରୀ ଏବଂ ମିଲର୍ସଙ୍କ ସମ୍ପର୍କୀୟ ନାମ ରହିଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି ।

ସମୟ ହୋଇନି କହି ଡାକ୍ତର ଫେରାଇଦେଲେ

## ଶୌଚାଳୟରେ ସନ୍ତାନ ଜନ୍ମ କଲେ ପ୍ରସୂତି

ବୌଦ୍ଧ,୬।୯(ସ୍ୱ.ପ୍ର)

ଡାକ୍ତରଙ୍କ ଅବହେଳା ଯୋଗୁ ବୌଦ୍ଧ ଜିଲାରେ ଜଣେ ପ୍ରସୂତୀ ଉପଯୁକ୍ତ ଚିକିତ୍ସା ନ ପାଇ ଶେଷରେ ଶୌଚାଳୟରେ ପିଲା ଜନ୍ମ କରିବା ଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି । ଏହା ଜିଲାର ସରକାରୀ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାରେ ପକାଇଛି ।

ସୂଚନା ମୁତାବକ, ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ଗଡଫେସଫେରଡି ଗ୍ରାମର ଜନକ କର୍ମୀ ତାଙ୍କ ସ୍ତ୍ରୀ ଜାନକୀ ଆସନ୍ତା ଅକ୍ଟୋବର ୨ ତାରିଖରେ ପିଲା ଜନ୍ମ କରିବା ପାଇଁ ଡାକ୍ତର ତାରିଖ ଧାର୍ଯ୍ୟ କରିଥିଲେ । ଏହି କ୍ରମରେ ଶୁକ୍ରବାର ଜନକ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମନମୁଣ୍ଡା ଚିକିତ୍ସାଳୟରେ ପହଞ୍ଚିଥିଲେ। କିନ୍ତୁ ମନମୁଣ୍ଡାରେ ଅଲଟ୍ରାସାଉଣ୍ଡ ମେଶିନ ନ ଥିବାରୁ ଉକ୍ତ ଦମ୍ପତି ସୁବର୍ଣ୍ଣପୁର ଯାଇଥିଲେ । ସେଠାରେ ମଧ୍ୟ ଅଲଟ୍ରାସାଉଣ୍ଡ ହୋଇ ନ ପାରିବାରୁ ପୁଣି ବୌଦ୍ଧ ଫେରିଆସି ଏକ ଘରୋଇ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ପରୀକ୍ଷା କରାଇଥିଲେ । ତେବେ ପିଲା ଜନ୍ମ ହେବାକୁ ଆହୁରି ବିଳମ୍ବ ଅଛି କହି ଡାକ୍ତର ଔଷଧ ଲେଖିଦେଇଥିଲେ । ଔଷଧ କିଣି ପ୍ରସୂତୀ ଓ ତାଙ୍କ ସ୍ୱାମୀ ବୌଦ୍ଧ ବସଷ୍ଟାଣ୍ଡ ନିକଟସ୍ଥ ଶୌଚାଳୟକୁ ଯାଇଥିବାବେଳେ ସେଠାରେ ପ୍ରସୂତୀ ଜଣକ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ପ୍ରସୂତୀଙ୍କ ସ୍ୱାମୀ ଶୌଚାଳୟ ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏକ ଆଉଟଡୋର ଟିକଟ କରିବା ସହିତ ତୁରନ୍ତ ତାଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ତେବେ ତୁମ ସ୍ତ୍ରୀଙ୍କୁ ଚିକିତ୍ସାଳୟକୁ ଆଣିଲେ ଆମେ ଚିକିତ୍ସା କରିବୁ ବୋଲି ଡାକ୍ତର କହିଥିଲେ । ଜନକ ସ୍ତ୍ରୀକୁ ଚିକିତ୍ସାଳୟକୁ ଆଣିବାକୁ ଆମ୍ବୁଲାନ୍ସ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣି ନ ଥିବା ଅଭିଯୋଗ କରିଛନ୍ତି । କୌଣସି ଅଟୋ ରିକ୍ସା ସହାୟତାରେ ସ୍ତ୍ରୀଙ୍କୁ ଚିକିତ୍ସାଳୟରେ ପହଞ୍ଚାଇବା ଆଶାରେ ଜନକ ତୁରନ୍ତ ଶୌଚାଳୟକୁ ଫେରିଥିଲେ । ଏପଟେ କିନ୍ତୁ ତାଙ୍କ ସ୍ତ୍ରୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଶୌଚାଳୟ ବାରଣ୍ଡାରେ ପଡିରହିଥିଲେ । ଖବର ପାଇ ଏଡିଏମଓ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ ତୁରନ୍ତ ଏକ ଆମ୍ବୁଲାନ୍ସ ଓ ଦୁଇଜଣ କର୍ମଚାରୀଙ୍କୁ ଶୌଚାଳୟକୁ ପଠାଇ ପ୍ରସୂତୀ ମହିଳାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ଏଡିଏମଓ ଡ. ପଟ୍ଟନାୟକଙ୍କୁ ପଚାରିବାରୁ ମହିଳା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି ଓ ବର୍ତ୍ତମାନ ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି ବୋଲି ପ୍ରକାଶ କରିଥିଲେ ।

## ଖଇରମାଳ ରାସ୍ତା ମରାମତି ଦାବି

ଘଣ୍ଟାପଡା, ୬।୯ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ମନମୁଣ୍ଡା–ସିନ୍ଧୁଗୋରା ନଂ. ୪୧ ରାଜପଥରୁ ଖୁଣ୍ଟିଗୋରା ପଞ୍ଚାୟତ ଅଧୀନ ଖଇରମାଳ ଗ୍ରାମକୁ ଯାଇଥିବା ମାଟି ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ପାଣି ଜମି କାଦୁଅ ପଚପଚ୍ କରୁଛି। ଫଳରେ ଲୋକଙ୍କ ଯିବା ଆସିବାରେ ଅସୁବିଧା ଦେଖାଦେଉଛି । ୭ ବର୍ଷ ହେବ ରାସ୍ତା ମରାମତି ନ ହେବାରୁ ବର୍ଷା ଦିନରେ ଲୋକେ ସାଇକେଲରେ ବି ଯିବାଆସିବା କରି ପାରୁନାହାନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବାରେ ସମସ୍ୟା ଦେଖାଦେଉଛି। ପଞ୍ଚାୟତ ଶୀଘ୍ର ରାସ୍ତାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଭାଗବତ ଟୁଙ୍ଗି ଛାତ ନିର୍ମାଣକୁ ନେଇ ବିବାଦ

ଅତାବିରା, ୬।୯ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅଧୀନ ଟାମ୍ପରସରା ପଞ୍ଚାୟତର ଛନ୍ଦପାଲି ଗ୍ରାମରେ ନିର୍ମାଣାଧୀନ ଭାଗବତ ଟୁଙ୍ଗୀ ଜମିର ୬ ଇଞ୍ଚ ସ୍ଥାନକୁ ନେଇ ବିବାଦ ଦେଖାଦେଇଛି। ଏହି ନିର୍ମାଣ କାମ ପାଇଁ ପ୍ରଥମେ ଡବ୍ଲ୍ୟୁଡିସି ଅନୁଦାନରୁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ପୁଣି ଏଥିପାଇଁ କୁଆଡେ ଆମ ଗାଁ ଆମ ବିକାଶରୁ ୪ ଲକ୍ଷ ଟଙ୍କା ଅନୁଦାନ ଆସିଛି । ଏହି ଅନୁଦାନରେ ଛାତ କାମ ଚାଲିଥିବା ସମୟରେ ଗ୍ରାମବାସୀ ଏବଂ ଭାଗବତ ଟୁଙ୍ଗୀକୁ ଲାଗି ରହିଥିବା ଏକ ପରିବାର ମଧରେ ଗଣ୍ଡଗୋଳର ସୂତ୍ରପାତ ହୋଇ ଘଟଣାଟି ଥାନା ପର୍ଯ୍ୟନ୍ତ ଯାଇଛି। ଆକ୍ରମଣ ପ୍ରତି ଆକ୍ରମଣରେ ଉଭୟ ପକ୍ଷର ମହିଳା ପୁରୁଷ ଆହତ ହୋଇଛନ୍ତି । ଏ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି । ପୋଲିସ ଉଭୟ ପକ୍ଷଙ୍କୁ ଡାକି ସମାଧାନ କରିବାକୁ ଚେଷ୍ଟା ଚଳାଇଛି । ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ଏ ବିଷୟରେ ମୁଁ କିଛି ଜାଣିନାହିଁ । ତଦନ୍ତ କରି କଣ ହୋଇଛି ଦେଖୁଛି ବୋଲି କହିଥିଲେ ।

ପୋଲିସ ଟାର୍ଗେଟ୍‌ରେ ମଦ୍ୟପ ଗାଡି ଚାଳକ

## ଦୁଇ ନିଶାସକ୍ତ ଚାଳକ ଗିରଫ

ବରଗଡ଼ ଅଫିସ୍,୬।୯

ସଂଶୋଧିତ ଟ୍ରାଫିକ ଆଇନ ଲାଗୁ ହେବା ପରେ ଗତ ୧ତାରିଖରୁ ବରଗଡ଼ ଜିଲାରେ ଧରପଗଡ଼ ଚାଲିଥିଲା। ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବାଇକ୍, ଅଟୋ ଏବଂ ଚାରି, ଛଅ ଚକିଆ ଯାନବାହନ ଯାଞ୍ଚ କରାଯାଇଥିଲା। ଇତିମଧ୍ୟରେ ଏଭଳି ଯାଞ୍ଚରେ ୧୨୨ ଡ୍ରାଇଭରଙ୍କଠାରୁ ୧ଲକ୍ଷ ୮୨ହଜାର ଟଙ୍କା ଜରିମାନା ଅସୁଲି କରାଯାଇଥିବା ବେଳେ ୧ଲକ୍ଷ ୬୫ହଜାର ଟଙ୍କା ଅନାଦାୟ ରହିଛି । ତେବେ ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ଟାଉନ ଥାନା ପୋଲିସ ନିଶାସକ୍ତ ଡ୍ରାଇଭରଙ୍କ ଉପରେ ହିଁ କେବଳ ନଜର ରଖିଥିଲା । ଏହି କ୍ରମରେ ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବରାହଗୋଡ଼ା ଟୋଲଗେଟ୍‌ରେ ରହିଥିବା ଟିମ୍ ୨ନିଶାସକ୍ତ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭରମାନେ ହେଲେ ମଧ୍ୟପ୍ରଦେଶର ଗୋବିନ୍ଦ ରାଠୋର ଏବଂ ବୌଦ୍ଧର ତମେନ୍ଦ୍ରୀୟ ପ୍ରଧାନ । ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପୂଜାରୀ କହିଛନ୍ତି ।

## ଅତାବିରା ଶିକ୍ଷକ ଭବନ ପ୍ରତିଷ୍ଠା ଉତ୍ସବ

ଜାମଟିକ୍ରା, ୬।୯ (ଡି.ଏନ.ଏ)

ଅତାବିରାର ନବନିର୍ମିତ ଶିକ୍ଷକ ଭବନଠାରେ ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି ଏହି ଅବସରରେ ନବନିର୍ମିତ ଶିକ୍ଷକ ଭବନକୁ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଫିତା କାଟି ଉଦଘାଟନ କରିଥିଲେ। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂହ ଚୌପଦାର, ବ୍ଲକ ଅଧକ୍ଷା ରୀତା ସାହୁ ପ୍ରମୁଖ ଯୋଗଦାନ କରି ଗୁରୁ ଶିଷ୍ୟ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଅତାବିରା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜକିଶୋର ପୂଜାରୀ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତାବିରା ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ ମିଶ୍ର, ଶିକ୍ଷକ ନେତା ନିଶିକାନ୍ତ ପଣ୍ଡା, ରଶ୍ମିରଞ୍ଜନ ସାହୁ, ସନ୍ତୋଷ କର, ମନୋରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

EDUCATION EDUCATION

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

ASTROLOGY ASTROLOGY

BUSINESS BUSINESS

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଅଙ୍ଗନୱାଡିରେ ପୃଷ୍ଟି ସପ୍ତାହ ପାଳିତ

ଘଣ୍ଟାପଡା, ୬।୯ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଘଣ୍ଟାପଡା ଅଙ୍ଗନୱାଡି କେନ୍ଦ୍ର-୧ରେ ଯାଞ୍ଚ କମିଟି ସଭାପତି ପ୍ରଭାତ ସାହୁଙ୍କ ଅଧକ୍ଷତାରେ ପୃଷ୍ଟି ସପ୍ତାହ ଦିବସ ପାଳିତ ହୋଇଯାଇଛି । ଅଙ୍ଗନୱାଡି କର୍ମୀ ଜ୍ୟୋତ୍ସ୍ନା ସାହୁ ଶିଶୁ ଓ ପ୍ରସୂତୀ ମା'ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଯୋଗାଯାଉଥିବା ଖାଦ୍ୟର ନମୂନା ପ୍ରଦର୍ଶନ କରି ଜଣେ ପ୍ରସୂତୀ ମା' ଓ ଶିଶୁ କିପରି ସୁସ୍ଥ ରହିବେ, ତାକୁ କି ପ୍ରକାର ଖାଦ୍ୟ ଦରକାର, କେଉଁ ଖାଦ୍ୟରୁ କି ପ୍ରକାର ଭିଟାମିନ ମିଳେ, କଣ ଖାଇଲେ ରୋଗ ନିରାକରଣ ଶକ୍ତି ବଢ଼େଇ ସେ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଆଶା ଦିଦି କଳ୍ପନା ସେଠି ଉପସ୍ଥିତ ଥିଲେ । ଗ୍ରାମର କୁନି ସାହୁ, ନରେନ୍ଦ୍ରୀ ସାହୁ, ଜାମିନି ମହଲା, କୁନ୍ତି ସାହୁ, ସୁଶୀଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନୂଆଁଖାଇ ଜୁହାର ଭେଟ ହୋଇଥିଲେ ।

### ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ପୁରୁଣାକଟକ, ୬।୯(ଡି.ଏନ.ଏ)
ବୌଦ୍ଧ ଜିଲ୍ଲା ପୁରୁଣାକଟକ ଭୈରବୀ କ୍ଲବ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଶୁକ୍ରବାର କ୍ଲବ ପରିସରରେ ଏକ ବୈଠକରେ ସଭାପତି ଭାବେ ଅଙ୍କୁର ସେଠୀ, ଅମିତ ବେହେରା ଉପ ସଭାପତି, ତୁଷାର ସାହୁ ସମ୍ପାଦକ, କ୍ରିଷ୍ଣା ବାରିକ ସହ ସମ୍ପାଦକ, ସଞ୍ଜୟ ପୃଷ୍ଟି କୋଷାଧକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନିତ ହୋଇଥିଲେ । ସେହିପରି ସନ୍ତୋଷ ପ୍ରଧାନ, ବିକ୍ରମ ପାତ୍ର, ଅନାଦି ପୋଢ, ବିରେନ୍ଦ୍ର ଦ୍ୱାରି, ଅଙ୍କିତ ସେଠୀ, ବାବୁ ଆପଟ, ଚୈତନ୍ୟ ପ୍ରଧାନ, ସୁମନ ସାହୁ, ଅମୀୟ ପଟନାୟକ, ସଂସ୍କାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ମନୋନିତ ହୋଇଥିଲେ । ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଘେଁସ,୬।୯(ଡି.ଏନ.ଏ)
ସୋହେଲା ବ୍ଲକ ପେଟୁପାଲିଠାରେ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଲାଗି ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଘୋଷାମଣି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ପୂର୍ବ ବର୍ଷ ପୂଜାର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ପରେ ଚଳିତ ବର୍ଷ ପୂଜା ପରିଚାଳନା ପାଇଁ ଏକ ନୂତନ କମିଟି ଗଠିତ ହୋଇଥିଲା। ଏଥିରେ ଘୋଷାମଣି ବାଗ ସଭାପତି, ସୁବୋଧ ଚୌହାନ ଉପସଭାପତି, ସୁବାଷ ଦିଶ୍ରୀ ସମ୍ପାଦକ, କୁଞ୍ଜ ବିହାରୀ ପଧାନ ସହ ସମ୍ପାଦକ, କୁମରମଣି ବିଶି କୋଷାଧ୍ୟକ୍ଷ, ମିନିକେତନ ବାରିକ ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି। ପୂଜା ଅବସରରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମହନୀ ପରିଚାଳନା ପାଇଁ ଗଠିତ କମିଟିରେ ସୁଶାନ୍ତ ଦିଶ୍ରୀ ସଭାପତି, ଅନୀଲ କୁମାର ସାବତ ସମ୍ପାଦକ, କୁମରମଣି ପଧାନ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ ।

■ ଶସ୍ୟବୀମା, ଇନପୁଟ ସବସିଡି ମିଳୁନି

# ବୀମା ପାଇଁ ଗର୍ଜିଲେ ଚାଷୀ

ବିଜେପୁର, ୬।୯ (ଡି.ଏନ.ଏ)
ପ୍ରଧାନମନ୍ତ୍ରୀ ଫସଲ ବୀମା ବିବାଦ ଅଙ୍କ ଛିଡୁନି । ଏହି କ୍ରମରେ ଫସଲ ବୀମା ଓ ଇନପୁଟ ସବସିଡି ଦାବିରେ ବରଗଡ ଜିଲା ବିଜେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବିପୂରଣ ପାଇଁ ଚାଷୀମାନେ ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ ଗୁଡିକୁ ଅଚଳ କରିଦେଇଥିଲେ ।

ମିଳିଥିବା ସୂଚନା ମୁତାବକ, ଚାଷୀମାନେ ୨୦୧୭ର ମରୁଡି ସହାୟତା ରାଶି ସମ୍ପୂର୍ଣ୍ଣ ଭାବେ ପାଇପାରି ନାହାନ୍ତି। ପୁଣି ୨୦୧୮ର ଇନପୁଟ ସବସିଡି ଶସ୍ୟବୀମା ରାଶି ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇନାହିଁ । ଅପରପକ୍ଷେ ପଡା ଏମଶ୍ରୀଗିଡା, ବଡବ୍ରାହ୍ମଣୀ, ଜାରିଂ, ସମଲାଇପଦର, ଭଟିଗାଁ, ଟି.ଗଣ୍ଡପାଲି, ପହଣ୍ଡି, ଖରମୁଣ୍ଡା ଆଦି ୯ଖଣ୍ଡ ପଞ୍ଚାୟତ ଚାଷୀଙ୍କୁ ୨୦୧୮ ମରୁଡି ସହାୟତା ତାଲିକାରୁ ବଞ୍ଚିତ କରାଯାଇଛି । ଫଳରେ ଚାଷୀମାନଙ୍କ ମଧ୍ୟରେ କୁହୁଳୁଥିବା ପୁଞ୍ଜିଭୁତ ଅସନ୍ତୋଷ ଶୁକ୍ରବାର ବିସ୍ଫୋରକ ରୂପ ଧାରଣ କରିଥିଲା । ସ୍ଥାନୀୟ ହାଇସ୍କୁଲ ପଡିଆରୁ ଚାଷୀମାନେ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି କରି ତହସିଲ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ କୃଷକ ସଙ୍ଗଠନ ସଭାପତି ସୁବାଷ ପଧାନଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ରମାଦିତ୍ୟ ପଧାନ, ନିମାଇଁ ଚରଣ ସାହୁ, ସଞ୍ଜୀବ କୁମାର ପଣ୍ଡା, ଲକ୍ଷପତି ନାଗ, ବଳଭଦ୍ର ପଧାନ, ଯଦୁମଣି ପଟେଲ, ସଦାନନ୍ଦ ପୂଜାରୀ ପ୍ରମୁଖ ଚାଷୀନେତା ସରକାର ଓ ବୀମା କମ୍ପାନୀର ଚାଷୀ ମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ । ବିଜେପୁର ବ୍ଲକରୁ ଏସିଏଫ ଉଚ୍ଛେଦ, ଚାଷୀଙ୍କୁ ତୁରନ୍ତ ଇନପୁଟ ସବସିଡି ପ୍ରଦାନ, ୨୦୧୭ର ୱାଇସିଏଫ ଉଚ୍ଛେଦ, ଗଙ୍ଗାଧର ମେହେର ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଚାଷୀଗଣ ଦାବି କରିଥିଲେ । ବିଜେପୁର ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ବିପୁଳ ଭୋଟରେ ବିଜୟୀ ହୋଇଥିଲେ ସୁଦ୍ଧା ଚାଷୀମାନଙ୍କ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ତହସିଲଦାର ପଦ୍ମନାଭ ସାମନ୍ତରାୟ ବିକ୍ଷୋଭ ସମାବେଶରେ ଉପସ୍ଥିତ ରହି ୨୦୧୮ର ଇନପୁଟ ସବସିଡି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ସୂଚନା ଦେଇଥିଲେ । ପରେ ଚାଷୀମାନେ ମଧ୍ୟାହ୍ନରେ ପିକେଟିଂ କରି ତହସିଲ, ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା, ରାଜସ୍ୱ, କୃଷି କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରି ଦେଇଥିଲେ । ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ସାମିଲ ହୋଇଥିଲେ ।



ଚାଷୀଗଣ ଶୋଭାଯାତ୍ରାରେ ପିକେଟିଂ କରି ବ୍ଲକ କାର୍ଯ୍ୟାଳୟକୁ ଅଚଳ କରିଛନ୍ତି ।

■ ଓଭରହେଡ ଟାଙ୍କି ପାଇଁ ଜାଗା ଛାଡିବାକୁ ମନାକଲେ ଜବରଦଖଲକାରୀ

# ଥାନାରେ ଅଭିଯୋଗ କଲେ ଗ୍ରାମବାସୀ

ମନମୁଣ୍ଡା, ୬।୯ (ଡି.ଏନ.ଏ)
କନ୍ଧମାଳ ବ୍ଲକରେ ସରକାରଙ୍କ ତରଫରୁ ମେଗା ଜଳଯୋଗାଣ ପ୍ରକଳ୍ପ ହେବାକୁ ଯାଉଛି । ଏହା ଲୋକାପଡାଠାରେ ସ୍ଥାପନ ହୋଇ ବ୍ଲକ ସାରା ଜଳଯୋଗାଣ ହେବ ବୋଲି ଜାଣିବାକୁ ମିଳିଛି । ସେ ନେଇ ସର୍ଭେକାମ ଗାଁ ଗାଁରେ ଆରମ୍ଭ ହୋଇଛି। ବରଗୋଛା ପଞ୍ଚାୟତ ଲୁଣପଙ୍ଗାଠାରେ ମଧ୍ୟ ସର୍ଭେ କରାଯାଇଛି। ସେଠାରେ ବସିବାକୁ ଥିବା ମୋଟର, ଟ୍ରାନ୍ସଫର୍ମର, ମେସିନ ତଥା ଓଭରହେଡ ଟାଙ୍କି ପାଇଁ ଜାଗା ଚିହ୍ନଟ କରାଯାଇଛି । ନିଜେ ଆର୍‌ଆଇ ତାହା ଚିହ୍ନଟ କରିଥିବା ବେଳେ ଉକ୍ତ ଜାଗାରେ ଗ୍ରାମର ଦୁଇଜଣ ବ୍ୟକ୍ତି କପା ଚାଷ କରି ସରକାରୀ ପ୍ଲଟକୁ ବେଆଇନ ଭାବେ ମାଡି ବସିଥିବାରୁ ସେମାନେ ଉକ୍ତ ଜାଗା ଛାଡିବାକୁ ମନା କରିଦେଇଛନ୍ତି । ସେମାନେ ଗଣ୍ଡଗୋଳ କରୁଥିବାରୁ ଠିକାଦାର କାମ କରିବାକୁ ମନା କରିଦେଇଛନ୍ତି। ଏଭଳି ଅଭିଯୋଗ ନେଇ ଗ୍ରାମର ଧନେଶ୍ୱର କର୍ଣ୍ଣ, ଅଶ୍ୱିନୀ କ୍ଷେତି, ରବିନ୍ଦ୍ର ଛନ୍ଦ, ବିକାଶ ମହାକୁଡ, ଯୋଗୀନ୍ଦ୍ର କର୍ଣ୍ଣ, ମନ କର୍ଣ୍ଣ, ଅନାଦି ମେହେର, ଦେବେନ୍ଦ୍ର ଡାଙ୍ଗ ପ୍ରମୁଖଙ୍କ ସହ ପ୍ରାୟ ୧୮୦ ଜଣ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଉକ୍ତ ପ୍ଲଟରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ସେଠାରେ ଜଳଯୋଗାଣ ପ୍ରକଳ୍ପ କାମ କରାଯିବାକୁ ଦାବି ହୋଇଛି । ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

# ୧୭ଦିନ ପରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଚିଠି ପହଞ୍ଚିନି

ଭେଡ଼େନ,୬।୯(ଡ଼ି.ଏନ.ଏ)
ବରଗଡ଼ ଜିଲା ଭେଡ଼େନ ବ୍ଲକ ସଂକ୍ରୀଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲୋଇସିରା ଗ୍ରାମର ଅଦ୍ୱୈତ କୁମାର ପଣ୍ଡା। ସେ ସଂକ୍ରୀଡ଼ା ଗ୍ରାମପଞ୍ଚାୟତରେ ୧୧ ବର୍ଷ ହେବ ଏସଇଏମ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କୁ ପଞ୍ଚାୟତର ପମ୍ପ ଡ୍ରାଇଭର ଭାବେ ତତ୍କାଳୀନ ସରପଞ୍ଚ ନିଯୁକ୍ତି ଦେଇଥିଲେ । ତେବେ ବର୍ତ୍ତମାନ ଜଣେ ୱାର୍ଡ଼ ସଭ୍ୟଙ୍କ ସ୍ୱାମୀଙ୍କୁ ଆଉ ଜଣେ ଏସଇଏମ ଭାବେ ନିଯୁକ୍ତ କରି ପମ୍ପ ଡ୍ରାଇଭର କରାଯାଇଛି। ଏ ନେଇ ପଣ୍ଡା ବାରମ୍ବାର ଭେଡ଼େନ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ପୁଣିଥରେ ପମ୍ପ ଡ୍ରାଇଭର କରାଯାଉ ବୋଲି ବିଡ଼ିଓ ଆରଡ଼ବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀଙ୍କୁ ସୁପାରିଶ କରିଥିଲେ। ତେବେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏହି ନିଯୁକ୍ତି ମୁଁ କରିପାରିବି ନାହିଁ ବୋଲି କହିଥିଲେ । ଏ ନେଇ ଘଟଣାର ଉପଯୁକ୍ତ ତଦନ୍ତ କରି ତାଙ୍କୁ ପମ୍ପ ଡ୍ରାଇଭର ଭାବେ ନିଯୁକ୍ତି କରିବା ପାଇଁ ଏସଇଏମ ପଣ୍ଡା ଗତ ଅଗଷ୍ଟ ୧୯ ତାରିଖରେ ବରଗଡ଼ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ କ୍ରମିକ ସଂଖ୍ୟା ହେଲା ୧୯୦୮୧୯୧୦୯ । ଏହି ଅଭିଯୋଗକୁ ଭିତ୍ତିକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବରଗଡ଼ ଜିଲାପାଳ ଭେଡ଼େନ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଅଭିଯୋଗର ୧୭ ଦିନ ବିତିଯାଇଥିଲେ ମଧ୍ୟ ଜିଲାପାଳଙ୍କ ନିର୍ଦ୍ଦେଶନାମା ଭେଡ଼େନ ବ୍ଲକ ଅଫିସକୁ ଆସିନାହିଁ। ଏ ସମ୍ପର୍କରେ ଶୁକ୍ରବାର ଏସଇଏମ ପଣ୍ଡା ଭେଡ଼େନ ବ୍ଲକ ଅଫିସକୁ ଆସି ପଚରାଉଚରା କରିବାରୁ ଅଗଷ୍ଟ ୧୨ ତାରିଖ ଏବଂ ୨୬ ତାରିଖର ଗ୍ରୀଭାନ୍ସ ସେଲ୍‌ର ପତ୍ରମାନ ଭେଡ଼େନ ବ୍ଲକ ଅଫିସକୁ ଆସିଥିବା ବେଳେ ୧୯ ତାରିଖର ପତ୍ର ଆସି ନ ଥିବା ଜାଣିବାକୁ ପାଇଥିଲେ । ଜଣେ ଜିଲାପାଳଙ୍କ ଅଭିଯୋଗ କକ୍ଷର ଚିଠି ବିଭାଗକୁ ଆସି ନ ଥିବା ପରି ଘଟଣାରେ ପ୍ରଶାସନ କିପରି ଚଳୁଛି ତାହା ଜଣାପଡୁଛି । ଏ ନେଇ ବିଡ଼ିଓ ମୁରଲିଧର ନାୟକଙ୍କୁ ପଚାରିବାରୁ ଆମ ପାଖକୁ ଜିଲାପାଳଙ୍କ ଅଭିଯୋଗ କକ୍ଷର ପତ୍ର ଆସିନାହିଁ। ଆମେ କଣ କରିବୁ ବୋଲି କହିଥିଲେ। ତେବେ ଆରଡ଼ବ୍ଲ୍ୟୁଏସଏସ ଜେଇଙ୍କୁ ପଚାରିବାରୁ ଜଣେ ପମ୍ପ ଡ୍ରାଇଭର ନିଯୁକ୍ତି ଆମେ କରିପାରିବୁ ନାହିଁ। ଏହା ପଞ୍ଚାୟତର କାମ ବୋଲି କହିଥିଲେ ।

# ବିଦ୍ୟୁତ ବିଭ୍ରାଟର ପ୍ରତିବାଦ, ଆଜି ଅତାବିରା ବନ୍ଦ

ଜାମଟିକ୍ରା, ୬।୯ (ଡି.ଏନ.ଏ)
ଦୀର୍ଘ ଦିନ ହେଲା ୱେସ୍କୋ ଅଫିସରେ ଆବଶ୍ୟକ କର୍ମଚାରୀ ନ ଥିବା ଏବଂ ବାରମ୍ବାର ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ନଗର ଯୁବ କଂଗ୍ରେସ ଶନିବାର ଅତାବିରା ବନ୍ଦ ଡାକରା ଦେଇଛି । ଫଳରେ ଅତାବିରାର ସମସ୍ତ ଦୋକାନ ବଜାର, ଅଫିସ, ଯାନବାହନ ଚଳାଚଳ ବନ୍ଦ ରହିବ । କେବଳ ଶିକ୍ଷାନୁଷ୍ଠାନ ଗୁଡିକ ଖୋଲା ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ବନ୍ଦକୁ ଅତାବିରା ବଣିକ ସଂଘ ସମେତ ଆହୁରି ଅନେକ ସଂଘ ସମର୍ଥନ ଜଣାଇଛନ୍ତି । ଗତ ଅଗଷ୍ଟ ୯ ତାରିଖରେ ଅତାବିରା ଅଞ୍ଚଳର ବିଭିନ୍ନ ପ୍ରକାରର ବିଦ୍ୟୁତ ସମସ୍ୟା ନେଇ ୱେସ୍କୋ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା । ଦାବି ପୂରଣ ନ ହେବାରୁ ଅଗଷ୍ଟ ୨୭ ତାରିଖରୁ ସ୍ଥାନୀୟ ଲାଦରପାଲି ସବଡିଭିଜନ ଅଫିସ, ଅତାବିରା– ୧ (ସହରାଞ୍ଚଳ) ଓ ୨ (ଗ୍ରାମାଞ୍ଚଳ) ସେକ୍ସନ ଅଫିସ, ରେଙ୍ଗାଲିକ୍ୟାମ୍ପ ସେକ୍ସନ ଅଫିସ ସମେତ ବିଲ ପୈଠ କେନ୍ଦ୍ର ମଧ୍ୟ ବନ୍ଦ କରାଯାଇଥିଲା । ୧୦ ଦିନ ବିତିଯାଇଥିଲେ ସୁଦ୍ଧା ୱେସ୍କୋ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟ ହୋଇ ଅତାବିରା ବନ୍ଦ ଡାକରା ଦିଆଯାଇଛି ବୋଲି ନଗର କଂଗ୍ରେସ ସଭାପତି ଅଭିନାଶ ପ୍ରଧାନ ଜଣାଇଛନ୍ତି ।

# ମହାଆଳତିରେ କ୍ୟାନସର ନିରାକରଣ ବାର୍ତ୍ତା

ବରଗଡ଼ ଅଫିସ୍,୬।୯
ଗଣେଶ ପୂଜନୋତ୍ସବ ସର୍ବତ୍ର ଅନୁଷ୍ଠିତ ହୋଇଯାଇଛି । କେତେକ ସ୍ଥାନରେ ଗଣେଶ ବିସର୍ଜନ ସରିଯାଇ ଥିବାବେଳେ ଆଉ କିଛି ସ୍ଥାନରେ ପୂଜାର୍ଚ୍ଚନା ଚାଲିଛି। ତେବେ ବରଗଡ଼ ଶକ୍ତିନଗର ନେହେରୁ ଆସୋସିଏଶନ ପକ୍ଷରୁ ଚାଲିଥିବା ଗଣେଶ ପୂଜନୋତ୍ସବ ଭିନ୍ନ ଢ଼ଙ୍ଗରେ ଚାଲିଛି । କେବଳ ଗଣେଶଙ୍କ ପ୍ରତିମା ପୂଜାରେ ଏଠାକାର ପୂଜନୋତ୍ସବ ସୀମିତ ରହିନାହିଁ । ଗଣେଶ ପୂଜା ଅବସରରେ ଭିନ୍ନ ଦିନରେ ଚାଲିଥିବା କାର୍ଯ୍ୟକ୍ରମ ସମାଜ ପାଇଁ ପ୍ରତିଦିନ ଗୋଟିଏ ଗୋଟିଏ ନୂଆ ବାର୍ତ୍ତା ଦେଉଛି। ଦୁଇଦିନ ତଳେ ମହାଆଳତୀରେ ସର୍ବଧର୍ମର ଲୋକେ ସମ୍ମିଳିତ ହୋଇ ସଂହତିର ବାର୍ତ୍ତା ଦେଇଥିଲେ । ଶୁକ୍ରବାର ମହାଆଳତି କାର୍ଯ୍ୟକ୍ରମରେ ସ୍ଥାନୀୟ କ୍ୟାନସର ପୀଡ଼ିତମାନେ ଏକାଠି ହୋଇଥିଲେ ଏବଂ ଜିଲାକୁ କ୍ୟାନସରମୁକ୍ତ କରିବା ପାଇଁ ବିଘ୍ନ ବିନାଶକ ଗଣେଶଙ୍କୁ ପ୍ରାର୍ଥନା କରିବା ସହିତ ମହାଆଳତି କରିଥିଲେ। ନେହେରୁ ଆସୋସିଏଶନର ଏଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବାବେଳେ କ୍ୟାନସର ନିରାକରଣ ପାଇଁ ବାର୍ତ୍ତା ମଧ୍ୟ ଦେଇଛି । ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।


କ୍ୟାନସର ନିରାକରଣ ପାଇଁ ଗଣେଶଙ୍କ ସମ୍ମୁଖରେ ମହାଆଳତି ।

# ଖନ୍ଦା ସ୍କୁଲ ପରିସର ଜଳାର୍ଣ୍ଣବ

ବିଜେପୁର, ୬।୯ (ଡି.ଏନ.ଏ)
ବିଜେପୁର ବ୍ଲକରେ ଗୁରୁବାର ସନ୍ଧ୍ୟାରୁ ତୁହାକୁ ତୁହା ବର୍ଷା ଲାଗି ରହିଛି । ଫଳରେ ଏହି ବ୍ଲକର ଖନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଶୁକ୍ରବାର ଜଳାର୍ଣ୍ଣବ ହୋଇଛି। ଶୁକ୍ରବାର ବିଦ୍ୟାଳୟ ଖୋଲିବା ସମୟରେ ସ୍ଥିତି ସ୍ୱାଭାବିକ ରହିଥିଲା । ପୂର୍ବାହ୍ନରେ ବର୍ଷା ହୋଇଥିଲା। ତେଣୁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ସ୍କୁଲ ପରିସରରେ ପାଣି ଜମିଥିଲା। ଏ ନେଇ ପ୍ରଧାନଶିକ୍ଷକ ପ୍ରକାଶ ମହାନନ୍ଦଙ୍କୁ ପଚାରିବାରୁ ସେ କହିଲେ, ମଧ୍ୟାହ୍ନରେ ହଠାତ ପ୍ରବଳ ବର୍ଷା ହୋଇଥିଲା । ଜଳ ନିଷ୍କାସନ ହୋଇ ନ ପାରିବାରୁ ପାଣି ଜମି ରହିଥିଲା। ସ୍କୁଲ ପାର୍ଶ୍ୱ ବାଇଗଣ କିଆରିର ହିଡ ଭଙ୍ଗାଯିବା ଦ୍ୱାରା ଜଳ ନିଷ୍କାସନ ହୋଇଥିଲା। ଛାତ୍ରୀଛାତ୍ରଙ୍କ କୌଣସି ଅସୁବିଧା ହୋଇ ନାହିଁ । ବରଂ ଅପରାହ୍ନ ଅଢ଼େଇଟାରୁ ଟିକାକରଣ ଯୋଜନାରେ ଶିକ୍ଷାର୍ଥୀମାନଙ୍କୁ ଟିକାକରଣ କରାଯାଇଥିବା ପ୍ରଧାନଶିକ୍ଷକ ମହାନନ୍ଦ କହିଛନ୍ତି ।


ଖନ୍ଦା ସ୍କୁଲ ପରିସରରେ ପାଣି ଜମି ରହିଛି ।

# ଡିଜିଟାଲ ସାକ୍ଷରତା ଶିବିର

ଜହ୍ନାପଙ୍କ, ୬।୯ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟଠାରେ ଭାରତୀୟ ଡାକ ବିଭାଗ, ନାବାର୍ଡ ଓ ଜହ୍ନାପଙ୍କ ଶାଖା ଡାକଘର ସହଯୋଗରେ ଡାକ ବିଭାଗର ଫାଇନାନ୍ସିଆଲ ଓ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ସରପଞ୍ଚ ରାଜେନ୍ଦ୍ର ମେହେର ଉଦଘାଟନ କରି ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକେ ଉପକୃତ ହେବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ବୌଦ୍ଧ ଡାକ ଶାଖା କ୍ଷେତ୍ର ଅଧିକାରୀ ଯୁଗଳ କୃଷ୍ଣ ପ୍ରଧାନ ଡିଜିଟାଲ ସେବା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ । ଜିଲା ଡାକ ଶାଖା ପରିଚାଳକ ଦେବୀପ୍ରସାଦ ନରସିଂହ ପାତ୍ରଙ୍କ ତତ୍ତ୍ୱାବଧାନରେ ଜହ୍ନାପଙ୍କ, ଲକ୍ଷ୍ମୀପ୍ରସାଦ, ଜଗତି, ଖୁଣ୍ଟବନ୍ଧ, ତେଲିବନ୍ଧ ଶାଖା ଡାକପାଳଙ୍କ ସହଯୋଗରେ ୨୦୦ରୁ ଉର୍ଦ୍ଧ୍ୱ ନୂତନ ଡିଜିଟାଲ ଜମାଖାତା ଖୋଲାଯାଇଥିଲା ।

# ଅପନ୍‌ତରା ହେଇ ପଡ଼ିଛେ ସରକାରୀ କୁଠା

ଗଣ୍ଡତୁରୁମ, ୬।୯ (ଡି.ଏନ୍.ଏ)
ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ପରିସରରେ ଲକ୍ଷାଧିକ୍ ଟଁକା ଖରଚ୍‌ରେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀକଁର ରହିବାର ଲାଗି ସରକାରୀ ଘର ତିଆର ହେଇଛେ । ହେଲେ ଘରଟା ବେଭାର ନାଇଁ ହେବାର ଲାଗି ଚର୍‌ହିକୁତି ଅନାବନା ଗଛଲତା, ଘାସରେ ପୂରି ରହିଛେ, କାଁଥିମାନ୍‌କେ ପାଏନ୍ ପଡ଼ି ପଡ଼ି ଜଗ୍‌ଲେଇ ସାଗୁଆ ଦିଶୁଛେ ।

ସୂଚନା ଅନ୍‌ସାରେ ଗଲା ୨୦୧୫-୧୬ ବଛରରେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ରହିବାର ଲାଗି ୬ ଲାଖ୍ ୭୫ ହଜାର ଟଁକାରେ ଇ କୁଠା ତିଆର କରାଯାଇଥିଲା। ହେଲେ ପଁଚେତ୍ ଦାଇତିଅରେ ଥିବାର ଅଧିକାରୀ ଇ ସରକାରୀ କୁଠାଥି ନାଇଁ ରହିବାର ଲାଗି ନାନା ସମସିଆ ଦେଖାଦେଉଛେ। ସେ ପଁଚେତ୍‌କେ ହପ୍‌ତାକ ଦିନେ କି ଦୁଇ ଦିନ୍ ଆସୁଛନ୍। ଏନ୍‌ତାଥି ଭିନେ ଭିନେ ଗାଁରୁ ଭତାର ଲାଗି ବୁଢ଼ାବୁଢ଼ି, ବିଧବା ମହିଳାମାନେ ଆସୁଥିଲାବେଲେ ଆରକେତେ ରାଶନ କାର୍ଡ ଲାଗି ଆସି ଅଧିକାରୀକଁର ଭେଟ୍ ନାଇଁପାଇ ନିରାଶ ହେଇ ଫିରୁଛନ୍। ଇଆଡ଼େ ଅଧିକାରୀ ଝନ୍‌କ ପଁଚେତ୍‌କେ ଫିଦିନ ନାଇଁ ଆଏବାର ଲାଗି ବିକାଶ ମୂଳକ କାମ୍ ବି ଠିକ୍ ହିସାବେ ନାଇଁ ହେବାର। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାଏକକୁଁ ପଚରାଲାରୁ ଏହେଦ୍‌କା ବ୍ଲକରେ ଅଧିକାରୀକଁର ସଂଖ୍ୟା କମ୍ ଅଛେ। ସେଥିରଲାଗି ତାହାକୁ କୁବେଡ଼େଗା ଆର ମହୁଲପାଲି ପଁଚେତ୍‌ର ଦାଇତିଅ ବି ଦିଆଯାଇଛେ। ସେ କେହେନ୍‌ସି ପଁଚେତ୍‌ରେ ନାଇଁରହି କରି ଜାଣ୍ଡୋଲ ଗାଁରେ ଗୁଟେ ଭଡ଼ା ଘରେ ରହୁଛନ୍। ହେଲେ ବହୁତ୍ ଜଲଦି ଇ ସମସିଆର ସମାଧାନ କରାଯିବା ବଲି ବିଡିଓ ନାଏକ କହିଥିଲେ।


କାର୍ଯ୍ୟନିର୍ବାହୀ ଅଧିକାରୀକଁର ସରକାରୀ ଘର ଅସ୍‌କୁରା ହେଇ ପଡ଼ିଛେ।

# ମହାଜନ୍ କବ୍‌ଜାରେ ଚାଷୀର ଚାଷ୍

ଗଣ୍ଡତୁରୁମ, ୬।୯ (ଡି.ଏନ୍.ଏ.)
କେନ୍ଦ୍ର ଆର ରାଏଜ୍ ସରକାର ଚାଷୀକର ହିତ୍ ଲାଗି ଅନେକ୍ ଲାଭ୍‌କାରୀ ଯୋଜ୍‌ନା କାଯ୍‌କାରୀ କରୁଛନ୍। ସେନ୍‌ତା ଦେଶ୍‌ରେ ଛୋଟ୍‌ନୁ ବଡ଼ ପାଖାପାଖି ସବୁ ରାଜ୍‌ନଇତିକ୍ ଦଲ ଚଷ୍ ଆର ଚାଷୀର ବିକାଶ ଲାଗି ନାରାବାଜି କରୁଛନ୍। ହେଲେ ଓଡ଼ିଶା ଲେଖେଁ ଗୁଟେ ଗରିବ୍ ରାଏଜର ଚାଷୀକର ଦୁଖ୍ କେଭେ ନାଇଁ ସରବାର।

ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲାକେ ରାଏଜର ଭାତ୍ ହାଁଡ଼ି ବଲି ମାଏନ୍‌ତା ମିଳିଛେ। ଇ ଜିଲାର ବଡ଼ଭାଗି ଚାଷୀ ଦୁଇ ଫସଲି ଧାନ୍ ଚାଷ୍ ସଂଗେ ପନିପରିବା ଚାଷ୍ କରୁଛନ୍। ବରଗଡ଼ ଜିଲାନୁ ରାଏଜର ଉନିଆ ଜିଲା ଆର ପାଖ୍‌ପଡ଼ିଶା ରାଏଜ୍‌କେ ବି ପନିପରିବା ରପ୍‌ତାନୀ ହେଉଛେ। ହେଲେ ଚାଷୀର ସମସିଆକେ ରାଜନେତାନୁ ସରକାରୀ ଅଧିକାରୀ ସଭେ ଅନ୍‌ଦେଖା କରୁଛନ୍। ଯେନ୍‌ଥିରଲାଗି ସରକାର ଚାଷୀକର ଲାଗି ଯେତେ ଯୋଜନା କଲେ ବି କେହେନ୍‌ସି ନାଇଁ କେହେନ୍‌ସିନେ ପୁଲ ପଡ଼ିଯାଉଛେ। ହକ୍‌ଦାର ଚାଷୀ ସରକାରୀ ଯୋଜନାରୁ ବଁଚିତ୍ ହେଇ ନାନା ସମସିଆରେ ଘାଁଟିସାନି ହେଉଛନ୍। ବଡ଼ ଚାଷୀ ଅନେକ ସମସିଆରୁ ମୁକ୍‌ଲି ଯାଉଥିଲାବେଲେ କେତେ ଛୋଟ୍ ଚାଷୀ ନାନା ସମସିଆରେ ଛଁଦି ହେଇ ଶେଷେ ଜୀବନ୍ ହାରି ଦେଉଛନ୍। ଚାଷୀ ପେଟ୍‌ପାଟନାର ଲାଗି ଖରା, ବରଷା, ଶୀତ୍ କାକରରେ ହାଡ ଭଂଗା ପରିଶ୍‌ରମ କରୁଛେ। ହେଲେ ସେ କମାନୀରେ ତାହାକେ ଘର ଚଲାବାରଟା ଭିଡ଼ ପଡ଼ିଯାଉଛେ। ଏନ୍‌ତାଥି ଯଦି ପରିବାରରେ କିଏ ରୋଗ୍‌ରେ ପଡ଼ଲା କି କାହାର ବିହାଘର ପଡ଼ଲା, ଇଥିରଲାଗି ତାହାକେ ମହାଜନ୍ ପାସେ ହାତ୍ ପତାବାକେ ପଡୁଛେ। ଏନ୍‌ତା ସୁଯୋଗକେ ଟାକି ବସିଛନ୍ ମହାଜନ୍‌ମାନେ। ଚାଷୀରନୁ ସୁନାରୂପା, ଜମି ଗହନା ରଖି ମାସିକ ୧୦ରୁ ୨୦ ଟଁକା ତକ୍ ସୁଧରେ ଟଁକା ଦେଉଛନ୍। ଏନ୍‌ତା ବେଆଇନ୍ ସୁଧ କାରବାର ବରଗଡ଼ ଜିଲାର ଭେଡ଼େନ ବ୍ଲକର ଗାଁଗଁଲିରେ ବେଶି ଦେଖିବାକେ ମିଲୁଛେ। ଶେଷେ ଚାଷୀ ବୁପ୍‌ରା ସୁଧରେ ବୁଡ଼ି ସୁନାରୂପା, ଜମି ହରଉଛେ। ଆରକେତେ ଜାଗାରେ ବେଆଇନ୍ ଚଢ଼ା ସୁଧ କରବାରେ ଶୋଷନ୍‌ର ଶିକାର ହେଉଛନ୍ ଛୋଟ ଚାଷୀ। ଚାଷବାସ ବେଲେ ସାର, ପୋକ୍‌ମରା ଉଷୋ, ପଲ୍‌ହାରୁଆ, ଘାସ ବଛା, ଟ୍ରାକ୍ଟର ଭଡ଼ା, ଧାନ ଅମଲ ଲାଗି ଚାଷୀ ମହାଜନ୍‌ନୁ ସୁଧରେ ଟଁକା ଆନୁଛନ୍। ହେଲେ ଧାନ ଅମଲ ହେଲେ ମହାଜନ୍ ଚାଷୀରନୁ ସୁଧ ବାବ୍‌ଦେ ଟଁକା ଜାଗାରେ ଧାନ ଆନୁଛେ। ଯେନ୍‌ଟା ବସ୍‌ତେ ଧାନକେ ହଜାରେ ଟଁକା ବି ନୁହେ। ସେନ୍‌ତା ଗରିବ୍‌ଦୁଖି, ଛୋଟ ଚାଷୀର ଲାଗି ସୁନାରୂପା ଲେଖେଁ ରାଶନ କାର୍ଡ ବି ଗୁଟେ ବଡ଼ ସଁପଦ୍ ଆଏ। ହେଲେ ଅନେକ ସମିଆରେ ଇ କାର୍ଡ ଖଁଡ଼କ ଚାଷୀରନୁ ବଁଧକ୍ ରଖବାକେ ମହାଜନ୍‌ମାନେ ପଛଘୁଁଚା ନାଇଁଦେବାର। ଚାଷୀ ଟଁକା ନାଇଁ ସୁଝବାର ତକ୍ ମହାଜନ୍ କାର୍ଡରେ ମିଲୁଥିବାର ସୁବିଧା ହାତଉଛେ। ରାଶନ ସାମାନ ମିଲ୍‌ଲାଦିନ ହିତାଧିକାରୀ ମେଶିନରେ ଟିପ୍‌ଚିନ୍‌ହାଁ ଦେଉଛେ ସତ୍, ହେଲେ ସାମାନ ନେଉଛେ ମହାଜନ୍। ଇ ବାବ୍‌ଦେ ପରଶାସନ ଜାନ୍‌ଲେ ବି ଉପେ ଶୂଇନ୍ ହେଇ ହାତ୍‌ବାଁଧି ବସିରହୁଛେ। ଏନ୍‌ଥେଇ ବରଗଡ଼ ଜିଲାର ଅନେକ ଗାଁଗଁଡ଼ାରେ ମହାଜନ୍‌ମାନେ ଛୋଟ ଚାଷୀ, ଶ୍ରମିକ୍‌ମାନକର ସରଲତା, ଅସବିଧାର ସୁଯୋଗ ନେଇ ଶୋଷନ୍ କରୁଛନ୍। ଯେନ୍‌ଥିରଲାଗି ଅନେକ୍ ସମିଆରେ ଉପେ ଶୂଇନ୍ ଚାଷୀ ନିଜର ଜୀବନ୍ ହାରିଦେଉଛେ।

**ରିପୋର୍ଟ–ସୁଦନ ମହାକୁର**



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।

-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଭଇଁଶାଦାନୀ ଅଞ୍ଚଳରେ ହାତୀପଲ, ଧାନ ଫସଲ ନଷ୍ଟ

**ବୋଡେନ,୬।୯(ଡି.ଏନ.ଏ.)-** ନୂଆପଡା ଜିଲା ବୋଡେନ ବ୍ଲକ ଭଇଁଶାଦାନୀ ଗ୍ରାମପଞ୍ଚାୟତ ରୁଣ୍ଡି ଗ୍ରାମରେ ହାତୀପଲ ଚାଷୀମାନଙ୍କ ଧାନ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି । ଏହି ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ହାତୀ ବୁଲୁଛନ୍ତି। ହାତୀକୁ ଘୋଡାଇ ରୁଣ୍ଡି ପାହାଡର ବାମନି ଝୋଲା ଦେଇ ପାଟ ଦରହା ଗ୍ରାମ ସାହାଜପାନି ଗ୍ରାମ ପାହାଡ ଦେଇ ଉପରକୁ ଯାଇଛି ବୋଲି ବେଡେନ ପାଟଦରହା ଫରେଷ୍ଟର ମେଘନାଥ ମାଝି ସୂଚନା ହେଇଥିଲେ। ହାତୀଙ୍କ ଦ୍ୱାରା ନଷ୍ଟ ହୋଇଥିବା ଫସଲ କ୍ଷୟକ୍ଷତି ଆକଳନ କରିବା ପାଇଁ ଫରେଷ୍ଟ ବିଭାଗ କର୍ମଚାରୀକୁ ପଠାଯାଇଛି ବୋଲି କହିଛନ୍ତି। କ୍ଷୟକ୍ଷତି ଆକଳନ ଅନୁସାରେ ରିପୋର୍ଟ ଆସିବା ପରେ ସହାୟତା ରାଶି ଦିଆଯିବ ବୋଲି କହିଛନ୍ତି। ବର୍ତ୍ତମାନ ହାତୀ ପପାଟଦରହା ଅଞ୍ଚଳରେ ବୁଲୁଥିବା ବେଳେ ବନ ବିଭାଗକର୍ମଚାରୀଙ୍କ ଦ୍ୱାରା ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ନଜର ରଖାଯାଇଛି ବୋଲି କହିଥିଲେ।

### ଅଜଣା ରୋଗରେ ୨୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ନୂଆପଡା ଅଫିସ/କୋମନା, ୬।୯ (ଡି.ଏନ.ଏ.)-** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଟିକ୍ରାପଡା ଗାଁରେ ଏକ ଅଜଣା ରୋଗରେ ୨୫ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ଖବର ମିଳିଛି । ଗତ ନୂଆଁଖାଇ ସମୟରେ ଲୋକେ ଏଥିରେ ଆକ୍ରାନ୍ତ ହୋଇଥିବାରୁ ନୂଆଁଖାଇରୁ ମଧ୍ୟ ବଞ୍ଚିତ ରହିଥିବା ଜଣାପଡ଼ିଛି। ଖବର ଅନୁଯାୟୀ ଟିକ୍ରାପଡାର ମକଡଦମ ପଡାର ଭୋଲା ସଗରିଆ, ହେମକାନ୍ତି ସଗରିଆ, ସୁନାଧର ସବରିଆ, ପ୍ରିତି ସଗରିଆ, ରିଙ୍କୁ ବୌକ, ଅମ୍ରିତା ବୌକ, ନମିତା ବୌକ, କଲ୍ୟାଣି ବୌକ, ଲୀଲାବତୀ ହଂସ, ଲିପୁ ବେହେରା, ଗଉରି ବେହେରା, ସବିତା ଦଲପତି, ମକାରାଉ ଦଲପତି, ସୌମ୍ୟ ଦଲପତି, ନିନି ଦଲପତି, ବୈଷ୍ଣବ ହଂସ ପ୍ରମୁଖ ଆକ୍ରାନ୍ତ ହୋଇଛନ୍ତି । ସେମାନେ ବିଭିନ୍ନ ପ୍ରକାର ଘରୋଇ ଚିକିତ୍ସା କରୁଥିଲେ ମଧ୍ୟ ଠିକ ହେଉ ନ ଥିବା ଗ୍ରାମବାସୀ କହିଛନ୍ତି । ଏହା ଏକ ଅଜଣା ଜ୍ୱର ବୋଲି କୁହାଯାଉଛି । ଏହା ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି ହେଉଛି।

### କରମତଲାରେ ନୂଆଁଖାଇ ଭେଟ୍‌ଘାଟ୍

**ଟିକ୍ରାପଡ଼ା, ୬।୯(ଡି.ଏନ.ଏ.)-** ସଇଁତଲା ବ୍ଲକ କରମତଲାଠାରେ ସାର୍ବଜନୀନ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ୨୪ତମ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଗୁରୁବାର ରାତିରେ ସମ୍ପନ୍ନ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଗୌନ୍ତିଆ ରାଜକିଶୋର ସିଂ ବୁଡେକ, ସାମାଜିକ କର୍ମୀ ହରେକୃଷ୍ଣ ବେହେରା, ଶିକ୍ଷାବିତ ରୂପାଧର ବାଗ ଅତିଥିଭାବେ ଯୋଗ ଦେଇଥିଲେ। ରାହାସବିହାରୀ ବୁଡେକ ସଭା ସଂଯୋଜନା କରିଥିଲେ । ଏହି ଉପଲକ୍ଷେ ନାଚ, ଗୀତ, ପୁଚିଖେଳ, ମାଠିଆ ଭଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷଦେବ ରଣା ଅତିଥି ପରିଚୟ ଓ ଶାନ୍ତନୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କ୍ଷେତ୍ରବାସୀ ବେହେରା, ଶାନ୍ତନୁ ରଣା, ରଞ୍ଜନ ବୁଡେକ, ସର୍ବେଶ୍ୱର ବଗର୍ତ୍ତୀ, ଟିକେଶ୍ୱର ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସିନାପାଲି: ଉଦନ୍ତୀର ଦୁଇ କୂଳ ମୁକୁଳା

# ବନ୍ୟା ଜଳରେ ତଟବର୍ତ୍ତୀ ଗାଁ କ୍ଷତିଗ୍ରସ୍ତ

**ସିନାପାଲି,୬।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଦେଇ ପ୍ରବାହିତ ଉଦନ୍ତୀ ନଦୀରେ ବନ୍ୟା ଜଳ ଆସି ୨ କୂଳର ଅନେକ ଚାଷ ଜମି ନଷ୍ଟ ହେଉଥିବା ବେଳେ କେତକ ଗ୍ରାମ ନଦୀ ଗର୍ଭରେ ଲୀନ ହେବା ଆଶଙ୍କା ଦେଖାଦେଇଛି। ପ୍ରତିବର୍ଷ ବର୍ଷା ଋତୁରେ ନଦୀରେ ବର୍ଷା ଜଳ ମାଡିଆସି ତଟବର୍ତ୍ତୀ ଗ୍ରାମଗୁଡିକ କରାଡୁଙ୍ଗିରୀ, ଡୁମେରବାହାଲି, ଗଡରାମାଲ, ଚଟିଆଗୁଡା, ସାଗୁନଭାଡି, ସାଲେକେଲା, ବରଗାଁ, କପିଆ, ଯୋଗୀବାହାଲ, ମଖାପଦର, ଲିଆଡ, ଚଲନା, କାପସୀ, ଯୁଗେନପଦର, ପଲସାପଡା, ସିନାପାଲି, ଖଲନା, ଘୁଚାଗୁଡା, ଫୁରଶୁଣ୍ଡ, କିଁଏଟପଦର, ଖଇରପଦର, ସରଧାପୁର ଆଦି ଗ୍ରାମର ଅନେକ କ୍ଷତି କରିଥାଏ। ବନ୍ୟା ଆସି ବନ୍ୟାଜଳ କୂଳ ଲଙ୍ଘି ଏହି ଗ୍ରାମର ଅନେକ ଚାଷ ଜମିଗୁଡିକ ବାଲିଚର ହୋଇଯାଇଥିବାବେଳେ ଚଲନା, କଏଁଟପଦର, ଘୁଚାଗୁଡା ଗ୍ରାମରେ ଏକର ଏକର ଚାଷ ଜମି ନଦୀ ଗର୍ଭରେ ଲିନ ହୋଇସାରିଛି । ଗଡରାମାଳ ଗ୍ରାମ ବର୍ତ୍ତମାନ ସବୁଠାରୁ ବିପଦ ସଙ୍କୁଳ ଅଛି । ଏହି ଗ୍ରାମର ହରିଜନପଡା ଆଡକୁ ନଦୀ ପ୍ରାୟ ୧୦୦ ମିଟରରୁ ଉର୍ଦ୍ଧ୍ୱ କୂଳ ଖାଇ ସାରିଛି । ପଡାରେ ଥିବା ୩୫ ପରିବାରରୁ ବର୍ତ୍ତମାନ ୨୦ ପରିବାରଙ୍କ ଘର ନଦୀରେ ଲୀନ ହୋଇଥିବାରୁ ସେମାନେ ସ୍ଥାନାନ୍ତର ହୋଇଛନ୍ତି। ଅନ୍ୟମାନେ ମଧ୍ୟ ବର୍ତ୍ତମାନ ଆତଙ୍କିତ ଥିବାବେଳେ ଏହି ପଡାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ନଦୀ ଗର୍ଭରେ ଲୀନ ହେବା ଆଶଙ୍କା ଦେଖାଦେଇଛି।

ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଅନେକ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କ ରହିଛି । ଏହା ସହିତ ତଟବର୍ତ୍ତୀ ଅନେକ ଗ୍ରାମର ଚାଷୀମାନେ ଖରିଫ ଓ ରବି ଋତୁରେ ବିଭିନ୍ନ ଚାଷ କରି ଲାଭବାନ ହୋଇଥାନ୍ତି । କିନ୍ତୁ ଗତ ୩୦ ବର୍ଷ ହେଲା ଉଦନ୍ତୀ ବନ୍ୟା ଜଳ ମାଡି ଆସି ଜମିଗୁଡିକକୁ ନଷ୍ଟ କରିଦେଇଥିବାରୁ ଜମି ହରାଇ ମୁଣ୍ଡରେ ହାତ ଦେବାକୁ ପଡିଛି । ଚଲନା ଗ୍ରାମର ପ୍ରାୟ ୩୦ ଏକର ଚାଷ ଜମି ନଦୀଗର୍ଭରେ ଲୀନ ହୋଇଥିବା ଜଣାପଡିଛି । ଏହାର ପ୍ରତିକାର ପାଇଁ ପ୍ରଶାସନ କୌଣସି ବ୍ୟବସ୍ଥା କରିନାହିଁ। ନଦୀ ଦୁଇ କୂଳରେ ସରକ୍ଷା ବାଡ ତିଆରି କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ବ୍ୟବସ୍ଥା ହୋଇପାରୁ ନାହିଁ। ସିନାପାଲି ବ୍ଲକ ଅନ୍ତର୍ଗତ କରାଡୁଙ୍ଗିରି ଗ୍ରାମଠାରୁ ହାତୀବନ୍ଧା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ନଦୀ ଦୁଇକୂଳରେ ପଥର ବନ୍ଧ କରାଗଲେ ତଟବର୍ତ୍ତୀ ଗ୍ରାମଗୁଡିକ ରକ୍ଷା ପାଇପାରିବ । ବର୍ତ୍ତମାନ କେବଳ କାପସୀ ଗ୍ରାମ ନିକଟରେ ସ୍ୱର କରାଯାଇ ଏହି ଗ୍ରାମକୁ ରକ୍ଷା କରାଯାଇଥିବାବେଳେ ମଖାପଦର ଓ ଯୁଗେନପଦର ନିକଟରେ ମଧ୍ୟ ପଥରବନ୍ଧ କରାଯାଇ ନଦୀ ସ୍ରୋତକୁ ନିୟନ୍ତ୍ରଣ କରାଯାଇପାରିଛି। ହେଲେ ଅନେକ ସ୍ଥାନରେ ନଦୀ ବନ୍ଧ ମୁକୁଳା ପଡିଥିବା ଯୋଗୁ ଆଗକୁ ଅନେକ କ୍ଷତି ହେବା ଆଶଙ୍କା ଦେଖାଦେଇଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାର କପିଳଦେବ ସାହୁଙ୍କୁ ପଚାରିବାରୁ କେବଳ ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରି କିଛି ଦିନ ଖାଦ୍ୟ ବ୍ୟବସ୍ଥା କରିପାରିବେ। ଗ୍ରାମକୁ ରକ୍ଷା କରିବାକୁ ହେଲେ ଜଳ ସେଚନ ବିଭାଗ ଏହି କଥା ବୁଝିବ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ପଟ୍ଟନାୟକଙ୍କୁ ପଚାରିବାରୁ ଗାର୍ଡୱାଲ ଦେବାକୁ ଏକ ଆକ୍ସନ ପ୍ଲାନ ସରକାରଙ୍କୁ ଦିଆଯାଇଛି । ସରକାରଙ୍କ ମଞ୍ଜୁରୀ ଅପେକ୍ଷାରେ ଅଛି। ମଞ୍ଜୁରୀ ପାଇଲେ ତୁରନ୍ତ ଗାର୍ଡୱାଲ କାମ କରାଯିବ ବୋଲି କହିଥିଲେ ।



ଉଦନ୍ତୀ ନଦୀ କୂଳ ଖାଇ ଗାଁ ନିକଟକୁ ମାଡ଼ି ଆସିଛି ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ନୂଆପଡା ଅଫିସ,୬।୯**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଜ୍ଞାନପ୍ରକାଶ ସିଂଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମାଣିକ୍ୟଦେବୀ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜ୍ଞାନପ୍ରକାଶ ସିଂ ମୁଖ୍ୟଅତିଥି, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ବରିଷ୍ଠ ଶିକ୍ଷକ ପ୍ରବୋଧ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସିଂ ନିଜ ଜୀବନର ତିକ୍ତ ଅନୁଭୂତି ସବୁ ବଖାଣିଥିଲେ। ସବୁବେଳେ ଶିକ୍ଷା ବ୍ୟବସ୍ଥା ପାଇଁ ନିଜର ମନପ୍ରାଣ ରହିଥିବ ବୋଲି କହିଥିଲେ। ଦେଶ ନିର୍ମାଣରେ ନିଜେ ଏକ ଗୁଣ୍ଡୁଚିମୂଷା ଭଳି କାମ କରିପାରିଲେ ନିଜକୁ ଧନ୍ୟ ମନେ କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ୧୯୭୯ରେ ନିଜର ଶିକ୍ଷକତା ପ୍ରଥମେ ତରବୋଡସ୍ଥିତ ଏମଇ ସ୍କୁଲରେ ଆରମ୍ଭ କରିଥିଲେ । ପରେ ନୂଆପଡା ସିଟି ସ୍କୁଲରେ ଶିକ୍ଷକତା କରିବା ପରେ ଶେଷ ସମୟରେ ବାଳିକା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅବସର ପର୍ଯ୍ୟନ୍ତ ଶିକ୍ଷାଦାନ କରିଥିଲେ । ଏହି ସମୟ ମଧ୍ୟରେ ୨୦୦୩ରେ ରାଜ୍ୟପାଳ ପୁରସ୍କାର ପାଇଥିବାବେଳେ ବିଭିନ୍ନ ସମୟରେ ସମାଜ ସେବାରେ ନିଜକୁ ବ୍ରତି ରଖିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ଶିକ୍ଷା ବିକାଶ ସମିତି, କ୍ଷତ୍ରୀୟ ସମାଜରେ ମୁଖ୍ୟ ଭୂମିକା ରଖି ବହୁ ଛାପ ରଖିଛନ୍ତି। ଏହି ବିଦାୟକାଳୀନ ସଭାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।



ବିଦାୟକାଳୀନ ସଭାରେ ଅତିଥିବୃନ୍ଦ ।




ଇନ୍‌ଟାକ୍ ବଲାଙ୍ଗୀର ପକ୍ଷରୁ ଆୟୋଜିତ ୨ଦିନିଆ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳାରେ ମଞ୍ଚାସୀନ ଅତିଥି ।

### ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ

# ପ୍ରତ୍ନ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱାରୋପ

**ବଲାଙ୍ଗୀର ଅଫିସ, ୬।୯**

ଇନ୍‌ଟାକ୍ ବଲାଙ୍ଗୀର ଚାପ୍‌ଟର ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ୨ଦିନିଆ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ସଂଯୋଜକ ଡ. ଶିବପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଦିଲ୍ଲୀ ଇନ୍‌ଟାକ୍ ଚାପଟରର ସିନିୟର ପ୍ରୋଗ୍ରାମ୍ କୋର୍ଡିନେଟର ଅଭିଷେକ ଦାସ ଯୋଗ ଦେଇଥିଲେ। ବଲାଙ୍ଗୀର ତଥା ଆଖପାଖ ଅଞ୍ଚଳର ପ୍ରତ୍ନ ସମ୍ପଦ, ସାଂସ୍କୃତିକ ବିଭବ ଓ ଐତିହାସିକକୁ କିଭଳି ସୁରକ୍ଷିତ ରଖି ଏହାର ଗାରିମାକୁ ଉପଲବ୍ଧି କରିପାରିବା ସେନେଇ କର୍ମଶାଳାରେ ଆଲୋଚନା ହୋଇଥିଲା। ପ୍ରାରମ୍ଭିକ ବକ୍ତବ୍ୟ ରଖି ସଂଯୋଜକ ଡ. ନନ୍ଦ ବଲାଙ୍ଗୀରର ପ୍ରାଚୀନ ସଭ୍ୟତା, ସଂସ୍କୃତି ଓ ଐତିହାସିକ କିମ୍ବଦନ୍ତୀ ଉପରେ ସୂଚନା ଦେଇଥିଲେ। ବଲାଙ୍ଗୀର ନିକଟସ୍ଥ ଭୀମଡୁଙ୍ଗୁରୀର ପ୍ରତ୍ନ ସମ୍ପଦ ଉପରେ ସୂଚନା ଦେଇ ଏଠାରେ ପ୍ରାକ୍ ଇତିହାସ କାଳର ଶିଳାଚିତ୍ର ଓ କାରୁକାର୍ଯ୍ୟ ରହିଥିବା କହିଥିଲେ। ତେବେ ଏଠାରେ ଅଧିକ ଗବେଷଣା ଉପରେ ସେ ଜୋର ଦେଇଥିଲେ । ଇତିହାସ, ପ୍ରାଚୀନ ସ୍ମାରକୀ ସହ ସଭ୍ୟତା ଓ ସଂସ୍କୃତି କିଭଳି ଅଙ୍ଗାଙ୍ଗୀ ଭାବେ ଜଡିତ ସେ ଉପରେ ସେ ଅଧିକ ତଥ୍ୟାତ୍ମକ ଆଲୋଚନା କରିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ଭୀମଡୁଙ୍ଗୁରୀ ସମ୍ପର୍କରେ କିଭଳି ୨୦୦୬ରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ୨୦୧୪ରେ ଏହା କିଭଳି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଲା ସେ ଉପରେ କହିଥିଲେ। ଏହାକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଭୀମଡୁଙ୍ଗୁରିରେ ଅଧିକ ଗବେଷଣା, ଡିଅର ପାର୍କର ପ୍ରତିଷ୍ଠା ଏବଂ ତେଲନଦୀର ଆଖାପଶ ଅଞ୍ଚଳର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ହରିଶଙ୍କର, ନୃସିଂହନାଥ, ରାଣୀପୁର ଝରିଆଲ ପୀଠର ବିକାଶ ଦିଗରେ ଅଧିକ କାମ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼ ଓ ରାଣୀପୁର ଝରିଆଲରେ ପ୍ରାଚୀନ କାଳରେ ୨ଟି ବିଶ୍ୱବିଦ୍ୟାଳୟ ରହିଥିବା କଥାକୁ ଉଲ୍ଲେଖ କରି ଏହା ଉପରେ ମଧ ଅଧିକ ଗବେଷଣା ଜରୁରୀ ବୋଲି ମତ ଦେଇଥିଲେ। ପ୍ରୋଗ୍ରାମ୍ କୋର୍ଡିନେଟର ଦାସ ଇନ୍‌ଟାକ୍‌ର ଉଦ୍ଦେଶ୍ୟ ଓ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଐତିହାସିକ କୀର୍ତ୍ତିରାଜି, ସଭ୍ୟତା ଓ ସଂସ୍କୃତିର କ୍ରମବିକଶିତ ଧାରା ସହ ସାମ୍ପ୍ରତିକ ସମାଜର ସମ୍ପର୍କ ଉପରେ କହିଥିଲେ। କର୍ମଶାଳାରେ ୩୦ଟି ସ୍କୁଲର ୬୦ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦାନ କରିଥିଲେ। ଶେଷରେ ଇନ୍‌ଟାକ୍ ବଲାଙ୍ଗୀର ଚାପଟର ସଦସ୍ୟ ଡ. ମହେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ନିର୍ମାଣ କାର୍ଯ୍ୟ ସରିବା ୪ ମାସ ନ ପୂରୁଣୁ ପିଚୁ ଉଠିଲା

### ସିନାପାଲି-କୁସୁମଯୋର ରାସ୍ତା

**ସିନାପାଲି,୬।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲିଠାରୁ ଛତିଶଗଡ ଅଭିମୁଖେ ଯାଉଥିବା ସିନାପାଲି-କୁସୁମଯୋର ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଶେଷ ହେବାର ୪ ମାସ ନ ପୂରୁଣୁ ସ୍ଥାନେ ସ୍ଥାନେ ପିଚୁ ଉଠିଯିବା ସହିତ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି। ପୂର୍ତ୍ତ ବିଭାଗ ଅଧୀନରେ ଗତ ଜୁନରେ ଏହି କାମ ଶେଷ ହୋଇଥିଲା। ଏହା ସିନାପାଲିଠାରୁ କୁସୁମଯୋର ପର୍ଯ୍ୟନ୍ତ ୬ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ ଚାଲିଥିବା ବେଳେ ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଥିଲା। ଏହି ରାସ୍ତାରେ ହୋଇଥିବା ପୋଲ, ଗାର୍ଡୱାଲ ନିର୍ମାଣ, ରାସ୍ତା ଚଉଡା ସହ ପିଚୁ କାର୍ଯ୍ୟ ମଧ୍ୟ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ହେବା ସହିତ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁସାରେ ୧ ଫୁଟରୁ କମ ଗଭୀର ଗାତ ଖୋଳା ଯାଇଥିବା ବେଳେ ୬ ଫୁଟରୁ କମ ଓସାରରେ ମେଟାଲ ଫିଲିଂ ହୋଇଥିଲା। ସେହିପରି ସିଂଙ୍ଗଝର-କୁସୁମଯୋର ରାସ୍ତାରେ ନିର୍ମାଣଧୀନ ଗାର୍ଡୱାଲରେ ମଧ୍ୟ ଗୁଣବତ୍ତାକୁ ଦୃଷ୍ଟି ଦିଆଯାଉ ନ ଥିବା ଯୋଗୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଆବଶ୍ୟକ ଅନୁସାରେ ପ୍ଲିନ୍ଥ ଖୋଲା ନ ଯାଇ ସାମାନ୍ୟ ମାଟି ଖୋଳି ପ୍ଲିନ୍ଥ କରାଯାଇଥିବା ସହିତ ନିୟମାନୁସାରେ ବାଲି ସିମେଣ୍ଟର ଅନୁପାତ ଠିକ ରହୁ ନ ଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏ ସକ୍ରାନ୍ତରେ ପୂର୍ତ୍ତ ବିଭାଗ ସ୍ଥାନୀୟ ଯନ୍ତ୍ରୀ ଧବଳେଶ୍ୱର ମାଝିଙ୍କୁ ସେତେବେଳେ ପଚାରାଯିବାରୁ ସେ କାମ ଠିକଠାକ ଚାଲୁଛି ବୋଲି କହିଥିଲେ। ତାଙ୍କ ଅନୁପସ୍ଥିତିରେ କଂକ୍ରିଟ କାର୍ଯ୍ୟ କରାଯାଉ ଥିବା କଥାକୁ ସ୍ୱୀକାର କରିବା ସହିତ କାର୍ଯ୍ୟ ଅନେକ ଥିବାରୁ ଗୋଟିଏ ତଦାରଖ କରିବା ସବୁବେଳେ ସମ୍ଭବ ନୁହେଁ ବୋଲି କହିଥିଲେ । ବର୍ତ୍ତମାନ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠି ଯାଇଥିବାବେଳେ ରାସ୍ତା ମଝିରେ ଗର୍ତ୍ତଗୁଡିକ ସୃଷ୍ଟି ହୋଇଛି । ନିମ୍ନମାନର ପିଚୁ ଦେବା ସହିତ ଆବଶ୍ୟକ ରୋଲିଂ ହୋଇ ନ ଥିବା ଯୋଗୁ ଏପରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଠିକାଦାର, ଯନ୍ତ୍ରୀ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା ଘାଟରେ କୋଟିକୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ଶୀଘ୍ର ଖରାପ ହୋଇଯାଉଛି । ଏସଂକ୍ରାନ୍ତରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଧବଳେଶ୍ୱର ମାଝିଙ୍କୁ ପଚାରିବାରୁ ରାସ୍ତାରେ କିଛି ସ୍ଥାନରେ ଗର୍ତ୍ତ ଓ ପିଚୁ ଉଠିଯାଇଥିବା ସ୍ଥାନକୁ ତୁରନ୍ତ ମରାମତି କରାଯିବ ବୋଲି କହିଥିଲେ।



ରାସ୍ତା ମଝିରେ ପିଚୁ ଉଠି ଗର୍ତ୍ତ ହୋଇଛି।

**ରେଲୱେ ବିଦ୍ୟୁତୀକରଣ**
**ଭୁବନେଶ୍ୱର**

**ବିଦ୍ୟୁତୀକରଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.RE_BBS_EL_OT_19-20_ST_01, ତା.03.09.2019 ରିଖ

**କାର୍ଯ୍ୟର ନାମ:** "ରେଲୱେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ବନ୍ଧୀୟ 12 ମାସ ନିମନ୍ତେ ଖୋର୍ଦ୍ଧା ରୋଡ଼, ସମ୍ବଲପୁର, ଭବାନୀପାଟଣା, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଠାରେ ଥିବା କ୍ଷେତ୍ରୀୟ (Field) କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକର ଦେଖାଶୁଣା ।"

**ଆକଳିତ ମୂଲ୍ୟ (ଟଙ୍କାରେ): 1,51,27,344/-, EMD (ଟଙ୍କାରେ): 2,25,700/-, ଟେଣ୍ଡର ପେପର ମୂଲ୍ୟ (ଟଙ୍କାରେ): 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ ।**

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକାରେ,

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକା ଠାରୁ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 7(ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ମୁଖ୍ୟାଳୟ)/ରେଲୱେ ବିଦ୍ୟୁତୀକରଣ/ଭୁବନେଶ୍ୱର

PR-354/K/RE/19-20

**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
At: Argul, Post: Jatni, Khurda, Odisha, Pin: 752050

**निविदा के लिए आमंत्रण / NOTICE INVITING TENDER**

Sealed Tenders in prescribed format are invited from valid electrical licensed contractor or enlisted eligible contractors of CPWD /BSNL/MTNL/ MES/Railways/State Govt. of Odisha up to 3.00 P.M. on dt. 12/09/2019 for the following work.

| Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
| --- | --- | --- | --- | --- | --- | --- |
| Repairing of Street Lights, Sports Lights, Surrounding Decorative lights & Solar Lights at IIT Bhubaneswar campus at Argul, Jatani. | 15,85,248/- | 500/- | 31,705/- | 12.09.2019 upto 3.00P.M | 12.09.2019 at 3.30 P.M | 45 days |

The details of tender with terms and conditions are available in IIT Bhubaneswar website www.iitbbs.ac.in.

Sd/-Superintending Engineer

# ଟ୍ରାଫିକ୍ ନିୟମ ଉପରେ ଶିଶୁ କଲେ ସଚେତନ

**ନୂଆପଡା ଅଫିସ/ଖଡିଆଳ, ୬।୯ (ଡି.ଏନ.ଏ.)**

ସରକାର ଯାନବାହନ ଚଳାଚଳ ଉପରେ ଥିବା ୧୯୮୮ ଅଧିନିୟମରେ ପରିବର୍ତ୍ତନ କରି ପରିବର୍ତ୍ତିତ ନିୟମକୁ ବର୍ତ୍ତମାନ କାର୍ଯ୍ୟକାରୀ କରିଛନ୍ତି । ଏଥିରେ ଚାଳକ, ଯାତ୍ରୀଙ୍କୁ ବିଭିନ୍ନ ଦଣ୍ଡିତ କରିବା ବ୍ୟବସ୍ଥା କରାଯାଇଛି । ଏହାକୁ ଗୋଟିଏପଟେ କାର୍ଯ୍ୟାନ୍ୱୟନ କରାଯାଉଥିବା ବେଳେ ଅନ୍ୟପଟେ ବ୍ୟାପକ ସଚେତନତା ଆଣିବାକୁ ଜିଲା ପୋଲିସ ମଙ୍ଗ ଧରିଛି । ଏହିକ୍ରମରେ ନୂଆପଡ଼ା ଜିଲା ଖଡିଆଳ ପୋଲିସ ଅଭିନବ ପ୍ରୟାସ କରିଛି । ଏଥିରେ ପ୍ରଥମେ ବିଭିନ୍ନ ବିଦ୍ୟାଳୟକୁ ଯାଇ ଶିଶୁମାନଙ୍କ ଦ୍ୱାରା ସଚେତନତା କରାଯାଉଛି । ପୋଲିସ ଅଧିକାରୀମାନେ ସ୍ଥାନୀୟ ଏକ ପବ୍ଲିକ ସ୍କୁଲକୁ ଯାଇ ସଚେତନତା କାର୍ଯ୍ୟକ୍ରମ କରିଥିବା ବେଶ ଗ୍ରହଣୀୟ ହୋଇଛି । ଖଡିଆଳ ଥାନାଧିକାରୀ କୈଳାଶ ଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳା ଓ ପୁରୁଷ ପୋଲିସ ଅଧିକାରୀମାନେ ୱେଷ୍ଟର୍ଣ୍ଣ ଓଡିଶା ପବ୍ଲିକ ସ୍କୁଲକୁ ଯାଇଥିଲେ । ବିଦ୍ୟାଳୟରେ ସମସ୍ତ ଶିଶୁଙ୍କୁ ପ୍ରଚାରପତ୍ର ଦେଇଥିବାବେଳେ ଘରେ କିପରି ନିଜର ମା'ବାପାଙ୍କୁ ସଚେତନ କରାଇବେ ସେଥିପ୍ରତି ପରାମର୍ଶ ଦେଇଥିଲେ। ପ୍ରତ୍ୟହ ଘରୁ ବାହାରିବା ବେଳେ ବାପା ହେଲମେଟ ପିନ୍ଧିଲେ କି ବୋଲି ପଚାରିବେ । ସାଙ୍ଗରେ ସମସ୍ତ କାଗଜାତ ଧରିଛନ୍ତି କି ବୋଲି ପଚାରିବେ । ଏଥିରେ ପରିବାରର ସମସ୍ତ ଲୋକ ଆଗକୁ ଆସି ସଚେତନ ହେବେ । ପ୍ରତି ପରିବାର ସଚେତନ ହେଲେ ସମଗ୍ର ଦେଶ ସଚେତନ ହେବ ବୋଲି ଅଧିକାରୀମାନେ କହିଥିଲେ । ଏହି ଅବସରରେ ପିଲାମାନଙ୍କ ଏକ ସଚେତନତା ରାଲି ବାହାରିଥିଲା । କୁନି କୁନି ଶିଶୁମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ସାମିଲ ଥିଲେ। ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଆଗାମୀ ଦିନରେ ଏହି ଅଭିଯାନ ଚାଲିବ। କାର୍ଯ୍ୟକ୍ରମ ଶେଷରେ ଥାନାଧିକାରୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ହାତକୁ ନେବା ପରେ ଶୁକ୍ରବାର ଖଡିଆଳ ସହରରେ ସମସ୍ତଙ୍କ ମଧ୍ୟରେ ଏକ ଜାଗରଣ ଆସିଥିବା ଦେଖାଯାଇଛି । ବିଭିନ୍ନ ହେଲମେଟ ଦୋକାନଗୁଡିକରେ ବିକ୍ରି ବଢିଯାଇଥିଲା। ଏପରିକି ଦୋକାନଗୁଡିକରେ ଲମ୍ବା ଧାଡି ମଧ୍ୟ ଦେଖିବାକୁ ମିଳିଥିଲା । ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କଡା ଜରିମାନା ଦେବାକୁ ପଡୁଥିବାରୁ ଲୋକେ ଘରୁ ବାହାରିବା ସମୟରେ ଏଥିପ୍ରତି ଚିନ୍ତା କରୁଛନ୍ତି । ଏପରିକି ଏହି ଦିନ ସହରରେ ବହୁ ଲୋକ ହେଲମେଟ ପିନ୍ଧି ବୁଲୁଥିବା ଦେଖାଯାଇଥିଲା । ଏହା ଏକ ଅଭିଯାନ ଏଥିରେ ସମସ୍ତେ ଆଗକୁ ଆସି ସାମିଲ ହେବା ଦରକାର ବୋଲି ଥାନାଧିକାରୀ ସେଠୀ କହିଛନ୍ତି ।




ପୋଲିସ ଅଧିକାରୀ ପବ୍ଲିକ ସ୍କୁଲରେ ସଚେତନତା ସୃଷ୍ଟି କରୁଛନ୍ତି ।

**Dhenkanal College (Auto), Dhenkanal**
www.dhenkanalcollege.nic.in

**Admission Notice: 2019-20**

Applications are invited for admission into the following Self-Financing courses offered under Utkal University for the session 2019-20 (PPP).

| Course | Annual Fee | Eligibility |
| --- | --- | --- |
| 2-Yr M. Sc (Computer Science) Master of Science (Computer Science) | ₹30,000/- | +3 in Any stream with Math in +2 level |
| 2-Yr MAPM&IR Master of Personnel Management & Industrial Relations | ₹30,000/- | +3 in Any stream |

**Scholarship:** Available for eligible SC, ST, OBC & Minority category.

The Application Form can be obtained from the College on all working days on payment of Rs.50/- and the form duly filled in all respect should reach the Principal on or before 10.09.2019.

PRINCIPAL

06762-221130, M.Sc(CS) : 7008546253
MBA/MAPM&IR : 9439641117/9853770780



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଗୁରୁ ଦିବସରେ ୩ ପ୍ରଶାସନିକ ଅଧିକାରୀ ସମ୍ମାନିତ

**ରିଷିଡା,୬ା୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ରିଷିଡାରେ ଆୟୋଜିତ ଜିଲାସ୍ତରୀୟ ଗୁରୁ ଦିବସରେ ଶିକ୍ଷକରୁ ପ୍ରଶାସନିକ ଅଧିକାରୀ ହୋଇଥିବା ଜିଲାର ୩ଜଣ ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ରିଷିଡାର ଲକ୍ଷ୍ମୀକାନ୍ତ ସାହୁ । ସେ ବର୍ତ୍ତମାନ ବାଣିଜ୍ୟକର କମିଶନର ଭାବେ ଅବସ୍ଥାପିତ। ସେହିପରି ବଲାଙ୍ଗୀର ସହକାରୀ ଜିଲାପାଳ ଥିବା କଅଁସିଲର୍ ଗୁରେଶ୍ୱର ଭୋଇ ଏବଂ ମଦନପୁରର ଚନ୍ଦ୍ରମଣି ନାଗ ଯିଏକି ତୁଷୁରା ତହସିଲଦାର ଭାବେ କାର୍ଯ୍ୟରତ ।

### ନିଆରା ପର୍ବ ଅରାନ୍ଧିଆ

**ରିଷିଡା,୬ା୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡ଼ାର ତୈଳିକ ବୈଶ୍ୟ ସମାଜର କିଛି ପରିବାର ଭାଦ୍ରବ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ନିଆରା ଅରାନ୍ଧିଆ ପର୍ବ ପାଳନ କରିଛନ୍ତି । ଏହି ପର୍ବରେ ରନ୍ଧା ରନ୍ଧି କରାଯାଇ ନ ଥାଏ। ରନ୍ଧନ କାର୍ଯ୍ୟ କରାଯାଉଥିବା ଗ୍ୟାସ ଚୁଲାକୁ ପୂଜା କରାଯାଇ ନାଗ ନାଗୁଣୀ ପୂଜା କରାଯାଏ । କିମ୍ବଦନ୍ତୀରେ ବର୍ଣ୍ଣନା ଅଛି ଯେ, ଉକ୍ତ ଦିନ ଶ୍ରୀକୃଷ୍ଣ ଯମୁନା ନଦୀରେ କାଳୀୟ ଦଳନ କରିଥିଲେ। କାଳୀୟ ଦଳନ ସମୟରେ ସମସ୍ତ ଗୋପପୁରବାସୀ ରନ୍ଧାବଢ଼ା ଛାଡି ଯମୁନା ନଦୀକୁ ଚାଲି ଯାଇଥିଲେ । ସେଥି ପାଇଁ ସର୍ପ ଦାଉରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ରକ୍ଷା କରିବା ପାଇଁ ନାଗନାଗୁଣୀ ପୂଜା କରାଯିବା ବିଶ୍ୱାସ କରାଯାଏ ।

### ବିଭିନ୍ନ ଅଞ୍ଚଳରେ ଚାଲିଛି ବେଆଇନ କ୍ଲିନିକ

**ଭବାନୀପାଟଣା, ୬ା୯ (ଡି.ଏନ.ଏ.)-** କଳାହାଣ୍ଡି ଭଳି ଆଦିବାସୀବହୁଳ ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ଅନେକ କ୍ଲିନିକ ଚାଲିଛି। ସରକାରଙ୍କ ନିୟମ ଖୋଲାଖୋଲି ଉଲ୍ଲଂଘନ କରି ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। କ୍ଲିନିକ ଚଳାଇବା ପାଇଁ ଅନେକ ସରକାରୀ ନିୟମ ରହିଛି। କ୍ଲିନିକରେ ପରୀକ୍ଷା ନିମନ୍ତେ ଉପଯୁକ୍ତ ଯନ୍ତ୍ରାଂଶ, ତାଲିମପ୍ରାପ୍ତ ଟେକ୍ନିସିଆନ, ଉପଯୁକ୍ତ ପରିବେଶ, ମହିଳା ଏବଂ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ଅଗ୍ନି ନିର୍ବାପକ ଯନ୍ତ୍ର ଭଳି ଅନେକ ଜିନିଷ ରହିବା ନିତ୍ୟାନ୍ତ ଆବଶ୍ୟକ। ଏଥିସହ ସମସ୍ତ ବେସରକାରୀ କ୍ଲିନିକଗୁଡିକ ସରକାରୀ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ସହ ସରକାରୀ ଲାଇସେନ୍ସ ପ୍ରାପ୍ତ ହେବା ନିତ୍ୟାନ୍ତ ଆବଶ୍ୟକତା ରହିଛି। ମାତ୍ର ଏସବୁକୁ ଅଧିକାଂଶ କ୍ଲିନିକ ଆଡେଇ ରହି ସରକାରୀ ନିୟମର ଉଲ୍ଲଂଘନ ପୂର୍ବକ ଅବାଧରେ ଚଲାଇ ଆସୁଛନ୍ତି। କାଳାହାଣ୍ଡି ଜିଲାର ସଦର ମହକୁମା ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଏକାଧିକ କ୍ଲିନିକର ସରକାରୀ ଲାଇସେନ୍ସ ନାହିଁ। କିନ୍ତୁ ଏମାନେ ଖୋଲାଖୋଲି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରିପୋର୍ଟ ମଧ ଦେଉଛନ୍ତି। ଜନସାଧାରଣ ମଧ୍ୟ ଏ ନେଇ ଅଜ୍ଞଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ବେସରକାରୀ କ୍ଲିନିକକୁ ଅଜାଣତରେ ଯାଉଥିବା କହିଛନ୍ତି । ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା କ୍ଲିନିକଗୁଡିକ କିଭଳି ବର୍ଷ ବର୍ଷ ଧରି ନିଜର କାରବାର ଚଲାଇବା ସହ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ସେ ନେଇ କଳାହାଣ୍ଡି ଜିଲାରେ ଥିବା ଅନେକ କ୍ଲିନିକ ବୁଲି ଦେଖାଯିବାରେ ତନ୍ମଧ୍ୟରୁ କ୍ଲିନିକ ଚଲାଉଥିବା ଜଣେ ବ୍ୟକ୍ତି ବିସ୍ଫୋରକ ବୟାନ ଦେଇଥିଲେ। ନିୟମାନୁଯାୟୀ ସେ ପ୍ରଶାସନ ନିକଟରେ ସମସ୍ତ ପ୍ରକାରର ଆବେଦନ କରିବା ସହ ଗତ କିଛି ବର୍ଷ ହେବ ଅର୍ଥ ମଧ ପୈଠ କରିଆସୁଥିବା କହିଛନ୍ତି। କିନ୍ତୁ ଏସବୁ ସତ୍ତ୍ୱେ ତାଙ୍କୁ ସରକାରୀ ଲାଇସେନ୍ସ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସରକାରୀ ବାବୁଙ୍କ ମଧୁଚନ୍ଦ୍ରିକା ଚାଲୁଥିବା ଏହି ସବୁ ବେନିୟମ କ୍ଲିନିକଗୁଡିକ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବନଲତା ଦେବୀଙ୍କୁ ପଚାରିବାରୁ ଯେଉଁ କ୍ଲିନିକଗୁଡିକ ସରକାରୀ ଲାଇସେନ୍ସପ୍ରାପ୍ତ ନୁହନ୍ତି ସେମାନେ କୌଣସି ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେନି । ଯଦି ସେମାନେ ଏହାର ଉଲ୍ଲଂଘନ କରି ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି ତେବେ ଏହା ଦଣ୍ଡନୀୟ ବୋଲି ସେ କହିଛନ୍ତି।

## ଟ୍ୟାଙ୍କର ଧକ୍କାରେ ନାବାଳିକା ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କେସିଙ୍ଗା/ତୁଣ୍ଡଲା,୬ା୯ (ଡି.ଏନ.ଏ.)**



ପ୍ରବଳ ବର୍ଷା ସତ୍ତ୍ୱେ ୨୬ନଂ. ଜାତୀୟ ରାଜପଥ ଉପରେ ମୃତଦେହ ରଖି ରାସ୍ତା ଅବରୋଧ ।

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ନୁନ୍‌ମାଠ ଗ୍ରାମପଞ୍ଚାୟତ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ଏକ ସଡକ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ କେସିଙ୍ଗା ଏନଏସିର ବଗାଡର ସରିତା ମାଝି (୯)। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ନୁନମାଠ ଗ୍ରାମ ଲୋକେ ଟ୍ୟାଙ୍କରକୁ ଅଟକାଇ ଜାତୀୟ ରାଜପଥ ୨୬କୁ ଅବରୋଧ କରିଥିଲେ। ବର୍ଷା ଲାଗି ରହିଥିବା ସତ୍ତ୍ୱେ ସକାଳ ୮ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ଯାଏ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। କେସିଙ୍ଗା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ହେଲେ କେହି ବି ପୋଲିସର କଥାକୁ କର୍ଣ୍ଣପାତ କରି ନ ଥିଲେ। ମୃତ୍ୟୁବରଣ କରିଥିବା ନାବାଳିକା କେସିଙ୍ଗା ଏନଏସିର ବଗାଡର ସରିତା ବୋଲି ଜଣାପଡିବାରୁ ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ମୃତକାଙ୍କ ବାପା ଦନାର ମାଝିଙ୍କୁ ଦିଆଯାଇଛି ।

ଘଟଣାସ୍ଥଳେ କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ଅଶୋକ କୁମାର ମହାପାତ୍ର ଏବଂ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ ପହଞ୍ଚିଥିଲେ। ଲୋକଙ୍କୁ ବୁଝାଶୁଝା କରି ମୃତ ନାବାଳିକାଙ୍କ ବାପା ଦନାରଙ୍କୁ ରେଡକ୍ରସ ଫଣ୍ଡରୁ ୨୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ଓହରି ଯାଇଥିଲେ। ପୋଲିସ କେସିଙ୍ଗା ଥାନାରେ ଡ୍ରାଇଭର ଏବଂ ଟ୍ୟାଙ୍କରକୁ କେସିଙ୍ଗା ଥାନାରେ ଅଟକ ରଖିଛି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୨୩୯/୧୯) ରୁଜୁ କରାଯାଇଛି। ଟ୍ୟାଙ୍କର ମାଲିକ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ କ୍ଷତିପୂରଣ ବାବଦକୁ ବର୍ତ୍ତମାନ ସୁଦ୍ଧା କିଛି ନିଷ୍ପତ୍ତି ନିଆଯାଇ ନ ଥିବା ଜଣାପଡିଛି । ଶୁକ୍ରବାର ସକାଳ ୯ଟାରେ ନାବାଳିକା ଜଣଙ୍କ ରାସ୍ତା ପାରି ହେଉଥିଲେ । ଏହି ସମୟରେ କେସିଙ୍ଗା ଦେଇ ଝାରସୁଗୁଡା ଅଭିମୁଖେ ଯାଉଥିବା ଏକ ଆଲୁମିନିୟମ ବୋଝେଇ ଟ୍ୟାଙ୍କର (ନଂ.ଓଡି୧୫ଜେ-୨୧୨୫) ସାମନା ପଟୁ ନାବାଳିକାଙ୍କୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ନାବାଳିକାର ମୁଣ୍ଡ ଅଲଗା ହୋଇ ମୃତ୍ୟୁ ଘଟିଥିଲା ।

**ଗାଡ଼ିରେ ଛାଡ଼ି ନ ଦେବାରୁ ଖବରଦାତାଙ୍କୁ ହତ୍ୟା ଧମକ ଘଟଣା**

# ନ୍ୟାୟ ପାଇଁ ଖବରଦାତା ଏସ୍‌ପିଙ୍କ ଦ୍ୱାରସ୍ଥ

**ଜୁନାଗଡ,୬ା୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ସାପ୍ତାହିକ ବଜାରଠାରେ ଗତ ୩୦ ତାରିଖ ଅପରାହ୍ନରେ ଗାଡିରେ ଛାଡି ନ ଦେବାରୁ ସର୍ବସାଧାରଣ ଆଗରେ ଦାସିଗାଁ ସିର୍ଲିପଡା ବସ୍ତିର ଗୁଞ୍ଜନ ବାଗ ନାମକ ଜଣେ ବ୍ୟକ୍ତି ଅଞ୍ଚଳର ଜଣେ ଖବରଦାତା ଟିକଚନ ବାଗଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଟିକଚନ ସମ୍ପୃକ୍ତ ଗୁଞ୍ଜନଙ୍କ ନାମରେ ଚିଲଗୁଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି ଗୁଞ୍ଜନ ସର୍ବସାଧାରଣ ଆଗରେ ଟିକଚନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବାର ଭିଡିଓ ଫୁଟେଜ ମଧ ସେ ପୋଲିସରେ ଦେଇଥିଲେ। ପରେ ଉକ୍ତ ଦିନ ଜୁନାଗଡ ଥାନାରେ ଏ ନେଇ ଆଇପିସି ଦଫା ୩୪୧, ୨୯୪, ୩୨୩, ୪୨୭, ୫୦୬ରେ ଏକ ମାମଲା (ନଂ. ୨୦୨/୧୯) ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ ଗୁଞ୍ଜନଙ୍କ ପ୍ରତି ଅନୁକମ୍ପା ଦେଖାଇ ଗିରଫ ନ କରି ୪୧ ଜାମିନରେ ଛାଡି ଦେଇଥିବା ଜଣାପଡିଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ମଧ ଗୁଞ୍ଜନ ନିର୍ଭୀକତାର ସହ ଟିକଚନଙ୍କୁ ହତ୍ୟା କରିବି ବୋଲି ଟାଙ୍ଗି ଧରି ବୁଲୁଥିବା ଅଭିଯୋଗ ନେଇ ଶୁକ୍ରବାର ନ୍ୟାୟ ଓ ନିଜ ଜୀବନର ସୁରକ୍ଷା ପାଇଁ ଟିକଚନ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ବିଷୟରେ ସେ ଏସ୍‌ପିଙ୍କୁ ଏକ ଲିଖିତ ଅଭିଯୋଗ ମଧ ଦେଇଛନ୍ତି। ତୁରନ୍ତ ଅଭିଯୁକ୍ତ ଗୁଞ୍ଜନଙ୍କୁ ଗିରଫ କରିବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏସ୍‌ପି ନ ଥିବାରୁ ତାଙ୍କ ଅଭିଯୋଗକୁ ଏଏସ୍‌ପି ଗ୍ରହଣ କରିଥିବା ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼କୁ ମାଇଲେ ଗୋଇଠା**
**ଗୋଡ଼ ଟେକି କରି ବଇଥା ।**

ବରିଷ୍ଠ ତଥା ଗୁରୁଜନ ବ୍ୟକ୍ତି ଚିର ନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ବୟସ ଦୃଷ୍ଟିରୁ ସେମାନେ ସାଂସାରିକ ଜ୍ଞାନରେ ବହୁ ଅଭିଜ୍ଞ ହେବା ସହ ସମାଜକୁ ଦିଗ୍‌ଦର୍ଶନ ଦେବାରେ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ତାଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରିବା କେବେ ବି କ୍ଷମଣୀୟ ହୋଇପାରି ନ ଥାଏ। ଏପରି ପୂଜନୀୟ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି,**
**ବନ୍ଧେଇଲା ପାଣି ରହୁ ଅଟକି ।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ପାଣିର ଧର୍ମ ବୋହି ଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟୋପଯୋଗୀ ତଥା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ନୂଆଁଖାଇ ଭାଇଚାରାର ନିଦର୍ଶନ

**ପଡିଆବାହାଲ, ୬ା୯ (ଡି.ଏନ.ଏ)**

ସ୍ଥାନୀୟ ପଡିଆବାହାଲ ହାଟ ସ୍ଥିତ ନବନିର୍ମିତ ମଣ୍ଡପଠାରେ ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଦୂରଦର୍ଶନର ଉପନିର୍ଦ୍ଦେଶକ ମୋହନକୃଷ୍ଣ ଦାସ ମୁଖ୍ୟଅତିଥି, କବି ଓ ଗୀତିକାର କାଳିଚରଣର ପାଣିଗ୍ରାହୀ, କବି ଜିତେନ୍ଦ୍ର ପଧାନ, ନୃତ୍ୟଗୁରୁ ଅସୀମ ପଧାନ, ଭାରତଗୌରବ, ମହେଶ ପଟେଲ, ଶିବ ଶଙ୍କର ମେହେର, ଦୁର୍ଗାପୂଜା କମିଟି ସଭାପତି ସୁବୋଧ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଁଖାଇ ଏକ ମହାମିଳନର ପର୍ବ ଓ ଭାଇଚାରାର ନିଦର୍ଶନ ବୋଲି ଅତିଥିମାନେ କହିଥିଲେ। ବିଜୟ ନାୟକ, ସୁରୁବାବୁ ନାୟକ, ହରିହର ନାୟକ, ପ୍ରଫୁଲ୍ଲ ମଗର, ରାଧାମୋହନ ଷଡଙ୍ଗୀ, ଦେବଦତ୍ତ ରାଉତ, ରବିନାରାୟଣ ବେହେରା, ରୋହିତ ମେହେର ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ ସାହୁ ପ୍ରାରମ୍ଭିକ ସୂଚନା ଦେବାସହ ଅତିଥି ପରିଚୟ ଦେଇଥିଲେ। ବାହାମ ସରପଞ୍ଚ ମିତ୍ରଭାନୁ ପଧାନ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ସରୋଜ ପଧାନ ଓ ପ୍ରଦୀପ ପ୍ରଧାନଙ୍କ ସଂଯୋଜନାରେ ନାଚଗୀତ ଆୟୋଜିତ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com




ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର




ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143




ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

# ପ୍ରବଳ ବର୍ଷାରେ ଘରେ ପଶିଲା ପାଣି

ବଲାଙ୍ଗୀର ଅଫିସ, ୬।୯

ବଲାଙ୍ଗୀର ସହରରେ ଶୁକ୍ରବାର ସକାଳ ୮ଟାରୁ ପ୍ରାୟ ୨ ଘଣ୍ଟାର ପ୍ରବଳ ବର୍ଷାରେ ଅନେକ ଅଞ୍ଚଳରେ ପୁଣି ଥରେ ବନ୍ୟା ଭ୍ରମ ସୃଷ୍ଟି ହୋଇଥିଲା । ରାସ୍ତାଘାଟ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେବା ସହ ଶତାଧିକ ବ୍ୟକ୍ତିଙ୍କ ଘରକୁ ବର୍ଷାଜଳ ପଶିଯାଇଥିଲା । ମାଡପଡା, ତେଲିଗୋଠପଡା, ପ୍ରତାପସାଗରପଡା, ତୁଳସୀନଗର, ଠିକାଦାରପଡା ଓ ସହରର ଅନ୍ୟ ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ଘରେ ବର୍ଷାଜଳ ପଶି ଯିବାରୁ ପୁଣି ଥରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଅନେକ ଆସବାବପତ୍ର, ଜିନିଷପତ୍ର ନଷ୍ଟ ହୋଇଯାଇଛି। ଘରେ ପାଣି ଜମି ରହିବାରୁ ଲୋକେ ରୋଷେଇ କରିପାରି ନାହାନ୍ତି ।

ମାଲପଡାରେ ସାମାନ୍ୟ ବର୍ଷା ହେଲେ ଡ୍ରେନ୍ ପାଣି ଘରକୁ ପଶିଯାଉଛି। ମ୍ୟୁନିସିପାଲିଟି ଡ୍ରେନ୍ ସଫେଇ କରାଯାଇ ନ ଥିବାରୁ ଓ ଅନେକ ସ୍ଥାନରେ ଜବରଦଖଲ ସମସ୍ୟା ରହିଥିବାରୁ ଡ୍ରେନ୍ ପାଣି ନିଷ୍କାସିତ ହୋଇପାରୁ ନାହିଁ । ଶୁକ୍ରବାର ପୂର୍ବାହ୍ନ ୮ଟାରୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା ।



ବଲାଙ୍ଗୀର ରେଳଷ୍ଟେଶନ୍ ରାସ୍ତାର ମାଳପଡା ଠାରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିଛନ୍ତି ।

ଏହାର ମାତ୍ର କିଛି ସମୟ ମଧ୍ୟରେ ମାଳପଡା ରାସ୍ତାରେ ପ୍ରବଳ ବର୍ଷାଜଳ ପ୍ରବାହିତ ହୋଇ ବିଭିନ୍ନ ଲୋକଙ୍କ ଘରକୁ ଡ୍ରେନ୍ ପାଣି ପଶିଯାଇଥିଲା । ଏହାର ପ୍ରତିବାଦରେ ପଡାର ଶତାଧିକ ଯୁବକ ଓ ଜନସାଧାରଣ ବିକ୍ରମ ଛକରୁ ରେଲୱେ ଷ୍ଟେଶନ୍‌କୁ ଯାଇଥିବା ରାସ୍ତାକୁ ଅବରୋଧ କରିଥିଲେ । ଅରେଞ୍ଜ ହୋଟେଲ ନିକଟରେ ରାସ୍ତା ଅବରୋଧ କରାଯିବା ଫଳରେ ରେଳଷ୍ଟେଶନ୍ ରାସ୍ତାରେ ଶତାଧିକ ଗାଡିମୋଟର ଅଟକି ରହିଥିଲା । ବହୁ ଲୋକ ବୁଲିକରି ଯିବା ଆସିବା କରୁଥିବା ଦେଖାଯାଇଥିଲା। ପ୍ରତାପ ସାଗରରୁ ରାଣୀବନ୍ଧକୁ ଯାଇଥିବା କେନାଲ ଜବରଦଖଲ ଯୋଗୁଁ ବନ୍ଦ ହୋଇପଡିଛି । ଫଳରେ ଏହି ରାସ୍ତାରେ ପାଣି ପ୍ରବାହିତ ହୋଇ ନ ପାରି ଏହା ପ୍ରତାପସାଗର ରାସ୍ତାଦେଇ ତେଲିଗୋଠପଡା ରାସ୍ତା ଉପର ଦେଇ ମାଳପଡା ଭିତରକୁ ଛୁଟୁଛି । ଏହା ସହିତ ରେଳଷ୍ଟେଶନ୍ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ସଫେଇ ହୋଇ ନାହିଁ। ଏହି ଡ୍ରେନ୍‌ରେ ଜବରଦଖଲ ସମସ୍ୟା ଥିବାରୁ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପର ଦେଇ ଘର ଭିତରକୁ ପଶି ଯାଉଛି । ମ୍ୟୁନିସିପାଲିଟି ଜାଣି ଶୁଣି ଏହି ଡ୍ରେନ୍‌କୁ ସଫେଇ କରୁନାହିଁ ଓ ଜବରଦଖଲ ଉଚ୍ଛେଦ କରୁନାହିଁ ବୋଲି ରାସ୍ତା ଅବରୋଧ କରିଥିବା ଲୋକେ ଅଭିଯୋଗ କରିଥିଲେ । ଦୀର୍ଘ ସମୟ ପରେ ରାସ୍ତାରୋକୋ ସ୍ଥଳକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ୍ ଦୀପ ପହଞ୍ଚିଥିଲେ । ଉକ୍ତ ରାସ୍ତା ଅବରୋଧକାରୀମାନେ ନିର୍ବାହୀ ଅଧିକାରୀଙ୍କୁ ନାନା ପ୍ରଶ୍ନ କରିବା ସହ କେଉଁ କାରଣରୁ ଏହି ଡ୍ରେନ୍ ସଫେଇ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଆଗାମୀ ୭ ଦିନ ମଧ୍ୟରେ ଡ୍ରେନ୍ ସଫେଇ ସହ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା ।

- ଡ୍ରେନ୍ ସଫେଇ ଦାବିରେ ରେଲଷ୍ଟେସନ୍ ରାସ୍ତା ଅବରୋଧ
- ପୌରପାଳିକା ବିରୋଧରେ ଗର୍ଜିଲେ ଜନସାଧାରଣ
- ନିର୍ବାହୀ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା
- ୭ ଦିନ ଭିତରେ ଡ୍ରେନ୍ ସଫେଇ ହେବ

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଲୁହାଛଡ଼ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଟିଟିଲାଗଡ଼, ୬।୯ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ସର୍ଗିଗୁଡା ରାମ ମନ୍ଦିର ନିକଟରେ ଏକ ଲୁହାଛଡ ବୋଝେଇ ଟ୍ରକ (ନଂ. ଏପି ୧୬ ପିକ୍ୟୁ- ୧୬୭୫) ଶୁକ୍ରବାର ଟ୍ରାନ୍ସଫର୍ମର ବାଡରେ ପିଟି ହୋଇଯାଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏପରି କି ରାସ୍ତା ଅବରୋଧ ଯୋଗୁ ଯାତାୟତରେ ବାଧା ଉପୁଜିଥିଲା ଘଟଣାରୁ ପ୍ରକାଶ ଯେ, ଟ୍ରାନ୍ସଫର୍ମର ପୋଷ୍ଟ ସାମନାରେ ଥିବା ଗୋଦାମକୁ ଲୁହାଛଡ ବୋଝେଇ ଟ୍ରକ ଅନ୍‌ଲୋଡ ପାଇଁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ହେଲେ ଦୁର୍ଘଟଣାରେ କୌଣସି ଜୀବନହାନୀ ହୋଇନାହିଁ। ଟ୍ରକଟି ଆବଶ୍ୟକଠାରୁ ଅଧିକ ଲୁହାଛଡ ବୋଝେଇ କରିଥିବା ଜଣାପଡିଛି।

### ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା, ୨ ଅଟକ

ବେଲପଡ଼ା,୬।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖଲିଆପାଲି ଗ୍ରାମରେ ଗୁରୁବାର ଅପରାହ୍ନରେ ଶ୍ରୀମତ କରୁଆଁ(୪୦) ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବଶତ୍ରୁତା କିମ୍ବା ଜମିବାଡିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ଖବର ପାଇ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ପୋଲିସ ଗ୍ରାମର ୨ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ବେଲପଡ଼ା ଥାନା ପୋଲିସ ଏକ ମାମଲା(ନଂ.୧୪୬/୧୯) ରୁଜୁ କରିଛି।



### ଗୁରୁଦିବସ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ

ଦେଓଗାଁ,୬।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ପରିସରରେ ଗୁରୁବାର ଗୁରୁଦିବସ ଅବସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଲିଗାଲ ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସର୍ବପଲ୍ଲି ରାଧାକୃଷ୍ଣନ୍ଙ୍କ ପଟୋଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଗୁରୁଦିବସର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏପରି କି ଗଛ ନଷ୍ଟ ହେବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଚାରାରୋପଣ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ପରେ ପଞ୍ଚାୟତ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ସଞ୍ଜୀବ ପଧାନ, କୋଶଳୀ ଲୋକନୃତ୍ୟ ଏକାଡେମୀର ସମ୍ପାଦକ ଧରଣୀଧର ନାୟକ, ଯୋଗେନ୍ଦ୍ର ନାଏକ, ସୀତାରମ ଉଦ୍ଦୁରକୁଲିଆ, ରିଣ୍ଟୁଭୋଇ, ଜ୍ଞାନେନ୍ଦ୍ର ପ୍ରଧାନ, ହଳଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବିକୁ ଅଣଦେଖା

ସୋନପୁର,୬।୯(ନି.ପ୍ର.): କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗମନାଗମନକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ନୂତନ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ପୂର୍ବରୁ ନିର୍ମାଣ ହୋଇଥିବା ଛୋଟ ବସ୍‌ଷ୍ଟାଣ୍ଡଟି ଆବଶ୍ୟକତା ମେଣ୍ଟାଇ ପାରୁନି। ଯାତ୍ରୀଙ୍କ ପାଇଁ ଏଠାରେ ସର୍ବନିମ୍ନ ସୁବିଧା ନାହିଁ । ଶୌଚାଳୟ ଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି।

## ପ୍ରତିଷେଧକ ଟିକା କାର୍ଯ୍ୟକ୍ରମର ଶୁଭାରମ୍ଭ

ଖପ୍ରାଖୋଲ,୬।୯(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଧନୁଷ୍ଟଙ୍କାର ଏବଂ କଣ୍ଠ ଅଳତି(ଟି.ଡି) ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଉତ୍କଳମଣି ମେହେର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଯୁଗଳ କିଶୋର ସାହୁ, ସ୍ଥାନୀୟ ସରପଞ୍ଚ ଶାନ୍ତି ଛୁରା ପ୍ରମୁଖ ଯୋଗଦେଇ ୧୦ରୁ ୧୫ ବର୍ଷର ଛାତ୍ରୀଛାତ୍ରଙ୍କୁ ଧନୁଷ୍ଟଙ୍କାର ଏବଂ କଣ୍ଠ ଅଳତି(ଟି.ଡି) ପ୍ରତିଶେଧକ ଟିକା ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୦ବର୍ଷ ବୟସର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରତିଶେଧକ ଟିକା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶିଲ ପୋଢ, ସ୍ୱାସ୍ଥ୍ୟ କର୍ମୀ ନିର୍ମଳା ବେହେରା, ଅଙ୍ଗନୱାଡି କର୍ମୀ ମେରୀ ଛତ୍ରିଆ, ୱାର୍ଡମେମ୍ବର ରସିକ ସାହୁ, ଆଶା କର୍ମୀ କୌଶଲ୍ୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଲୋଇସିଂହା,୬।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ସପ୍ତକ କଳାପ୍ରକାଶିକା ସଂଗୀତ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ରେନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଚିଦାନନ୍ଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଗୁରଶ୍ରୀ ଘାସିରାମ ମିଶ୍ର ମୁଖ୍ୟଅତିଥି, ଆଇଆଇସି ଲଳିତା ଲେକ୍ରା, ଉପଦେଷ୍ଟା ସୁରେଶ ଅଗ୍ରୱାଲ, ଧ୍ରୁବଚରଣ ଅଗ୍ରୱାଲ, କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ, ଗାୟିକା ଝରଣା ଚାଟାର୍ଜି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାଗଦର୍ଶନ ଦେଇଥିଲେ। ଉଦ୍‌ଘୋଷକ ଆକାଶ ବିଶ୍ୱାଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାର ଛାତ୍ରୀଛାତ୍ରମାନେ ଓଡ଼ିଶୀ, ଲୋକନୃତ୍ୟ, ଶାସ୍ତ୍ରୀୟ ସଂଗୀତ ସହ ବାଦ୍ୟଯନ୍ତ୍ର ବାଦନ ପରିବେଷଣ କରିଥିଲେ।

ସେହିପରି ବ୍ଲକର ଅଗଲାପାଲି ଗଣେଶପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏକକ ନୃତ୍ୟ ପ୍ରତିଯୋଗିତାରେ ଈଶ୍ୱର ସାହୁ, ପ୍ରଦୀପ କୁଅଁର, ଦଳଗତ ଜୁନିୟରେ ମିକି ସାହୁ ଏବଂ ତାଙ୍କ ସାଥୀ, ଶିଖା ମୁଦୁଲି ଏବଂ ତାଙ୍କ ସାଥୀ, ସିନିୟର ବର୍ଗରେ ବିଜୁ ଭୂଏ, ଆନନ୍ଦ ସାହୁ ଏବଂ ତାଙ୍କ ସାଥୀ ପୁରସ୍କୃତ ହୋଇଥିଲେ। ସଭାପତି ସାନନ୍ଦ ମୁଦଦୁଲି, ଯୋଗୀ ମଲ୍ଲୀକ, ପ୍ରକାଶ ଭୂଏ, ଜନକ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତାକୁ ବିଧାୟକ ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଥିଲେ । ସେହିପରି ବୁର୍ଡା ଉପରପଡ଼ା ଗଣେଶପୂଜା କମିଟି ପକ୍ଷରୁ ୨ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିବସରେ କୁନିକୁନି ପିଲାଙ୍କ ଦଳଗତ ଏବଂ ଏକକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସରେ ସଦାନନ୍ଦ ସାହୁ, ଦିଲୀପ ସାହୁ, ଗିରଧାରୀ ଥନାପତି ଏବଂ ତାଙ୍କ ସାଥୀ ଭଜନ ସମାରୋହ କାର୍ଯ୍ୟକ୍ରମ କରିଥିଲେ। ରାମ ସାହୁ, ଟିଲୁ ସାହୁ, ପିଣ୍ଟୁ ନାଏକ, ଜିତୁ ବାରିକ ଏବଂ ତାଙ୍କ ସାଥୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସପ୍ତକ କଳାପ୍ରକାଶିକା ଅନୁଷ୍ଠାର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

■ ପାଟଣା ହାଇକୋର୍ଟ ପ୍ରତିଷ୍ଠା ଦିବସ ପାଳନ

## ସହର ପରିକ୍ରମା କଲା ଜ୍ୟୋତି ଯାତ୍ରା

ବଲାଙ୍ଗୀର ଅଫିସ, ୬।୯

ତତ୍କାଳୀନ ପାଟଣା ଷ୍ଟେଟ୍ (ଏବର ବଲାଙ୍ଗୀର ଜିଲା)ରେ ଥିବା ପାଟଣା ହାଇକୋର୍ଟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୁକ୍ରବାର ହାଇକୋର୍ଟ ଜ୍ୟୋତିଯାତ୍ରା ସହର ପରିକ୍ରମା କରିଥିଲା। ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସଂଗଠନର ପ୍ରତିନିଧି ସାମିଲ ହୋଇଥିଲେ। ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜ୍ୟୋତି ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସମ୍ପାଦକ ଅମନ୍ ନାଗ, ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ସରୋଜ ଗୁପ୍ତା, ରବିନାରାୟଣ ବହିଦାର, ଅଶୋକ ରାଉତ, ବାସୁଦେବ ରଥ, ସନ୍ତୋଷ କୁମାର ପାଢ଼ୀ, ସଂଗ୍ରାମ ବହିଦାର, ମାଲିଆ ଗଡ୍ଡୁଆ, ଦେବାଶିଷ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ହାଇକୋର୍ଟ ଜ୍ୟୋତି ଯାତ୍ରା ପାଟଣେଶ୍ୱରୀ ମନ୍ଦିରରୁ ବାହାରି ସମଲେଶ୍ୱରୀ ମନ୍ଦିର ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ୍, କଚେରି ଛକ, ଠିକାଦାରପଡ଼ା ଛକ ଦେଇ ସିଭିଲ କୋର୍ଟରେ ପହଞ୍ଚି ଥିଲା। ପୂର୍ବତନ ପାଟଣା ଷ୍ଟେଟ୍‌ରେ ଥିବା ହାଇକୋର୍ଟ ଆଜିର ଦିନରେ ୭୮ ବର୍ଷ ତଳେ ପ୍ରତିଷ୍ଠା ଲାଭ କରିଥିଲା ବୋଲି ସୂଚନା ଦେଇଥିଲେ। ଆଜି ଏହି ହାଇକୋର୍ଟର ୭୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି ବୋଲି ଆଡଭୋକେଟ୍ ଭବାନୀ ଶତପଥୀ ସୂଚନା ଦେଇଥିଲେ। ଓଡ଼ିଶାରେ ମିଶ୍ରଣ ପୂର୍ବରୁ ୧୯୪୦ରୁ ବଲାଙ୍ଗୀରରେ ଏକ ହାଇକୋର୍ଟ ରହିଥିଲା ଏବଂ ହାଇକୋର୍ଟ ଅଧୀନରେ ଓଡ଼ିଶା ଓ ଛତିଶଗଡ଼ର ବହୁ ରାଜ୍ୟ ରହିଥିଲେ ବୋଲି ସେ ସୂଚନା ଦେଇଥିଲେ। ବଲାଙ୍ଗୀରରେ ହାଇକୋର୍ଟ ନେଇ ଏଭଳି ଐତିହାସିକ ପୃଷ୍ଠଭୂମି ଥିବା ଏବଂ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦିଗରେ ବଲାଙ୍ଗୀରରେ ସମସ୍ତ ଭିତ୍ତିଭୂମି ଥିବାରୁ ତୁରନ୍ତ ରାଜ୍ୟ ସରକାର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ଆଇନଜୀବୀମାନେ ଦାବି କରିଛନ୍ତି।




ପାଟଣା ହାଇକୋର୍ଟ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଜ୍ୟୋତି ଯାତ୍ରା ସହର ପରିକ୍ରମା କରୁଛି ।

## ଅଙ୍ଗନୱାଡି କର୍ମୀ ନିଯୁକ୍ତି ଦାବିରେ ସ୍ମାରକପତ୍ର

ଖପ୍ରାଖୋଲ,୬।୯(ଡି.ଏନ୍.ଏ.)

ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତବାହାଲଭଟଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ଦିନ ହେଲା ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଛି। ଫଳରେ ଅନ୍ୟ ଏକ ଅଙ୍ଗନୱାଡି କେନ୍ଦ୍ରର ଜଣେ କର୍ମୀ ବାହାଲଭଟଲି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଦାୟିତ୍ୱ ତୁଲାଉଛନ୍ତି। ହେଲେ ତୁରନ୍ତ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ଏକ ଦାବିପତ୍ର ଖପ୍ରାଖୋଲ ବିଡିଓ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପାଟଣାଗଡ଼ ଉପଜିଲାପାଳ, ବଲାଙ୍ଗୀର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗୋବର୍ଦ୍ଧନ ସାହୁ, କୌଶଲ୍ୟା ସାହୁ, ନୀଳମଣି ସାହୁ, ତ୍ରିନାଥ କତଲା, ଅନା ମହାନନ୍ଦ, ବିମଳା ବରିହା, ସୁକାନ୍ତି ବରିହା, ଅଜୟ ଶିକା, ବାସନ୍ତି ଟିକେମଲିଆଙ୍କ ସହ ସହ ବିଭିନ୍ନ ମହିଳା ସଂଘ କର୍ମକର୍ତ୍ତାଙ୍କ ନାମ ଉଲ୍ଲେଖ ରହିଛି।

■ ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

## ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ




ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ସଂଘ ପକ୍ଷରୁ ଶୁକ୍ରବାର ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦିଆଯାଇଛି।

ଲୋଇସିଂହା,୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ସିଡିପିଓ ଜ୍ୟୋତିର୍ମୟୀ ନାଏକ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କକକପର୍ସ ସଂଘ ପକ୍ଷରୁ ଶୁକ୍ରବାର ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରି ସିଡିପିଓଙ୍କ ବଦଳି ଦାବି କରାଯାଇଥିଲା। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ପହଞ୍ଚି କର୍ମୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସଂକ୍ରାନ୍ତରେ ଉପରସ୍ଥିତ ଅଧିକାରୀଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବ୍ଲକ ସଂଘ ସଭାନେତ୍ରୀ ରୋହିନୀ ବିଶିଙ୍କ ନେତୃତ୍ୱରେ ବ୍ଲକରେ କାର୍ଯ୍ୟରତ କର୍ମୀମାନେ ପୂର୍ବାହ୍ନ ୧୦ଟାରେ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିଥିଲେ।

**ସିଡିପିଓଙ୍କ ବଦଳି ଦାବି କଲା ଅଙ୍ଗନୱାଡି ସଂଘ**

## ଫଟୋରେ ଖବର

### ବର୍ଷାରେ ବେହାଲ ବଲାଙ୍ଗୀର ...









(ବାମରୁ) ପ୍ରବଳ ବର୍ଷା ପରେ ବଲାଙ୍ଗୀର ଅଗ୍ନିଶମ କାର୍ଯ୍ୟାଳୟ ପାଣି ଘେରରେ ରହିଛି। ବଲାଙ୍ଗୀର ତୁଳସୀନଗରର ଅନେକ ଘରକୁ ମହାରାଣୀସାଗରର ନାଳ ପାଣି ପଶିଯାଇଛି। ପ୍ରବଳ ବର୍ଷାରେ ଅସ୍ଥାୟୀ ଭାବେ ମରାମତି ହୋଇଥିବା ବଲାଙ୍ଗୀର ବରପାଲିପଡା ପୋଲ ରାସ୍ତା ପୁଣି ଥରେ ଧୋଇ ହୋଇଯାଇଛି । ବଲାଙ୍ଗୀର ମାଳପଡାରେ ଡ୍ରେନ୍ ପୋତି ହୋଇଯାଇଥିବାରୁ ମୁଖ୍ୟ ରାସ୍ତାରେ ବର୍ଷା ପାଣିର ସୁଅ ଛୁଟୁଛି । (ଫଟୋ-ସୁନୀଲ)



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଜିଲାସ୍ତରୀୟ ଗୁରୁ ଦିବସ ପାଳିତ

ବ୍ରଜରାଜନଗର,୬।୯(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲାସ୍ତରୀୟ ଗୁରୁ ଦିବସ ସ୍ଥାନୀୟ ଜିଏମ୍ କଲୋନୀ ରବୀନ୍ଦ୍ର ଭବନରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପଣ୍ୟଗାର ନିଗମ ଅଧକ୍ଷ ଅନୁପ ସାଏ ମୁଖ୍ୟଅତିଥି, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ସମ୍ମାନିତ ଅତିଥି, ବ୍ରଜରାଜନଗର କଲେଜ ଅଧାପିକା ପଦ୍ମାବତୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷା ବ୍ୟବସ୍ଥା ସମସ୍ୟା ଏବଂ ତା'ର ନିରାକରଣ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରସନ୍ନ ପଣ୍ଡା ସ୍ମୃତି ସମିତି ଦ୍ୱାରା ଆୟୋଜିତ ୨୧ତମ ଗୁରୁ ଦିବସ ଅବସରରେ ଆବାହକ ପ୍ରଶାନ୍ତ ପାଢୀଯୋଶୀ, ସମିତି ସଭାପତି ଅନୀତ ଚକ୍ରବର୍ତ୍ତୀ, ଲଇକେରା, କିର୍ମିରା ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷକ ସଂଘ ସଭାପତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ପ୍ରସନ୍ନ ପଣ୍ଡା ଗଣେଶ, ସରସ୍ୱତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍ମୃତି ସମିତି ଆବାହକ ପାଢୀଯୋଶୀ ବିବରଣୀ ପ୍ରଦାନ କରିଥିଲେ। ଜିଲାରେ ଏକ ଶିକ୍ଷକ ଭବନର ଆବଶ୍ୟକତା ରହିଥିବା ଜିଲା ସଭାପତି ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମ ଶ୍ରେଣୀରୁ କଲେଜ ପର୍ଯ୍ୟନ୍ତ ଜିଲାର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ କୃତୀ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଝାରସୁଗୁଡ଼ା ଜିଲା ଶିକ୍ଷକ ସଂଘ ତରଫରୁ ରାଜ୍ୟ ସରକାରଙ୍କ ରିଲିଫ୍ ପାଣ୍ଠିକୁ ୨ ଲକ୍ଷ ୩୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା କୁହାଯାଇଥିଲା। ଶେଷରେ ଓପିଏମ୍ ବାଳିକା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲା ଗାଇଡ୍ କମିଶନର ପ୍ରତିଭା ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ଅନିତା ପଣ୍ଡା, ନମିତା ପତି ଓ ବୀଣାପାଣି ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲା ଶିକ୍ଷକ ସଂଘ ସମ୍ପାଦକ ରାଜକିଶୋର ଜେନା ଧନ୍ୟବାଦ ଦେଇଥିଲେ। ଚାନ୍ଦୁରାମ ଭୋଇ, ବରୁଣ ସେଠ ଓ ଅଶୋକ ବେହେରା ସହଯୋଗ କରିଥିଲେ।

### ଜଳଡିହି ଗଣେଶ ମେଢ଼ ବିସର୍ଜନ

କୋଲାବିରା,୬।୯(ଡି.ଏନ୍.ଏ.) ଜଳଡିହି ଜୟ ବଜରଙ୍ଗବାଲି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଗଣେଶ ପୂଜା ଭସାଣି ଉତ୍ସବ ଗୁରୁବାର ଶେଷ ହୋଇଛି। ଦିନତମାମ ଚାଲିଥିବା ଏହି ଲମ୍ବା ଭସାଣି ଉତ୍ସବ ଦେଖିବାକୁ ବିଭିନ୍ନ ଛକରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଛୋଟ ପିଲା ତଥା ଯୁବକମାନେ ମୁହଁରେ ଅବିର ବୋଳି ଡିଜେ ସାଉଣ୍ଡ ତାଳେତାଳେ ନୃତ୍ୟ କରିବା ଦୃଶ୍ୟ ନିଆରା ଥିଲା। ସ୍ଥାନୀୟ ତରେଇକେଲା ନାଳରେ ଗଜାନନଙ୍କ ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଭସାଣିରେ ଶୋଭାଯାତ୍ରାକୁ କ୍ଲବ ସଭାପତି ଅନୀଲ ପ୍ରଧାନ, ସମ୍ପାଦକ ସୁରେଶ ପ୍ରଧାନ, କୋଷାଧକ୍ଷ ବାପୁ ପ୍ରଧାନଙ୍କ ସମେତ ଗ୍ରାମ ପୂଜା କମିଟିର ଜେହେରୁ ପ୍ରଧାନ, ନାନୁ ରଣବିଡ଼ା, ଉଦ୍ଧବ ପ୍ରଧାନ, ଦିଲୀପ ପ୍ରଧାନ, ସୁନୀଲ ପ୍ରଧାନ, ବିଜୁ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, କୁନୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ଗାଡି ଧକ୍କାରେ ଚାଳକଙ୍କ ମୃତ୍ୟୁ ସନ୍ଦେହ

ଝାରସୁଗୁଡା ଅଫିସ୍/ ଲଖନପୁର, ୬।୯ (ଡି.ଏନ୍.ଏ) ବଡମାଲ ଥାନା ଅଧୀନ ବଞ୍ଜାରୀ ରାସ୍ତା ଉପରେ ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ପଡିଥିବା ନେଇ ଗ୍ରାମବାସୀ ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ପୋଲିସ ଶୁକ୍ରବାର ସକାଳେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଯାଞ୍ଚ ପରେ ତାଙ୍କ ପକେଟ୍‌ରୁ ଏକ ଡ୍ରାଇଭିଂ ଲାଇସେନ୍ସ ପାଇଥିଲା। ଏଥିରୁ ସେ ଉତ୍ତରପ୍ରଦେଶ ବନାରସ ଦିଲ୍‌ସାତପୁର ଗ୍ରାମର ଅମରନାଥ ରାୟ(୩୫)ବୋଲି ଜଣାପଡିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବକଙ୍କ ମୃତ୍ୟୁକୁ ନେଇ ପୋଲିସ ପରିବାର ଲୋକଙ୍କୁ ଜଣାଇଥିଲା। ଖବରପାଇ ପରିବାର ଲୋକେ ବିମାନ ଯୋଗେ ଉତ୍ତରପ୍ରଦେଶରୁ ଝାରସୁଗୁଡ଼ା ଆସିଥିଲେ। ପରେ ପରିବାର ଲୋକେ ପୋଲିସ ନିକଟରୁ ମୃତଦେହ ଗ୍ରହଣ କରି ଆମ୍ବୁଲାନ୍ସ ଯୋଗେ ଉତ୍ତରପ୍ରଦେଶ ନେଇଛନ୍ତି। ବଡମାଲ ଥାନା ପୋଲିସ ଏକ ମାମଲା(ନଂ.୧୪୧/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଯୁବକ ଜଣଙ୍କ ଝାରସୁଗୁଡ଼ା ସ୍ଥିତ ମାତାରିଣୀ ଟ୍ରାନ୍ସପୋର୍ଟରେ ଟ୍ରକ୍ ଡ୍ରାଇଭର ଭାବେ କାମ କରୁଥିଲେ। ଯୁବକ ଜଣଙ୍କ ଗତ କିଛିଦିନ ହେଲା ଟ୍ରକ୍ ଚଳାଇବା ଛାଡି ବୁଲାବୁଲି କରୁଥିଲେ। ପାରିପାର୍ଶିକ ସ୍ଥିତିରୁ କୌଣସି ଏକ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

## ଓପିଜିସିରେ ଠିକାଶ୍ରମିକ ନିଯୁକ୍ତି ନେଇ ସମୀକ୍ଷା

# ନିଯୁକ୍ତିରେ ଲଖନପୁରକୁ ଅଗ୍ରାଧିକାର ଦାବି

ଲଖନପୁର,୬।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାରେ ବହୁ ଶିଳ୍ପାନୁଷ୍ଠାନ ଗଢିଉଠିଛି। ଏନେଇ ସ୍ଥାନୀୟ ଲୋକେ ଭିଟାମାଟି ହରାଇ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇଛନ୍ତି। ଶିଳ୍ପ ପ୍ରଦୂଷଣରେ ଲୋକେ ଅଣନିଶ୍ୱାସ ହୋଇପଡୁଛନ୍ତି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶାସଂଚାର ହୋଇଥିଲା ଶିଳ୍ପ ଗଢି ଉଠିଲେ ନିଯୁକ୍ତି ସୃଷ୍ଟି ହେବା ସାଙ୍ଗକୁ ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବ। ଫଳରେ ଅଞ୍ଚଳର ସାମଗ୍ରୀକ ବିକାଶ ହେବ। ହେଲେ ଏସବୁ ବାସ୍ତବତାଠାରୁ ବହୁଦୂରରେ ରହିଛି। ଶିଳ୍ପସଂସ୍ଥାମାନଙ୍କରେ ନିଯୁକ୍ତି କ୍ଷେତ୍ରରେ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରାଯାଉଛି। ଶିଳ୍ପସଂସ୍ଥାର ମନମୁଖୀ କାର୍ଯ୍ୟପାଇଁ ସ୍ଥାନୀୟ ଲୋକେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଫଳରେ ଲୋକଙ୍କ ଆଶା ଆଶାରେ ରହିଯାଉଛି। ଏନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ନିଜ ହକ୍ ପାଇଁ ଆନ୍ଦୋଳନ ମାଧ୍ୟମରେ ଲଢେଇ କରିବାକୁ ପଡୁଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏଭଳି ସ୍ଥିତି ଦେଖାଦେଇଛି ଓପିଜିସିର ବନହରପାଲି ସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପରେ । ଠିକାଶ୍ରମିକ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରାଯାଇ ବାହାର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏନେଇ ଇବ୍‌ଥର୍ମାଲ ପ୍ରକଳ୍ପ ଅତିଥି ଭବନ ସଭାଗୃହରେ ଗୁରୁବାର ବିଧାୟକ କିଶୋର ମହାନ୍ତି ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାଶ୍ରମ ବିଭାଗ, ଠିକାସଂସ୍ଥା, ସ୍ଥାନୀୟ ଠିକାଦାର ସଂଘ, ସ୍ଥାନୀୟ ଜନପ୍ରତିନିଧି, ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ ସାମିଲ ହୋଇଥିଲେ। ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ) କୃଷ୍ଣ ମୋହନ ରାଉତ, ଓପିଜିସିର ପ୍ରଦୀପ କୁମାର ପାତ୍ର, ଦିଲୀପ କୁମାର ପଣ୍ଡା, ଚିତ୍ତରଞ୍ଜନ ସ୍ୱାଇଁ, କୃତିବାସ ପାଢୀ, ଠିକାଦାର ସଂଘ ସଦସ୍ୟ ପ୍ରସନ୍ନ ପ୍ରଧାନ, ଟିକେଶ୍ୱର ସେନାପତି, ଦେବାନନ୍ଦ ପ୍ରଧାନ, ତରଣୀସେନ ବେହେରା, ଗିରିଧାରୀ ଦାସ, ଧିରେନ୍ଦ୍ର ଦିକ୍ଷୀତ, ଜିତେନ୍ଦ୍ର ପ୍ରଧାନ, ଠଣସୁନ୍ଦର ସାହୁ, ପାର୍ବତୀ ବେହେରା, ପିତାମ୍ବର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମେଲ୍‌କୋ ଇଣ୍ଡିଆ, ଶିବଶକ୍ତ, ମେନ୍‌କୋ ଟେକ୍, ଜୟବାବା ଲୋକନାଥ, ୟୁନିରେଲ୍, ବିଜିଆର୍, ପେରିଗ୍ରୀନ୍ ଆଦି ଠିକାସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି ମାନବ ସମ୍ବଳ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ତଥ୍ୟ ଅନୁଯାଇ ବାହାର ଲୋକଙ୍କୁ ନିଯୁକ୍ତିଦେବା ତୁଳନାରେ ସ୍ଥାନୀୟ ନିଯୁକ୍ତି ସଂଖ୍ୟା ନୈରାଶ୍ୟ ଜନକ ଥିଲା। ଏଥିରେ ବିଧାୟକ ମହାନ୍ତି କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଓଡ଼ିଶାରେ ଶିଳ୍ପପ୍ରତିଷ୍ଠା ହେବା ପୂର୍ବରୁ କମ୍ପାନୀମାନଙ୍କ ସହ ସରକାରଙ୍କ ମଧରେ ଏମ୍‌ଓୟୁ ଦସ୍ତଖତ ହୋଇଥାଏ। ନିଯୁକ୍ତି କ୍ଷେତ୍ରରେ ୭୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବାପାଇଁ ଏଥିରେ ଉଲ୍ଲେଖ ରହିଥାଏ। ହେଲେ ଏହାକୁ କମ୍ପାନୀମାନେ ନମାନି ଉଲଘଂନ କରୁଛନ୍ତି। ଫଳରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ନ ହୋଇ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି । କୁଶଳୀ ଦକ୍ଷ ଶ୍ରମିକଙ୍କ ବାହାନାରେ ଠିକାସଂସ୍ଥାମାନେ ରାଜ୍ୟ ବାହାରୁ ଶ୍ରମିକମାନଙ୍କୁ ଆଣି ନିୟୋଜିତ କରୁଛନ୍ତି। ଏନେଇ ସ୍ଥାନୀୟ ବେକାର ଯୁବତୀ, ଯୁବକମାନେ କର୍ମସଂସ୍ଥା ପାଇବାରୁ ବଞ୍ଚିତ ହେଉଛନ୍ତି। କମ୍ପାନୀ ସ୍ଥାନୀୟ ଯୁବତୀ, ଯୁବକମାନଙ୍କୁ ବିଭିନ୍ନ ବିଭାଗରେ ପ୍ରଶିକ୍ଷଣ ଦେଇ ଶିଳ୍ପସଂସ୍ଥାଗୁଡିକରେ ନିଯୁକ୍ତି ପ୍ରଦାନ କରିବା ପାଇଁ ବିଧାୟକ ମହାନ୍ତି ଦାବି କରିଥିଲେ । କେତେକ ସ୍ଥାନୀୟ ଠିକାଶ୍ରମିକଙ୍କୁ ଅଣକୁଶଳୀ ବାହାନା ଦେଖାଇ ଠିକାସଂସ୍ଥାମାନେ କମ୍‌ହାରରେ ଦରମା ପ୍ରଦାନ କରୁଥିବା ବୈଠକରେ ଅଭିଯୋଗ ହୋଇଥିଲା। ଏନେଇ ଜିଲା ଶ୍ରମ ଅଧିକାରୀ ରାଉତ ଠିକାସଂସ୍ଥାଙ୍କୁ ତାଗିଦ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ନିଯୁକ୍ତି ପ୍ରାଥମିକତା କ୍ଷେତ୍ରରେ ପ୍ରଥମେ ଲଖନପୁର ବ୍ଲକ ପରେ ବେଲପାହାଡ଼, ବ୍ରଜରାଜନଗର ଓ ଝାରସୁଗୁଡ଼ା ଅଞ୍ଚଳର ଯୁବତୀ, ଯୁବକମାନଙ୍କୁ ଅଗ୍ରାଧିକାର ଦେବାକୁ ବିଧାୟକ ମହାନ୍ତି ଓପିଜିସି ଓ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଇବ୍‌ଥର୍ମାଲ ୩ୟ ଓ ୪ର୍ଥ ୟୁନିଟ୍ ସୁରକ୍ଷା ଦାୟୀତ୍ୱରେଥିବା ଅଧିକାରୀ ଏନ୍‌ଏନ୍ ଷଡଙ୍ଗୀଙ୍କ କାର୍ଯ୍ୟକଳାପକୁ ନେଇ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ହେଲେ ଅଭିଯୋଗକୁ କମ୍ପାନୀ କର୍ତ୍ତୃପକ୍ଷ ବୈଠକରେ ସ୍ୱିକାର କରିଥିଲେ । ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବୈଠକ ପରେ ଏହାର କାର୍ଯ୍ୟକାରିତା ନେଇ ଆଗାମୀ ଦିନରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯିବ । ଏନେଇ କମ୍ପାନୀ ଓ ଠିକାସଂସ୍ଥା କର୍ତ୍ତୃପକ୍ଷ ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ ଅବହେଳା କରନ୍ତି ତାହାଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବିଧାୟକ ମହାନ୍ତି ଚତାବନୀ ଦେଇଛନ୍ତି।



ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ କିଶୋର ମହାନ୍ତି ଓ କମ୍ପାନୀ ଅଧିକାରୀ।



ଏମ୍‌ପି ସୁରେଶ ପୂଜାରୀ, ବିଧାୟିକା କୁସୁମ ଟେଟେଙ୍କ ସହ ଅନ୍ୟମାନେ।

### ବ୍ରଜରାଜନଗରରେ ନୂଆଁଖାଇ ଭେଟ୍‌ଘାଟ୍

ବ୍ରଜରାଜନଗର,୬।୯(ଡି.ଏନ.ଏ.):

ବ୍ରଜରାଜନଗର ଆରାଧ ଦେବୀ ମା' ଚଣ୍ଡୀ ମନ୍ଦିର ପରିସରରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉପସ୍ଥିତ ରହି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ଅନ୍ନପ୍ରସାଦ ଭୋଗ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ମଧ ଯୋଗ ଦେଇଥିଲେ। ଏହି ଅବସରରେ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଦଳର କର୍ମୀ ଯୋଗଦେଇ ସହରର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଞ୍ଚଳର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଏମ୍‌ପି ପୂଜାରି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରମୋଦ ସେନାପତି, ତପନ ସ୍ୱାଇଁ, ଅଶୋକ ପ୍ରଧାନ, ନବୀନ ସିଂ, ସଞ୍ଜୟ ସାଲୁଜ, କ୍ଷେତ୍ରମୋହନ ନାଗ, ପ୍ରମୋଦ ଦାଶ, ସାଗରକେଶରୀ ଦାଶ, ରଘୁନନ୍ଦନ ପଣ୍ଡା, ଟିକିନା ଧଳ, ଶୁଭ୍ରା ଦାଶ, ଚୁମକି ପଟେଲ, ବିୟୁଟି ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ରଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

EDUCATION

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

ASTROLOGY

BUSINESS

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନୂଆଗାଁ, ୬।୯ (ଡି.ଏନ.ଏ)- ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ସୋରଡା ଗ୍ରାମରେ ଗୁରୁବାର ରାତିରେ ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ବିଶ୍ରା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି । ଏନେଇ ବିଶ୍ରା ଥାନାରେ ଏକ ମାମଲା ( ନଂ. ୮୪/୧୯) ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାମୁତାବକ ସୋରଡା ଗ୍ରାମର ଇମଦାଦ ଆନସାରୀ (୨୨) ସେହି ଗ୍ରାମର ଜଣେ ନାବାଳିକାଙ୍କୁ ଗୁରୁବାର ରାତିରେ କେଉଁ ଆଡେ ଅପହରଣ କରିନେଇଥିବା ନେଇ ନାବାଳିକାଙ୍କ ମାଆ ବିଶ୍ରା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ବିଶ୍ରା ଥାନା ଅଧିକାରୀ ବିନିତା ମାଝୀ ମାମଲାକୁ ଗୁରୁତର ସହ ନେଇ ଘଟଣା ତଦନ୍ତ ଆରମ୍ଭ କରିଛନ୍ତି ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । }

# ନଈ ପାରହୋଇ ବିଦ୍ୟାଳୟ ଯାଉଛନ୍ତି ଶିକ୍ଷୟିତ୍ରୀ

**ସୁନ୍ଦରଗଡ଼, ୬।୯ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ବନେଇକେଲା ପଞ୍ଚାୟତରେ ଶିକ୍ଷୟିତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ନଈ ପାର ହେଉଥିବା ଦେଖିବାକୁ ମିଳିଛି। ବନେଇକେଲା ପଞ୍ଚାୟତର ଅନୁନ୍ନତ ଗାଁ ଡୁମେରମୁଣ୍ଡା। ବର୍ଷାଦିନେ ଏହି ଗ୍ରାମ ସମ୍ପୂର୍ଣ୍ଣ ଭାବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥାଏ। ଗାଁକୁ ଯିବାକୁ ହେଲେ ନଈପାରି ହୋଇ ଯିବାକୁ ହୁଏ। ତେଣୁ ଗାଁ ବିଦ୍ୟାଳୟକୁ ଶିକ୍ଷାଦାନ କରି ଆସୁଥିବା ଶିକ୍ଷୟିତ୍ରୀମାନେ ଜୀବନକୁ ବିପଦରେ ପକାଇ ବଢିଲା ନଈ ପାରି ହୋଇଥାନ୍ତି। ଡୁମେରମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଶ୍ରିତା କେରକେଟା ଓ ସହ ଶିକ୍ଷୟିତ୍ରୀ ଭେରନିକା ମିଞ୍ଜଙ୍କ କର୍ତ୍ତବ୍ୟପରାୟଣତା, ଦାୟିତ୍ୱବୋଧ ସହିତ ଛାତ୍ର ବତ୍ସଳତା ଶିକ୍ଷକତାଜୀବନ ପୁରାଣ ପୃଷ୍ଠାର ଛାତ୍ରବତ୍ସଳ ଓ ସାଧନାଶୀଳ ଗୁରୁଙ୍କ କଥା ମନେପକାଇଦେଉଛି । ଏହି ଗ୍ରାମରେ ପିଲାଙ୍କ ପାଠପଢା ପାଇଁ ଥିବା ଏହି ପ୍ରାଥମିକ ବିଦ୍ୟାଳୟରେ ୫୩ଜଣ ଛାତ୍ରୀ ଛାତ୍ର ରହିଛନ୍ତି। ଏହି ବିଦ୍ୟାଳୟରେ ଶିକ୍ଷକତା କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ କେରକେଟା ଓ ସହଶିକ୍ଷୟିତ୍ରୀ ମିଞ୍ଜ ବର୍ଷାଦିନରେ ଜୀବନକୁ ବାଜି ଲଗାଇ ପ୍ରତିଦିନ ବଢିଲା ନଈ ପାରହୋଇ ବିଦ୍ୟାଳୟରେ ପହଞ୍ଚିଥାନ୍ତି। ପ୍ରଧାନଶିକ୍ଷୟିତ୍ରୀ ଭାବେ ଗତ ୨୦୦୪ରୁ ବିଦ୍ୟାଳୟରେ ଯୋଗଦେଲା ପରଠାରୁ ସେଠାରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏଥିସହିତ ମଧ୍ୟାହ୍ନ ଭୋଜନ ପରିଚାଳନାରେ ମଧ୍ୟ ସ୍ୱଚ୍ଛତା ପରିଲକ୍ଷିତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ଉଜ୍ଜଳ ଓ ଉତ୍‌ଥାନ କାର୍ଯ୍ୟକ୍ରମ ମଧ୍ୟ ଏହି ବିଦ୍ୟାଳୟରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି।



ନଈ ପାର ହୋଇ ଦୁଇ ଶିକ୍ଷୟିତ୍ରୀ ବିଦ୍ୟାଳୟ ଯାଉଛନ୍ତି।

ଆଶ୍ରିତା ସବଡେଗା ବ୍ଲକର ସିମଡେଗା ବେଳେ ଭେରନିକା ରାଉରକେଲା କୁବାପଡାର ବାସିନ୍ଦା ହୋଇଥିବା ଜଳଦାର ବାସିନ୍ଦା। ହେଲେ ଉଭୟେ ବନେଇକେଲା ପଞ୍ଚାୟତର ସଦର ମହକୁମାରେ ଭଡାରେ ରହି ବିଦ୍ୟାଳୟକୁ ଯିବା ଆସିବା କରନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଆଶ୍ରିତା କହନ୍ତି, ଶିକ୍ଷକତା କେବଳ ଏକ ବୃତ୍ତି ନୁହେଁ, ଏହା ମୋ ପାଇଁ ରାଷ୍ଟ୍ର ନିର୍ମାଣର ଏକ ପ୍ରମୁଖ ମାର୍ଗ। ଯଦି ଦେଶର ସୀମାକୁ ଜଗିଥିବା ଜଣେ ସୈନିକ ୨୦ଡିଗ୍ରୀ ତାପମାତ୍ରାରେ ବିନାବାଧାରେ କାମ କରୁଅଛନ୍ତି, ତାହାହେଲେ ଆମେ କଣ ଆମଦେଶର ଭବିଷ୍ୟତକୁ ଗଢିବା ପାଇଁ ଏତିକି କଷ୍ଟ କରିପାରିବା ନାହିଁ। ସେହିପରି ସହ ଶିକ୍ଷୟିତ୍ରୀ ଭେରନିକା କହିଛନ୍ତି ଯେ, ପୁଣ୍ୟଫଳ ପରେ ଜଣେ ଶିକ୍ଷୟିତ୍ରୀ ହେବାର ସୌଭାଗ୍ୟପ୍ରାପ୍ତ ହୋଇଥାଏ। କାରଣ ଶିକ୍ଷକତାରେ ଅନେକ ଆନନ୍ଦ ଅଛି। ବିଦ୍ୟାଳୟରେ ୫୩ଜଣ ପିଲାଙ୍କ ଅଳି, ଅଝଟ ଓ ଗୁରୁମା ଡାକ ତାଙ୍କ ଜୀବନକୁ ପରିପୂର୍ଣ୍ଣ କରିଛି ବୋଲି ସେମାନେ କହନ୍ତି।

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଲହୁଣୀପଡା, ୬।୯ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ ଖଣ୍ଡାଧାର ଜଳପ୍ରପାତରୁ ଶୁକ୍ରବାର ପୋଲିସ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଲହୁଣୀପଡା ଥାନା ଅନ୍ତର୍ଗତ ଉପର ଖଣ୍ଡାଧାର ସ୍ଥିତ ଭିଣୋଇ ଘରକୁ କୁଣିଆ ଆସିଥିଲେ ବିଶ୍ରା ଥାନା ଅନ୍ତର୍ଗତ ଲୁହାକେରା ଗ୍ରାମର ବିଲସନ ବୁଡୁଙ୍କ ପୁଅ ମନୋଜ (୧୯)। ମନୋଜ ଗତ ଅଗଷ୍ଟ ୩୦ରେ ଭିଣୋଇ ଘରକୁ ଆସିଥିବା ବେଳେ ୩ ତାରିଖ ସକାଳ ପ୍ରାୟ ୭ଟା ବେଳେ ସେ ଉପର ଖଣ୍ଡାଧାର ଯେଉଁଠି ପାଣି ବାହାରୁଛି ସେଠାକୁ ଦେଖିବାକୁ ଯାଇଥିଲେ। ସେଠାରେ ସେ ନିଜର ଚପଲ ଓ ମୋବାଇଲ ରଖି ନିଖୋଜ ହୋଇ ଯାଇଥିଲେ । ଅନେକ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ। ଚପଲ ମୋବାଇଲକୁ ଉଦ୍ଧାର କରିବା ସହିତ ଲହୁଣୀପଡା ଥାନାରେ ଅଭିଯୋଗ କରିଥିଲେ । ଫଳରେ ପୋଲିସ ତଦନ୍ତ ଚଳାଇଥିଲା ଏବଂ କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ତଳଖଣ୍ଡାଧାର ଖଣ୍ଡାଧାର ଜଳପ୍ରପାତରୁ ମନୋଜଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ଶୁକ୍ରବାର ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଜାତିଆଣ ଆକ୍ଷେପକୁ ନେଇ ଉତ୍ତେଜନା | ପୋଲିସ ପ୍ରଶାସନର ଦ୍ୱାରସ୍ଥ ହେଲେ ଦଳିତ ପରିବାର



ଜିଲା ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଜୁଲୁମବାହାଲ -ଲିପସାପାଲି ଗ୍ରାମର ଅସବର୍ଣ୍ଣ ପରିବାରର ସଦସ୍ୟ।

**ସୁନ୍ଦରଗଡ଼, ୬।୯(ଡି.ଏନ୍.ଏ)**

ହେମଗିର ଥାନା ଅନ୍ତର୍ଗତ ଜୁଲୁଙ୍ଗବାହାଲ ନିକଟବର୍ତ୍ତୀ ଲିପସାପାଲି ଗ୍ରାମରେ ଜାତିଆଣ ଆକ୍ଷେପକୁ କେନ୍ଦ୍ର କରି ସବର୍ଣ୍ଣ -ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଗତ ୧୯ ତାରିଖରେ ଜାତିଆଣ ଆକ୍ଷେପକୁ କେନ୍ଦ୍ର କରି ଆରମ୍ଭ ହୋଇଥିବା ଏହି ଘଟଣା ଆପୋଷ ସମାଧାନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। ବର୍ତ୍ତମାନ ପୁଣି କେତେକ ସବର୍ଣ୍ଣ ଲୋକେ ଅସବର୍ଣ୍ଣ ମାନଙ୍କୁ ଜାତଆଣ ଆକ୍ଷେପ କରି ଗାଳିଗୁଲଜ କରି ନିଆଁପାଣି ବାସନ୍ଦ କରିବା ଅଭିଯୋଗ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଭାଜପା ଜାତୀୟ ଅନୁସୂଚିତ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତୀଙ୍କ ନେତୃତ୍ୱରେ ଏହି ଗ୍ରାମର ଅନୁସୂଚିତ ଜାତିଲୋକମାନେ ଏସପି ସୌମ୍ୟା ମିଶ୍ରଙ୍କୁ ସାକ୍ଷାତ କରି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏସ.ପି ମିଶ୍ରାଙ୍କ ସମେତ ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ସେହି ଗ୍ରାମରୁ ଆସିଥିବା ୪ଟି ଅନୁସୂଚିତ ଜାତି ପରିବାରମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଶାସନ ଓ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନେଇ ଗଠିତ ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇ ଘଟଣାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ପ୍ରତିଶ୍ରୁତି ଦେବା ସହ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତ ସ୍କାଉଟ ଗାଇଡର ତୃତୀୟ ସୋପାନ ପରୀକ୍ଷା

**ସୁନ୍ଦରଗଡ, ୬।୯ (ଡି.ଏନ୍.ଏ)**

ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ବଡଗାଁ ଠାରେ ସୁନ୍ଦରଗଡ ଜିଲା ଭାରତସ୍କାଉଟ ଗାଇଡସ୍‌ର ତୃତୀୟ ସୋପାନ ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ୩ଶହ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗ ନେଇଥିଲେ । ଏହି ପରୀକ୍ଷାରେ ଉନ୍ନୀତ ଛାତ୍ରୀଛାତ୍ର ରାଜ୍ୟ ପୁରସ୍କାର ପରୀକ୍ଷା ଦେବାକୁ ବିବେଚିତ ହେବେ। ଜିଲା ଭାରତ ସ୍କାଉଟ ଗାଇଡସର ସମ୍ପାଦକ ବିଦ୍ୟାଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଶ୍ରୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପରୀକ୍ଷାରେ ଜିଲା ଆୟୋଜକ ସଙ୍ଗଠକ ବିଭୀଷଣ ବାରିକ, ଜିଲା ଗାଇଡସ ଟ୍ରେନିଂକମିଶନର ସୁଷମା ପଟେଲ, ସ୍କାଉଟସ୍ ର ଟ୍ରେନିଂ କମିଶନର ବ୍ରିଧିଚରଣ ବିଲୁଙ୍ଗ ,ଗାଇଡ ଆୟୋଜକ ସଙ୍ଗଠକ ଖେଳାନ୍ଦ୍ରୀ ପଟେଲ, ସ୍କାଉଟ ମାଷ୍ଟର ଅଶୋକ ପରିଡା, ରାମେଶ୍ୱର ଲାକ୍ରା ,ବିଜୟ ପଟେଲ, ପ୍ରଭାର ଦ୍ୱାରି ,ସୁରେଶ ଖରଡିଆ, କୃଷ୍ଣ ଟପ୍ପୋ, ଶ୍ରୀକାନ୍ତ ସାହୁ ,ଅଶ୍ୱିନୀ ପ୍ରଧାନ, ଜିତୁ ସାହୁ ,ଗାଇଡସ୍ କ୍ୟାପଟେନ୍ ଭାବେ ରେଣୁକା ମହାରଣା, ଦୀପିକା କେରକେଟା, ସବିତା ଦାଶ, ସୁଲୋଚନା ପ୍ରଧାନ, ସୁଚିତା ଏକ୍କା ,ଆଶା ଟପ୍ପୋ ,ଅନିତା ଦାସ ,ବାସୁଦେବ ବେହେରା ,ଯଶୋବନ୍ତ ବେହେରା,କୌଶଲ୍ୟା ପଟେଲ, କୁନୁ ଏକ୍କା, ରଞ୍ଜିତା ପଟେଲ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।



ଭାରତ ସ୍କାଉଟ ଗାଇଡସ୍‌ର ତୃତୀୟ ସୋପାନ ପରୀକ୍ଷାରେ ଭାଗ ନେଇଥିବା ଛାତ୍ରୀ ଛାତ୍ର।

## ବସ୍-ଟ୍ରକ ମୁହାଁମୁହିଁ ଧକ୍କା, ୨୦ ଆହତ

### ସରକାରୀ ବସ୍‌ର ବେପରୁଆ ଚାଳନା

**କୁଆଁରମୁଣ୍ଡା,୬।୯(ଡି.ଏନ.ଏ)**

ସରକାରୀସ୍ତରରେ ଏବେ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ିଭାବେ ଯାଞ୍ଚ କରାଯାଉଛି ।ଏହା ଦ୍ୱାରା ବାଇକ୍ ଚାଳକଙ୍କ ଠାରୁ ଆରମ୍ଭ କରି ଅଟୋଚାଳକମାନଙ୍କୁ ବିଶେଷଭାବେ ଯାଞ୍ଚ କରାଯାଇ ଖିଲାପ ଥିବା ଗାଡିରୁ ମାତ୍ରାଧିକ ଅର୍ଥଦଣ୍ଡ କରାଯାଉଛି। ଫଳରେ ସାଧାରଣ ଲୋକେ ଘରୁ ଦୁଇ ଚକିଆ ବାଇକ୍ ବାହାର କରିବାକୁ ମଧ୍ୟ ଏବେ ଭୟ କରିବାକୁ ଆରମ୍ଭ କଲେଣି ।ହେଲେ ସରକାରୀ ଗାଡିର ଚାଳକମାନଙ୍କ ବେପରୁଆ ଗାଡି ଚାଳନା ଯୋଗୁ ରାସ୍ତା ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷତିଗ୍ରସ୍ତ ହେଉଛି ତାହା ବୋଧହୁଏ ପରିବହନ ଓ ପୋଲିସ ବିଭାଗର ଦୃଷ୍ଟି ପଡୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରାଉରକେଲା ଠାରୁ ମାତ୍ର ୨୦ କିମି ଦୂର ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡାସ୍ଥିତ ଚାର୍ଡି ବୁଲାଣି। ଏଠାରେ ରାତି ନୁହେଁ ଏପରିକି ସ୍ୱଷ୍ଟ ଦିବାଲୋକରେ ଏକ ସରକାରୀ ବସ ଓଡି୦୭-ଡି-୩୩୧୦ ବୀରମିତ୍ରପୁର ପାର୍ଶ୍ୱରୁ ରାଉରକେଲା ଅତି ଦ୍ରୁତଗତିରେ ଯାଉଥିବା ବେଳେ ବିପରୀତ ପାର୍ଶ୍ୱରୁ ଏକ ମାଲବାହୀ ଟ୍ରକ ସିଜି୦୪-ଏଲଏଫ-୪୪୯୮କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସଙ୍ଗେସଙ୍ଗେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତମାନଙ୍କୁ ତୁରନ୍ତ ରାଉରକେଲା ସରକାରୀ ଚିକିତ୍ସାଳୟରେ ଭର୍ତି କରିଥିବା ବେଳେ ଅନ୍ୟ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ମଧ୍ୟ ସେଠାରେ ଚିକିତ୍ସାଧୀନ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଗୁରୁତର ଆହତଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ବେଳେ ପୋଲିସ ସେମାନଙ୍କ ପରିଚୟ ଖୋଜୁଛି। ଅନୁରୂପଭାବେ ବସ୍ ଚାଳକ ମଧ୍ୟ ନିଜେ ଆହତ ହୋଇଥିବା ଜଣାପଡ଼ିଛି। ଗାଡିଦ୍ୱୟକୁ ପୋଲିସ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଛି।



ବସ- ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି।

### ଗଣେଷ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ବଡଗାଁ, ୬।୯ (ଡି.ଏନ.ଏ)

ବଡଗାଁରେ ଗଣେଷ ପୂଜା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି । ବଡଗାଁ ବସ୍ତି ଦେବ ମଣ୍ଡପ, ବସଷ୍ଟାଣ୍ଡ, ଲଟାପଡା ଓ ଲିଟିପଡାରେ ଗଣେଷ ପୂଜା ହର୍ଷଉଲ୍ଲାସରେ ପାଳିତ ହୋଇଛି । ପୂଜା ଉପଲକ୍ଷେ ଲିଟିପଡାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୃଦ୍ଧାବୃଦ୍ଧଙ୍କ ହାଣ୍ଡିଫଟାରେ ଉକିଆ ହାସଦା, ସୁକାନି ହାସଦା, ନିତା ଟପ୍ପୋ, ପଞ୍ଜାବୀ ସୁରେନ, କଷ୍ଟୁ ହାସଦା, ଖିତୁସାମାଟ୍, ମ୍ୟୁଜିକ ଚେୟାରରେ ଅଞ୍ଜଳିମାଝୀ, ଦୀପିକା ବୁଦଲା, ତନିଷା ହାସଦା, ମାଆମାନଙ୍କ ମ୍ୟୁଜିକ ଚେୟାରରେ ସରସ୍ୱତୀ ହାସଦା, ରୀନା ଖଡିଆ, ସୁକାନ୍ତି ହାସଦା, ଯୁବକ ମ୍ୟୁଜିକ ଚେୟାରରେ ପିଣ୍ଟୁ ବାଗେ, ଯୋଗେନ୍ଦ୍ର ବାଗେ, ପିଉଷ ବାଗେ, ନୃତ୍ୟରେ ପ୍ରିୟଙ୍କା ବାଗେ, ଡିଏମ ଗ୍ରୁପ ଓ ତନ୍ ଗ୍ରୁପ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ ମୁଖ୍ୟଅତିଥି ଓ ଆଇନଜୀବି ମାନସ ଜେନା, ପ୍ରକାଶ ପଣ୍ଡା, ୱାର୍ଡ ମେମ୍ବର ପ୍ରକାଶ ବାଗେ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ଅବକାରୀ ଚଢ଼ାଉ: ୬ଗିରଫ, ୧୯୭ ଲିଟର ମଦ ଜବତ




ଅବକାରୀ ଅଧିକାରୀଙ୍କ ଦ୍ୱାରା ଧରାପଡ଼ିଥିବା ୬ଜଣ।

**ରାଜଗାଙ୍ଗପୁର, ୬।୯ (ଡି.ଏନ.ଏ)**

ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଗଣେଷ ପୂଜା ପାଇଁ ଜିଲା ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶକ୍ରମେ ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ୧୯୭ ଲିଟର ଦେଶୀ ମଦ ଜବତ କରିଛନ୍ତି । ଏହି ଚଢ଼ାଉରେ ରାଜଗାଙ୍ଗପୁର ବାରୁପଡାର ପ୍ରିନ୍ସ କାଣ୍ଡୁଲନା, ପଦାର ସୁଶିଳା ବାର୍ଲା, ବଡନୂଆଁଗାଁର କୃଷ୍ଣା ବାଡାଇକ, ସୁଖାସୋରେଙ୍ଗ ବୁଟନ ମିଞ୍ଜ ଓ ବୁଧୁନି ଟିରମା ଏକ୍କାଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଅବକାରୀ ବିଭାଗର ରାଜେନ୍ଦ୍ର ବାରିକ, ଜିଲା ମୋବାଇଲ ଇନ୍ସପେକ୍ଟର ହୀରା ଦଳପତିଙ୍କ ସହ ବିଭିନ୍ନ ଥାନାର ପୋଲିସ ସାମିଲ ଥିଲେ।

## ଚୋର ସନ୍ଦେହରେ ମାଡ, ହତ୍ୟା ଉଦ୍ୟମ

**ସୁନ୍ଦରଗଡ, ୬।୯ (ଡି.ଏନ୍.ଏ)**

ଟାଉନ୍ ଥାନା ଅନ୍ତର୍ଗତ ରାଣୀ ବଗିଚାରେ ଗତ ୧ତାରିଖ ରାତ୍ରୀରେ ୨ଜଣ ଯୁବକଙ୍କୁ ଚୋର ସନ୍ଦେହରେ ନିସ୍ତୁକ ମାଡ ମରାଯାଇଥିଲା। ପରେ କୁକୁର ଲଗେଇ ଜୀବନରେ ମାରିଦେବା ପାଇଁ ଉଦ୍ୟମ ହେବା ଓ ପରବର୍ତ୍ତୀ ସମୟରେ ଏହି ୨ଜଣ ଯୁବକ ମାନସିକ ଭାରସାମ୍ୟ ହରାଇ ଗାମୁଛାରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅଯଥାରେ ତାଙ୍କୁ ନିସ୍ତୁକ ମାଡମାରି ଓ ପରେ କୁକୁର ଲଗେଇ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଆହତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ସୂଚନା ମୁତାବକ ରାଣୀ ବଗିଚାର କୈଳାଶ ବାର୍ଲା (୨୭ )ଓ ଦୀନ ପୋଢ (୨୯) ନିଜ ସମ୍ପର୍କୀୟ ଭାଇ ରହୁଥିବା କରମଡିହି ଗ୍ରାମକୁ ଘଟଣାଦିନ ରାତି ପ୍ରାୟ ୯ଟା ବେଳେ ଚାଷପାଇଁ ସାର ଛାଡିବାକୁ ଯାଇଥିଲେ । ତାଙ୍କ ପାଖରେ ହେଲମେଟ୍ ନଥିବାରୁ ପଛରୁ ତାଙ୍କୁ ପରିବହନ ବିଭାଗ କର୍ମଚାରୀମାନେ ଗୋଡାଉଥିବା ଅନୁଭବ କରି ଏହି ଯୁବକ ଦ୍ୱୟ ବାଇକ୍‌କୁ ସାଇଡ୍ କରି ଭୋଜପୁର ଗ୍ରାମଛକରେ ଥିବା ଅନୀଲ ସିଂଙ୍କ ଗ୍ୟାରେଜରେ ପଶିଯାଇଥିଲେ । ଏହି ସମୟରେ ଗ୍ୟାରେଜରେ ଥିବା କର୍ମଚାରୀମାନେ ପ୍ରଥମେ କିଛି ବୁଝୁ ନବୁଝି ସେମାନଙ୍କୁ ନିର୍ଘାତ ମାଡ ମାରିଥିଲେ । ଫଳରେ ଦିନ ପୋଢ ସେଠାରେ ବେହୋସ ହୋଇପଡିଥିଲେ । କୈଳାସଙ୍କ ମୁଣ୍ଡ ଓ ଗୋଡରେ ଲୁହାଛଡରେ ନିସ୍ତୁକ ମାଡ ପରେ ଗ୍ୟାରେଜ କର୍ମଚାରୀ ମାନେ ରଖିଥିବା କୁକୁରକୁ ଲଗେଇ ଦେଇଥିଲେ । ଫଳରେ କୈଳାସଙ୍କ ଶରୀରର ବିଭିନ୍ନସ୍ଥାନରେ କୁକୁର କାମୁଡି ଦେଇଥିଲା। ଏହାପରେ ଗ୍ୟାରେଜ କର୍ମଚାରୀ ସେମାନଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଆଣି ଛାଡି ଚାଲିଯାଇଥିଲେ । ପରେ ପରିବାର ଲୋକେ ଜାଣିପାରି ଡାକ୍ତରଖାନାରେ ପହଂଚିଥିଲେ ଓ ଡାକ୍ତରଙ୍କୁ ଦେଖାଇ ଘରକୁ ନେଇଥିଲେ। ମାତ୍ର ଘରେ ପହଂଚିବା ପରେ କୈଳାସ ପାଗଳଙ୍କ ପରି ଚିତ୍କାର କରି ଭୟଭୀତ ହୋଇ ସେମାନେ ତାଙ୍କୁ ଆକ୍ରମଣ କରି ଆସୁଛନ୍ତି ବୋଲି ପ୍ରଳାପ କରିଥିଲେ । ଗୁରୁବାର କୈଳାସ ବେକରେ ଗାମୁଛା ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

### ■ ଦୁର୍ଘଟଣା ବୃଦ୍ଧିକୁ ନେଇ ବିଧାୟିକାଙ୍କ ଉଦବେଗ

## ଜିଲାପାଳଙ୍କୁ ଭେଟି ରାସ୍ତା ପ୍ରଶସ୍ତୀକରଣ ଦାବିକଲେ

**ସୁନ୍ଦରଗଡ଼, ୬।୯ (ଡି.ଏନ୍.ଏ)**

ସୁନ୍ଦରଗଡରୁ ବଲିଙ୍ଗା ଏମ୍‌ସିଏଲ କୋଇଲା ଖଣି ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ କୋଇଲା ପରିବହନ କରୁଥିବା ମଲ୍ଟିଏକ୍ସେଲ ଭାରିଯାନ ଚକା ତଳେ ପ୍ରତିଦିନ ଦୁର୍ଘଟଣାରେ ଅନେକଙ୍କ ଜୀବନ ଯାଉଛି। ଏନେଇ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଧାୟିକା ଟେଟେ ବୁଧବାର ଜିଲାପାଳଙ୍କୁ ଭେଟି ଏହି ରାସ୍ତାରେ ଦୁର୍ଘଟଣାକୁ ରୋକିବା ନିମନ୍ତେ ଟ୍ରାଫିକ ନିୟନ୍ତ୍ରଣ, ଗାଡିର ବେଗ ନିୟନ୍ତ୍ରଣ ସହ ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଦାବି କରିଛନ୍ତି। ଏହି ରାସ୍ତାରେ କୋଇଲା ବୋଝେଇ ଟ୍ରକ, ଟିପ୍ପର ଓ ଭାରୀଯାନ ଗୁଡିକର ଚାଳକ ମାନଙ୍କ ଦ୍ୱାରା ବେପାରୁଆ ଚାଳନାକୁ ରୋକିବା ନିମନ୍ତେ ରାସ୍ତାରେ ପ୍ରତି ଘଣ୍ଟାରେ ବେଗ ୧୦କିମି ରଖାଯିବା, ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇ ଗାଡିର ଗତି ଉପରେ ନଜର ରଖାଯିବା, ଓଭର ଲୋଡିଂ ଓ ପ୍ରଦୂଷଣ ବୃଦ୍ଧି କରୁଥିବା ଖୋଲାରେ କୋଇଲା ବୋଝେଇ ପରିବହନକୁ ବନ୍ଦ କରାଯିବା, ମଦ୍ୟପ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ରାସ୍ତା ପାର୍ଶ୍ୱ ବେଆଇନ ପାର୍କିଂକୁ ବନ୍ଦ କରିବା, ଖାଲଖମାରେ ପରିପୂର୍ଣ୍ଣ ରାସ୍ତାର ମରାମତି ସୁନ୍ଦରଗଡରୁ ବଲିଙ୍ଗା ରାସ୍ତାର ଚଉଡା ୭ମିଟରରୁ ୧୦ ମିଟର କରାଯିବା ଦାବି କରିଥିଲେ। ସେହିପରି କନିକାରୁ ବେଲପାହାଡ ରାସ୍ତାରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି । ଏଣୁ ଏଦିଗରେ ପ୍ରଶାସନ ଦୃଷ୍ଟିଦେଇ ଯଥାସମ୍ଭବ ପଦକ୍ଷେପ ନେବାକୁ ବିଧାୟିକା ଦାବି କରିଥିଲେ। ଏ ଦିଗରେ ପ୍ରଶାସନ ପକ୍ଷରୁ ଯଥାସମ୍ଭବ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।



ବିଧାୟିକା କୁସୁମ ଟେଟେ ଜିଲାପାଳଙ୍କୁ ଭେଟି ଅଞ୍ଚଳର ସମସ୍ୟା ସମାଧାନ ପାଇଁ ଆଲୋଚନା କରୁଛନ୍ତି।

